

ଇଶାନ୍ଙ୍କ ସ୍ଥାନରେ ଆଶୀର୍ବାଦ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-54 MONDAY 18 AUGUST 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୫୪ ସୋମବାର ୧୮ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ସିପି ରାଧାକ୍ରିଷ୍ଣନ୍ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ



■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ମହାରାଷ୍ଟ୍ରର ରାଜ୍ୟପାଳ ଚନ୍ଦ୍ରପୁରମ ପୋନ୍ନୁସାମୀ ରାଧାକ୍ରିଷ୍ଣନ୍ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ହେବେ। ରବିବାର ସନ୍ଧ୍ୟାରେ ବିଜେପି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଘୋଷଣା କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ପ୍ରାର୍ଥୀ ବାଛିବା ଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଓ ନଡ୍ଡାଙ୍କୁ ଦାୟିତ୍ୱ ଦେଇଥିଲେ। ୨୨ ତାରିଖ ମନୋନୟନପତ୍ର ଦାଖଲର ଶେଷ ଦିବସ ହୋଇଥିବା ବେଳେ ବୁଧବାର ସେ ପ୍ରାର୍ଥିପତ୍ର ଦାଖଲ କରି ପାରନ୍ତି। ସଂସଦରେ ଏନ୍‌ଡିଏର ସଂଖ୍ୟା ଦୃଷ୍ଟିରୁ ଏହାର ପ୍ରାର୍ଥୀ ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ।

ତାମିଲନାଡୁର ତିରୁପ୍ପୁରରେ ୨୦ ଅକ୍ଟୋବର ୧୯୫୭ରେ ଜନ୍ମଗ୍ରହଣ କରିଥିବା ସିପି ରାଧାକ୍ରିଷ୍ଣନ ୨୦୨୪ ଜୁଲାଇ ୩୧ରୁ ମହାରାଷ୍ଟ୍ରର ରାଜ୍ୟପାଳ ଅଛନ୍ତି। ଏହାପୂର୍ବରୁ ସେ ଝାଡ଼ଖଣ୍ଡ, ତେଲଙ୍ଗାନା ଓ ପୁଡୁଚେରୀର ରାଜ୍ୟପାଳ ଥିଲେ। ଛାତ୍ର ଜୀବନରୁ ଆର୍‌ଏସ୍‌ଏସ୍‌ର ସକ୍ରିୟ ସଭ୍ୟ ଥିବା ଶ୍ରୀ ରାଧାକ୍ରିଷ୍ଣନ ୧୯୭୪ରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଥିଲେ। ସେ ବିଜେପି ପ୍ରାର୍ଥୀ ଭାବେ ଦୁଇଥର ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପିର ସଭାପତି ଥିଲେ। ସୂଚନାଯୋଗ୍ୟ ଯେ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ▶ପୃଷ୍ଠା-୭

## ଜମ୍ମୁ-କଶ୍ମୀରର କଠୁଆରେ ବାଦଲଫଟା ବର୍ଷା; ୭ ମୃତ



■ **ଜମ୍ମୁ, ୧୭।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ୩ଟି ସ୍ଥାନରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ୭ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଆଜି ସକାଳେ କାଠୁଆ ଜିଲ୍ଲାର ସୀମା ନିକଟରେ ୩ଟି ସ୍ଥାନରେ ବାଦଲଫଟା ବର୍ଷା ହୋଇଥିଲା। ଯୋଧ ଘାଟି ଅଞ୍ଚଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ଜାନଗ୍ଲୋଟ୍‌ରେ ଭୂସ୍ଖଳନ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳରେ ଅନେକ ଦୋକାନ ମଧ୍ୟ ଭାସି ଯାଇଛି। ଏଥିରେ ରେଲୱେ ଟ୍ରାକ୍, ଜାତୀୟ ରାଜପଥ-୪୪ ଓ ପୁଲିସ ଥାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଜମ୍ମୁ-କଶ୍ମୀର ଉଧାମପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେନା, ଅର୍ଦ୍ଧସାମରିକ ବଳ ଓ ପ୍ରଶାସନ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥିତି ଉପରେ ନଜର ରଖାଯାଉଛି ବୋଲି ଜିତେନ୍ଦ୍ର ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗୁରୁବାର ଜମ୍ମୁ-କଶ୍ମୀର କିସ୍ତୱାରରେ ବାଦଲଫଟା ବର୍ଷା କାରଣରୁ ବନ୍ୟା ପାଣି ସୁଅରେ ୫୦ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏବେ ବି ଶତାଧିକ ନିଖୋଜ ଅଛନ୍ତି। ସେହିପରି ହିମାଚଳ ପ୍ରଦେଶ କୁଲ୍ଲୁରେ ମଧ୍ୟ ବାଦଲଫଟା ▶ପୃଷ୍ଠା-୭

### ମନ୍ଥର ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି

# ସର୍ବନିମ୍ନ ସ୍ତରରେ ଘରୋଇ ସଞ୍ଚୟ

■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଦେଶର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ମଧ୍ୟବିତ୍ତ ଶ୍ରେଣୀଙ୍କ ସ୍ଥିତି ଏବେ ବିପଦରେ। ସମ୍ପ୍ରତି ଦେଶରେ ମଧ୍ୟବିତ୍ତ ଶ୍ରେଣୀଙ୍କ ସଂଖ୍ୟା ୭୫ ନିୟୁତ ଓ ୨୦୩୦ ସୁଦ୍ଧା ଏହା ମୋଟ ପରିବାରର ୪୭%ରେ ପହଞ୍ଚିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ମାତ୍ର ଦେଶର ସାମ୍ପ୍ରତିକ ସ୍ଥିତି ଏହି ବର୍ଗର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଚାଲିଛି। ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି ତୁଳନାରେ ଆୟ ବୃଦ୍ଧି ନ ହେବା, ନିଯୁକ୍ତି ସୁଯୋଗ ହ୍ରାସ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଏହି ସମୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଏହି ବର୍ଗର ନିଯୁକ୍ତିକୁ ଅଧିକ ସଂକୁଚିତ କରିବାର ଆଶଙ୍କା ସୃଷ୍ଟି କରିଛି। ଯାହାଫଳରେ ଏହି ବର୍ଗ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଏବଂ ଏହାର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଭାରତର ଅର୍ଥନୀତି ଓ ମଧ୍ୟବିତ୍ତଙ୍କ ସ୍ଥିତି ସମ୍ପର୍କରେ ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ତଥ୍ୟ।

ରିପୋର୍ଟ ଅନୁସାରେ ୨୦୨୩ ନଭେମ୍ବର ମାସ ପରଠାରୁ ଭାରତୀୟ କମ୍ପାନୀଗୁଡ଼ିକର ଆୟ

### କମୁଛି ମଧ୍ୟବିତ୍ତଙ୍କ କ୍ରୟ କ୍ଷମତା

### ବାର୍ଷିକ ଆୟବୃଦ୍ଧି ୩%କୁ ହ୍ରାସ



ହ୍ରାସ ପାଇଛି। ଏହାର କାରଣ ହେଉଛି ଦେଶର ମଧ୍ୟବିତ୍ତ ବର୍ଗଙ୍କ ଦ୍ୱାରା ବ୍ୟୟ ହ୍ରାସ। ମଧ୍ୟବିତ୍ତ ବର୍ଗଙ୍କ ପାଖରେ ଅର୍ଥର ଅଭାବ ଥିବାରୁ, ଭାରତୀୟ କମ୍ପାନୀଗୁଡ଼ିକର ଲାଭ ହ୍ରାସ ପାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ତଥ୍ୟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ଘରୋଇ ସଞ୍ଚୟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସର୍ବନିମ୍ନ ଅଂଶ ଥିଲା। ଏହା ଗତ ୫୦ ବର୍ଷ ମଧ୍ୟରେ ସର୍ବନିମ୍ନ। ମଧ୍ୟବିତ୍ତ ବର୍ଗଙ୍କ ନିକଟରେ ଯାହା ସଞ୍ଚିତ ଅର୍ଥ ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଛି। ବିଗତ ୮ ବର୍ଷ ମଧ୍ୟରେ ଦେଶର ମୁଦ୍ରାସ୍ଫୀତି ତୁଳନାରେ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇନାହିଁ। ୨୦୧୬ ପୂର୍ବରୁ କର୍ମଚାରୀଙ୍କ ଦରମା ମୁଦ୍ରାସ୍ଫୀତି ଅନୁପାତରେ ବୃଦ୍ଧି ପାଉଥିଲା, କିନ୍ତୁ ଏବେ ତାହା ହେଉନାହିଁ। ଫଳରେ ଦେଶ ଏବେ ଆର୍ଥିକ ମାନ୍ଦାବସ୍ଥା ଆଡକୁ ମୁହାଁଉଛି। ଜିଡିପିର ୬୦% ଅଂଶ ଥିବା ଉପଭୋକ୍ତା ବ୍ୟବହାର ବା ଉପଯୋଗିତା ହାର ୨୦୨୧-୨୩ପରଠାରୁ ହ୍ରାସ ପାଇଛି। ଗାଡ଼ି, ଘର କିଣା ଓ ଭ୍ରମଣ ଚାହିଦା ବି ହ୍ରାସ ପାଇଛି। ଏପରିକି ୨୦୨୫ ଆର୍ଥିକ ବର୍ଷରେ ନିଫ୍ଟି କମ୍ପାନୀଗୁଡ଼ିକର ଆୟରେ ଏକ ବଡ଼ ହ୍ରାସ ଘଟିଛି ବୋଲି ମାର୍ସ ଲସ୍ ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି।

ଏହି ରିପୋର୍ଟ ଅନୁଯାୟୀ, ୨୦୨୦ ପୂର୍ବରୁ ପ୍ରାୟ ୧୦ ବର୍ଷ ବ୍ୟବଧାନରେ ଚାକିରିଜୀବୀଙ୍କ ଆୟରେ ଏକ ବଡ଼ଧରଣର ବୃଦ୍ଧି ଘଟୁଥିଲା। ହାରାହାରି ବାର୍ଷିକ ୬% ହାରରେ ଆୟ ବୃଦ୍ଧି ପାଉଥିଲା। ମାତ୍ର ଆର୍ଥିକ ବର୍ଷ ୨୦୨୦ ପରଠାରୁ ଏହି ଅଭିବୃଦ୍ଧି ପ୍ରତିବର୍ଷ ମାତ୍ର ୩% କୁ ହ୍ରାସ ପାଇଛି। ଆଇଟି, ସଫ୍ଟୱେର୍ ଏବଂ ଖୁଚୁରା ବା ରିଟେଲ କ୍ଷେତ୍ରରେ ନିଯୁକ୍ତି ସ୍ଥିର ହୋଇଯାଇଛି। ଭାରତୀୟ ଆଇଟି କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ କର୍ମଚାରୀମାନଙ୍କୁ ଛଟେଇ କରୁଛନ୍ତି। ଜୁଲାଇମାସରେ ଟିସିଏସ ପ୍ରାୟ ୧୨,୦୦୦ ଛଟେଇ ଘୋଷଣା କରିଥିଲା। ଅଧା ଲୋକଙ୍କୁ ଚାକିରିରୁ ବିଦା କରିବାକୁ ଏଚ୍‌ସିଏଲ୍ ଲକ୍ଷ୍ୟ ▶ପୃଷ୍ଠା-୭

### ଭୋଟ ଚୋରିକୁ ନେଇ ମୁହଁ ଖୋଲିଲେ ନିର୍ବାଚନ କମିସନ

# ଅଭିଯୋଗ ଭିତ୍ତିହୀନ

■ **ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି):** ଭୋଟର ତାଲିକାରେ ଥିବା ତ୍ରୁଟିକୁ ସୁଧାରିବା ଲାଗି ସଂଶୋଧନ କରାଯାଏ। ଏଥିରେ ଲୁଚାଇବାର କିଛି ନାହିଁ। କିନ୍ତୁ କେତେକ ରାଜନୈତିକ ଦଳ ଓ ବ୍ୟକ୍ତି ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଏହା ଉଦ୍‌ବେଗର ବିଷୟ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ବିଶେଷ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରିକୁ ନେଇ ଯେଉଁ ଅଭିଯୋଗ ଉଠାଇଛନ୍ତି ସେଥିରେ ଦୃଢ଼ ଆପତ୍ତି ଜଣାଇଛନ୍ତି। ସେ କହିଛନ୍ତି ଯେ ଏଭଳି ଅଭିଯୋଗରେ କୌଣସି ସତ୍ୟତା ନାହିଁ। ଯଦି ଏହି ଅଭିଯୋଗର ପ୍ରମାଣ ଅଛି, ତାହାହେଲେ ସାତ ଦିନ ମଧ୍ୟରେ ପ୍ରମାଣ ସହିତ ସତ୍ୟପାଠ ଦାଖଲ କରନ୍ତୁ, ନଚେତ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏହାର ତୃତୀୟ ବିକଳ୍ପ ନାହିଁ। ସାତ ଦିନ ଭିତରେ ସତ୍ୟପାଠ ଦାଖଲ ନକଲେ ଏହା ସ୍ପଷ୍ଟ ହୋଇଯିବ ଯେ ଏଭଳି ଅଭିଯୋଗ ଭିତ୍ତିହୀନ।

ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ଏବଂ 'ଭୋଟ ଚୋରି'କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିସନର ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି




### ରାହୁଲ ଗାନ୍ଧୀଙ୍କୁ ଇସି ନିଶାଣ; ସତ୍ୟପାଠ ଦିଅ, ନଚେତ ଭୁଲ୍ ମାଗ

### ରାହୁଲଙ୍କ ପାଲଟା ପ୍ରଶ୍ନ: ଇସିଙ୍କ ଦୋମୁହାଁ ନୀତି କାହିଁକି

ଏଭଳି ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ ତ୍ରୁଟି ସୁଧାରିବା ଲାଗି ଭୋଟର ତାଲିକାରେ ସଂଶୋଧନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବିହାରରେ ଚାଲିଥିବା ଏସ୍‌ଆଇଆରର ସ୍ୱଚ୍ଛତା ଏବଂ ପାରିଦର୍ଶିତାକୁ ନେଇ କୌଣସି ▶ପୃଷ୍ଠା-୭

# ନବୀନ ଅସୁସ୍ଥ

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପିସିସି ସଭାପତି



■ **ଭୁବନେଶ୍ୱର, ୧୭।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ଯୋଗୁଁ ବିରୋଧୀଦଳ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି ଓ ଭଲ ଅନୁଭବ କରୁଛନ୍ତି ବୋଲି ନବୀନ ଏକ ଭିଡିଓରେ କହିଛନ୍ତି। ରବିବାର ସନ୍ଧ୍ୟା ୫ ଟା ୧୫ ମିନିଟ୍ ସମୟରେ ଡିହାଇଡ୍ରେସନ୍ ହେତୁ ସେ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ନବୀନଙ୍କ ଅସୁସ୍ଥତା ସୂଚନା ପାଇ ବିଜେଡିର ବହୁ ବରିଷ୍ଠ ନେତା ଡାକ୍ତରଖାନାରେ ପହଞ୍ଚିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନବୀନ ସୁସ୍ଥ ହେଉଛନ୍ତି ଓ ଖୁବ୍‌ଶୀଘ୍ର ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ନବୀନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁସିଂ ପ୍ରମୁଖ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଦଳ ସହ ଆଲୋଚନା କରିଛୁ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ଅବପାତ ରୂପ ନେବ ଲଘୁଚାପ

## ୨୦ ଯାଏଁ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୭।୮ (ସମିସ):** ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ସହ ମାଲକାନଗିରି, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେମି) ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ▶ପୃଷ୍ଠା-୭

### ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବେ ଚାଷୀ

# ଚାପରେ ନଇଁଲେ ସରକାର

■ **ଭୁବନେଶ୍ୱର, ୧୭।୮ (ସମିସ):** ଚାଷୀଙ୍କ ଚାପରେ ନଇଁଲେ ସରକାର। ଖରିଫ୍ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରେ କରିଥିବା କଟକଣାକୁ ଶେଷରେ କୋହଳ କଲେ। ପୂର୍ବରୁ ପଞ୍ଜୀକରଣ ପାଇଁ ବାପା, ଜେଜେ ତଥା ପୂର୍ବପୁରୁଷଙ୍କ ନାମରେ ଥିବା ଜମି ପାଇଁ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କଠାରୁ ସ୍ୱତ୍ୱାଧିକାର ପ୍ରମାଣପତ୍ର ଆଣିବାକୁ ପଡୁଥିଲା। ମାତ୍ର ଏବେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ୍) ଦାଖଲ କରି ପଞ୍ଜୀକରଣ କରିହେବ। ଏହାଦ୍ୱାରା ଚାଷୀଙ୍କୁ ଆଉ ଆର୍‌ଆଇଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବନି। ପୂର୍ବରୁ ଚାଷୀ ଆର୍‌ଆଇ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲା। ସମସ୍ତ ଅଂଶୀଦାର ସାଙ୍ଗରେ ନଗଲେ, ପ୍ରମାଣପତ୍ର ମିଳୁ ନଥିଲା। ତେଣୁ ଏହି ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ତୀବ୍ର ରୂପ ନେଉଥିଲା। ଶେଷରେ ସରକାର ପୂର୍ବ ନିଷ୍ପତ୍ତି ବଦଳାଇଛନ୍ତି।

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଏନେଇ ଚିଠି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଗତ ଜୁଲାଇ ୧୯ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ବି ଏପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଆଶାନୁରୂପ ହୋଇନି। ତେଣୁ ସରକାର ପ୍ରକ୍ରିୟାରେ ସରଳତା ସହ ଅବଧି ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଅଗଷ୍ଟ ୨୦ ପରେ ଆଉ କେତେ ଦିନ ଅବଧି ବଢ଼ିବ, ତା' ଏପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଫଳସ୍ୱରୂପ, ପଞ୍ଜୀକରଣ କରିନଥିବା ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଆଉ ହାତରେ ମାତ୍ର ୨-୩ ଦିନ ଥିବାରୁ ଚାଷୀମାନେ ସମବାୟ ସମିତିରେ ଭିଡ଼ ଜମାଉଛନ୍ତି। ସରକାର କେବଳ ବଂଶାନୁକ୍ରମିକ ପ୍ରମାଣପତ୍ର ଦେବା ନିୟମ ବଦଳାଇଦେଲେ। ମାତ୍ର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସମସ୍ୟା ଥିବାରୁ ପଞ୍ଜୀକରଣ ସମୟରେ 'ଇ-କେୱାଇସି' କରିପାରୁନାହାନ୍ତି। ସେହିଭଳି ସମବାୟଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀ ନାହାନ୍ତି। ତେଣୁ ଚାଷୀ ପଞ୍ଜୀକରଣ ବିଳମ୍ବ ହେଉଛି। ଏସବୁ ସମସ୍ୟା ପ୍ରତି ସରକାର କେବେ ଦୃଷ୍ଟି ଦେବେ ବୋଲି ଚାଷୀ ମହଲ ପ୍ରଶ୍ନ କରିଛନ୍ତି। ▶ପୃଷ୍ଠା-୭

## ଘୁଞ୍ଚିଘୁଞ୍ଚି ଯାଉଛି 'ନିଗମ' ପଦ୍ମ

### ନିଯୁକ୍ତି ପାଇଁ ଆଉ କିଛି ସମୟ ଲାଗିବ: ପ୍ରଭାରୀ

■ **ଭୁବନେଶ୍ୱର, ୧୭।୮ (ସମିସ):** ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ସାରିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିସନ ଏବଂ ଶିଶୁ ସୁରକ୍ଷା କମିସନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଆଶା ପ୍ରକାଶ ପାଇଥିଲା। ତେବେ ଏହି ପଦବୀ ପୂରଣ ଲାଗି ଆଉ କିଛି ସମୟ ଲାଗିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିପାଇଁ ଆହୁରି ଅତିକମରେ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗିପାରେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

### ପ୍ରକ୍ରିୟାରେ ବିଳମ୍ବ ପାଇଁ ଦଳରେ ଅସନ୍ତୋଷ

ଶ୍ରୀ ତୋମାର କହିଛନ୍ତି, ବୋର୍ଡ ନିଗମ ଏବଂ ରାଜ୍ୟ ସଂଗଠନର ଟିମ୍ ପାଇଁ ପ୍ରକ୍ରିୟା ଜାରି ରହିଛି। ନିଗମ, ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ସେ ନିଜେ ଏ ନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଏହାପରେ ନିଗମ, ବୋର୍ଡ ସଂକ୍ରାନ୍ତୀୟ ନିଷ୍ପତ୍ତି ▶ପୃଷ୍ଠା-୭

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଭାଇରାଲ

# ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

■ **ପୁରୀ, ୧୭।୮ (ସମିସ):** ପୁଣି କଡ଼ ଲେଉଟାଇଛି ବଳଙ୍ଗା ନାବାଳିକା ପୋଡ଼ି ମୃତ୍ୟୁ ଘଟଣା। ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ବୟାନ ରେକର୍ଡର ଭିଡିଓ ଭାଇରାଲ ହେବା ପରେ ଏବେ ବିରୋଧୀଙ୍କ ଟାର୍ଗେଟକୁ ଆସିଛନ୍ତି ରାଜ୍ୟ ସରକାର ଏବଂ ଓଡ଼ିଶା ପୁଲିସ। ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଯେଉଁ ସ୍ୱଷ୍ଟୋକ୍ତି ରଖିଥିଲା ତାହାର ସତ୍ୟତା ଉପରେ ଉଠିଛି ପ୍ରଶ୍ନବାଚୀ। ଏଥିରେ କାହାର ସମ୍ପୃକ୍ତି ନ ଥିବା ପୁଲିସ ପକ୍ଷରୁ ଯେଉଁ ସ୍ୱଷ୍ଟୋକ୍ତି ରଖାଯାଇଥିଲା ତାହା ଭୁଲ୍ ଥିଲା ବୋଲି ପୀଡ଼ିତାଙ୍କ ବୟାନ ରେକର୍ଡ ହିଁ ସ୍ପଷ୍ଟ କରୁଛି। ତେବେ କାହିଁକି ପୁଲିସ ସେଦିନ ତରବରିଆ ଭାବେ ସାମାଜିକ ଗଣମାଧ୍ୟମରେ ଏଭଳି ପୋଷ୍ଟ କରିଥିଲା? ପୁଲିସ କାହା ଚାପରେ ଥିଲା କି? ଏମିତି ପ୍ରଶ୍ନ ଏବେ ସମସ୍ତଙ୍କୁ ଆନ୍ଦୋଳିତ କରୁଥିବାବେଳେ ଓଡ଼ିଶା ପୁଲିସ କାହିଁକି ବିଶ୍ୱାସ ଭାଙ୍ଗୁଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ଦିନକ ପରେ ଏହି ଦୁଃଖଦ ଘଟଣାକୁ ମାସେ ପୂରିବ। ଏହାର ତଦନ୍ତରୁ ପୁଲିସ କ'ଣ ନିଷ୍କର୍ଷ ବାହାରକଲା ତାହ ସ୍ପଷ୍ଟ ହୋଇନାହିଁ; କିନ୍ତୁ ଶନିବାର ପୀଡ଼ିତାଙ୍କ ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଏହା ଭାଇରାଲ କରିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହା ହସ୍ପିଟାଲ ଭିତରେ ହିଁ ରେକର୍ଡିଂ କରାଯାଇଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କର ବୟାନ ରେକର୍ଡ କରୁଛନ୍ତି। ସେ ନାବାଳିକାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି ଏବଂ ଉତ୍ତରକୁ ଏକ ଡାଏରୀରେ ଲେଖୁଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ଯାହା କହୁଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। ପୀଡ଼ିତା କହୁଛନ୍ତି, "ସେ ଘରକୁ ଫେରୁଥିଲେ। ବାଇକ୍‌ରେ କେତେଜଣ ଆସି ତାଙ୍କ ପାଖରେ ଅଟକିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ। ତାଙ୍କ ମୁହଁରେ ରୁମାଲ ଚାପି ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠେଇ ନେଇଥିଲେ। ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗେଇ ପଳେଇଲେ। ହୋସ୍ ଆସିବାରୁ...।" ଏତିକିରେ ଭିଡିଓଟି ଶେଷ ହୋଇଯାଉଛି। ୧ ମିନିଟ୍ ୩୦ ସେକେଣ୍ଡର ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଦୀର୍ଘ ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ଶେଷରେ ଅଗଷ୍ଟ ୨ ତାରିଖରେ ଦିଲ୍ଲୀ ଏମ୍ସରେ ହାରି ଯାଇଥିଲେ ବଳଙ୍ଗା ପୀଡ଼ିତା। କିନ୍ତୁ ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ▶ପୃଷ୍ଠା-୭



## ନୟାଗଡ଼ ପୁଲିସ ଉପଖଣ୍ଡରେ ଅବ୍ୟବସ୍ଥା

# ଥାନା ସମ୍ଭାଳି ପାରୁନାହାନ୍ତି ଥାନା ଅଧିକାରୀ

ନୟାଗଡ଼, ୧୭।୮ (ସମିସ)

ନୟାଗଡ଼ ଜିଲ୍ଲା ପୁଲିସ ବ୍ୟବସ୍ଥାକୁ କିଛି ବରିଷ୍ଠ ପୁଲିସ ଅଧିକାରୀ ଆପଣା ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଯାହାର ପ୍ରତିଫଳନ ନୟାଗଡ଼ ପୁଲିସ ଉପଖଣ୍ଡ ଉପରେ ପଡୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ପୁଲିସ ଉପଖଣ୍ଡରେ ରହିଥିବା ୭ଟି ଥାନା ମଧ୍ୟରୁ ୩ଟି ଥାନାର ଅବସ୍ଥା ରସାତଳଗାମୀ ହୋଇଛି। ୨ଟି ଥାନା ଯେନତେନ ଚାଲିଥିବା ବେଳେ ଟାଉନଥାନା ଆବଶ୍ୟକତା ଅନୁସାରେ ଲୋକଙ୍କୁ ସେବା ଦେଇ ପାରୁନାହିଁ।

ନୟାଗଡ଼ ପୁଲିସ ଉପଖଣ୍ଡ ଅଧୀନରେ ଥାନାଗୁଡ଼ିକ ମଧ୍ୟରେ ଇଟାମାଟି, ନୟାଗଡ଼ ଟାଉନ, ସଦର, ନୂଆଗାଁ, ଦଶପଲ୍ଲା ଓ ବାଣିଗୋଛା ଥାନା ରହିଛି। ଏହି ଥାନା ଗୁଡ଼ିକ ମଧ୍ୟରୁ ଇଟାମାଟି, ସଦର ଓ ଦଶପଲ୍ଲା ଥାନାରେ ନାନାଦି ଅବ୍ୟବସ୍ଥା ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି। ଦଶପଲ୍ଲା ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଛି। ସ୍ଥାନୀୟ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ରାଜନୈତିକ ବ୍ୟକ୍ତି ବିଶେଷ ମୌଖିକ ଭାବେ ବରିଷ୍ଠ ଅଧିକାରୀଙ୍କୁ ନିୟମିତ ଫେରାଦ ହେଉଛନ୍ତି। ତଥାପି ପରିସ୍ଥିତି ବଦଳିବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେଉଛି। ଦଶପଲ୍ଲା ଥାନାକୁ ଆସୁଥିବା ଅନେକ ନାବାଳିକା ଅପହରଣ ମାମଲା ଅଭିଯୁକ୍ତଙ୍କୁ ପୁଲିସ ପକ୍ସୋ ଆକ୍ଟରେ ଗିରଫ କରିବା ବଦଳରେ ଆପୋଷ ସମାଧାନ କରୁଥିବା ସୂଚନା ମିଳିଛି। ସମାନ ଭାବେ ସଦର ଥାନାରେ ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟଅଭାବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ସାଧାରଣ ଲୋକଙ୍କୁ ଏଠାରେ ନ୍ୟାୟ ମିଳିବା କାଠିକର ପାଠ ହେଉଛି। କିଛି ତଳିଆ ପୁଲିସ କର୍ମଚାରୀ ଅନେକ ମାମଲାକୁ ଗୋଳିଆ କରୁଥିବା ଦେଖିବାକୁ ମିଳୁଛି। ସଦରଥାନାରେ ଜଣେ ମାତ୍ର ଏସ୍‌ଆଇ କାର୍ଯ୍ୟ କରୁଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାକୁ ଆଗକୁ ବଢ଼ାଇବା ପରିବର୍ତ୍ତେ କୌଶଳ କ୍ରମେ ରଫାଦଫା କରି ଦିଆଯାଉଛି। ସମାନସ୍ଥିତି ଇଟାମାଟି ଥାନାରେ ଦେଖିବାକୁ ମିଳିଛି। ସେଠାରେ କାର୍ଯ୍ୟରତ ମହିଳା ଏସ୍‌ଆଇଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ମାମଲାର ଚାପ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରୁଛି। ରଣପୁର ଥାନାରେ ଅନେକ ଏସ୍‌ଆଇ କାର୍ଯ୍ୟରତ ଥିବା ବେଳେ ସଦର ଓ ଇଟାମାଟି ଥାନାରେ ଜଣେ ଲେଖାଏଁ ଏସ୍‌ଆଇଙ୍କୁ ଦାୟିତ୍ୱ ଦିଆଯିବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ନୂଆଗାଁ ଥାନା ଓ ବାଣିଗୋଛା ଥାନା ଗୋଟିଏ ସ୍ଥିତିରେ ରହିଥିବା ବେଳେ ଟାଉନଥାନା ସହର ସୁରକ୍ଷା ପାଇଁ ଯେତିକି ତତ୍ପର ହେବା କଥା ହୋଇପାରୁନାହିଁ। ନିକଟରେ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ବଦଳି ହୋଇଥିବା ବେଳେ ଭାରପ୍ରାପ୍ତ ଥାନା ଅଧିକାରୀ ବିଜୟା ସାହୁଙ୍କର ମଧ୍ୟ ଜିଲ୍ଲା ବାହାରକୁ ବଦଳି ନିର୍ଦ୍ଦେଶ ଆସିଛି। ଟାଉନ ଥାନା ପାଇଁ ଜଣେ ଦକ୍ଷ ଥାନା ଅଧିକାରୀଙ୍କ ଆବଶ୍ୟକତା ରହିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସଦର, ଇଟାମାଟି ଓ ଦଶପଲ୍ଲା ଅଞ୍ଚଳର ଜନସାଧାରଣଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଜନୈକ ଆଇନଜୀବୀ ମତ ଦେଇଛନ୍ତି।

### ତଦନ୍ତକୁ ଦିଗହରା କରୁଛନ୍ତି ମହିଳା କନଷ୍ଟେବଳ

ନୟାଗଡ଼: ନୟାଗଡ଼ ସଦରଥାନାରେ କାର୍ଯ୍ୟରତ ଜନୈକ ମହିଳା କନଷ୍ଟେବଳ ମାମଲାର ମୋଡ଼ ବଦଳାଉଥିବା ଅଭିଯୋଗ ହୋଇଛି। ନାବାଳିକା ଅପହରଣ ମାମଲାରେ ନାବାଳିକା ଉଦ୍ଧାର ପରେ ପୁଲିସ ପକ୍ଷରୁ ନାବାଳିକାଙ୍କ ଡାକ୍ତରମାଇନା, ବୟାନ ରେକର୍ଡ ଆଦି କାର୍ଯ୍ୟ ସମୟରେ ଉକ୍ତ କନଷ୍ଟେବଳ ନାବାଳିକାଙ୍କୁ ପ୍ରବର୍ତ୍ତାଇ ମାମଲାର ମୋଡ଼ ପରିବର୍ତ୍ତନ କରୁଥିବା ଅଭିଯୋଗ ହୋଇଛି। ଯାହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ବୋଲି ଜଣାପଡ଼ିଛି। ନିକଟରେ ସଦରଥାନାର ଦୁଇଟି ମାମଲାରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ପରିବାର ସହ ସାଲିସ କରି ମହିଳା କନଷ୍ଟେବଳ ତଦନ୍ତକୁ ଦିଗହରା କରୁଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ଏବଂ ତଦନ୍ତକାରୀ ଅଧିକାରୀଙ୍କ ଅଜ୍ଞାତରେ ମହିଳା କନଷ୍ଟେବଳ ଜଣଙ୍କ କାରସାଦି ଚଳାଇଥିବା ଜଣାପଡ଼ିଛି।

### ଫତେଗଡ଼ ଥାନାରେ ଯୋଗଦେଲେ ୫ ଗୃହରକ୍ଷୀ



ଭାପୁର : ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାରେ ୫ ଜଣ ନବନିଯୁକ୍ତ ଗୃହରକ୍ଷୀ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ଥାନାରେ ୧୯ ଜଣ ଗୃହରକ୍ଷୀ ଥିଲାବେଳେ ଏମାନଙ୍କୁ ମିଶାଇ ବର୍ତ୍ତମାନ ୨୪ ଜଣ ଗୃହରକ୍ଷୀ ହେଲେ। ନୂତନ ଗୃହରକ୍ଷୀ ହେଲେ ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ନାୟକ, ଅବନୀକାନ୍ତ ବେହେରା, ପ୍ରତାପ ପ୍ରଧାନ, ତ୍ରିନାଥ ସାହୁ। ସେମାନେ ଫତେଗଡ଼ ଥାନାରେ ପହଞ୍ଚି ସେମାନଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ସାକ୍ଷାତ କରି କାର୍ଯ୍ୟ ସମ୍ପାଦନ ବିଷୟରେ ଅବଗତ ହୋଇଛନ୍ତି। ଫତେଗଡ଼ ଥାନା ଏକ ସମ୍ବେଦନଶୀଳ ଥାନା ହୋଇଥିଲେ ହେଁ ଏଠାରେ ସବୁବେଳେ କର୍ମଚାରୀ ଅଭାବ ଦେଖାଦେଇଥାଏ। ଏମାନଙ୍କ ଯୋଗଦାନ କେତେକାଂଶରେ ଥାନାର କର୍ମଚାରୀ ଅଭାବ ଦୂରକରିବ ବୋଲି ଆଶା କରାଯାଉଛି।

## ଗ୍ୟାସ୍ ଟାଙ୍କି ଫାଟି ୨ ଗୁରୁତର

ନୟାଗଡ଼, ୧୭।୮ (ସମିସ): ନୟାଗଡ଼ ଟାଉନ୍ ଥାନା ଧବଳେଇ ଗାଁରେ ଗ୍ୟାସ୍ ଟାଙ୍କି ଫାଟି ଦୁଇ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁଇ ଗୁରୁତର ହେଲେ ସୋମନାଥ ମହାନ୍ତି ଓ ସଙ୍ଗୀତା ମହାନ୍ତି। ରବିବାର ସନ୍ଧ୍ୟାରେ ଧବଳେଇ ଗାଁର ବୃଦ୍ଧ ଦୟାନିଧି ସେଠୀ ଘରେ ଏକ ୫ ଲିଟିରିଆ ଗ୍ୟାସ୍ ଟାଙ୍କିରେ ରୋଷେଇ କରୁଥିବାବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ନିଆଁକୁ ଲିଭାଇ ନ ପାରି ଦୟାନିଧି ଗ୍ୟାସ୍ ଟାଙ୍କିକୁ ରାସ୍ତାକୁ ଗଡ଼ାଇ ଦେଇଥିଲେ। ଜଳୁଥିବା ଅବସ୍ଥାରେ ଟାଙ୍କିଟି ଫାଟିଯିବାରୁ ପାଖ ଘର ବାରଣ୍ଡାରେ ବସିଥିବା ସୋମନାଥ ମହାନ୍ତି ଓ ରାସ୍ତାରେ ଯାଉଥିବା ସଙ୍ଗୀତା ମହାନ୍ତି(୧୭) ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୋମନାଥଙ୍କ ହାତର ୩ଟି ଆଙ୍ଗୁଠି ଛିଡ଼ି ଯାଇଥିବାବେଳେ ସଙ୍ଗୀତାଙ୍କ ଦୁଇ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି।

## ଅଗ୍ନିଶମ କାର୍ଯ୍ୟାଳୟରେ ବୃକ୍ଷରୋପଣ

ଗଣିଆ, ୧୭।୮ (ସମିସ): ଅଗ୍ନିଶମ କାର୍ଯ୍ୟାଳୟରେ ବୃକ୍ଷ ରୋପଣ ଓ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ଫରେଷ୍ଟଗାର୍ଡ କୁନି ଓଝା, ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଆମ୍ବ, ବେଲ, ଅଁଳା, ପିଜୁଳି, ଆତ ଆଦି ପ୍ରାୟ ୫୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା। ଅଗ୍ନିଶମ ଅଧିକାରୀଙ୍କ ପ୍ରଚେଷ୍ଟାରେ ବିଭାଗ ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ଠାରୁ ଆରମ୍ଭ କରି ଫଳ, ପନିପରିବା ବୃକ୍ଷ ଲଗାଯାଇଥିବା ଦେଖିବାକୁ ମିଳିଛି। ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବୃକ୍ଷ ରୋପଣର ନିହାତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ଖଣ୍ଡପଡ଼ାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ



ଖଣ୍ଡପଡ଼ା, ୧୭।୮ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆଜି ସକାଳୁ 'ଆସ ସ୍କୁଲ ଯିବା' ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ଓ ବିଭିନ୍ନ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦେଉଥିବା ଦେଖିବାକୁ ମିଳିଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ୱତନ୍ତ୍ର ଅଭିଭାବକ ଅଂଶଗ୍ରହଣ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ଅନୁଯାୟୀ ସମସ୍ତ ବ୍ଲକ ସରକାରୀ ଅନୁଦାନପ୍ରାପ୍ତ ଓ ଏସ୍‌ଏସ୍‌ଡି ବିଦ୍ୟାଳୟ ଗୁଡ଼ିକରେ ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଛି।

## ରଘୁନାଥଜିଉଙ୍କ ଡିଜିଟାଲ ଦାନ ଗ୍ରହଣ



ଓଡ଼ଗାଁ, ୧୭।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀଶ୍ରୀ ରଘୁନାଥଜିଉଙ୍କ ମନ୍ଦିରକୁ ଦାନ ପାଇଁ ଡିଜିଟାଲ ଦାନ ଗ୍ରହଣ ବ୍ୟବସ୍ଥା ରବିବାର ଶୁଭାରମ୍ଭ ହୋଇଛି। ଏହାକୁ ବ୍ୟବହାର କରି ଶ୍ରଦ୍ଧାଳୁମାନେ ଯିଏ ଯେଉଁଠାରେ ରହି ଯେତେବେଳେ ଚାହିଁବେ ନିଜର ଇଚ୍ଛିତ ଦାନ ଅର୍ଥ ପ୍ରଦାନ କରିପାରିବେ। ଫଳରେ ହୁଣ୍ଡିବାକ୍ସ ଚୋରି ଭଳି ଘଟଣାର ଭୟ ଦୂରହେବା ସହିତ ଅର୍ଥ ସୁରକ୍ଷିତ ଭାବେ ମନ୍ଦିରର ଜମାଖାତାରେ ପହଁଞ୍ଚି ପାରିବ। ଫଳରେ ପ୍ରତି ୪ ମାସରୁ ୬ ମାସରେ ଥରେ ଲେଖାଏଁ ହୁଣ୍ଡିବାକ୍ସ ଖୋଲାଯାଇ ୧୦ ରୁ ୧୨ ଜଣ ଲୋକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କରୁଥିବା ଗଣତିରୁ କେତେକାଂଶରେ ଅବ୍ୟାହତି ମିଳିବ।

## ରକ୍ତଦାନ ଶିବିର; ୩୭ ୟୁନିଟ୍ ସଂଗ୍ରହ

ଓଡ଼ଗାଁ, ୧୭।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ବାହାଡାଝୋଲା ପଞ୍ଚାୟତ ସାହିରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଦ୍ୟାଳୟଠାରେ ବ୍ରହ୍ମପୁର ଗାଦି ପ୍ରକାଶ ମଣୀଙ୍କ ୧୮ ତମ ସ୍ମୃତି ଦିବସ ଉପଲକ୍ଷେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ୟାଙ୍କ ଅଫ୍ ବରୋଦା ଶାଖା ପରିଚାଳକ ଡ. ରିତେଶ ବଳିଆର ସିଂ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମକୁମାରୀ ଲକ୍ଷ୍ମୀ ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ବ୍ରହ୍ମକୁମାରୀ ସହଯୋଗ କରିଥିଲେ।

## ଦୂତୀକେଶ୍ୱର ପୀଠରେ ଚାରାରୋପଣ

ଓଡ଼ଗାଁ, ୧୭।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଜାମୁପାଟଣା ଠାରେ ବିରାଜିତ ଓଡ଼ିଶାର ଅନନ୍ୟ ଶୈବପୀଠ ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠ ରାସ୍ତା ପାର୍ଶ୍ୱସ୍ଥ ଯାତ୍ରା ପଡ଼ିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ କାର୍ଯ୍ୟକ୍ରମର ଯୋଗଦେଇ ବୃକ୍ଷ ପୂଜନ ପରେ ପ୍ରଥମ ନଡ଼ିଆ ଚାରାରୋପଣ କରିଥିଲେ। ୩ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଆମ୍ବ ଏବଂ ନଡ଼ିଆ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଆଇଆଇସି ଅଭୟ ବେହେରା, ସରକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅଜିତ କୁମାର ନାୟକ, ଡେପୁଟି ରେଞ୍ଜର ଅଭିମନ୍ୟୁ ମଲିକଙ୍କ ସହିତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ମାନେ ଯୋଗ ଦେଇଥିଲେ।

## ରାଜା ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଦ୍ୱାଦଶାହ

# ରାଜାସାହେବଙ୍କୁ ମନେ ପକାଇ ଝୁରୁଛି ଖଣ୍ଡପଡ଼ା ମାଟି



ଖଣ୍ଡପଡ଼ା, ୧୭।୮ (ସମିସ): ଖଣ୍ଡପଡ଼ା ରାଜା ସାହେବ ତଥା ପୂର୍ବତନ ଉପବାଚସ୍ପତି, ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ଏବଂ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ସୁପୁତ୍ର ତଥା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ମୃତିସଭାରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଜେନା, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ କୁମାର ବେହେରା, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ବିଜେପି ସଭାପତି ଇଂ. ତାପସ ରଞ୍ଜନ ମାର୍ଥା, ବିଜେପି ନେତ୍ରୀ ପୂର୍ବତନ ସାଂସଦ ପ୍ରତ୍ୟୁଷା ସିଂହ, ବିଜେପି ନେତା ସନ୍ତୋଷ ପ୍ରଧାନ, ବିଜେଡି ନେତ୍ରୀ ଇରାନୀ ରାୟ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଜା ସାହେବଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରିଥିଲେ। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଦ୍ୱାଦଶାହ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ଗଡ଼ଜାତ ଅଞ୍ଚଳର ରାଜା ଏବଂ ବହୁ ଜନପ୍ରତିନିଧି, ରାଜନେତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାହାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ।

■ ସୁଭଦ୍ରା ହିତାଧିକାରୀଙ୍କୁ ଠକିଲେ ଗ୍ରାହକ ସେବା କେନ୍ଦ୍ର ପରିଚାଳକ

## ଉଠାଇନେଲେ ୧୦ ହଜାର ଟଙ୍କା

ଓଡ଼ଗାଁ, ୧୭।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ବାହାଡାଝୋଲା ବ୍ୟାଙ୍କ ଅଫ ବରୋଦା ଶାଖା କାର୍ଯ୍ୟାଳୟ ସାମ୍ନାରେ ଥିବା ବରୋଦା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ଜଣେ ମହିଳା ୫ ହଜାର ସୁଭଦ୍ରା ଟଙ୍କା ଉଠାଣ ପାଇଁ ଗ୍ରାହକ କେନ୍ଦ୍ର ପରିଚାଳକଙ୍କୁ କହିଥିଲେ। ପରିଚାଳକ ମହିଳାଙ୍କ ଟିପ ଚିହ୍ନ ରଖି ୫ ହଜାର ପରିବର୍ତ୍ତେ ମହିଳାଙ୍କ ଜମାଖାତାରୁ ୧୦ ହଜାର ଟଙ୍କା ଉଠାଣ କରିଥିଲେ। ମାତ୍ର ମହିଳାଙ୍କୁ ୫ ହଜାର ଦେଇ ବିଦା କରିଥିଲେ। ମହିଳା ଜଣକ ଟଙ୍କା ନେଇ ଘରେ ପହଞ୍ଚିଲା ବେଳେ ୧୦ ହଜାର ଟଙ୍କା ଖାତାରୁ ଉଠିଥିବା ନେଇ ମୋବାଇଲ ମେସେଜ ମାଧ୍ୟମରେ ଜଣାପଡ଼ିଥିଲା। ଏକଥା ଜାଣିବା ପରେ ମହିଳା ଜଣକ ସଂଗେସଂଗେ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ଅଭିଯୋଗ କରିବା ପରେ ବାଧହୋଇ ମହିଳାଙ୍କୁ ଅବଶିଷ୍ଟ ୫ ହଜାର ଫେରସ୍ତ କରିଥିଲେ। ଠକାମିର ଶିକାର ହୋଇଥିବା ମହିଳା ଜଣକ ହେଲେ ହରିପୁର ଗ୍ରାମପଞ୍ଚାୟତର ଗୋପପୁର ଗ୍ରାମର ଗୋବର୍ଦ୍ଧନ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀ ବେହେରା। ଅଭିଯୋଗ ପାଇବା ପରେ ବରୋଦା ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରାହକ ସେବାକେନ୍ଦ୍ରର କୋର୍ଡକୁ ରଦ୍ଦ କରିଥିବା ସୂଚନା ମିଳିଛି।



## ହାଇସ୍କୁଲ ଶ୍ରେଷ୍ଠ ଛାତ୍ରଛାତ୍ରୀ ପୁରସ୍କୃତ

ଭାପୁର, ୧୭।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସ୍ୱର୍ଗତ ମୋହିନୀ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଞ୍ଚାୟତ ଦୁଇ ହାଇସ୍କୁଲର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ୨୦୧୮ ମସିହାଠାରୁ ଆର୍ଥିକ ପ୍ରୋତ୍ସାହନ ସହ ସମ୍ମାନୀତ କରାଯାଉଛି। ସବୁବର୍ଷ ପରି ଏ ବର୍ଷ ସ୍ୱାଧିନତା ଦିବସରେ ଏହି ପୁରସ୍କାର ୬ ଜଣ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ନବକିଶୋର ସାହୁ, ସ୍ୱର୍ଗତ ମୋହିନୀ ପ୍ରଧାନଙ୍କ ସ୍ୱାମୀ କାଳନ୍ଦୀ ପ୍ରଦାନ, ପ୍ରଧାନ ଶିକ୍ଷକ ଅକ୍ରୁର ରାଉତ ଓ ଗଦାଧର ପଣ୍ଡାଙ୍କ ଉପସ୍ଥିତରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କୃତ ହୋଇଥିବା ବାଘୁଆପଲ୍ଲୀ ହାଇସ୍କୁଲର ଛାତ୍ରମାନେ ହେଲେ ପ୍ରଭାତ କୁମାର ଦାସ, ସମୀର ପ୍ରଧାନ, ପାର୍ଥ ମହାରଣା ଓ ବଳଦିଆ ନୂଆଗାଁ ହାଇସ୍କୁଲ ଛାତ୍ରଛାତ୍ରୀ ହେଲେ ରାକେଶ ମହାପାତ୍ର, ଶ୍ରୀମା ପ୍ରଧାନ, ରାମେଶ୍ୱର ଦାସ।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବୃକ୍ଷରୋପଣ

ଗଣିଆ, ୧୭।୮ (ସମିସ): କଳିଙ୍ଗ କୁସୁମ ଫାଉଣ୍ଡେସନ ଓ ଓଡ଼ିଶା ଫାଉଣ୍ଡେସନର ମିଳିତ ସହାୟତାରେ ନୟାଗଡ଼ ଜିଲ୍ଲାର ଗଣିଆଁ, ଦଶପଲ୍ଲା, ନୂଆଗାଁ ବ୍ଲକରେ ପନ୍ଦରଶହ ଏକର ଜମିରେ ଫଳଭିତ୍ତିକ ବୃକ୍ଷ ରୋପଣ କାର୍ଯ୍ୟ ଚାଲୁରହିଛି। ଏହା ଗ୍ରାମ୍ୟ ଅର୍ଥନୀତିର ସ୍ଥାୟୀ ବିକାଶ ଓ ଅମ୍ଳଜାନ ବାଷ୍ପ ଦ୍ୱାରା ପୃଥିବୀକୁ ସୁରକ୍ଷା ଦେବାରେ ସହାୟକ ହେବ। ଏହି ପରିପେକ୍ଷିରେ ବିଶିଷ୍ଟ ସମାଜସେବୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପବିତ୍ର ସ୍ୱାଧୀନତାଦିବସଓଜନ୍ମାଷ୍ଟମୀଅବସରରେଗଣିଆବ୍ଲକଅନ୍ତର୍ଗତଓସ୍ତିଆଗ୍ରାମରଯୁବକସଂଘସଭ୍ୟ ବୃନ୍ଦଙ୍କ ସହିତ ସ୍ଥାନୀୟ ଶିକ୍ଷକଙ୍କ କରକମଳରେ ଉନ୍ନତମାନର କଲମୀ ଆମ୍ବ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପରୀପ୍ରେକ୍ଷୀରେ କୁମ୍ଭୀରଖଣି ଠାରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରାଙ୍କ ନେତୃତ୍ୱରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ କୁମ୍ଭୀରଖଣି ଗ୍ରାମବାସୀ ସହଯୋଗ କରିଥିଲେ। ବୃକ୍ଷରୋପଣ ସହିତ ଏହାର ରକ୍ଷଣାବେକ୍ଷଣା କରିବାକୁ ଗ୍ରାମବାସୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



## 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ



ଗଣିଆ, ୧୭।୮ (ସମିସ): ଗଣିଆରେ ଥିବା ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ତରଫରୁ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ, ପରିଚାଳନା କମିଟି ସଭାପତି ସମିର କୁମାର ସାହୁ, ପ୍ରଧାନଶିକ୍ଷୟିତ୍ରୀ ନିହାର ବାଳା ରାଉତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲୁରହିଛି। ଏହି ପରୀପ୍ରେକ୍ଷୀରେ ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ଗଣିଆର ବିଭିନ୍ନ ସାହି, ବଜାର ପରିକ୍ରମା କରି 'ଆସ ଆମେ ସ୍କୁଲ ଯିବା' ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟ ପରିସରରେ ଉପସ୍ଥିତ ଅଭିଭାବକମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଥିଲା।

## ୩୧ରେ 'ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ' ପ୍ରତିଯୋଗିତା




ନୟାଗଡ଼, ୧୭।୮ (ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ସୃଜନିକା ତରଫରୁ ପୂର୍ବ ବର୍ଷ ଭଳି ଏ ବର୍ଷ ଅଗଷ୍ଟ ୩୧ ତାରିଖ ରବିବାର ପୂର୍ବାହ୍ନ ୯ ଘଣ୍ଟା ସମୟରେ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଜି ପୂର୍ବାହ୍ନ ୪ ଘଣ୍ଟା ସମୟରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରେ ସୃଜନିକା ଏକ ପ୍ରସ୍ତୁତି ବୈଠକରେ ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ଏହି ସୂଚନା ଦେଇ କହିଛନ୍ତି ଯେ ପ୍ରତିଯୋଗୀଙ୍କର ବୟସ ୮ରୁ ୧୮ ବର୍ଷ ମଧ୍ୟରେ ହେବା ଆବଶ୍ୟକ ଏବଂ ସେମାନେ ସମସ୍ତ ପ୍ରକାର ନୃତ୍ୟ ପରିବେଷଣ କରି ପାରିବେ। ପ୍ରତିଯୋଗୀମାନେ ଅଧିକ ବିବରଣୀ ପାଇଁ ସଚିବଙ୍କ ସହ ଯୋଗାଯୋଗ କରିପାରିବେ। ପ୍ରତିଯୋଗୀଙ୍କୁ କୌଣସି ପ୍ରବେଶିକା ଦେୟ ଦେବାକୁ ପଡ଼ିବ ନାହିଁ। ସମସ୍ତ ପ୍ରତିଯୋଗୀ ଅଗଷ୍ଟ ୩୧ ତାରିଖ ଦିନ ସକାଳ ୮.୩୦ ମିରେ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ନିଜର ଆଧାରକାର୍ଡ ସହିତ ଆସି ନିଜର ନାମକୁ ପଞ୍ଜିକରଣ କରିପାରିବେ। ଏହି ବୈଠକରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଇଂ ପଦ୍ମନାଭ ପରିଡ଼ା, ଦାମୋଦର ସାହୁ, କ୍ଷଣପ୍ରଭା କର, ଗୀତାଞ୍ଜଳି ମହାପାତ୍ର, ସାଗର ଶୂରଦେଓ, ଚିନ୍ମୟୀ ଲୋପାମୁଦ୍ରାଙ୍କ ସମେତ ୧୮ ଜଣ ଉପସ୍ଥିତ ଥିଲେ। ଶେଷରେ ସାଗର ଶୂରଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରଙ୍କ ଏନ୍‌ଏସି ତାଲିକାରେ ନାହିଁ ସ୍ଥାନ

# ଘୋଷଣା ହୋଇ ବି ବଞ୍ଚିତ ଶରଣକୁଳ ଓ କଣ୍ଟିଲୋ

ନୟାଗଡ଼, ୧୭।୮ (ସମିସ)

ରାଜ୍ୟ ସରକାର ୭ଟି ଜିଲ୍ଲାର ୧୨ଟି ସ୍ଥାନକୁ ଏନ୍‌ଏସି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣାରେ ନୟାଗଡ଼ ଜିଲ୍ଲାର ସ୍ଥାନ ନାହିଁ। ପୂର୍ବ ସରକାର ଘୋଷଣା କରିଥିବା ସ୍ଥାନ ଗୁଡ଼ିକୁ ଏହି ତାଲିକାରୁ ବାଦ ଦିଆଯାଇଛି। ଫଳରେ ପୂର୍ବ ସରକାର ଘୋଷଣା କରିଥିବା ଶରଣକୁଳ ଓ କଣ୍ଟିଲୋବାସୀ ହତୋତ୍ସାହିତ ହୋଇଛନ୍ତି। କଣ୍ଟିଲୋ ଓ ଶରଣକୁଳକୁ ପୂର୍ବରୁ ଏନ୍‌ଏସି ଘୋଷଣା କରାଯାଇଥିବା ବେଳେ ନିର୍ବାଚନ ପରେ ସରକାର ତାହାକୁ ବାତିଲ କରିଥିଲେ। ଏଥିପାଇଁ ଆବଶ୍ୟକ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇନଥିବା କହିଥିଲେ। ଦେଢ଼ ବର୍ଷ ପରେ ଏବେ ସରକାର ଯେଉଁ ଘୋଷଣା କଲେ ସେଥିରେ ଏହାକୁ ସାମିଲ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଏବଂ ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶରଣକୁଳ ଐତିହ୍ୟ ସମ୍ପର୍ଣ୍ଣ ସ୍ଥାନ। କଣ୍ଟିଲୋରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦିକ୍ଷେତ୍ର ନୀଳମାଧବ ପୀଠ ରହିଥିବା ବେଳେ ଶରଣକୁଳରେ ଲଡୁବାବାଙ୍କ ପୀଠ ରହିଛି। ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ଏହି ଦୁଇ ସ୍ଥାନର ରହିଛି। ଉଭୟ ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ରହିଛନ୍ତି। ତଥାପି ସରକାର କାହିଁକି ଅଣସମ୍ବେଦନଶୀଳ ହେଲେ ବୋଲ ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି। ରଣପୁର ନିର୍ବାଚନ ମଣ୍ଡଳୀ ବିଧାୟକ ସୁରମା ପାଢ଼ୀ ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ଅଳଙ୍କୃତ କରିଛନ୍ତି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କର ମୁଖ୍ୟମନ୍ତ୍ରୀଙ୍କ ନିକଟରେ କାଟ୍‌ତି ଜୋରଦାର ବୋଲି ତାଙ୍କ କର୍ମୀ କୁହନ୍ତି। ଖୋଦ୍ କଣ୍ଟିଲୋ ଅଞ୍ଚଳରୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ପଦ ଅଳଙ୍କୃତ କରିଛନ୍ତି ଅଭିଲାଷ ପଣ୍ଡା। ସରକାରରେ ୩ ଜଣ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଦବଦବା ରହିଥିବା ବେଳେ ଜିଲ୍ଲାର ୩ ଜଣ ସାଂସଦ ବିଜେପିରୁ ନିର୍ବାଚିତ ହୋଇଛନ୍ତି। ତଥାପି କାହିଁକି ନୟାଗଡ଼ ଜିଲ୍ଲା ଏନ୍‌ଏସି ଘୋଷଣାରୁ ବଞ୍ଚିତ ହେଲା ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ, ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା ପାଇଁ ବହୁ ପୂର୍ବରୁ ଦାବି ଜୋରଦାର ହେଉଛି। ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ପାଇଁ ଡିଜିଟାଲ ରାଲି ଦୀର୍ଘଦିନ ଧରି କରାଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ସାମ୍ବାଦିକ ତଥା ସମାଜସେବୀ ଆର୍ତ୍ତତ୍ରାଣ ପ୍ରଧାନ ଧାରଣା ଓ ଆମରଣ ଅନଶନରେ ବସିଥିଲେ।। ନିର୍ବାଚନ ପରେ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ଆଶା ରଖାଯାଇଥିଲା। ତଥାପି ଏଥିପାଇଁ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କଲେ ନାହିଁ। ଫଳରେ ଜିଲ୍ଲାର ତିନି ପ୍ରମୁଖ ସ୍ଥାନ ଏନ୍‌ଏସି ମାନ୍ୟତା ପାଇବା ପାଇଁ ଯୋଗ୍ୟ ହୋଇ ମଧ୍ୟ ମାନ୍ୟତା ପାଇପାରିନାହିଁ।

● ରାଜସୁନାଖଳା ଅଞ୍ଚଳବାସୀଙ୍କ ଦାବି ଜୋରଦାର

## ବଣିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ନିରାକାରପୁର,୧୭ ।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଣିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳନ ସହ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ମହେଶ୍ୱର ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଈଶ୍ୱର ଚନ୍ଦ୍ର ନାଥଶର୍ମା, ଭଗବାନ ପ୍ରଧାନ, କେଶବ ଚନ୍ଦ୍ର ରାଉତରାୟ, ମୃତ୍ୟୁଞ୍ଜୟ ସାହୁ, ସଭାପତି ଆର୍ତ୍ତତ୍ରାଣ ରାଉତରାୟ, ସମ୍ପାଦକ ବଳରାମ ରାଉତରାୟ, କୋଷାଧ୍ୟକ୍ଷ ମୁକ୍ତିକାନ୍ତ ସାହୁ, ସହ ସମ୍ପାଦକ ଆନନ୍ଦ ବାଘସିଂ, ନବ ସାହୁ, ଦଣ୍ଡପାଣି ବଳିଆରସିଂହ, ରଜନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ସଭାପତି ମହେଶ୍ୱର ତ୍ରିପାଠୀ, ବରିଷ୍ଠ ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ନାଥଶର୍ମା ଓ ଭଗବାନ ପ୍ରଧାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ନିରାକାରପୁର,୧୭ ।୮ (ସମିସ): ରାମେଶ୍ୱରସ୍ଥିତ ଟ୍ରୁ ଲାଇଫ ନିଶା ନିବାରଣ କେନ୍ଦ୍ରରେ ନିଶାମୁକ୍ତ ସମାଜ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ନିଶା



ବର୍ତ୍ତମାନର ସମାଜକୁ କବଳିତ କରି ରଖିଥିବାରୁ ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇ ଅସାମାଜିକ କାର୍ଯ୍ୟକଳାପରେ ମାତିଛନ୍ତି । ତେଣୁ ସଂଯମତା ଓ ଦେଶ ପ୍ରତି ନିଜ କର୍ତ୍ତବ୍ୟ ବିଷୟରେ ଚିନ୍ତନ କଲେ ଯୁବ ସମାଜ ଦେଶର ସୁଦୃଢ଼ ଭବିଷ୍ୟତ ଗଢ଼ିବାରେ ସଫଳ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ମୁଖ୍ୟ ସୌମ୍ୟଶ୍ରୀ ପ୍ରିୟଦର୍ଶିନୀ କର ନିଶା ନିବାରଣ କେନ୍ଦ୍ରରୁ ବହୁ ସଂଖ୍ୟାରେ ବ୍ୟକ୍ତି ନିଶାମୁକ୍ତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି କହିଥିଲେ । ଦିଲୀପ ତ୍ରିପାଠୀ, ଚିନ୍ମୟ ମହାପାତ୍ର, ସୌମ୍ୟ ମହାପାତ୍ର, ପାର୍ଥ ମିଶ୍ର, ପ୍ରଳୟରଶ୍ମି ପରିଡ଼ା, ପପୁ ପ୍ରଧାନ ଓ ଅନ୍ତେବାସୀମାନେ ସହଯୋଗ କରିଥିଲେ ।

## ଦଳିତ ମହିଳାଙ୍କୁ ଓକିଲଙ୍କ ଦୁର୍ବ୍ୟବହାର

**ଥାନାରେ ଅଭିଯୋଗ**

ଖୋର୍ଦ୍ଧା,୧୭ ।୮ (ସମିସ): ସ୍ୱାମୀଙ୍କ ଜାମିନ ପାଇଁ ଯାଇଥିବା ଜଣେ ଦଳିତ ମହିଳାଙ୍କୁ ଆଇନଜୀବୀ ଅଶ୍ଳୀଳଭାଷାରେ ଗାଳିଗୁଲଜ, ଜାତିଆଣ ଆକ୍ଷେପ କରିବା ସହ ଦୁର୍ବ୍ୟବହାର କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଉକ୍ତ ଥାନା ଅଧୀନ ରତନପୁର ଗ୍ରାମର ରୀତା ନାୟକଙ୍କ ସ୍ୱାମୀ ବିରଞ୍ଚି ଏକ ଗଣ୍ଡଗୋଳ ମାମଲାରେ ଛନ୍ଦିହୋଇ ୨୦ଦିନ ହେବ ଖୋର୍ଦ୍ଧା ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି । ସ୍ୱାମୀଙ୍କ ଜାମିନ କରିବା ଲାଗି ରୀତା ତାଙ୍କ ଭାଇ ପ୍ରକାଶ ମାଧ୍ୟମରେ ଗୋଡ଼ିପାଟଣାସାହିର ଓକିଲ ପୀତବାସ ନାୟକଙ୍କ ସହ ଆଲୋଚନା କରିଥିଲେ । ଦାବି ମୁତାବକ ୧୦ହଜାର ଟଙ୍କା ଦେଇଥିଲେ । ମାତ୍ର ଜାମିନ୍ ବିଳମ୍ବ ହେବାରୁ ରବିବାର ସକାଳେ ରୀତା ଗୋଡ଼ିପାଟଣାସାହିସ୍ଥିତ ପୀତବାସଙ୍କ ଚାମ୍ବରକୁ ଯାଇ ଜାମିନ୍ ଲାଗି ନେହୁରା ହୋଇଥିଲେ । ମାତ୍ର ପୀତବାସ ଅଧିକ ୧୫ ହଜାର ଦାବି କରିଥିଲେ । ଏଥିରେ ସେ ଅସାମର୍ଥ୍ୟ ପ୍ରକାଶ କରିଥିବାବେଳେ ଜାମିନ୍ ହେବା ପରେ ୫ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ । କିନ୍ତୁ ଏଥିରେ ପୀତବାସ ଉତକ୍ଷିପ୍ତ ହୋଇ ରୀତାଙ୍କ ବସ୍ତ୍ରମଧ୍ୟରେ ଥିବା ୫ହଜାର ଟଙ୍କା ହାତ ପୂରାଇ ଜବରଦସ୍ତ ନେଇଥିଲେ । ଏଥିସହ ଅଶ୍ଳୀଳ ଭାଷାରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଆକ୍ରମଣ କରି ଚାମ୍ବରରୁ ବାହାର କରିଦେଇଥିଲେ । ଏପରିକି ମିଥ୍ୟା ମାମଲାରେ ଫସାଇ ଜେଲ ପଠାଇଦେବାକୁ ଧମକ ଦେଇଥିଲେ ବୋଲି ରୀତା ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି ।

# ଲଘୁଚାପ ବର୍ଷା ପରେ ରୁଆ ଓ ବେଉଷଣରେ ବ୍ୟସ୍ତ ଚାଷୀ

ଖୋର୍ଦ୍ଧା,୧୭ ।୮ (ସମିସ)



ଚଳିତ ବର୍ଷ ଚାଷ ଆରମ୍ଭରୁ ଚାଷୀ ଝୁରୁଛି । ଦାଉ ସାଧିଲା ମୌସୁମୀ । ଚାଷ ଆରମ୍ଭ ପୂର୍ବରୁ ଅନର୍ଗଳ ବର୍ଷିଲା ଯେ ହୁଡ଼ାବାଡ଼ ପାଣି ଡେଇଁଲା । ମାତ୍ର ଚାଷ ବେଳକୁ ବିଲ ଫାଟିବା ଅବସ୍ଥା କଲା । ଶ୍ରାବଣ ମାସରେ ଧାରା ଶ୍ରାବଣ ପରିବର୍ତ୍ତେ ହେଲା ବୈଶାଖ ଭଳି ଉହ ଉହ ଖରା ଓ ଗୁଳୁଗୁଳି । କେଉଁଠି କେମିତି ବର୍ଷା ହେଉଥିବା ବେଳେ ଅନ୍ୟ କେଉଁଠି କମ୍ ପରିମାଣରେ ବର୍ଷା ହେଲା । ଫଳରେ ଚାଷୀ ନାଳ ବିଲ ଚାଷ ଯଦିଓ କରିଲା, ତଥାପି ମଧ୍ୟମ ଓ ଡିପ ଜମିର ଚାଷ ବେଳକୁ ଶୂନ୍ୟ ଆକାଶକୁ ଚାହିଁଲା । କେଉଁଠି ମଟର ପମ୍ପ ଲଗାଇ ପାଣି ବୁହାଇ ବିଲ କାଦୁଅ କରୁଥିଲା ତ ଆଉ କେଉଁଠି ବୋର୍ଙ୍ଗ ପାଣିରେ ହେଉଥିଲା ଚାଷ । ମାତ୍ର ଚାଷୀର ଏ ଅବସ୍ଥା ବେଳକୁ ଦୁଇଦିନ ହେବ ହେଉଥିବା ଲଘୁଚାପ ବର୍ଷା ଚାଷୀ ମନରେ ଖୁସି ଆଣିଛି । ଲଘୁଚାପ ବର୍ଷା ଦେଖି ଚାଷୀ ନାଳ ବିଲ ବେଉଷଣ କରୁଥିବାବେଳେ ମଧ୍ୟମ ଓ ଡିପ ଜମିକୁ ରୁଆପୋତା ଲାଗି ଆଗେଇଛି । ଏପରିକି ବର୍ଷା ଅଭାବରୁ ପଡ଼ିଆ ପଡ଼ିଥିବା ଜମିକୁ ଚାଷୀ ହଳ କରି ରୁଆପୋତା ପାଇଁ ପ୍ରସ୍ତୁତ କରିଛି ।

ଚଳିତ ଲଘୁଚାପ ବର୍ଷା ଚାଷୀ ମନରେ ଖୁସି ଆଣିଛି । ଲଘୁଚାପ ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହେଉଥିବାବେଳେ ୩ଦିନ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପଛକୁ ପଛ ବର୍ଷା ରହିଥିବାବେଳେ ଚାଷୀ ମଧ୍ୟ ଚାଷ ପାଇଁ ଉପଯୁକ୍ତ ପାଣି ପାଇବ ବୋଲି କହିଛନ୍ତି ଚାଷୀ କରୁଣାକର ମହାନ୍ତି । ପୂର୍ବରୁ ଡିପ ଜମି ଲାଗି ରହିଥିବା ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି । ଗତବର୍ଷ ଚାଷୀ ଉପରେ ପ୍ରକୃତି ଦାଉ ସାଧିଥିଲା । ଲଗାଣବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ମାତ୍ର ବର୍ଷକର ଖାଦ୍ୟରୁ ବଞ୍ଚାଇ ଯେଉଁ ବିହନ ଗଣ୍ଡିଏ ଚାଷୀ ରଖିଥିଲା ତାହାକୁ ଚଳିତବର୍ଷ ବିଲରେ ତଳି ପକାଇଥିବାବେଳେ ଉକ୍ତ ତଳିକୁ ଏବେ ବର୍ଷା ହେବାରୁ ଜମିକୁ କାଦୁଅ କରି ରୋଇବାରେ ଲାଗି ପଡ଼ିଛି ।

ଜିଲ୍ଲାର ୧୦୩୦୫୪ ହେକ୍ଟର ଚାଷ ଜମିରୁ ଚଳିତ ଖରିଫ ଋତୁରେ ୯୨୬୬୦ ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି । ସେଥିରେ ୨୧୯୪୨ ହେକ୍ଟର ଡିପଜମି ଓ ୫୬୮୫୯ ହେକ୍ଟର ସମତୁଲ ଜମି ରହିଛି । ତନ୍ମଧ୍ୟରେ ଖୋର୍ଦ୍ଧା ବ୍ଲକ୍‌ରେ ୧୩,୫୦୦ ହେକ୍ଟର, ବେଗୁନିଆ ବ୍ଲକ୍‌ରେ ୧୧,୫୦୦ ହେକ୍ଟର, ବୋଲଗଡ଼ରେ ୧୨,୪୦୦ ହେକ୍ଟର, ଟାଙ୍ଗି ବ୍ଲକ୍‌ରେ ୮,୭୨୦ ହେକ୍ଟର, ଚିଲିକା ବ୍ଲକ୍‌ରେ ୭,୫୫୦ ହେକ୍ଟର, ବାଣପୁର ବ୍ଲକ୍‌ରେ ୧୨,୫୭୦ ହେକ୍ଟର, ଭୁବନେଶ୍ୱର ବ୍ଲକ୍‌ରେ ୪,୨୨୦ ହେକ୍ଟର, ଜଟଣୀ ବ୍ଲକ୍‌ରେ ୫,୨୦୦ ହେକ୍ଟର, ବାଲିଅନ୍ତା ବ୍ଲକ୍‌ରେ ୭,୭୦୦ ହେକ୍ଟର ଓ ବାଲିପାଟଣା ବ୍ଲକ୍‌ରେ ୯,୩୦୦ ହେକ୍ଟର ଜମିରେ ଧାନ ଚାଷ କରିବା ନେଇ ବିଭାଗ ଲକ୍ଷ୍ୟ ରଖିଛି । ତେବେ ୪୩,୩୫୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଥିବାବେଳେ ଅନ୍ୟ ଜମିର ଚାଷୀ ବର୍ଷାଜଳ ଉପରେ ନିର୍ଭର କରିଥାଏ । ଜିଲ୍ଲାରେ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୩୦ ପ୍ରତିଶତ ଜମିକୁ ଜଳସେଚନ କରାଯାଉଛି । ଜିଲ୍ଲାର ଅବଶିଷ୍ଟ ୪୯,୩୦୫ ହେକ୍ଟର ଜମିର ଚାଷୀ ଜଳସେଚନରୁ ବଞ୍ଚିତ ଥିବାବେଳେ ସେମାନଙ୍କ ନିମନ୍ତେ ଚାଷ ପାଇଁ ବର୍ଷାଜଳ ହିଁ ଏକମାତ୍ର ଭରସା । ଏଭଳି ବର୍ଷା ଲାଗି ରହିଲେ ୧୦ ଦିନ ମଧ୍ୟରେ ବେଉଷଣ ଓ ରୁଆପୋତା କାର୍ଯ୍ୟ ସରିଯିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଯଦିଓ ବର୍ଷା ମଝିରେ ଛାଡ଼ିଗଲା, ତଥାପି ମରୁଡ଼ି ଭଳି ପରିସ୍ଥିତି ଜିଲ୍ଲାରେ ହୋଇନି । ଏବେ ସୁଦ୍ଧା ଜିଲ୍ଲାର ପ୍ରାୟ ୮୨ ହଜାର ହେକ୍ଟର ଜମିରେ ଚାଷକାର୍ଯ୍ୟ ଶେଷ ହେଲାଣି । ଖୁବଶୀଘ୍ର ଅନ୍ୟ ଡିପ ଓ ସମତୁଲ ଜମିର ଚାଷକାର୍ଯ୍ୟ ମଧ୍ୟ ସରିବ ବୋଲି ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଶରଧାପୁର ଫୁଟବଲ ଲିଗ୍; ଘାଟିକିଆ ବିଜୟୀ



ଖୋର୍ଦ୍ଧା,୧୭ ।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁରଠାରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଦ୍ୱିତୀୟ ଫୁଟବଲ ଲିଗ୍ ରବିବାର ଉଦ୍‌ଘାଟିତ ହୋଇଛି । ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଲିଗ୍ ୩ସପ୍ତାହ ଧରି ଚାଲିବ । ଶରଧାପୁର ଖେଳପଡ଼ିଆରେ ଆୟୋଜିତ ପ୍ରଥମ ମ୍ୟାଚ ଭୁବନେଶ୍ୱର ଘାଟିକିଆ ଓ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଘାଟିକିଆର ଚେତନ ନାୟକ ଏକମାତ୍ର ଗୋଲ ଦେଇ ଦଳକୁ ବିଜୟ ଭେଟି ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ସମସ୍ତ ଚେଷ୍ଟା ସତ୍ତ୍ୱେ ଜଟଣୀ ଗୋଲ କରିପାରି ନ ଥିଲା । ଆସୋସିଏସନର ସଭାପତି ଏମଡି. ଜମିରୁର ରେହମାନ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଯୁଗ୍ମ ସମ୍ପାଦକ ମୀନକେତନ ବଡ଼ଜେନା, ସଦସ୍ୟ ସେକ ସକାଓତ ଅଲ୍ଲୀ, ଇଜାଜ ହୁସେନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସାଗିର ଅହମ୍ମଦ ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ । ସୋମବାର ପାଇଗତିଗିରିଆ ଏବଂ ଠଣାପଲ୍ଲୀ ମଧ୍ୟରେ ମ୍ୟାଚ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ଚାରାରୋପଣ ସହ ବଣ୍ଟନ କାର୍ଯ୍ୟକ୍ରମ




ଟାଙ୍ଗୀ,୧୭ ।୮ (ସମିସ): ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ ଓ ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହଯୋଗରେ ତ୍ରିରଙ୍ଗା ଯାତ୍ରା, ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ରାଜ୍ୟ ସଭାପତି ହେମନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା, ରାଜ୍ୟ ବିଜେପି ସମବାୟ ସେଲ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ବିଦ୍ୟାଳୟ କମିଟି ସଭାପତି ପ୍ରଦୀପ କୁମାର ଜେନା, ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବଳରାମ ତରେଇ, ମୁକ୍ତେଶ୍ୱର ବନପାଳ ମୀନା କୁମାରୀ ନାୟକ, ଶିବ ମାଝୀ, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ସାମ୍ବାଦିକ ମଞ୍ଜୁଲତା ଇନ୍ଦ୍ରଜିତ, ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମଲିକ, କେ ଶୁଭମ ସୁବୁଦ୍ଧି, ନାରାୟଣ ପରିଡ଼ା, ଉପସଭାପତି ଶରତ ଚନ୍ଦ୍ର ବାରିକ, ରଜନୀକାନ୍ତ ଜଗଦେବ, ସତ୍ୟରଞ୍ଜନ ପଟ୍ଟନାୟକ, ସଭାପତି ପ୍ରମୋଦ ବେହେରା, ଆନନ୍ଦ ବେହେରା, ସମବାୟ ସମିତି ସଭାପତି ପୂର୍ଣ୍ଣ କଳସ, ବାଙ୍କନିଧି ପ୍ରଧାନ, ମାନସ ପ୍ରଧାନ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

## ଭୂଷଣ୍ଡପୁରରେ କୃଷକ ବୈଠକ; ସ୍ଥାୟୀ ଜଳସେଚନ ଦାବି

ଭୂଷଣ୍ଡପୁର,୧୭ ।୮ (ସମିସ): ଟାଙ୍ଗିବ୍ଲକ ଭୂଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୌରଭ କୁମାର ଦାସମହାପାତ୍ରଙ୍କ ସଭାପତିତ୍ୱରେ କୃଷକମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଭୂଷଣ୍ଡପୁର ଅଞ୍ଚଳର ସମସ୍ତ କୃଷକ ଯୋଗଦେଇ



ଚାଷୀମାନଙ୍କ ବର୍ତ୍ତମାନ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ । ପାଣି ଅଭାବ ଯୋଗୁଁ ସୃଷ୍ଟି ହୋଇଥିବା ମରୁଡ଼ି ଆଶଙ୍କା ନେଇ କୃଷକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସ୍ଥାୟୀ ଜଳସେଚନ ବ୍ୟବସ୍ଥା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ଉଠାଇଥିଲେ । ଆଗାମୀ ଦିନରେ କୃଷିମନ୍ତ୍ରୀଙ୍କୁ ଚାଷଜମିରେ ସ୍ଥାୟୀ ପାଣି ସମସ୍ୟା ସମ୍ବନ୍ଧରେ ଏକ ଦାବିପତ୍ର ଦେବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ରବୀନ୍ଦ୍ର କୁମାର ପରିଡ଼ା, ଶ୍ୟାମସୁନ୍ଦର ମଲ୍ଲିକ, ହରିହର ଦାସ, ବୈକୁଣ୍ଠନାଥ ବେହେରା, ପଞ୍ଚାନନ ବେହେରା, ନବକିଶୋର ନାୟକ, ସର୍ବେଶ୍ୱର ବେହେରା ଓ ରବୀନ୍ଦ୍ର ଭୋଇଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ କୃଷକ ଅଂଶଗ୍ରହଣ କରିଥିଲେ ।

## କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ



ବାଲୁଗାଁ,୧୭ ।୮ (ସମିସ): ଚିଲିକା ବ୍ଲକ ଅଠରବାଟିଆ ସତ୍ୟନାରାୟଣ ଯୁବକ ସଂଘ ପକ୍ଷରୁ ବାଲୁଗାଁ ଅଶୋକନଗରସ୍ଥିତ ଉମାମହେଶ୍ୱର ବଣିକ ସଂଘ ପରିସରରେ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି । ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଯୁବକ ସଂଘ ସଭାପତି ଦନେଇ ଜାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ କ୍ରୀଡ଼ା ପ୍ରଶିକ୍ଷକ ବୈରାଗୀ ଚରଣ ବଳ, କରାଟେ ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରା, ରୋଟାରିଆନ ରବିନାରାୟଣ ପାଲ, ଇଂ. ହାଡ଼ିବନ୍ଧୁ ସେନ, ଇଂ. ସନ୍ନ୍ୟାସୀ ସାହୁ, ଆଇନଜୀବୀ ଶେଷଦେବ ମହାରଣା ଓ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ବାଲୁଗାଁ ଅଞ୍ଚଳର କ୍ରୀଡ଼ା ଇତିହାସ ଉପସ୍ଥାପନ କରିଥିଲେ । ଏହି ଅବସରରେ କରାଟେରେ ଜାତୀୟ ସ୍ତରରେ ପଦକ ବିଜେତା କ୍ରୀଷ୍ଟା ଶିକାରୀ, ସଲୋନୀ ପାତ୍ର, ଦିବ୍ୟାଙ୍ଗନା ସାମନ୍ତରା, ଦୀପଶିଖା ସାମନ୍ତରା, ଦିବ୍ୟାଶୀ ବଂଶୀ, ରୋହନ ସ୍ୱାଇଁ, ଆଦିତ୍ୟ ପ୍ରଧାନ, ଏମ୍. ସାଇ ହେମକେଶ, ସାତ୍ତ୍ୱିକ ଜାଲି, କୃତୀ ଦୀପନ ବଳବନ୍ତରାୟ, ଶକ୍ତି ଉତ୍ତୋଳନରେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ସୌମେନ ସେନାପତି, ଜାତୀୟ କବାଡ଼ିରେ ଆଦର୍ଶ ପ୍ରୀତମ ବେହେରା, ଅନ୍ୱେଷ ପ୍ରୀତମ ବେହେରା, ତାପସ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବରିଷ୍ଠ କରାଟେ ପ୍ରଶିକ୍ଷକ ରଞ୍ଜନ କୁମାର ସାମନ୍ତରାୟ ଓ ପ୍ରତାପ କେଶରୀ ଜେନାଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସତ୍ୟନାରାୟଣ ଯୁବକ ସଂଘ ସମ୍ପାଦକ ହେମନ୍ତ କୁମାର ବେହେରା, ସାରସ କୁମାର ବେହେରା, ଅଲେଖ ବେହେରା, ମହେନ୍ଦ୍ର ବେହେରା, ଧ୍ରୁବ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଘ ସଦସ୍ୟ କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ଖୋର୍ଦ୍ଧା,୧୭ ।୮ (ସମିସ)



ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ସ୍ଥାନୀୟ ଚୈତନ୍ୟବିହାରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଛି । ପ୍ରାତଃ ୮ଟାରେ ମଙ୍ଗଳ ଆଳତି ପରେ ଶ୍ରୀକୃଷ୍ଣ ଲୀଳା ସ୍ତବ ପାରାୟଣ, ସନ୍ଧ୍ୟାରେ ଭାଗବତରୁ ଜନ୍ମଲୀଳା ପ୍ରସଙ୍ଗରେ ପାରାୟଣ ଓ ପ୍ରବଚନ ହୋଇଥିଲା । ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ କୃଷ୍ଣସ୍ତୁ ଭଗବାନ ସ୍ୱୟଂ ଶୀର୍ଷକ ଆଲୋଚନା କରିଥିଲେ । ଦୁଇଦିନିଆ ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନନପଡ଼ା ସାହିରେ ନନ୍ଦ



ଉତ୍ସବ ଧୁମଧାମରେ ପାଳିତ ହୋଇଛି । ସାହିର ଯୁବକମାନେ ଦହିହାଣ୍ଡି ଭାଙ୍ଗି ନନ୍ଦ ଉତ୍ସବ ପାଳନ କରିଥିଲେ । ସାହିର ସମସ୍ତ ଲୋକ ସହଯୋଗ କରିଥିଲେ ।

**ବେଗୁନିଆ:** ବେଗୁନିଆ ବ୍ଲକ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ



ଛାତ୍ରଛାତ୍ରୀଙ୍କୁ ନେଇ ପବିତ୍ର ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଇଛି । ଛାତ୍ରଛାତ୍ରୀମାନେ କୃଷ୍ଣ, ବଳରାମ, ରାଧା, କଂସ, ଗୋପାଳ, ଗୋପାଳୁଣୀ, ନନ୍ଦ ଓ ଯଶୋଦା ଆଦି ବେଶରେ ସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ । ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା, ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୋଡ଼ାଡିହ ଗ୍ରାମ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ପ୍ରଧାନଆଚାର୍ଯ୍ୟା ସୁକାନ୍ତି ଜେନାଙ୍କ ନେତୃତ୍ୱ ଓ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ଜେନାଙ୍କ ସଂଯୋଜନାରେ ନନ୍ଦୋତ୍ସବ ପାଳିତ ହୋଇଛି । ଏଥିରେ ଶିକ୍ଷାବିତ୍ ଉପେନ୍ଦ୍ର ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ ରଙ୍କନିଧି ବଳିଆରସିଂହ ଓ ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସେହିପରି ବାଘମାରୀ ଗ୍ରାମ ତଳସାହି ଗୋପୀନାଥ ଦେବ ମନ୍ଦିର ପରିସରରେ ନନ୍ଦ ଉତ୍ସବ ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଛି ।

**ବେଗୁନିଆ:** ମହାରାଷ୍ଟ୍ରର ପୁନେ ଜିଲ୍ଲା ଭୋଷରୀଠାରେ ଦୀର୍ଘ ୮ ବର୍ଷ ଧରି ନୀଳାଚଳ ମିତ୍ର ମଣ୍ଡଳ ଆନୁକୂଲ୍ୟରେ ମହେଶ ଦାଦା ସ୍ପୋର୍ଟସ ଫାଉଣ୍ଡେସନ



ପକ୍ଷରୁ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଜନ୍ମାଷ୍ଟମୀ ଉତ୍ସବ ପାଳନ ହେଉଛି । ଚଳିତବର୍ଷ କାର୍ଯ୍ୟକ୍ରମରେ ମା' ମାହେଶ୍ୱରୀ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟିକା ନିକିତା ସରିତା ବେହେରା ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ସଭ୍ୟ ସଞ୍ଜୟ ପରିଡ଼ା, ଗୋବର୍ଦ୍ଧନ ନାୟକ, ପରଦେଶୀ ସାହୁ, ତପନ ରାଉତ, ଗରୁଡ଼ ଦାସ, ଶ୍ରୀନିବାସ ପ୍ରଧାନ, ଦିଲୀପ ସ୍ୱାଇଁ, ରିପନ ଦାସ ଓ ଅନିଲ ସାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବାଣପୁର:** ବାଲୁଗାଁ-ବାଣପୁର ଅଞ୍ଚଳର ବିଭିନ୍ନ ବିଷ୍ଣୁ ମନ୍ଦିର ସହ



ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍କନାଥ ଦେବଙ୍କ ପୀଠରେ ଶନିବାର ରାତିରେ ନନ୍ଦୋତ୍ସବ ପାଳନ କରାଯାଇଛି । ସକାଳେ ମଙ୍ଗଳ ଆଳତି, ଅବକାଶ, ଗୋପାଳବଲ୍ଲଭ କରାଯାଇ ଠାକୁରଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଅଣାଯାଇ ପ୍ରଭୁ ମଦନ ମୋହନ ରାମକୃଷ୍ଣଙ୍କ ସୁସଜ୍ଜିତ ଦୋଳି ସିଂହାସନକୁ ବିଜେ କରିଥିଲେ । ଦୋଳିରେ ବିରାଜମାନ ପ୍ରଭୁ ମଦନ ମୋହନ ରାମକୃଷ୍ଣଙ୍କୁ ବିଭିନ୍ନ ଫୁଲ, ଆଲୋକମାଳାରେ ସୁସଜ୍ଜିତ କରାଯାଇ କ୍ଷୀର, ସର, ଲହୁଣୀ, ଖିରି ଓ କାକରା ଆଦି ନୈବେଦ୍ୟ ଅର୍ପଣ କରାଯାଇଥିଲା । ସନ୍ଧ୍ୟା ଆଳତି ଓ ସନ୍ଧ୍ୟାଧୂପ ବଢ଼ିବା ପରେ ପ୍ରଭୁ ମଦନମୋହନ ପୁନଃ ରତ୍ନ ସିଂହାସନକୁ ବିଜେ କରିଥିଲେ । ପରେ ଶ୍ରୀଜୀଉଙ୍କ ତ୍ରିମୁଣ୍ଡି ଚନ୍ଦନ ଲାଗି, ବଡ଼ସିଂହାର ବେଶ କରାଯାଇ ରାତ୍ରଧୂପ ସମ୍ପନ୍ନ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ଦେବଦତ୍ତ ପାଣି, ଦାଶରଥି ସାହୁ, ବାଳମୁକୁନ୍ଦ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା



ଟାଙ୍ଗୀ,୧୭ ।୮ (ସମିସ): କନ୍ଧନୟାଗଡ଼ କଲ୍ୟାଣ ମଣ୍ଡପରେ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଆଗମନରେ ନୟାଗଡ଼ ଏବଂ ପୁରୀ ଜିଲ୍ଲାର ଶହ ଶହ ଶ୍ରଦ୍ଧାଳୁଙ୍କ ଗହଣରେ ପୂଜାର୍ଚ୍ଚନା କରି ଅବସ୍ଥାପିତ କରାଯାଇଛି । ପୁରୀ ଜିଲ୍ଲାରୁ ବାବାଙ୍କ ପାଦୁକା ଯାତ୍ରା ଆସି ରାମେଶ୍ୱରରେ ପହଞ୍ଚିବା ପରେ ନୟାଗଡ଼ ଜିଲ୍ଲା ସତ୍ୟସାଇ ସଂଗଠନର ଭକ୍ତବୃନ୍ଦ ଏହାକୁ ସ୍ୱାଗତ କରି ଏକ ବାଇକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ । କାନ୍ଧନୟାଗଡ଼ ବାଇପାସରୁ ଜିଲ୍ଲା କର୍ମକର୍ତ୍ତାଙ୍କ ସହ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ପାଦୁକାକୁ ସ୍ୱାଗତ କରାଯାଇଥିଲା । କଲ୍ୟାଣ ମଣ୍ଡପରେ ଭଜନ ଆଳତି ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ସୋମବାରଠାରୁ ପ୍ରତି ଗ୍ରାମରେ ପାଦୁକା ଯାତ୍ରା କରାଯିବ ବୋଲି ଜଣାପଡ଼ିଛି । ଓଡ଼ିଶା ରାଜ୍ୟ ଶାଖା ସତ୍ୟସାଇ ସଂଗଠନ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ନୟାଗଡ଼ ଜିଲ୍ଲା ସଭାପତି ପ୍ରତାପ ଦେଉରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଭକ୍ତ ବିଶ୍ୱଜିତ ମହାପାତ୍ର, ବ୍ରଜେନ୍ଦ୍ର ସାହୁ ପ୍ରଶାନ୍ତ କୁମାର ପ୍ରଧାନ, ବିନାୟକ ମହାରଣାଙ୍କ ସମେତ ରଣପୁର, ଗୋପାଳପୁର, ନୟାଗଡ଼, ଓଡ଼ଗାଁ ସଂଗଠନର ସମସ୍ତ ଭକ୍ତ ସହଯୋଗ କରିଥିଲେ ।

## ହରିଶ୍ଚନ୍ଦ୍ର ସହାୟତା ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ



ବେଗୁନିଆ,୧୭ ।୮ (ସମିସ): ବେଗୁନିଆ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ୧୯ ଜଣ ଓ ବାର୍ଦ୍ଧକ୍ୟ ଭତ୍ତା ୧୦ ଜଣଙ୍କୁ ବଣ୍ଟନ ହୋଇଛି । ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ । ସରପଞ୍ଚ ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ବରାଳ, ଜିଆରଏସ ସୁକାନ୍ତ କୁମାର ଜେନା ଓ ସମାଜସେବୀ ଆଲୋକ କୁମାର ଦାସ ପରିଚାଳନା କରିଥିଲେ ।

### ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ସର୍ବେକ୍ଷଣ

# ନୂତନ ପ୍ରସ୍ତର ଓ ତାମ୍ର ଯୁଗ ସଭ୍ୟତାର ସନ୍ଧାନ

ରେଢ଼ାଖୋଲ, ୧୭।୮ (ସମିସ)



ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଂଶାଜାଲ ପଞ୍ଚାୟତସ୍ଥିତ ଐତିହାସିକ ପୀଠ ମା' ସୁହାଣୀଙ୍କ ଠାରେ ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଇତିହାସ ବିଭାଗ ପ୍ରଫେସର ଡ଼ ଅତୁଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସର୍ବେକ୍ଷଣ କରିଥିଲେ। ଏଥିରେ ରହିଥିବା କିମ୍ବଦନ୍ତୀ ବିଷୟରେ ପରୀକ୍ଷଣ କରି ଡ଼ ଅତୁଲ ପ୍ରଧାନ କହିଥିଲେ ଯେ ମା' ସୁହାଣୀ ପ୍ରତିମା ଉପରେ ଖୋଦିତ ହୋଇ ରହିଥିବା ଅଭିଲେଖଗୁଡ଼ିକ ୧୮୦୦ ମସିହାର ବୋଲି ଜଣାପଡ଼ିଛି। ପାହାଡ଼ରେ ରହିଥିବା ବିଭିନ୍ନ ପ୍ରକାର ଚିତ୍ରଗୁଡ଼ିକ ବହୁ ପ୍ରାଚୀନ, ମା ସୁହାଣୀଙ୍କ ପ୍ରତିମାଟି ଗୋଟିଏ ପ୍ରସ୍ତରରେ ଗଠିତ ଏହା ରକକଟ୍ କଲ୍‌ଚରର ବୋଲି ଜଣାପଡ଼ିଛି। ଏଠାରେ ବ୍ରାହ୍ମୀ ଲିପିରେ ଖୋଦିତ ଅଭିଲେଖ ରହିଛି। ନାକଟିଦେଉଳ ଅଞ୍ଚଳରେ ଭୀମମଣ୍ଡଳୀ ଏବଂ ଉଷାକୋଟିରେ ଶୈଳଚିତ୍ର ରହିଛି। ଅଞ୍ଚଳରେ ନୂତନ ପ୍ରସ୍ତରଯୁଗ ଏବଂ ତାମ୍ର ଯୁଗର ସନ୍ଧାନ ଥିବା ସର୍ବେକ୍ଷଣରୁ ଜଣାପଡ଼ିଛି। ବିଶେଷ କରି ରେଢ଼ାଖୋଲ ବଡ଼ମାଳ ଅସୁରଗଡ଼ ଅଞ୍ଚଳରେ ପ୍ରାଚୀନ ଲୌହ ଯୁଗର ସଭ୍ୟତା ଆବିଷ୍କୃତ ହୋଇଛି। ରେଢ଼ାଖୋଲ ଅଞ୍ଚଳର ପୁରୁଣାଗଡ଼ ଓ ଖୁଲଗଡ଼ଠାରେ ବହୁ ପ୍ରାଚୀନ ସଭ୍ୟତାଗୁଡ଼ିକ ମାଟି ତଳେ ଦବି ରହିଛି। ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମାଟିତଳେ ଦବି ରହିଥିବା ପ୍ରସ୍ତରଗୁଡ଼ିକୁ ଖନନ କରାଯିବ। ଏଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ଦୁଇଟି ଲାଇସେନ୍ସପ୍ରାପ୍ତ ହୋଇଛି। ଏଥିରେ ଅର୍କୋଲୋଜି ତତ୍‌ଖନନ ବିଭାଗ ପକ୍ଷରୁ ଭୀମ ମଣ୍ଡଳୀଠାରେ ଖନନ ସର୍ବେକ୍ଷଣ କରାଯିବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ଼ ଅତୁଲଙ୍କ ନେତୃତ୍ୱରେ ପୁରୁଣାଗଡ଼ଠାରେ ମାଟି ତଳେ ଦବି ରହିଥିବା ପଦାର୍ଥକୁ ଖନନ କଲେ ପ୍ରାଚୀନ ଇତିହାସ ଲୋକଙ୍କ ସମ୍ମୁଖକୁ ଆସିପାରିବ ବୋଲି କହିଥିଲେ। ଏଥିରେ ମା' ସୁହାଣୀ ଦେବୀ କଳାପରିଷଦ ସଭାପତି ସଞ୍ଜୟ ସାଗର, ଭୀମ ମଣ୍ଡଳୀ ସଭାପତି ରମେଶ ସ୍ୱାଇଁ, ପ୍ରବୀଣ ଦେହୁରୀ

**ମା'ସୁହାଣୀଙ୍କ ପ୍ରତିମାରେ ଖୋଦିତ ଅଭିଲେଖ ୧୮୦୦ ମସିହାର**

(ମୁଖ୍ୟ ପୂଜକ), ଗୁଣନିଧି ପ୍ରଧାନ (ପୂର୍ବତନ ସରପଞ୍ଚ), ରତନ କୁମାର ରଣା (ପୂର୍ବତନ ନାଏବ ସରପଞ୍ଚ), ଉପ-ସଭାପତି ମା ସୁହାଣୀ ଦେବୀ କଳା ପରିଷଦ ହାଡିବନ୍ଧୁ ପଧାନ, ଗ୍ରାମବାସୀ କୃଷ୍ଣଚନ୍ଦ୍ର ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ଅଗସ୍ତି ନାଏକ, ପୀତବାସ ପ୍ରଧାନ, ଅମ୍ବି ପ୍ରଧାନ, ବିଷ୍ଣୁ ପ୍ରଧାନ, କିରନ ପ୍ରଧାନ, କେଦାରପ୍ରଧାନ, ରାମଲାଲ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଯାଦବ ସମାଜର ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ପାଳନ



ସମ୍ବଲପୁର, ୧୭।୮ (ସମିସ): ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଦୁର୍ଗାପାଲି ଲକ୍ଷ୍ମୀଡୁଙ୍ଗରୀସ୍ଥିତ କୁଷ୍ଠ କଲୋନୀଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ସମ୍ବଲପୁର ଯାଦବ ସଂଘର ସଭ୍ୟ/ସଭ୍ୟାମାନେ କଲୋନୀରେ ଥିବା ଅନ୍ତେବାସୀମାନଙ୍କ ସହିତ ପତାକା ଉତ୍ତୋଳନ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସଂଘର ସଭାପତି ଭୋଲାଶଙ୍କର ମହତମ୍, ସମ୍ପାଦକ ହେମନ୍ତ ଗହୀର ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ବିଜୟଲକ୍ଷ୍ମୀ ବେହେରା, ସୀମା ଷଣ୍ଢ, ଗୋପବନ୍ଧୁ ଷଣ୍ଢ, ପ୍ରଦ୍ୟୁମ୍ନ ପ୍ରଧାନ, ନୀଳମଣି ରାଉତ, ରାମଦିନ ଘୁସି, ସହଦେବ ଷଣ୍ଢ, ନବକିଶୋର ଜାଲ, ଲୋକନାଥ ବଗର୍ତ୍ତୀ, ଘନଶ୍ୟାମ ମହାକୁର, ତୋଫାନ ବେହେରା, ଜୟକିଶୋର୍ ଜାଲ, ଲୋକନାଥ ଅହିର, ନରସିଂହ ବଗର୍ତ୍ତୀ, ଗୁଣନିଧି ରାଉତ, ଜଗଦୀଶ ମଲ୍ଲିକ, ନିଖିଲ ନାଗ, ହରିହର ଷଣ୍ଢ ଓ ଅନ୍ୟାନ୍ୟ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ।

## ଚୋରି ମୋବାଇଲ ଉଦ୍ଧାର, ଜଣେ ଗିରଫ

ସମ୍ବଲପୁର, ୧୭।୮ (ସମିସ): ମୋବାଇଲ ଲୁଟ୍ ଅଭିଯୋଗରେ ଅଇଁଠାପାଲି ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି, ହୀରାକୁଦ ଥାନା ପାଣିଟାଙ୍କି ପଡ଼ାର ରତ୍ନାକର ବିଶ୍ୱାଳ ଓରଫ ମୁନୁ(୩୦)। ସୂଚନା ଅନୁସାରେ ଗତ ମେ' ୭ ତାରିଖ ରାତିରେ ସାକ୍ଷୀପଡ଼ାର ମନିଶ ଘୋଷ ଘରକୁ ଫେରୁଥିଲେ। ଜଗନ୍ନାଥ କୋଲନୀ ରେଲୱେ ଓଭରବ୍ରିଜ୍ ନିକଟରେ ଅଭିଯୁକ୍ତ ମୋବାଇଲ ଲୁଟି ନେଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ନିକଟରୁ ଚୋରି ମୋବାଇଲ ଉଦ୍ଧାର କରିଛି।

## ଜମନକିରା ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ

ଜମନକିରା, ୧୭।୮ (ସମିସ): ସ୍ଥାନୀୟ ଡାକ୍ତରଖାନା ପଡ଼ିଆଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ବିଡ଼ିଓ ରବୀନ୍ଦ୍ର କୁମାର୍ ସେଠୀ, ସାଂସଦଙ୍କ ବ୍ଲକ ପ୍ରତିନିଧି ରମେଶ ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ, ଅତିରିକ୍ତ ତହସିଲଦାର ସୌରଭ ସାହୁ, ଏବିଡିଓ ମହିମା ସାହୁ, ଏଇଇ ସତ୍ୟଜିତ ସାହୁ, ବିଇଓ ରୁକ୍ମଣ ପ୍ରଧାନ, ଆଇଆଇସି ପଦ୍ମାଳୟା ସାହୁ, ସମାଜସେବୀ ଆଦିପ୍ରସାଦ ମହାକୁଲ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ ସମବେତ ପାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ। ପିଇଟି ନାରାୟଣ ପଧାନ, ରଞ୍ଜନ ମହାକୁଲ୍, ତପନ୍ ଖୁଣ୍ଟିଆ ପ୍ରମୁଖ ସମବେତ ପାରେଡ୍ କୁ ପରିଚାଳନା କରିଥିଲେ। ସେହିପରି ଫାଶୀମାଲ ଆଞ୍ଚଳିକ




କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଦଳବେହେରା ପତାକା ଉତ୍ତୋଳନ କରାଯାଇଥିଲା।

## ସାମ୍ବାଦିକ ୟୁନିଅନ ଅଫିସରେ ସ୍ୱାଧୀନତା ଦିବସ



ଜମନକିରା, ୧୭।୮ (ସମିସ): ଜମନକିରା ସାମ୍ବାଦିକ ୟୁନିଅନ ଅଫିସ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଭାପତି କ୍ଷିତି ରଞ୍ଜନ ପଧାନ ଜାତୀୟ ପତାକା ଉତ୍ତୋଳନ କରିଥଲେ। କଦଳିମୁଣ୍ଡା ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ଲୋକ କବି ନନ୍ଦଲାଲ ସାହୁ ପତାକା ଉତ୍ତୋଳନ ରେ ସହଯୋଗ କରିଥିବାବେଳେ ସମ୍ପାଦକ ସନ୍ତୋଷ ପଟେଲ ଓ ସଞ୍ଜୟ ପଟେଲ ଜାତୀୟ ସଙ୍ଗୀତ ଗାନ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ରଞ୍ଜନ ସ୍ୱାଇଁ, ରାଜେନ୍ଦ୍ର ନାୟକ, ସଚ୍ଚିକାନ୍ତ ସାହୁ, ସୁବାଷ ଚନ୍ଦ୍ର ନାଥ ଶର୍ମା, ଦାମୋଦର ନାଏକ ପ୍ରମୁଖ ସଭ୍ୟ ମାନେ ଯୋଗଦେଇ ଥିଲେ। ଏହି ଅବସରରେ ସାମ୍ବାଦିକ ଭବନରେ ସଭପତି ଶ୍ରୀ ପାଧନ ଙ୍କ ଅଧ୍ୟକ୍ଷତା ରେ ତ୍ରୟମସିକ ବୈଠକ ଅନୁଷ୍ଠିତ ହେଇଥିଲା। ଏଥିରେ ଅନେକ ଗୁରୁତତ୍ୱପୂର୍ଣ ବିଷୟରେ ଆଲୋଚନା କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଘୋଷଣାକୁ ସରକାର ଗୁରୁତ୍ୱ ନଦେଇ ସାମ୍ବାଦିକଙ୍କ ଦାବି କୁ ଅବହେଳା କରୁଥିବା ନେଇ ସଭ୍ୟ ମାନେ ଅସନ୍ତୋଷ ବ୍ୟକ୍ତ କରିଥଲେ। ସଭ୍ୟ ମାନଙ୍କ ପାଇଁ ଏକ କଲ୍ୟାଣ ପାଣ୍ଠି ଗଠନ କରିବା ଓ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଜନପ୍ରତିନିଧି ଙ୍କୁ ପାଣ୍ଠି ପ୍ରଦାନ କରିବା ପାଇଁ ଅନୁରୋଧ କରିବାକୁ ପ୍ରସ୍ତାବ ଆଗତ ହୋଇଛି। ସମ୍ପାଦକ ଶ୍ରୀ ପଟେଲ ବିବରଣୀ ପଠନ କରିଥିବାବେଳେ କୋଷାଧ୍ୟକ୍ଷ ଅଶ୍?ନୀ ମହକୁଲ ଆୟବ୍ୟୟ ଉପସ୍ଥାପନ କରିଥଲେ। ସଞ୍ଜୟ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭୀମ୍‌ସାର ସୁରକ୍ଷା କର୍ମୀଙ୍କ ଗୁଣ୍ଡାରାଜ୍



ସମ୍ବଲପୁର, ୧୭।୮ (ସମିସ): ଭୀମସାର ସୁରକ୍ଷା କର୍ମୀଙ୍କ ଗୁଣ୍ଡାରାଜ। ମୋବାଇଲ ଚୋରି ଅଭିଯୋଗରେ ଯୁବଙ୍କୁ ନିସ୍ଥୁକ ପିଟିଲେ। ହାତ ଯୋଡି ଭୁଲ ମଗାଇ ଭିଡିଓ କରି ଭାଇରାଲ କଲେ। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବାବେଳେ ପୁଲିସ ଚୁପ୍। ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଯଦି ଜଣେ ଯୁବକ ଚୋରି କରି ଧରାପଡୁଛି ତେବେ ସୁରକ୍ଷା କର୍ମୀ କାହିଁକି ଆଇନ ହାତକୁ ନେଇଛନ୍ତି। ବିଗତ ଦିନରେ ସୁରକ୍ଷା କର୍ମୀ ବାଇକ ଚୋରି ଧରାପଡ଼ିବା ପରେ କାହିଁକି ସୁରକ୍ଷା କର୍ମୀ ଚୁପ୍‌ଥିଲେ। ମୋବାଇଲ ଚୋରି ଅଭିଯୁକ୍ତକୁ ପୁଲିସ ହାତକୁ ଦେବା କଥା ବୋଲି ଆଲୋଚନା ହେଉଛି।

## ଦାଦାଗିରି କରି ଟଙ୍କା ମାଗିବା ଅଭିଯୋଗ

ସମ୍ବଲପୁର, ୧୭।୮ (ସମିସ): ଧନୁପାଲି ଥାନା ଅଧୀନ ନକ୍ସାପାଲି ଅଞ୍ଚଳର ଏକ କଲେଜକୁ ଯାଇ ଗତକାଲି କିଛି ଯୁବକ ଟଙ୍କା ମାଗିଥିବା ଅଭିଯୋଗ ହୋଇଛି। ଗତକାଲି ରାତି ପ୍ରାୟ ୯ ଟା ସମୟରେ ୧୦ ରୁ ୧୨ ଜଣ ଯୁବକ ନକ୍ସାପାଲି ଠାରେ ଥିବା ଏକ ନର୍ସିଂକଲେଜକୁ ଯାଇ ସେଠିକାର କର୍ମଚାରୀଙ୍କୁ ଟଙ୍କା ଦେବା ପାଇଁ ଧମକ ଦେଇଥିଲେ। କିଛି ଯୁବକଙ୍କ ମୁହଁରେ କପଡ଼ାରେ ଘୋଡ଼ାଇ ହୋଇ କଲେଜ ଭିତରକୁ ପ୍ରବେଶ କରିଥିଲେ। ଏ ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହେଇଥିଲା। ସିସିଟିଭିର ସମସ୍ତ ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ପୁଲିସ ଏହି ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି।

## ବାମରା ବ୍ଲକକୁ ଏନ୍‌ଏସି ଘୋଷଣା

ସମ୍ବଲପୁର, ୧୭।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବାମରା ବ୍ଲକକୁ ଏନ୍‌ଏସି ଘୋଷଣା କରାଯାଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୭ ଜିଲ୍ଲାରୁ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ସେ ମଧ୍ୟରୁ ସମ୍ବଲପୁର ଜିଲ୍ଲାର ବାମରା ଓ ରେଙ୍ଗାଲି ରହିଛି। ପୂର୍ବରୁ ବାମରାକୁ ଏନ୍‌ଏସି ପାଇଁ ଦାବି ହୋଇଆସୁଥିଲା। ଶନିବାର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏବେ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି। ଲୋକଙ୍କ ଦାବି, ବଢୁଥିବା ଜନସଂଖ୍ୟା ଏବଂ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ସରକାର ଏହି ନିଷ୍ପତ୍ତି ହେଇଥିବା ଅଞ୍ଚଳବାସୀ କହିଛନ୍ତି।

## କଦଳୀମୁଣ୍ଡା ସ୍କୁଲରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଜମନକିରା, ୧୭।୮ (ସମିସ): ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ ଙ୍କ ନେତୃତ୍ୱ ରେ କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ' ଆସ ସ୍କୁଲ ଯିବା 'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବ ପ୍ରଥମେ 'ଆସ ସ୍କୁଲ ଯିବା 'ପଦ ଯାତ୍ରା କରା ଯାଇ ଥିଲା। ଏହି ପଦ ଯାତ୍ରା ରେ ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ପିତା, ମାତା, ଅଭିଭାବକ, ଆଶା ଅଙ୍ଗନବାଡି, ବୁଦ୍ଧି ଜୀବି ସମସ୍ତେ ସାମିଲ ହୋଇ ଥିଲେ। ଏହା ପରେ ସ୍କୁଲ ପରିସରରେ ଏକ ବୈଠକ 'ଆସ ସ୍କୁଲ ଯିବା 'କୁ ନେଇ ଅନୁଷ୍ଠିତ ହୋଇ ଥିଲା। ଏହି ବୈଠକ ରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଅରୁଣ କୁମାର ଦାସ, ଦେବକୀ ନାୟକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦାନ କରି ଡ୍ରପ୍‌ଆଉଟ ପିଲାମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ତା ଉପରେ ଆଲୋଚନା କରି ଥିଲେ। ଶିକ୍ଷକ ସୁବୋଧ କୁମାର ଶବର, ମିନ୍ନତି ମଲ୍ଲିକ, ସୁନିତା ପଧାନ, ୱାର୍ଡମେମ୍ବର ଶ୍ରୀପତି ଦେହୁରୀ ସହଯୋଗ କରିଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର, ୧୭।୮ (ସମିସ): ଆରପିଏଫ୍ ସମ୍ବଲପୁର ରେଳଷ୍ଟେସନରୁ ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁର ସଞ୍ଜୟ ମୁରୁଗନ(୨୪) ଓ ସୂର୍ଯ୍ୟ ରାଜା(୨୩)। ସେମାନଙ୍କ ନିକଟରୁ ୯ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ବୀର ବିର୍ସା ମୁଣ୍ଡା ୟୁଥ୍ କ୍ଲବ ପକ୍ଷରୁ ଫୁଟବଲ ମ୍ୟାଚ୍




ସମ୍ବଲପୁର, ୧୭।୮ (ସମିସ): ସ୍ୱାଧୀନ ଦିବସ ଉପଲକ୍ଷେ ହୀରାକୁଦସ୍ଥିତ ସୁବାସ ଫିଲ୍ଡରେ ଏକ ଦିବସୀୟ ଫୁଟବଲ୍ ମ୍ୟାଚ୍ ବୀର ବିର୍ସାମୁଣ୍ଡା ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ହୋଇଛି। ଫାଇନାଲରେ ଖ୍ରିଷ୍ଟିଆନ ପଡ଼ା ଓ ଲରପଙ୍କ ମଧ୍ୟରେ ହେଇଥିଲା। ଏଥିରେ ମୁଖ୍ୟ ଅଥିତି ଭାବେ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ ଓ ଯୁବ ମୋର୍ଚ୍ଚା ସଭାପତି ଅଶ୍ୱନୀ ମାଝୀ ଉପ ସଭାପତି ସୂଦୀପ ପରିଡ଼ା, ନାରାୟଣ ପଣ୍ଡା ଓ ସୁନୀଲ ସାଗର ମଞ୍ଚାସିନ ଥିଲେ। ଏହାକୁ ସମୀର ଲୁହା, ମନ୍ଦୀପ ଖଡିଆ, ସଞ୍ଜୟ ଖଡ଼ିଆ, ସନାତନ କଣ୍ଟା ପରିଚାଳନା କରିଥିଲେ।

## କଳାବଜାର ସାର ବିକ୍ରେତାଙ୍କୁ ଗିରଫ ଦାବି

ସମ୍ବଲପୁର, ୧୭।୮ (ସମିସ): ଚାଷୀଙ୍କୁ ଅଧିକ ଦରରେ ସାର ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଅପରାଧିକ ମାମଲାରେ ଗିରଫ କରି ଜେଲଦଣ୍ଡ ଦେବାକୁ ସମ୍ବଲପୁର ବିଚାର ମଞ୍ଚ ଦାବି କରିଛି। ମଞ୍ଚର ଆବାହକ ବେଣୁଧର ଦାସ ଏବଂ ଯୁଗ୍ମ ଆବାହକ ଦୁର୍ଗାମାଧବ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଠାରୁ ପ୍ରାୟ ଦେଢ ଦୁଇ ଗୁଣ ଦରରେ ସାର କିଣିବାକୁ ବାଧ୍ୟ କରାଯାଉଛି। ଗତକାଲି କୃଷକ ସଙ୍ଗଠନ ୟୁରିଆ ସାର କଳାବଜାର ହେଉଥିବା ଖବର ପାଇ ଗୋପାଳପାଲି ସ୍ଥିତ ଏକ ସାର ବ୍ୟବସାୟ କେନ୍ଦ୍ରକୁ ଚଢ଼ଉ କରି ଜିଲ୍ଲାରେ ଚାଲିଥିବା ସାର ବିଶେଷ କରି ବହୁଳ ଭାବରେ ବ୍ୟବହାର ହେଉଥିବା ୟୁରିଆ ସାରର କଳା ବଜାର ଖବରକୁ ସତ୍ୟ ପ୍ରମାଣିତ କରିଛନ୍ତି। ତେବେ ଜିଲ୍ଲାରେ ଚାଲିଥିବା ସାର କଳାବଜାରୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଅପରାଧୀକ ମାମଲା ରୁଜୁ କରିବାକୁ ତଥା କଳାବଜାରୀକୁ ପ୍ରୋତ୍ସାହିତ କରୁଥିବା ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି।

## ଯୁବକଙ୍କୁ ଭୁଜାଲିରେ ଆକ୍ରମଣ

ସମ୍ବଲପୁର, ୧୭।୮ (ସମିସ): ଘରକୁ କାମ ସାରି ଫେରୁଥିବା ବେଳେ ଯୁବକଙ୍କୁ ଆକ୍ରମଣ କରାଯାଇଛି। ସୂଚନା ଅନୁସାରେ ପଧାନପାଲିର ଅର୍ଜୁନ ସାହୁ ଶାସନ ଟୋଲରେ କାମ କରନ୍ତି। ଗତକାଲି ଦିନରେ ସେ ଘରକୁ ଫେରୁଥିଲେ। ଟୋଲ ଗେଟ ପାଖ ପଧାନପାଲି ତଳି ଛକର ଏକ ପାନ ଦୋକାନ ସାମ୍ନାରେ କିଛିଲୋକ ତାକୁ ଗାଳିଗୁଲଜ କରିଥିଲେ। ଅର୍ଜୁନ ପ୍ରତିବାଦ କରିବାରୁ ଶାଶ୍ୱତ ବାରିକ, ବିକାଶ ବାରିକ, ମହେନ୍ଦ୍ର ବାରିକ, ବିପ୍ର ଚରଣ ପ୍ରଧାନ ଗୋଡେଇ ଗୋଡେଇ ଭୁଜାଲିରେ ହାଣିଥିଲେ। ଗୁରୁତର ଅବସ୍ଥାରେ ଅର୍ଜୁନକୁ ପ୍ରଥମେ ଜିଲ୍ଲା ଚିକିତ୍ସାଳୟ, ତାପରେ ବୁର୍ଲା ଭୀମସାର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ଶାସନ ଥାନାରେ ଅଭିଯୋଗ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି।

## ୟୁୟୁମୁରା କଲେଜର ପ୍ରତିଷ୍ଠା ଦିବସ




ସମ୍ବଲପୁର, ୧୭।୮ (ସମିସ): ୟୁୟୁମୁରା ସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୯ ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଧୁମଧାମରେ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ବିଜୟାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଅଧ୍ୟାପକ ପଦ୍ମନାଭ ସାମଲ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ସମାବେଶର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ ଏବଂ କଲେଜର ଯାତ୍ରା ଏବଂ ଏହାର ଶିକ୍ଷାଗତ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ହେମାଞ୍ଚଳ ମହାପାତ୍ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ସେ ବିଗତ ବର୍ଷର ସଫଳତା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତ ଯୋଜନା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ଡ. ପ୍ରୀତିଧାରା ପରିଜା ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ଏହି ଅବସରରେ ୨୦୨୫ର ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଥମ ଶ୍ରେଣୀ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଗୁରୁ ଚରଣ ସାହୁ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ଇପ୍ସିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରମୋଦ ଛନ୍ଦ, ମାମିନା ରାଣୀ ଶତପଥୀ, ରାମି ଅମାନ୍ତ, କରମ ଚାନ୍ଦ ସେଠ୍ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ଡୁଙ୍ଗୁରୀ ବିକଶିତ ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

### ଭାରତୀ ସମାଜ ପକ୍ଷରୁ ଦଶମ ସମର୍ପଣ ଉତ୍ସବ

ସମ୍ବଲପୁର, ୧୭।୮ (ସମିସ)




ସମ୍ବଲପୁର ମହାନଗର ନିଗମ ଅଧୀନ ଲକ୍ଷ୍ମୀ ଡୁଙ୍ଗୁରୀରେ ରବିବାର ଭାରତୀ ସମାଜ ପକ୍ଷରୁ ଦଶମ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ ପାଦ ଦେଶରେ ବର ପିପ୍ପଳ ଚାରା ଲଗାଯିବା ସହ ସେଗୁଡିକୁ ସମ୍ବଲପୁରର ଐତିହାସିକ ଚରିତ୍ରମାନଙ୍କ ନାମରେ ସମର୍ପଣ କରାଯାଇଥିଲା। ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇଙ୍କ ପୌରୋହିତ୍ୟରେ ଦ୍ୱିତୀୟ ବୁଦ୍ଧଙ୍କ ନାମରେ ପରିଚିତ ଗୁରୁ ପଦ୍ମସମ୍ଭବ ଏବଂ ଲକ୍ଷ୍ମୀଡୁଙ୍ଗୁରୀର ନାମକରଣ ହୋଇଥିବା ଅଷ୍ଟମ ଶତାବ୍ଦୀର ବିଶିଷ୍ଟ ତନ୍ତ୍ର ସାଧିକା ତଥା ସହଜଯାନର ପ୍ରଚାରିକା ଲକ୍ଷ୍ମୀକରାଙ୍କ ନାମରେ ଗଛ ଗୁଡିକୁ ଲଗାଯାଇଥିଲା। ଚାରାରୋପଣ ପରେ ପୂଜାର୍ଚ୍ଚନା କରାଯାଇ ଉଭୟଙ୍କ ନାମରେ ଚାରାଗୁଡିକୁ ସମର୍ପଣ କରାଯାଇଥିଲା। ଆଜିର ସମର୍ପଣ ଉତ୍ସବରେ ପୁଣିଥରେ ପ୍ରଶାସନକୁ ଏହି ଦାବି ଉପରେ ଆଲୋଚନା କରାଯାଇଥିଲା। ସମ୍ବଲପୁର, ହୀରାକୁଦ ଏବଂ ବୁର୍ଲା ସହ ମଧ୍ୟସ୍ଥଳରେ ଏବଂ ମହାନଦୀ ତଟରେ ଏହି ସ୍ଥାନ ରହିଥିବା ବେଳେ ଏହାର ବିକାଶ ହେଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ଭାରତୀ ସମାଜର ଅବିନାଶ କଣ୍ଟା କହିଥିଲେ।

# ମାଁ ସମଲେଶ୍ୱରୀ ମନ୍ଦିରରେ ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ



ବରଗଡ଼,୧୭।୮ (ସମିସ): ବରଗଡ଼ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ପଣ୍ଡିତ ମାନଙ୍କ ଉପସ୍ଥିତିରେ ଚଳିତ ବର୍ଷ ପାଇଁ ନବାନ୍ନ ଭକ୍ଷଣର ସମୟ ନିରୂପଣ କରାଯାଇଛି। ବରଗଡ଼ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କର ପରମ୍ପରାରେ ମାଁଙ୍କୁ କେତେବେଳେ ନବାନ୍ନ ଭୋଗ କରାଯାଏ, ମୁଖ୍ୟ ପଣ୍ଡିତ ବା ସେବକଙ୍କ ବ୍ୟତୀତ କେହି ଜାଣନ୍ତି ନାହିଁ। ବିଧି ଓ ପରମ୍ପରା ଅନୁଯାୟୀ ଅଗଷ୍ଟ ୨୭ ତାରିଖ ବୁଧବାର ନିଶାର୍ଦ୍ଧ ପରେ ୨୮ ତାରିଖ ଗୁରୁବାର ପାହାନ୍ତିଆ ହେବା ପୂର୍ବରୁ ଏକ ନିଝାଟ ଶୂନଶାନ ସମୟରେ ମାଁଙ୍କୁ ନବାନ୍ନ ଭୋଗ ଅର୍ପଣ କରାଯିବ। ଆସନ୍ତା ଭାଦ୍ରବ ଶୁକ୍ଳ ପଞ୍ଚମୀ ସିଂହ ୧୨ ଦିନ ଅଗଷ୍ଟ ୨୮ ତାରିଖ ଗୁରୁବାର ବିଶୁଦ୍ଧ ତୁଳା ଲଗ୍ନେ ତୁଳଚନ୍ଦ୍ରେ ସ୍ୱାତି ନକ୍ଷତ୍ରେ ଶୁକ୍ଳ ଯୋଗେ ମୀନ ନବାଂଶେ ପୂର୍ବାହ୍ନ ଘ୧୦/୨୩ ମିରୁ ୧୦/୩୭ ମି ସମୟ ମଧ୍ୟରେ ସର୍ବସାଧାରଣ ମାନେ ନିଜ ଇଷ୍ଟଦେବୀ କୁଳଦେବୀଙ୍କୁ ନବାନ୍ନ ଅର୍ପଣ କରିପାରିବେ ଏବଂ ନିଜେ ନବାନ୍ନ ଭକ୍ଷଣ କରିପାରିବେ। ସଭାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମଲେଶ୍ୱରୀ ମନ୍ଦିର କମିଟି ସଭାପତି ସମୀର ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ଜଗଦୀଶ ନାଏକ, ଗଣେଶରାମ ଦ୍ୱାରି, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା, ଦୀପକ ଶର୍ମା, ପଣ୍ଡିତ ଗୌରାଙ୍ଗ ନାଏକ, ପଣ୍ଡିତ ଉଦ୍ଧବ ଡାଙ୍ଗ ସମେତ ବହୁ ବିଶିଷ୍ଟ ପଣ୍ଡିତ ଓ ଭକ୍ତ ଉପସ୍ଥିତ ଥିଲେ।

# ‘ଆସ ଆମେ ସ୍କୁଲ ଯିବା’ କାର୍ଯ୍ୟକ୍ରମ

ବରଗଡ଼, ୧୭।୮ (ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଣା ପ୍ରତାପ ସ୍କୁଲରେ ‘ଆସ ଆମେ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ, ବବିତା ନାଏକ ପ୍ରମୁଖ ଉପସ୍ଥିତ ରହି ଡ୍ରପ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଇ କିପରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ଓ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ। ସୁନୀତା ମିଶ୍ର ଆସ ଆମେ ସ୍କୁଲ ଯିବା’ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଅଭିଭାବିକାଙ୍କୁ ମିଳିତ ଶପଥ ପାଠ କରାଇଥିଲେ।

**ପଦ୍ମପୁର:** ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଳ ତରଫରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଙ୍କ ତରଫରୁ ‘ଆସ ଆମେ ସ୍କୁଲ ଯିବା’ ଅଭିଯାନ କାର୍ଯ୍ୟକ୍ରମ ଉପରେ ଗାଁରେ ସଚେତନତା ପଦଯାତ୍ରା କରାଯାଇଛି। ପଦଯାତ୍ରା ପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ,




ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଭ୍ୟସଭ୍ୟା ମାନଙ୍କୁ ନେଇ ଅଭିଯାନ ଉପରେ ମିଳିତ ବୈଠକ ହେଇଥିଲା। ପଳସାପାଲି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗାଁରେ ଅଧାରୁ ପାଠପଢ଼ା ଛାଡି ଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଇବା ସହିତ ଶିକ୍ଷାର ମାନ ବୃଦ୍ଧି କରିବାରେ ସରକାରଙ୍କ ଦ୍ୱାରା ନେଇଯାଇଥିବା ପଦକ୍ଷେପକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଗଲା।

**ପଦ୍ମପୁର:** ରାଜବୋଡାସମ୍ବର ବ୍ଲକ୍ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାଧବ ବରିହାଙ୍କ ନେତୃତ୍ୱରେ ‘ଆସ ଆମେ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଗଣ, ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇ ପ୍ଲାକାର୍ଡ ଓ ବ୍ୟାନର ଧରି ସଚେତନତା ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡିଥିବା ପିଲା ଓ ଅଭିଭାବକଙ୍କ ସହ ଆଲୋଚନା କରି ପୁଣି ବିଦ୍ୟାଳୟ ଆସିବାକୁ ଉତ୍ସାହିତ କରିଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଲଖମରା ଆଞ୍ଚଳିକ ସାଧନ କେନ୍ଦ୍ରରେ ‘ଆସ ଆମେ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡା ଓ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ହୋତାଙ୍କ ଉଦ୍ୟମରେ ଦଶମ ଶ୍ରେଣୀରୁ ପାଠ ପଢ଼ାରେ ଡୋରି ପଡିଥିବା ତିନି ଜଣ ଛାତ୍ରୀ ପ୍ରଭାସିନୀ ଭୋଇ, ଛାତ୍ର ଶୁଭମ୍ ସୁନାମି, ରାହୁଲ ଧରୁଆଙ୍କର ରାଜ୍ୟ ମୁକ୍ତ ବିଦ୍ୟାଳୟ ଅଧୀନରେ ଦଶମ ଶ୍ରେଣୀରେ ନାମ ଲେଖା ହୋଇପାରିଛି।

ସହକାରୀ ଶିକ୍ଷକ ବ୍ରଜକିଶୋର ଭୀଲ, ଦେବବ୍ରତ ମେହେର ସିଆରସିସି ପଣ୍ଡା ଓ ପ୍ରଧାନ ଶିକ୍ଷକ ହୋତା ମିଳିତ ଭାବେ ଉକ୍ତ ଛାତ୍ର ଛାତ୍ରୀଙ୍କ ଅଭିଭାବକଙ୍କୁ ଭେଟି ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳ ହୋଇପାରିଛନ୍ତି। ଏତଦବ୍ୟତୀତ ଏହି କାର୍ଯ୍ୟକ୍ରମ ଅଧୀନରେ କ୍ଲଷ୍ଟରର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକର ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବାକୁ ଉଦ୍ୟମ କରାଯାଇଛି।

## ବୀର ଛକରେ ଶହୀଦ ମାଧୋଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ଦାବି

ବରଗଡ଼,୧୭।୮ (ସମିସ): ବରଗଡ଼ ସହରର ବୀରଛକରେ ଶହୀଦ ମାଧୋ ସିଂହ ଓ ତାଙ୍କ ବୀର ପୁତ୍ର ହଟେ, କୁଞ୍ଜଲ, ବୈରୀ ଏବଂ ଐରୀ ସିଂହଙ୍କ ସ୍ମୃତିରକ୍ଷା ତଥା ପ୍ରତିମୂର୍ତ୍ତୀ ସ୍ଥାପନ ନିମନ୍ତେ ଦାବି କରାଯାଇଛି। ଘେଁସର ଶହୀଦ କୁଞ୍ଜଳ ସିଂହ କ୍ଲବ୍ ପକ୍ଷରୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ଭେଟି ଏ ସମ୍ବନ୍ଧରେ ଦାବିପତ୍ର ପ୍ରଦାନ କରାଯାଇଛି। ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ସହରର କୌଣସି ମାର୍ଗକୁ ଶହୀଦ ମାଧୋ ସିଂହଙ୍କ ନାମରେ ନାମିତ କରାଯିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୧୯୯୭ ମସିହାରେ ଶହୀଦ କୁଞ୍ଜଳ ସିଂହ କ୍ଲବ୍‌ର ଅନୁରୋଧ, ସାମ୍ବାଦିକ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ, ପ୍ରଫେସର ସ୍ୱର୍ଗତ ନାରାୟଣ ପୃଷେଠ ଏବଂ ବରଗଡ଼ ସାମ୍ବାଦିକ ମାନଙ୍କ ଆନ୍ତରିକ ଉଦ୍ୟମ ତଥା ତତ୍କାଳୀନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପ୍ରଚେଷ୍ଟା ଫଳରେ ବରଗଡ଼ର ହଳଦୀପାଲି ଛକକୁ ଶହୀଦ ମାଧୋ ସିଂହ ଓ ତାଙ୍କ ପରିବାରର ସ୍ମୃତିରେ ବୀର ଛକ ଭାବେ ନାମିତ କରାଯିବା ସହିତ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ପ୍ରକାର ଉନ୍ନତିକରଣ କରାଯାଇନାହିଁ।

## କୋଶଳୀ ଭାଷାକୁ ଅଷ୍ଟମ ସୂଚୀରେ ସ୍ଥାନ ପାଇଁ ଦାବି

ବରଗଡ଼,୧୭।୮ (ସମିସ): ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ କୋଶଳୀ କ୍ରିୟାନୁଷ୍ଠାନ କମିଟି ତରଫରୁ ‘ଯୁଆନ ସାହିତ୍ୟ ଉଛବ’ ଆୟୋଜିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାରରଂଜନ ମହାନନ୍ଦ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଜୟଦ୍ରଥ ସୁନା ଯୋଗ ଦେଇଥିଲେ। ଏହି ଅଧିବେଶନକୁ ଅନୁଷ୍ଠାନର ଆବାହକ ସାକେତ ଶ୍ରୀଭୂଷଣ ସାହୁ ସଂଯୋଜନା କରିଥିଲେ। ଅତିଥିମାନେ ପଶ୍ଚିମ ଓଡ଼ିଶାର ଭାଷା ଅଷ୍ଟମ ସୂଚୀରେ ସ୍ଥାନ ପାଇବା ଉଚିତ ବୋଲି ଦୃଢ଼ ମତ ପ୍ରକାଶ କରିଥିଲେ। ଶ୍ରୀ ସାହୁଙ୍କ ରଚିତ ‘କୋସଲି ସାହିତ୍ୟର ଇତିହାସ’, ତାଙ୍କ ସଂପାଦିତ ପ୍ରାୟ ୬୦ ଜଣ ନିର୍ବାଚିତ ଯୁବ କବିଙ୍କ ସଂକଳନ ‘କୋସଲ ବାହିର ଯୁଆନ ସୋର’, ଓ ଗଣେଶ ବାରିକଙ୍କ କବିତା ସଂକଳନ ‘ଆକାଶମୁହାଁ ସୁଖ’ ଉନ୍ମୋଚିତ ହୋଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନରେ ଚାଷୀନେତା ଲିଂଗରାଜ, ସଂଗୀତା ପଣ୍ଡା ଷଡଂଗୀ ଯୋଗଦେଇଥିବା ବେଳେ ଅଧିବେଶନକୁ ରାଜେଶ ଦଣ୍ଡସନା ସଂଯୋଜନା କରିଥିଲେ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରାୟ ୬୦ ଜଣ ଯୁବ କବି ସ୍ୱରଚିତ କବିତା ପାଠ କରିଥିଲେ। ଗଣେଶ ବାରିକ ଧନ୍ୟବାଦ ଦେଇଥିଲେ।

## ଏସ୍‌ଆଇ ଗିରୀଶ ରାଷ୍ଟ୍ରପତି ସାହସିକତା ପଦକରେ ସମ୍ମାନିତ

ବରଗଡ଼,୧୭।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଏବଂ ଆରକ୍ଷୀ ମହାନିରୀକ୍ଷକ ରାଜ୍ୟ ଆରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ, ସ୍ୱରାଷ୍ଟ୍ର ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ରାଷ୍ଟ୍ରପତି ସାହାସିକତା ପଦକ ସମ୍ମାନରେ ୬ ଜଣ ପୁଲିସ କର୍ମଚାରୀଙ୍କୁ ରାଷ୍ଟ୍ରପତି ସାହାସିକତା ପଦକ ଦେଇ ସମ୍ମାନିତ କରାଯାଇଛି। ସେମାନେ ହେଲେ ଏସଆଇ ଗିରୀଶ ଚନ୍ଦ୍ର ମାଝୀ, ହାବିଲଦାର ପବିତ୍ର ସାହୁ, ହାବିଲଦାର ଉମେଶ ମୁଣ୍ଡା, କନେଷ୍ଟବଳ ପିତାମ୍ବର ସତନାମୀ, କନେଷ୍ଟବଳ କବିଚନ୍ଦ୍ର ରାଉତ ଓ କନେଷ୍ଟବଳ ସୁଶାନ୍ତ ସାରଙ୍କୁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ କରିଛନ୍ତି। ସେମାନେ ୨୦୨୨ ମସିହା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଗନ୍ଧମାର୍ଦ୍ଦନ ମାଓ ବିରୋଧୀ ଅପରେସନରେ ମାଓବାଦୀଙ୍କ ଦମନ କରିଥିଲେ।

ଏସଆଇ ଶ୍ରୀ ମାଝୀ ବଲାଙ୍ଗିର ଜିଲ୍ଲାର ହୋଇଥିବା ବେଳେ ବରଗଡ଼ ଜିଲ୍ଲାର ଜ୍ୱାଇଁ ପୁଅ ଅଟନ୍ତି। ବର୍ତ୍ତମାନ ଭଞ୍ଜନଗର ଅଷ୍ଟମ ସ୍ୱତନ୍ତ୍ର ଆଇଆଇ ବାଟାଲିଅନର ଆରକ୍ଷୀ ଉପନିରୀକ୍ଷକ ଭାବେ ଦାୟିତ୍ୱରେ ଅଛନ୍ତି। ତାଙ୍କ ସଫଳତାର ଲୋକଙ୍କ ଶୁଭେଚ୍ଛାର ସୁଅ ଛୁଟୁଛି।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ



କୁଚିଣ୍ଡା,୧୭।୮ (ସମିସ): କୁଚିଣ୍ଡା କଲେଜ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ ସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡସ୍ତରୀୟ ପୁଲିସ ଅଧିକାରୀ ପ୍ରଦୀପ କୁମାର ଦାସ, ସହକାରୀ ଉପଜିଲ୍ଲାପାଳ ଲୋଚନ ଶବର, ସାଗର ପ୍ରଧାନ, ରମେଶ ସାହୁ, ଡେପୁଟି କଲେକ୍ଟର ସରିତା ଓରାମ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, କୁଚିଣ୍ଡା ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳ, ଜେଲ ସୁପରିଟେଣ୍ଡେନ, ଅଗ୍ନିଶମ ଅଧିକାରୀଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ପରେଡରେ କୁଚିଣ୍ଡା ମହାବିଦ୍ୟାଳୟର ଏନସିସି, ୟୁଥ ରେଡକ୍ରସ, ମହିଳା ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏନସିସି, ଶ୍ରୀ ଅରବିନ୍ଦ ବିଦ୍ୟାଳୟ ,ଏକଲବ୍ୟ ମଡେଲ ସ୍କୁଲ, ସେଣ୍ଟ ଥୋମସ ଇଂରାଜୀ ବିଦ୍ୟାଳୟ ,କୁଇନ ସ୍କୁଲ ଆଦି ଅଂଶଗ୍ରହଣ କରିଥିଲେ। ସେହିପରି କୁଚିଣ୍ଡା ମହାବିଦ୍ୟାଳୟରେ ଅଧକ୍ଷ ଡ.ସୁମନ୍ତ ନାୟକ, ଶ୍ରୀଅରବିନ୍ଦ ବିଦ୍ୟାଳୟରେ ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, କୁଚିଣ୍ଡା ଡକ୍ଟରଖାନାରେ ପରିଚାଳକ ଡ଼ା .ସୁବୋଧ କୁମାର ନାୟକ , ବିଡିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, କୁଚିଣ୍ଡା ଏନଏସି ରେ ଚେୟାରମ୍ୟାନ ପ୍ରଦ୍ୟୁତ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିଲେ।

## ବିଜେପୁର ପୁଲିସ ପକ୍ଷରୁ ହିତାଧିକାରୀଙ୍କୁ ମୋବାଇଲ ପ୍ରଦାନ

ବିଜେପୁର,୧୭।୮ (ସମିସ): ଆଜି ଯାହା ହାତକୁ ଦେଖିବ ଖଣ୍ଡିଏ ମୋବାଇଲ ଫୋନ ଥିବ। ମୋବାଇଲ ଫୋନ ଦ୍ୱାରା ଦୂର ସ୍ଥାନରେ ଥିବା ନିଜ ସମ୍ପର୍କୀୟ, ସାଙ୍ଗସାଥି ମାନଙ୍କ ସହିତ ନିମିଷକେ ଭାବ ଆଦାନ ପ୍ରଦାନ କରି ହେଉଛି। ଏପରି କି ଛାତ୍ରଛାତ୍ରୀଙ୍କ ପାଇଁ ନିତିଦିନିଆ ଅନଲାଇନ ପାଠରେ ସାଥି ହୋଇଛି ଏଇ ମୋବାଇଲ।

କିନ୍ତୁ ଅନେକ ଜାଗାରେ ମୋବାଇଲ ଫୋନ ଚୋରି, ଲୁଟ ଏବଂ ହଜି ଯିବା କାରଣକୁ ନେଇ ବିଭିନ୍ନ ଥାନା ମାନଙ୍କୁ ଅଭିଯୋଗ ଲୋକେ କରିଥାନ୍ତି। କିନ୍ତୁ କୌଣସି ଆଖି ଦୃଶିଆ ସୁଫଳ ମିଳି ପାରୁନଥିଲା। ଏହାକୁ ଗୁରୁତ୍ୱ ଦେଇ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନ ଏବଂ ବରଗଡ଼ ସାଇବର ସେଲ୍‌ର ମିଳିତ ଉଦ୍ୟମରେ ୯ଟି ମୂଲ୍ୟବାନ ମୋବାଇଲ ଫୋନ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ପ୍ରକୃତ ହିତାଧିକାରୀ ମାନଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ବିଜେପୁର ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି ଜନ ସାଧାରଣଙ୍କୁ ଏକ ସଚେତନତା ବାର୍ତ୍ତାରେ ଜଣାଇଛନ୍ତି ଯେ, ମୋବାଇଲ ଫୋନ ଚୋରି, ଲୁଟ କିମ୍ବା ହଜିଗଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରିବା ସହ ସଙ୍ଗେସଙ୍ଗେ ଉରଓଜ ପୋର୍ଟାଲ୍‌ରେ ବ୍ଲକ୍ କରିବାପାଇଁ ଅନୁରୋଧ କରିଛନ୍ତି।

## ବିଧାୟକଙ୍କ ଗାଇସିଲେଟ ଗସ୍ତ



ଗାଇସିଲେଟ,୧୭।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ନିର୍ବାଚନ ମଣ୍ଡଳୀର ବିଧାୟକ ସନତ ଗଡତିୟା ଗାଇସିଲେଟ ଗସ୍ତ କରି ଫିରିଙ୍ଗିମାଲରେ ନାବାଳିକା ଆତ୍ମଦାହ ଘଟଣାର ପୀଡିତା ପରିବାରକୁ ସାକ୍ଷାତ କରିଛନ୍ତି। ପରିବାରକୁ ଶାନ୍ତ୍ୱନା ଓ ଆଶ୍ୱାସନା ଦେବା ସହ ନିଜେ ଏ ସମ୍ପର୍କରେ ବରଗଡ଼ ଜିଲ୍ଲାପାଳଙ୍କ ସହିତ ବିଶଦ ଆଲୋଚନା କରିଥିବା କଥା ପ୍ରକାଶ କରିଥିଲେ। ପରେ ଗାଇସିଲେଟ ବ୍ଲକ୍‌କୁ ଆସି ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ, ତହସିଲଦାର ନେନସି ଖାଲକୋ, ବିଡିଓ ଭୀଷ୍ମ ମାଝୀ ଓ ରାଜସ୍ୱ ନିରୀକ୍ଷକ ବିଶ୍ୱ ପ୍ରତାପ ପାଣିଙ୍କ ସହିତ କୃଷକଙ୍କ ଧାନକାର୍ଡ ପଞ୍ଜୀକରଣ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ବ୍ଲକ୍‌ର ବୁଦ୍ଧିଜୀବୀ, ସାମ୍ବାଦିକ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଗାଇସିଲେଟରେ ବସଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ସମୟରେ ଲୋକେ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଘରୋଇ ଚିକିତ୍ସାଳୟକୁ ଯିବାରେ ଅସୁବିଧା ଭୋଗୁଛନ୍ତି। ଏଦିଗରେ ଏକ ପ୍ରାଇଭେଟ ଆମ୍ବୁଲାନ୍ସ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ପରେ କଲଙ୍ଗାପାଲି ଠାରେ ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ଗାଇସିଲେଟ ସାମ୍ବାଦିକ ସଂଘର ଅନୁରୋଧରେ ଏକ ସାମ୍ବାଦିକ ଭବନ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସହଯୋଗ ପୂର୍ବକ ପାଣିର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଥିଲେ।

## ଧରଣୀଧର ସାହୁ ମେଧା ବୃତ୍ତି ପ୍ରଦାନ



ବରଗଡ଼,୧୭।୮ (ସମିସ): ବରଗଡ଼ ରାଣା ପ୍ରତାପ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ୱର୍ଗତ ଧରଣୀଧର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଧରଣୀଧର ମେଧା ବୃତ୍ତି ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୂଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଛାତ୍ର ମନୋଜ ମହାନନ୍ଦ, ସମ୍ମାନିତ ଅତିଥି ଶିକ୍ଷାବିତ ସତ୍ୟେନ୍ଦ୍ରିୟ ଦେବତା, ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟି ତ୍ରିପାଠୀ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ ଓ ଗୀତା ଜାଲ ପରିଚାଳନା କରିଥିଲେ।

## ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ‘ଗଙ୍ଗାଧର ସ୍ମୃତିଭବନ’ ଉନ୍ମୋଚିତ



ବରଗଡ଼,୧୭।୮ (ସମିସ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ କବିଙ୍କ ଜନ୍ମଗୃହ କବିଭବନ ଠାରେ ‘ଗଙ୍ଗାଧର ସ୍ମୃତିଭବନ’ ଶୀର୍ଷକ ବହି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର ମେହେର ବହିଟିର ରଚୟିତା। ପ୍ରଫେସର ମେହେରଙ୍କ ଅଗ୍ରଜ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ମେହେର ଏହାକୁ ପ୍ରକାଶ କରିଛନ୍ତି। ୧୯୫୪-୫୫ ମସିହାରେ ଗଙ୍ଗାଧରଙ୍କ ଶ୍ରେଷ୍ଠ ସ୍ମୃତି ପୂଜକମାନଙ୍କ ଦ୍ୱାରା ସ୍ମୃତିଭବନ ନିର୍ମିତ ହୋଇଥିଲା। ଜନସାଧାରଣ ଓ ସରକାରଙ୍କ ଆର୍ଥିକ ସାହାଯ୍ୟରେ ନିର୍ମିତ ଏହି ସ୍ମୃତିଭବନର ଶୁଭ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ଶିକ୍ଷାମନ୍ତ୍ରୀ ତଥା ସମାଜର ସମ୍ପାଦକ ରାଧାନାଥ ରଥ। ପୁସ୍ତକଟିରେ ସ୍ମୃତି ଭବନର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରାଯାଇଛି। ବର୍ତ୍ତମାନ ସେହି ଐତିହାସିକ ପବିତ୍ର ପୀଠ ନିଶ୍ଚିହ୍ନ ହେଲାଣି। ଭବନର ପୁନଃନିର୍ମାଣ ସକାଶେ ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କନ୍ୟାବିବାହ ସହାୟତା ବାତିଲ ଓ ଦରମା ବୃଦ୍ଧିରେ ଅବହେଳାକୁ ନିନ୍ଦା

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସାଧାରଣ ବୈଠକ

ରେଢ଼ାଖୋଲ,୧୭।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସ୍ଥିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କାର୍ଯ୍ୟାଳୟ ପରିସରରେ ଡିଭିଜନ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସରକାର କନ୍ୟା ବିବାହ ସହାୟତାକୁ ବାତିଲ କରିଦେବା, ସିଜନାଲ କର୍ମଚାରୀଙ୍କ ଦରମାକୁ ସର୍ବନିମ୍ନ ମଜୁରୀ ଅନୁପାତ ଅନୁଯାୟୀ ବୃଦ୍ଧି ନକରିବା ଏବଂ କେନ୍ଦୁପତ୍ରର ଦରବୃଦ୍ଧି ନହେବା ବିଷୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରାଯିବା ସହ ଏହି ଅବହେଳାକୁ ବିରୋଧ କରିବା ପାଇଁ ଆଗାମୀ ଦିନରେ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରାଜ୍ୟ ସରକାରଙ୍କୁ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି। ସେହିପରି ଭାବେ ଏହିବର୍ଷ ସଂଗ୍ରହ ହୋଇଥିବା ପତ୍ର, ପତ୍ର ବନ୍ଧେଇ କାର୍ଯ୍ୟ ସହିତ ମୁନସୀ, ଫଡିସାଥୀ ଓ ଚେକର ମାନଙ୍କ କାର୍ଯ୍ୟ ଦିବସ ଅନୁଯାୟୀ ସଠିକ ଦରମା ଓ ଡି.ଏସ ପ୍ରାପ୍ୟ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଫଡୀସାଥିଙ୍କ କାର୍ଯ୍ୟ ଦିବସକୁ ହ୍ରାସ କରିବା ସହ ତାଙ୍କୁ ଦୈନିକ ମଜୁରୀ ଆଧାରରେ ଦରମା ଦେବା କଥା କୁ ସଂଘ ତୀବ୍ର ବିରୋଧ ପ୍ରକାଶ କରିଛି। ଏହି ବୈଠକରେ ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ଭିକାରି ପ୍ରଧାନ, ଅଖୋଜ ପ୍ରଧାନ, ଜିତେନ୍ଦ୍ରିୟ ଷଣ୍ଢ, ଶଙ୍କର୍ଷଣ ଦେହୁରୀ, ଦିଲୀପ ନନ୍ଦ, ପ୍ରମୋଦ ସାହୁ, ନୀଳାଦ୍ରି ପ୍ରଧାନ, ସତ୍ୟବାଦୀ ନାୟକ, ଟିକେଇ ଝଙ୍କର, ପ୍ରଫୁଲ୍ଲ ସ୍ୱାଇଁ, ଅରୁଣ ପ୍ରଧାନ, ମଦନ ଅଟ୍ଟୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପଙ୍କଜିନି ଗୁରୁଙ୍କ ଦେହାନ୍ତ



ବରଗଡ଼,୧୭।୮ (ସମିସ): ବରଗଡ଼ର ପୁରୁଣା ପଟ୍ଟଓ୍ୱାରି ଦୀନବନ୍ଧୁ ଗୁରୁଙ୍କ ଧର୍ମପତ୍ନୀ ପଙ୍କଜିନି ଗୁରୁଙ୍କ ରବିବାର ଦେହାନ୍ତ ହେଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସେ କର୍କଟ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ମାନେ ଉପସ୍ଥିତ ଥିଲେ। ସେ ତାଙ୍କ ସହ ୩ ପୁଅ ଝିଅଙ୍କୁ ଛାଡି ଯାଇଛନ୍ତି। ବଡ଼ ପୁଅ ସୁନିଲ ଗୁରୁ ମୁଖଗ୍ନି ଦେଇଥିଲେ। ବରଗଡ଼ ସହର ସ୍ଥିତ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପାଳିଲା ସ୍ୱାଧୀନତା ଦିବସ

କୁଚିଣ୍ଡା,୧୭।୮ (ସମିସ): କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଂଘର ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ସର୍ବଶ୍ରୀ ଶାନ୍ତନୁ କୁମାର ସାହୁ, ଜୟପ୍ରକାଶ ଗୁପ୍ତା, ଜନ କାମିଲ ଲାକ୍ରା, ବନମାଳୀ ଶତପଥୀ, ଜଗନାଥ ପାଣିଗ୍ରାହୀ, ଡ. ରଞ୍ଜନ କୁମାର ମହାପାତ୍ର, ଭକ୍ତବତ୍ସଳ ଶର୍ମା, ପର୍ଶୁରାମ ମିଶ୍ର, ନନ୍ଦ ଲାଲ ପଟେଲ, ରବି କିସାନ, ଗୋବର୍ଦ୍ଧନ ବେହେରା, ଚକ୍ର କିସାନ, ପଦ୍ମନାଭ ବେହେରା,ସୁବାସ ପତି, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ

ପାଇକମାଳ,୧୭।୮ (ସମିସ): ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ତୃତୀୟ ଅଭିଭାବକ ବୈଠକ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶିକ୍ଷୟିତ୍ରୀ ନିରୁପମା ସାହୁ, ସରୋଜ ପ୍ରଧାନ ବୈଠକ ଉଦ୍‌ଘାଟନ କରିଥିଲେ। ବୈଠକରେ ୬୫ ଜଣ ଅଭିଭାବକ ଅଭିଭାବିକା ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ଆସ ସ୍କୁଲ ଯିବା ଅଭିଯାନରେ ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ, ନିପୁଣ ଓଡ଼ିଶା ମିଶନ, ରାଜ୍ୟରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଭିନ୍ନକ୍ଷମ ଶିକ୍ଷାର୍ଥୀ, ଧନ୍ଦା ମୂଳକ ଶିକ୍ଷା, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ, ଆବାସିକ ଛାତ୍ରାବାସ, ସ୍ୱତନ୍ତ୍ର ତାଲିମ, ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା କାର୍ଯକ୍ରମ ଉପଲବ୍‌ଠଧ ସମ୍ପର୍କରେ ଅବଗତ କରାଇଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବିଷୟରେ ଆଲୋକପାତ କରିଥିଲେ। ଅଭିଭାବକ ଅଭିଭାବିକାମାନେ ଗଠନ ମୂଳକ ମତାମତ ପ୍ରଦାନ କରିଥିଲେ। ସୁଦାମ ପାଣ୍ଡେ, ଯଶୋବନ୍ତ ସାହା, ଶିବମ ନାଏକ, ଛବିଲାଲ ସେଠ୍, ଲଳିତ ବିଶ୍ୱାଳ, ଅମିତ ସାହୁ, ମନୋଜ ସାହୁ, ସ୍ୱାଧୀନ ସାହୁ, ମୀନା ଦାସ ପ୍ରମୁଖ ସହଯୋଗ କରିଥିଲେ। ରଜତ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ବବିତା ବେହେରା ଧନ୍ୟବାଦ ଦେଇଥିଲେ।

## ଥେରୁବାଲି ଷ୍ଟେସନରେ ୩ ଏକ୍ସପ୍ରେସ ଟ୍ରେନ୍‌ର ପୁନଃ ରହଣିକୁ ସ୍ୱାଗତ

ଜେକେପୁର,୧୭।୮(ସମିସ): ପୂର୍ବତଟ ରେଳବାଇ ରାୟଗଡା ଜିଲ୍ଲା ଅନ୍ତର୍ଗତ ଥେରୁବାଲି ରେଳଷ୍ଟେସନ ଠାରେ ବହୁ ପ୍ରତିକ୍ଷିତ ୩ ଟି ଏକ୍ସପ୍ରେସ ଟ୍ରେନ ରହଣୀ ପୁନଃ ଆରମ୍ଭ ହୋଇଛି। ଏନେଇ ଚଳିତ ଅଗଷ୍ଟ ମାସ ୮ ତାରିଖରେ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଥେରୁବାଲି ଅଞ୍ଚଳରେ ଏକ ଖୁସିର ଲହରୀ ଖେଳି ଯାଇଥିଲା। ଶୁକ୍ରବାର ସକାଳ ୮ ଘଟିକା ୪୫ ମି ସମୟରେ ଥେରୁବାଲି ରେଳ ଷ୍ଟେସନଠାରେ ବିଲାସପୁର ତ୍ରିପତି ଦ୍ରୁତଗାମୀ ଏକ୍ସପ୍ରେସ ଟ୍ରେନ ରହଣି କରିବା ପରେ ଥେରୁବାଲି ନାଗରିକ ମଞ୍ଚର ସଭାପତି ଅଶୋକ ହିକକା, ସାଧାରଣ ସମ୍ପାଦକ ଭାସ୍କର କୁମାର ଅଗର ସିଂ, ସଂଯୋଜକ ନିର୍ଞ୍ଜନ ପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତେଜ ରାଜା ନାଗ, ମଣି ଅଟକା, ଏମ୍ ରାଜେଶ, ଗଣପତି ପଣ୍ଡା, ପରମେଶ୍ୱର ନିଳଗିରି, ଅନୁପ ବିଶ୍ୱାସ, କୃଷ୍ଣଚନ୍ଦ୍ର ସାହୁ, କେ ଆପାନା, ଏମ୍ ପ୍ରକାଶ ରାଓ ପ୍ରମୁଖ ପୁଷ୍ପଗୁଚ୍ଛ ଏବଂ ମିଷ୍ଟାନ୍ନ ବଣ୍ଟନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ଏବଂ ରେଳ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାଣ ବର୍ଷା : ଦୋକାନ ଓ ଘରେ ପଶିଲା ପାଣି

ମାଲକାନଗିରି, ୧୭।୮ (ସମିସ):

ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବା ଜାତୀୟ ରାଜପଥରେ ପାଣି। ଯାତାୟାତରେ ସମସ୍ୟା ଉପୁଜିବା ସହ ବିଭିନ୍ନ ଦୋକାନ ଓ ଘରେ ପଶିଲା ପାଣି। ଜିଲ୍ଲା ସଦରରେ ଆଜି ସକାଳୁ ବର୍ଷା ଲାଗି ରହିଥିବା ବେଳେ ସନ୍ଧ୍ୟା ସମୟରୁ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ପାଣି ଜମିବାରେ ଲାଗିଛି।



ଜିଲ୍ଲା ସଦର ଏସ୍‌ପି ଅଫିସ ନିକଟରେ ଓ ମୁଖ୍ୟ ଚିକିତ୍ସାଳୟ ନିକଟରେ ରାସ୍ତା ଉପରେ ୩ଫୁଟରୁ ଅଧିକ ପାଣି ଜମିବାରୁ ମୋଟର ସାଇକେଲ ଓ ଛୋଟ ଗାଡି ଯିବା ଆସିବା କଷ୍ଟକର ହୋଇପଡିଛି। ଏହା ସହ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପଶି ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏପରି ସ୍ଥିତି ଉପୁଜିବା ବେଳେ ଦୋକାନୀ ଓ ସ୍ଥାନୀୟ ଲୋକେ ନିଜ ଦୋକାନ ଏବଂ ଘରୁ ପାଣି ବାହାର କରିବାରେ ଲାଗିପଡିଛନ୍ତି। ପ୍ରଶାସନ ପକ୍ଷରୁ ମଧ ପାଣି ବାହାର କରିବା ପାଇଁ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳିଛି।

## ଲକ୍ଷ୍ମୀନାରାୟଣ ମନ୍ଦିରରେ ଜନ୍ମାଷ୍ଟମୀ

କଲ୍ୟାଣସିଂହପୁର,୧୭।୮(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତ ସଦର ଲକ୍ଷ୍ମୀନାରାୟଣ ମନ୍ଦିରରେ ମହାଆଡମ୍ବରରେ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ପାଳନ ହୋଇ ଯାଇଛି। ଏହି ଜନ୍ମାଷ୍ଟମୀ ପାଳନ ଅବସରରେ ଶ୍ରୀ ଲକ୍ଷ୍ମୀନାରାୟଣ ପାଳଙ୍କ ସହାୟତାରେ ନାମସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଜନ୍ମାଷ୍ଟମୀ ପାଳନ ବେଳେ ଅଞ୍ଚଳର ବହୁ ଦୂର ଦୂରାନ୍ତରୁ ଶ୍ରୀକୃଷ୍ଣଙ୍କ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ଭାଗ ନେଇଥିଲେ। ଏହି ଜନ୍ମାଷ୍ଟମୀ ପାଳନକୁ ନାରାୟଣପୁର ରାମଲିଙ୍ଗେଶ୍ୱର ମନ୍ଦିର କମିଟି ଦ୍ୱାରା ଆୟୋଜନ କରାଯାଇଥିଲା।

## କନ୍ୟା ସନ୍ତାନଙ୍କ ସୁରକ୍ଷା ନେଇ ଜିଲ୍ଲାସ୍ତରୀୟ ବୈଠକ

ଜୟପୁର,୧୭।୮(ସମିସ): ଦେଶର କନ୍ୟା ସନ୍ତାନଙ୍କ ସୁରକ୍ଷା ଏବଂ ଦେଶ ପାଇଁ ଏକ ସୁରକ୍ଷିତ ଓ ସକ୍ଷମ ପରିବେଶ ସୃଷ୍ଟି କରିବା ନେଇ ଏକ ଜିଲ୍ଲାସ୍ତରୀୟ ବୈଠକ ଜୟପୁର ସ୍ଥିତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଭବନଠାରେ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହାନ୍ତଙ୍କ ଉପସ୍ଥିତିରେ କନ୍ୟା ସନ୍ତାନ ଉପରେ ବୃଦ୍ଧି ହେଉଥିବା ଅପରାଧ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଭାରତୀୟ ଆଇନ ବ୍ୟବସ୍ଥା ଅତ୍ୟାଚାର ବିରୋଧ ରହିଥିବା କଡ଼ା ଆଇନ ଓ ଏହାକୁ ନେଇ ସଚେତନତା କରାଯାଇଥିଲା। ଦେଶରେ କନ୍ୟା ସନ୍ତାନମାନେ ସୁରକ୍ଷିତ ଓ ସକ୍ଷମ ରହିଲେ ଦେଶର ପରିବେଶ ସୁସ୍ଥ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସିଭିଲ ଜଜ୍ (ବରିଷ୍ଠ) ତଥା ମହିଳା କୋର୍ଟର ଜଜ୍ ଅଲକାନନ୍ଦ ମହାନ୍ତି, ସିଭିଲ ଜଜ୍ (ବରିଷ୍ଠ) ସଙ୍ଘ ପ୍ରକାଶ ଦାଶ, ପରିବାର କୋର୍ଟର ଜଜ୍ ନିଶିତ ନିଶଙ୍କ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏସ୍. ଶୁଭଲକ୍ଷ୍ମୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପି .ସୁଜାତା, ଜେଏମ୍‌ଏଫ୍‌ସି ହରମୋହନ ଦାସ, ଦାକ୍ଷା ରାଉତରାୟ, ପ୍ରଜ୍ଞା ସୁମନ, ଶିଶୁ କଲ୍ୟାଣ କମିଟିର ସଭାପତି ଗାୟତ୍ରୀ ପାତ୍ର ଏବଂ ଜିଲ୍ଲାରେ ଶିଶୁ ସୁରକ୍ଷା ନେଇ କାର୍ଯ୍ୟରତ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## କବିତା ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ




କୋରାପୁଟ,୧୭।୮ (ସମିସ): ୭ ୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ କୋରାପୁଟ ସାହିତ୍ୟ ପରିବାର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ସଦ୍‌ଭାବନା ସଭାଗୃହଠାରେ ଏକ ମନୋଜ୍ଞ କବିତା ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଆଦିବାସୀ ସଂସ୍କୃତି ଗବେଷକ ଡଃ.ଜଗବନ୍ଧୁ ସାମଲ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ସଂପର୍କରେ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସମାଲୋଚକ ପ୍ରଫେସର ଡ.ବିଜୟ କୁମାର ନନ୍ଦ ସାମ୍ପ୍ରତିକ କବିତାର ଗତି ଓ ପ୍ରବୃତ୍ତି ସଂପର୍କରେ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଅନୁବାଦକ ବିଜୟ ପ୍ରଧାନଙ୍କ କାଶ୍ମୀର ପଣ୍ଡିତଙ୍କ ବିସ୍ଥାପନ ସଂପର୍କରେ ଓଡ଼ିଆରେ ଅନୂଦିତ ଉପନ୍ୟାସ "ବରଫ ଓ ନିଆଁ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉନ୍ମୋଚିତ ପୁସ୍ତକ ସଂପର୍କରେ ସମୀକ୍ଷା କରିଥିଲେ ବିଶିଷ୍ଟ ଗାଳ୍ପିକ ନାରାୟଣ ପଣ୍ଡା। ପଚାଶରୁ ଉଚାଶ କବି ସ୍ୱରଚିତ କବିତା ପାଠ କରିଥିଲେ। ଉପସ୍ଥିତ କବି ମାନଙ୍କ ମଧ୍ୟରେ ଥିଲେ ଜଳଧର ସ୍ୱାଇଁ, ଜୟନ୍ତ ମହାନ୍ତି, ରମେଶ ସାହୁ, ତରୁଣ କୁମାର ଦାଶ, ମଧୁସୂଦନ ସ୍ୱାଇଁ, ଅମୂଲ୍ୟ ମହାପାତ୍ର, ଶିବ ପ୍ରସାଦ ଗନ୍ତାୟତ, ସନ୍ଧ୍ୟା ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, କିଶୋର ଚନ୍ଦ୍ର ବେହେରା, ଅର୍ଚ୍ଚନା ପଟ୍ଟନାୟକ, ରାଜଶ୍ରୀ ହରିଚନ୍ଦନ, ଗଣେଶ ପ୍ରସାଦ ସାହୁ, ନୃସିଂହ ପଣ୍ଡା, ସି.ଏଚ୍ ଶାନ୍ତାକାର, ସୁଜୟ କୁମାର ପ୍ରଧାନ, ବିନୋଦ ବିହାରୀ ଜେନା, ସାନିଆ ଭତ୍ରା, ଅଶୋକ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ସାହିତ୍ୟ ପରିବାରର ଉପସଭାପତି କବି ରବି ଶତପଥୀ ପରିଚାଳନା କରିଥିବା ବେଳେ ସଂପାଦକ ଡଃ.ପ୍ରୀତିଧାରା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଜପେୟୀଙ୍କ ତିରୋଧାନ ଦିବସ ପାଳିତ




ରାୟଗଡ଼ା,୧୭।୮(ସମିସ): ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ରାୟଗଡା ପକ୍ଷରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ବରିଷ୍ଠ ବିଜେପି ନେତା ୟାଲ୍ଲା ଭେଙ୍କେଟେଶ୍ୱର ରାଓ ଙ୍କ ଆୟୋଜକରେ ଗାୟତ୍ରୀ ନଗରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶତାବ୍ଦୀ ବିସ୍ତାରକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜନ୍ମେଜୟ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ ବାଦଲ ତା, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବସନ୍ତ ଉଲାକା, କାଳିରାମ ମାଝୀ, ଚକ୍ରଧର ବିଡ଼ିକା, ବ୍ରଜସୁନ୍ଦର ନାୟକ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ଥିଲେ। ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦ ଆବାହକ କୀର୍ତ୍ତିଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ସହ ବାଜପେୟୀଙ୍କ ଆଦର୍ଶ ଜୀବନକୁ ଅନୁପ୍ରାଣିତ ହୋଇ ଜାତି, ବର୍ଣ୍ଣ,ଦଳ ନିର୍ବିଶେଷରେ ସମସ୍ତେ ଏକ ହୋଇ ଜିଲ୍ଲାର ବିକାଶ ପାଇଁ ଆଗେଇ ଆସିବାକୁ ମଞ୍ଚରୁ ଆହ୍ୱାନ ଦିଆଯାଇଥିଲା। ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଜଣାଇଥିଲେ।

## ଦିବ୍ୟାଙ୍ଗ ଯୁବତୀକୁ ଦୁଷ୍କର୍ମ : ଯୁବକ ଗିରଫ

କଲ୍ୟାଣସିଂହପୁର,୧୭।୮(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତ ଘାଘୁଡ଼ିମାଳ ଗ୍ରାମରେ ଦିବ୍ୟାଙ୍ଗ ଝିଅକୁ



ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଓ ସେ ମା' ହେବା ପରେ ଛାଡିଦେଲା ଯୁବକ। ଏ ନେଇ ଅଭିଯୋଗ ହେବା ପରେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଘାଘୁଡ଼ିମାଳ ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀ ସହ ଗ୍ରାମର ନାଗେଶ ଧନୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ସେ ଗର୍ଭବତୀ ହେବାରୁ ଭଦ୍ରବ୍ୟକ୍ତିଙ୍କ ଆଗରେ ତାକୁ ପତ୍ନୀ ରୂପେ ଗ୍ରହଣ କରିଥିଲା। ପରେ ଯୁବତୀ ଜଣଙ୍କ ଏକ ଶିଶୁ ସନ୍ତାନ ଜନ୍ମ ଦେବା ପରେ ନାଗେଶ ତାକୁ ଛାଡ଼ି ଦେଇଥିଲା। ଦିବ୍ୟାଙ୍ଗ ପରିବାର ବର୍ଗ ଦିବ୍ୟାଙ୍ଗ ଝିଅକୁ ନ୍ୟାୟ ଦାବି କରିଆସୁଥିଲେ। ବର୍ତ୍ତମାନ ଯୁବକ ନାଗେଶ ଧନୁ କୁ ପୁଲିସ ଗିରଫ କରି ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟ ଚାଲାଣ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟିଲେ କୁର୍ଲି ପଞ୍ଚାୟତବାସୀ

ରାୟଗଡ଼ା,୧୭।୮(ସମିସ): ରାୟଗଡ଼ା ଜିଲ୍ଲାପାଳ ଭାବେ ଆଇଏଏସ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାର ବିକାଶଧାରା ଆହୁରି ଆଗକୁ ବଢିବ ଏବଂ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା ବାନ୍ଧିରଖିଛନ୍ତି ଜିଲ୍ଲାବାସୀ। ଜିଲ୍ଲାର ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲି ଗ୍ରାମ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଶନିବାର ଦିନ ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି ପଞ୍ଚାୟତବାସୀ। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିୟମଗିରି ପାହାଡ ଅଂଚଳର କୁର୍ଲି ଗ୍ରାମ ପଞ୍ଚାୟ ଅଧିନରେ ୨୩ଖଣ୍ଡ ଗାଁ ରହିଥିବା ବେଳେ ବିଶେଷ କରି ଦୁର୍ଗମ ଅଞ୍ଚଳର ଅନେକ ଗାଁକୁ ଗମନାଗମନ ଓ ଯୋଗାଯୋଗର ସମସ୍ୟାର ବହୁ ଅସୁବିଧା ରହିଥିବା ଉଲ୍ଲେଖ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଖମ୍ବେସୀ ଓ ମୁଣ୍ଡବାଲି ଠାରେ ମୋବାଇଲ ଟାୱାର ନିର୍ମାଣ,କୁର୍ଲି ଠାରେ ହାଇସ୍କୁଲ ନିର୍ମାଣ,ଖମ୍ବେସୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି,ବାଟିଗୁମାରୁ ରାଇନିମା ଏବଂ ଖମ୍ବେସୀ ଠାରୁ ପାର୍ସାଲି ଓ କୁର୍ଲି ଠାରୁ ମୁଣ୍ଡବାଲି ଦେଇ ହୁଣ୍ଡିଜାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ, ସହ ବନ୍ଦ ହୋଇଥିବା ଓପିଲିପି କାର୍ଯ୍ୟକ୍ରମକୁ ଅତିଶୀଘ୍ର ଆରମ୍ଭ କରିବାକୁ ଦାବି ଉଲ୍ଲେଖ କରିଛନ୍ତି ପଂଚାୟତବାସୀ। ଏହି ଦାବିପତ୍ର ପାଇବା ସହ ପଂଚାୟତବାସୀଙ୍କ ସହ ଆଲୋଚନା ବେଳେ ଆସନ୍ତା ୪ରୁ ୫ଦିନ ମଧ୍ୟରେ କୁର୍ଲି,ପାର୍ସାଲି,ମୁନିଖୋଲ ଓ ଶିବପଦର ଗ୍ରାମ ପଂଚାୟତ ପରିଦର୍ଶନ ଯୋଜନା ରହିଥିବା ବେଳେ କୁର୍ଲିକୁ ଯିବା ଦିନ ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରିବା ସହ ସମସ୍ତଙ୍କୁ ମୌଳିକ ଅଧିକାର ମିଳିବା ଏବଂ ସମସ୍ୟା ଗୁଡିକ ସମାଧାନ ଦିଗରେ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ପଂଚାୟତବାସୀ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ କୁର୍ଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁଭର୍ଦନୀ ୱାଡକା, ଚିତ୍ରସେନ ୱାଡକା, ନବଘନ ୱାଡକା, ଡୁପୁ ୱାଡକା, ନିରଞ୍ଜନ ୱାଡକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାଗାବଳୀ ନଦୀର ମାଟି ଅତଡ଼ା ଖସି ବାଳକ ମୃତ

କଲ୍ୟାଣସିଂହପୁର , ୧୭।୮ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କନ୍ଧ ଖାତିପଡା ପଞ୍ଚାୟତ ପୋଙ୍ଗଲି ଗ୍ରାମର ଶାଙ୍କାରାଓ ହିକକାଙ୍କ ପୁଅ ଧାର୍ମା ହିକକା (୮) ପଙ୍ଗଲି ପ୍ରାଥମିକ ବିଦ୍ୟାଳୟରରେ ତୃତୀୟ ଶ୍ରେଣୀ ପଢୁଥିଲା। ସୂଚନା ଅନୁଯାୟୀ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ ଶେଷ ହେବା ପରେ କିଛି ପିଲା ମାନଙ୍କ ସହ ନାଗାବଳୀ ନଦୀକୁ ଗାଧେଇବାକୁ ଯାଇଥିଲେ। ପିଲା ମାନେ ନଦୀ ତଡରେ ବୁଲୁଥିବା ବେଳେ ମାଟି ଅତଡା ଖସି ଧାର୍ମା ଙ୍କ ଉପରେ ପଡିଯିବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି କଲ୍ୟାଣସିଂହପୁର ପୁଲିସକୁ ଖବର ଦେଇଥିଲେ। ଉକ୍ତ ଖବର ପାଇ ପୁଲିସ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି।

## ଆଓମା ଗୁରୁକୁଳ ଓ ଛାତ୍ରାବାସରେ ପାଠ୍ୟ ଉପକରଣ ବଣ୍ଟନ

ମାଲକାନଗିରି,୧୭।୮ (ସମିସ): ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ଆଓମା ଗୁରୁକୁଳ ଓ ବିଭିନ୍ନ ଛାତ୍ରବାସ ଗସ୍ତ କରି ଅନ୍ତେବାସୀଙ୍କୁ ପାଠ୍ୟ ଉପକରଣ ଓ ମିଷ୍ଟାନ ବାଣ୍ଟି ସଂଗ୍ରାମୀଙ୍କ ବିରତାର କାହାଣୀ ଓ ଶ୍ରୀ କୃଷ୍ଣଙ୍କ ବାଣୀ ବଖାଣିଛନ୍ତି ଜିଲ୍ଲା ପରିଷଦ ମୂଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର। ମାଲକାନଗିରି ଜିଲ୍ଲା ସଦର ମହାକୁମା ଠାରେ ଥିବା ଆଓମା ଗୁରୁକୁଳ, ମାଲ୍ୟବନ୍ତ ଛାତ୍ର ବାସ, ଗୁରୁପ୍ରିୟା ହଷ୍ଟେଲ ସହିତ ଅନ୍ୟାନ୍ୟ ଛାତ୍ରବାସକୁ ସେ ଗସ୍ତ କରିଥିଲେ। ୬୦୦ରୁ ଅଧିକ ଅନ୍ତେବାସୀଙ୍କ ସହିତ ମିଶି ସ୍ୱାଧୀନତା ଦିବସ ସହିତ ଜନ୍ମାଷ୍ଟମୀ ଉତ୍ସବ ପାଳନ କରି କୁନିକୁନି ପିଲାଙ୍କ ସହିତ ଦେଶାତ୍ମକ ବୋଧ ସଙ୍ଗୀତ ଓ ଶ୍ରୀକୃଷ୍ଣଙ୍କ ଭଜନଗାନ କରି ଖୁସିରେ ନାଚିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ଚକୋଲେଟ୍, ମିଠା, ନୋଟ୍‌ବୁକ୍, ପେନ୍ ଓ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଶୋକ ପଟ୍ଟନାୟକ, ଅଶୋକ ସାହୁ, ରଶ୍ମି ମହାନ୍ତି, ବିନାଶ କୁମାର ମିଶ୍ର, କାଳୁଚରଣ ମହାରଣା, ଦିବ୍ୟରଞ୍ଜନ ପାଣିଗ୍ରାହୀ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ଏକତା ପର୍ବ

ରାୟଗଡ଼ା,୧୭ ।୮ (ସମିସ): ଆଜି ସ୍ଥାନୀୟ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସଙ୍କୁଳ ସ୍ତରୀୟ ଏକତା ପର୍ବ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାଜା ରାମଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଡିଆର୍‌ଏମ ଅମିତାଭ ସିଙ୍ଘଲ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼.ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ସହ ଏହି ଉତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିଲେ। ଏଥିରେ ଅଂଶ ଗ୍ରହଣକାରୀଙ୍କ କଳା ନୈପୁନ୍ୟତାକୁ ବିଚାର କରିବା ପାଇଁ ୬ ଜଣ ବିଶିଷ୍ଟ ବିଚାରପତି ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଓ ମୁଖ୍ୟଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନାରେ ମାୟାଧର ବିଷୋୟୀ, ବିଷ୍ଣୁ ଶେଖର, କ୍ରିଷ୍ଣା ବରାଇ, ଅଶୋକ କୁମାର ଲାବଲା ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ରାୟଗଡ଼ା ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସହ ଗୁଣୁପୁର, କୋରାପୁଟ, ସୁନାବେଡ଼ା, ଗଜପତି, ନବରଙ୍ଗପୁର ଓ ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।




## ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ରାୟଗଡ଼ା,୧୭।୮(ସମିସ ): ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ରାୟଗଡ଼ା ସକ୍ଷମ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ, ସମାଜ ସେବୀ ଏବଂ କିଛି ଗଣମାଧ୍ୟମ ପ୍ରତିନିଧି ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟା ଭୂଷଣ ପଣ୍ଡା ପରିଚାଳନା କରଥିଲେ ଏବଂ ଶ୍ୟାମ କୁମାର ଦାଶ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଆଲୋଚନା ଚକ୍ରରେ ରାମଚନ୍ଦ୍ର ସାହୁ, ଯୋଗେଶ୍ୱର ଦାଶ, ଦୀପକ ପୃଷ୍ଟି, ଜୟଦେବ ସେଠ, ଗଣେଶ ସାହୁ, ଏମ ବିଦ୍ୟା ସାଗର, ବିଜୟ ଦାଶ, ପ୍ରମୋଦ କୁମାର ପଣ୍ଡା, ଟି ନାଗରାଜୁ, ଜି.ହରି କ୍ରିଷ୍ଣା, ଧର୍ମ ସିଙ୍ଗ ନାଗ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ମା'କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର, ୧୭।୮(ସମିସ): ପ୍ରତି ବର୍ଷ ପରି ଚଳିତ ବର୍ଷ କୋର୍ଟ ଛକରେ ମା କାଳୀ ପୂଜା ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରୁଥିବାରୁ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ତ୍ରିନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନଷ୍ଠିତ ଏହି ବୈଠକରେ ଆସନ୍ତା ଅଗଷ୍ଟ ୨୮ ତାରିଖ ୯ ଘଟିକାରେ ପ୍ରତିବର୍ଷ ପରି ନୂଆଁଖାଇ ଦିନ ଶୁଭ ଖୁଣ୍ଟି ସ୍ଥାପନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏହା ସହ ମା'କାଳୀ ପୂଜା ଆସନ୍ତା ୨୦ /୧୦/ ୨୦୨୫ ରୁ ସାତ ଦିନ ଧରି ଧୁମ୍‌ଧାମରେ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କରିବା ପାଇଁ ଶୁଭଖୁଣ୍ଟି ସ୍ଥାପନ ଦିନ ବୈଠକ କରି ବିଭିନ୍ନ କମିଟି ଗଠନ କରିବା ସହ ପୂଜା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ବରିଷ୍ଠ ସଦସ୍ୟ ଗଣେଶ୍ୱର ଶତପଥୀ, ନରସିଂହ ଶତପଥୀ , ବିମଳ ମିଶ୍ର ଟୁକୁରୁ ପାଣିଗ୍ରାହୀ, ଅଜିତ ପଣ୍ଡା, ମୁନା ପାଢ଼ୀ, ବାବୁଲି ଖାଡ଼ାଙ୍ଗା ବିରଞ୍ଚି ପାଣିଗ୍ରାହୀ, ଡମ୍ବରୁ ନାୟକ, ପ୍ରଦୀପ ପାଢ଼ୀ , ଦନାର୍ଦ୍ଦନ ମହାପାତ୍ର ଶ୍ରୀନିବାସ ସାହୁ ସୁନା ବେହେରା ବିଜୟ କୁମାର ସୁମାମୁଦ, କାଳିଆ ରଥ , ଅଜିତ, ଅଶୋକ ସହ ବହୁ ଉତ୍ସାହୀ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



## ଆସ ସ୍କୁଲ ଯିବା ଅଭିଯାନ

ରାୟଗଡ଼ା, ୧୭।୮ (ସମିସ): ରାୟଗଡ଼ା ପୌରାଞ୍ଚଳର ଇନ୍ଦିରାନଗର ଓ ଅଶୋକ ନଗର ଅଞ୍ଚଳରେ ଶନିବାର ଆସ ଆମେ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାଏ ହାତରେ ପ୍ଲାକାର୍ଡ ଧରି ସାହି ସାହି ବୁଲି ସଚେତନତାର ସ୍ଲୋଗାନ ଦେଇଥିଲେ। ପରେ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍ ଏମ୍ ସି ଅଧ୍ୟକ୍ଷା ଶ୍ରୀମତୀ ଜି ସ୍ୱପ୍ନା ସଭାପତିତ୍ୱ କରିଥିଲେ। ଓସେପା ନିର୍ଦ୍ଦେଶାନାମା ଅନୁସାରେ ବିଦ୍ୟାଳୟର ବିକାଶ ସମ୍ପର୍କୀତ ବିଷୟ ବସ୍ତୁ ନେଇ ଆଲୋଚନା ହୋଇଥିଲା। ଏଥିରେ ପ୍ରମିଳା ପଣ୍ଡା, ବାସନ୍ତି ମିଶ୍ର, ପ୍ରଭାତ ସେନାପତି, ସୋନାଲିସା ସାମଲ, ରଞ୍ଜିତା ସାମନ୍ତରାୟ, ମନୋରମା ସାହୁ, ନୀଳାଞ୍ଚଳ ମିଶ୍ର ଓ ପିଲାଙ୍କ ପିତାମାତା, ଅଭିଭାବକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ସ୍ୱର୍ଗତ ଶିକ୍ଷୟିତ୍ରୀ ନମିତା ମାଝୀଙ୍କ ସ୍ୱର୍ଗବାସରେ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ। ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ରାୟଗଡ଼ା,୧୭।୮ (ସମିସ):




ରାୟଗଡ଼ାସହରର ଆମ୍ବାଗୁଡା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଦ୍ୱାରା ପରିଚାଳିତ ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ୩ଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଆନସିପ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଚାମ୍ପିଆନସିପ୍ ପ୍ରତିଯୋଗିତାରେ ଜିଲ୍ଲାର ୧୪୭ଜଣ ପ୍ରତିଭାବାନ ପୁଅଝିଅ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଅଣ୍ଡର-୧୩ ଓ ୧୫ ସିଙ୍ଗଲ ବର୍ଗରେ ଖେଳାଳୀ ଅନୁରୂପ ସାହୁ, ଅଣ୍ଡର-୧୫ ଡବଲ ବର୍ଗରେ ଆଦିତ୍ୟ ପଣ୍ଡା ଓ ମନ୍ମୟ ଖୁରା,ଅଣ୍ଡର -୧୭ ଓ ୧୯ ସିଙ୍ଗଲ ବର୍ଗରେ ପାନ୍ତଲା ଚକ୍ରବର୍ତି, ଡବଲ ବର୍ଗରେ ଅଂଶ ସିହ୍ନା ଓ ପାନ୍ତଲା ଚକ୍ରବର୍ତୀଙ୍କ ସମେତ ୩୫ ବର୍ଷରୁ ଉର୍ଦ୍ଧ ସିଙ୍ଗଲ ବର୍ଗରେ ସୁଶାନ୍ତ ଶବର ଓ ୪୦ବର୍ଷରୁ ଉର୍ଦ୍ଧ ଡବଲ ବର୍ଗରେ ଭି.କିରଣ ବାବୁ ଓ ଏ.ଏସ.ଆର.ରାଜୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଉତୀର୍ଣ୍ଣ ଖେଳାଳୀମାନେ ଆଗାମୀ ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବେଡମିଂଟନ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଜିର ଉଦଯାପିତ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପାଲାସ୍ୱାମୀ,ସାମାଜିକ କର୍ମୀ ରମେଶ ଗୁଲାନୀ,ବିଶିଷ୍ଟ ଶିଳ୍ପପତି ଅଶୋକ ଜୈନ ଯୋଗ ଦେଇ ଜିଲ୍ଲାର ସମସ୍ତ ବିଜେତାଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ମାନୀତ କରିଥିଲେ। ଏହି ଚାମ୍ପିଆନସିପର ସାଇନିଂ ଷ୍ଟାର ହିସାବରେ ଲିଟିଲ ମାଷ୍ଟର ଅନୁରୂପ ସାହୁଙ୍କୁ ହିରୋ ସାଇକେଲ ପୁରସ୍କୃତ କରାଯାଇ ପ୍ରୋତ୍ସାହିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପରଫର୍ମର ହିସାବରେ ଗୁଣପୁରର ଦେବୀଶ୍ରୀ ପାତ୍ର,ଆର୍ଶାବଳୀ ସୌର୍ଯ୍ୟ ଓ ରାୟଗ?ାର ଭାର୍ଗଭ ବେନିଆଙ୍କୁ ବ୍ୟାଡ୍‌ମିଣ୍ଟନ ସେଟ୍ ଦେଇ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ କୋଚ ହିସାବରେ ଗୁଣପୁରର କୋଚ୍ ଟି.ମଣିକାଂଟାଙ୍କୁ ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ହିମାଂଶୁ ଶେଖର ପାଣ୍ଡିଆ ସମ୍ମାନିତ କରିଥିଲେ। ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନର ସଂପାଦକ ସୁରେଶ ପଣ୍ଡା କିପରି ଖେଳାଳୀଙ୍କୁ ରାୟଗଡ଼ା ମାଟିରୁ ଜାତୀୟସ୍ତର ଯାଏଁ ପହଞ୍ଚାଇ ପାରିଛନ୍ତି ଉକ୍ତ ସଂଘର୍ଷ ବିଷୟରେ ଜଣାଇଥିଲେ। ଚାମ୍ପିଆନସିପି ପ୍ରତିଯୋଗିତାର ମ୍ୟାଚଗୁଡିକର ପରିଚାଳନା ମ୍ୟାଚ ରେଫରି ଭୈରବ ଜୈନ ଓ ତାଙ୍କ ସହଯୋଗୀ ସୁମିତ ପଣ୍ଡା, ଚିନ୍ମୟ ମହାପାତ୍ର, ରୋନିତ ପାତ୍ର, ଜୟରାମ ବ୍ରହ୍ମା, ଇ.ଇଶ୍ୱର, ରାମବାବୁ ,ତ୍ରିନାଥ ଅଲି ପ୍ରମୁଖ ସଂପାଦନା କରିଥିଲେ।

## ଦି ୟଙ୍ଗ୍ ଇଣ୍ଡିଆ ପକ୍ଷରୁ ନନ୍ଦ ଉତ୍ସବ

ରାୟଗଡ଼ା,୧୭।୮ (ସମିସ): ରାୟଗଡ଼ା କ୍ଲବ ଦି ୟଙ୍ଗ ଇଣ୍ଡିଆ ତରଫରୁ ନନ୍ଦ ଉତ୍ସବ ସ୍ଥାନୀୟ ଲାୟନ୍ସ କ୍ଲବ ଠାରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ରାୟଗଡା ଉପଜିଲ୍ଲାପାଳ ରମେଶ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ରାୟଗଡା ଉପଜିଲ୍ଲାପାଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଡ. ବାଦଲ କୁମାର ତା ଉପସ୍ଥିତ ଥିଲେ। ଏହି କ୍ଲବ ୧୯ ବର୍ଷ ଧରି ଏଭଳି କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏଥିରେ ପ୍ରାୟ ୨୦ ଟି ଶିକ୍ଷାନୁଷ୍ଠାନର ପିଲାମାନେ ଅଂଶ ଗ୍ରହଣ କରିଥିବା ବେଳେ ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ କୃଷ୍ଣ ବେଶରେ ସଜେଇ ହୋଇ ନୃତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କ୍ଲବ ଦି ୟଙ୍ଗ ଇଣ୍ଡିଆର ସଭାପତି ସୁରେନ୍ଦ୍ର ସାହୁ, ଉପସଭାପତି ଭେଙ୍କେଟ ରମନା ଓ କ୍ଲବ ର ସମ୍ପାଦକ ଦୀପକ କୁମାର ପୃଷ୍ଟି ଉତ୍ସବ ନିର୍ଦ୍ଦେଶକ ଜାମି ଗୌରୀ ପ୍ରସାଦ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ବିଚାରକ ଭାବେ ପ୍ରଭାକର ମିଶ୍ର ଓ କାଳୀ ରଥ ପ୍ରମୁଖ ଯୋଗଦେଇ କୃଷ୍ଣ ବେଶରେ ସଜେଇ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଚୟନ କରିଥିଲେ। ପ୍ରଥମ ବିଜେତା ଭାବେ ଶ୍ରୀକୃତି ଆଚାର୍ଯ୍ୟ ଦ୍ୱିତୀୟରେ ଦେବାଶିଷ ବକ୍ସିପାତ୍ର ଓ ତୃତୀୟରେ ମୋକ୍ସିତା ବେହେରା ଙ୍କୁ ଆକର୍ଷଣୀୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ୧୦ ଜଣ ପ୍ରତିଯୋଗୀଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଶ୍ରୀମତୀ ବିଦୁଲତା



ହୁଇକା ଓଡିଶା ଆଦିବାସୀ ମଞ୍ଚର ଆବାହକ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ସହ ସମ୍ପାଦକ ରାକେଶ ହାମଦେବ, ଏ ଚନ୍ଦ୍ରଶେଖର ରାଓ, ଶିବରାମ ମିଶ୍ର, ଆପା ରାଓ ସହଯୋଗ କରିଥିବା ବେଳେ ଶେଷରେ ଦୀପକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ





**ନନ୍ଦପୁର :** ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶାବିତ୍ର କର୍ତ୍ତୁଲ ଜାତୀୟ ପତକା ଉତ୍ତୋଳନ କରିଥିଲେ। ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ଏଇଇ ଜସକେତନ ବେହେରା,ବିଜେପି ନେତା ଜୟରାମ ଭୋଇ, ସରରପଞ୍ଚ ସାଜେନ୍ତି କ୍ରିସାନି, ସମିତି ସଭ୍ୟାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲ ମାନଙ୍କରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ବୃନ୍ଦ। ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍ ଉପ ସଭାପତି ବିମଳ ରାଓ ସ୍ମିଥ ପରିଚାଳନା କରିଥିବା ବେଳେ ଚିନ୍ମୟୀ ଦାସ, ବିପିଏମ୍ ବିଚିତ୍ର କୁମାର ରାଉତଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

**ବେହେଡ଼ା :** ବେହେଡ଼ା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଧାନ ବିଶ୍ୱାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପିରାମିଡ଼ କରାଯାଇଥିଲା। ବେହେଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ ଧୁମ୍‌ଧାମରେ ପାଳନ କରାଯାଇଥିଲା। ଏହି ପବିତ୍ର ସ୍ୱାଧୀନତା ଦିବସ ସମାରୋହରେ ସମସ୍ତ ଗୁରୁଜନ ସଞ୍ଜୟ ସାମଲ, ଶେଖ ନାସିରୁଦ୍ଦିନ, ବିରଞ୍ଚି ସୁନାନୀ, ମିହିର ଦାସ, ପ୍ରଦୀପ ସାମଲ, ବୈକୁଣ୍ଠନାଥ ସେନାପତି, ପ୍ରଭୁଭକ୍ତ ଅରବିନ୍ଦ ଲେଙ୍କା, ଦେବାଂଶୁ ଶେଖର ଜେନା, ଚିନ୍ମୟ ମାନିଆ, ମୀନକେତନ ନାଏକ, ପଦ୍ମାବତୀ ପରଜା, ଚନ୍ଦନା ତରାଇ, ଲିଜା ଗୁଇଁ, ନିବେଦିତା ସ୍ୱାଇଁ, ସବିତା ଭତ୍ରା, ନିବେଦିତା ସ୍ୱାଇଁ (ପିଇଟି), ସଂଗୀତା ବିଶ୍ୱାସ, ସସ୍ମିତା ସାହୁ, ରିୟା ଢ଼ାଲି, ଶାନ୍ତିଲତା ସରକାର, ପ୍ରେମଶିଳା ମେମ, ରାମଚନ୍ଦ୍ର ସାହୁ, ଯଦୁ ଭତ୍ରା, ଧନର ଭତ୍ରା ଏବଂ ସ୍କୁଲ ସଭାପତି ସରୋଜ କୁମାର ପାଢ଼ୀ ଓ ଅନ୍ୟାନ୍ୟ ସଦସ୍ୟ ଗଣ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ବିରଞ୍ଚି ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସୁନାବେଡ଼ା :** ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ହାଲ ଷ୍ଟାଡିୟମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଲ କୋରାପୁଟ ପ୍ରଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ହାଲ ସୁଖୋଇ ଇଞ୍ଜିନ ବିଭାଗର ଇଡି, ଶ୍ରୀଅଙ୍ଗ ଅନିଲ ରାଓ କୋଠେ, ହାଲ ଇଞ୍ଜିନ ବିଭାଗର ଜିଏମ, କଲ୍ଲୋଳ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ପ୍ୟାରେଡ ପ୍ରତିଯୋଗିତାରେ ଏରୋନଟିକସ ଡିଏଭି ହାଇସ୍କୁଲର ବାଳକ ଦଳ ପ୍ରଥମ ଏବଂ ଏରୋନଟିକସ କଲେଜ ର ବାଳକ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଡିଏଭି ଭିଏସ ବିଦ୍ୟାଳୟର ଏନ୍ ସି ସି ଛାତ୍ରୀ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କମଳା କାନ୍ତ ବିଶୋଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସାଧାରଣ ସମ୍ପାଦକ ମାନସ କୁମାର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏରୋନୋଟିକସ ମୁସଲିମ କଲଚରାଲ ଏସୋସିଏସନ୍ ପକ୍ଷରୁ ସଭାପତି ଇମରାନ ହୋସନ୍ କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ସଭାପତି ଶେଖ ଇବ୍ରାହିମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଡିଏଭି ଭିଏସ୍ ବିଦ୍ୟାଳୟରେ ଅଧକ୍ଷ ବାସୁଦେବ ପାଣିଗ୍ରାହୀ, ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷା ଉଷାରାଣୀ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁନାବେଡ଼ା ହନୁମାନ ବଜାର ସ୍ଥିତ ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘରେ ମହାସଂଘର ସଭାପତି ଅଞ୍ଜଳି ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହା ସଂଘର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଅଶ୍ୱନୀ ପଟ୍ଟନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ସୁନାବେଡ଼ା -୩ ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଛକ ନିକଟରେ ସେବକ ଦଳର ସ୍ୱଧୀନତା ଦିବସ ବହୁ ଆଡ଼ମ୍ବର ସହକାରେ ପାଳନ କରାଗଲା। 'ସକାଳ'ର ପ୍ରତିନିଧି ମନୋଜ କୁମାର ମୁଦୁଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେବକ ଦଳର ସଚିବ ତ୍ରିଲୋଚନ ବେହେରା, କୋଷାଧକ୍ଷ ସାଇମନ ସାଗର, ଶିବ ଜିଓ, ଅଖିଳ ମଣ୍ଡଳ, ସୌମ୍ୟ ଶତପଥୀ ଉପସ୍ଥିତ ଥିଲେ। ସୁନାବେଡ଼ା -୧ ସ୍ଥିତ ଏ ଇ ଏଫ୍ ବୃନ୍ଦାବତି କଲୋନୀ ଛକ ନିକଟରେ ଗଙ୍ଗାଧର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୁରଟ କୁଲଦୀପ, ଟୁଲୁ ଚେଟ୍ଟୀ ,ବାବୁନି ଗରଡ଼ା ,ଦୀପକ ପାଣି, ଗୋପୀ କୁଲଦୀପ ଅନ୍ୟେ ମାନେ ଉପସ୍ଥିତ ଥିଲେ। ଏଇଏଫ କଲୋନୀ ସୁନାବେଡ଼ା -୧ ବରିଷ୍ଠ ନାଗରିକ ସଂଘରେ ବରିଷ୍ଠ ସଦସ୍ୟ ତ୍ରିନାଥ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସଂଘ ସଂପାଦକ ସୌରି ଚରଣ ନାୟକ, ଶିବ ଶଙ୍କର ଖେମୁଣ୍ଡୁ, ସଭାପତି ଚୈତନ୍ୟ ପାଢ଼ୀଙ୍କ ସମେତ ସଂଘର ସଦସ୍ୟ ଭାନୁ ହନ୍ତାଳ, ବାବୁଲି ମହାନ୍ତି, ଅଲେଖ ଜେନା, କୃଷ୍ଣ ପାଢ଼ୀ, ଶିବା ଦାଶ, ଶରତ ଜେନା, ଶଙ୍କର୍ଷଣ ବାରିକ, ସୁରେନ୍ଦ୍ର ବେହେରା ଯୋଗ ଦେଇଥିଲେ। ସୁନାବେଡା -୧ ଦଶହରା ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଇଞ୍ଜିନିୟର ଡଃ ପ୍ରଭାକର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାନେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ପିଇଥିଲେ। ଏହି ଅବସରରେ କଲେଜ ଅଧକ୍ଷା ଉଷା ରାଣୀ ଦାସ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମମତା ପାତ୍ର,ସମାଜ ସେବୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସଞ୍ଜୟ ନାୟକ, ସୁବ୍ରତ ଗୌଡ଼, କିଶୋର ପ୍ରଧାନ ଅନ୍ୟମାନେ ଉପସ୍ଥିତ ଥିଲେ।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କଲେଜ ରୋଡ ସ୍ଥିତ ପ୍ରେସ କ୍ଲବ ପରିସରରେ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ନଳନୀରଞ୍ଜନ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଉକ୍ତ ପ୍ରେସ କ୍ଲବ ର ସଭାପତି ସ୍ୱାଧୀନତା ଦିବସ ଉପରେ ଆଲୋକପାତ କରିଥିଲେ। ମାଁ ପେଣ୍ଡୁଣୀ ମହାବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପ ସଭାପତି ସନ୍ତୋଷ ଶତପଥୀ, ସମ୍ପାଦକ ମହେଶ୍ୱର ବେହେରା , ସହ ସମ୍ପାଦକ କୁନା ସାହୁ, ସହ ସମ୍ପାଦକ ହିମାଂଶୁ ଜେନା, କୋଷାଧକ୍ଷ ଯୁଗଳ କିଶୋର ସାହୁ, ସଞ୍ଜିତ ମଣ୍ଡଳ, ନିରଞ୍ଜନ ବେହେରା, କାହ୍ନୁ ନନ୍ଦିଆ, କ୍ରିଷ୍ଣା ସାହୁ, ଜୁମେରା ସାନ୍ତା , ବିଜୟାନନ୍ଦ ପତି, ନିରଞ୍ଜନ ଗଣ୍ଡଙ୍କ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବ୍ରହ୍ମକୁମାରୀ ଈଶ୍ୱରୀୟବିଶ୍ୱ ବିଦ୍ୟାଳୟର ବିକେ ମନ୍ଦାଗିନୀ ସାହୁ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ନନ୍ଦ ଉତ୍ସବ ପାଳନ ହୋଇଯାଇଛି। ଉମରକୋଟ ଶାଖା ପକ୍ଷରୁ ଆୟୋଜିତ ନନ୍ଦ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓିକେଟ ମନ୍ଦାଗିନୀ ସାହୁ, ବିକେ ସୈଦାମିନୀ ସାହୁ ,ବିକେ ଈଶ୍ୱର ଭାଇ, ବିକେ ଗୀତା ଭଉଣୀ, ଉମେଶ ସାହୁ, ବେଲମୋତି ଭଉଣୀ, ସାଗରିକା ଭଉଣୀ, ଲକ୍ଷ୍ମୀ ସାହୁ ଓ ନିକୁଞ୍ଜ ଭାଇ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ସେମିଳିଗୁଡା :** କୋରାପୁଟ ଜିଲ୍ଲାର ସେମିଳିଗୁଡାର ବରିଷ୍ଠ ରକ୍ତଦାତ୍ରୀ ,ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସା ଳୟ ଓ ରକ୍ତକେନ୍ଦ୍ର ଦ୍ୱାରା ୫୪ଥର ରକ୍ତଦାନ କରି ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ ଭେଷଜ ମହାବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଡକ୍ଟର ସୁଶାନ୍ତ କୁମାର ସାହୁ ଓ ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ ଶ୍ରୀମତୀ ମିଶ୍ରଙ୍କୁ ପୁଷ୍ପ ଗୁଚ୍ଛ,ମାନପତ୍ର,ଉପଢୌକନ ପ୍ରଦାନ କରି ସମ୍ମାନିତ କରିବା ସହ ତାଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।ଶ୍ରୀମତୀ ମିଶ୍ରଙ୍କ ସହ ଦାମନଯୋଡିର ଡକ୍ଟର ନରେଶ ଚନ୍ଦ୍ର ସାହୁ ୯୭ଥର ରକ୍ତ ଦାନ କରି ଓ ଶ୍ରୀ ପବିତ୍ର କୁମାର ସାହୁଙ୍କୁ ୧୨୩ ଥର ରକ୍ତଦାନ କରିଥିବାରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

**ସେମିଳିଗୁଡା :** ସେମିଳିଗୁଡାର ଅରବିନ୍ଦ ପାଠାଗାର ,ସୀତମ୍ କଲେଜ ,ସେମିଳିଗୁଡା ମହାବିଦ୍ୟାଳୟ,ସେମିଳିଗୁଡା ପ୍ରେସ କ୍ଲବ, ନାଗରିକ ସଂଘ, ଟ୍ରକ୍ ମାଲିକ ସଂଘ, ବିଜେପି କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓମାଲି ଆଟୋ ସଂଘ,ଲକ୍ଷ୍ମଣ ନାୟକ ଷ୍ଟଡି ସର୍କଲ,କିଲଫ୍, ହାଇସ୍କୁଲ, ନେତାଜୀ, ସରସ୍ୱତୀ ଶିଶୁ ମନ୍ଦିର ଏବଂ ବିଭିନ୍ନ ଶିକ୍ଷା ଅନୁଷ୍ଠାନଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ମିନି ଷ୍ଟାଡିୟମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଅଧକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମ ଚାନ୍ଦ୍ର କାଡାମ ଯୋଗଦେଇ ପତାକା ଉତ୍ତୋଳନ କରିଥଲେ। ବ୍ଲକ ଅଧକ୍ଷା ଶ୍ରୀମତି ଲିଲି ଅଣ୍ଟା ବିରିଆ, ଉପାଧକ୍ଷ ଶିବା ବାଙ୍ଗାରୀ, ବ୍ଲକ୍ ଅଧିକାରୀ, ଜନ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମିଳିଗୁଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ କରି ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମଚାନ୍ଦ୍ର କାଡାମ କିଛି ଲୋକଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ତହସିଲଦାର ଦେବବ୍ରତ କରତୀ କାର୍ଯକ୍ରମରେ ଅଧକ୍ଷତା କରିଥିବା ବେଳେ ବିକାଶ ଚନ୍ଦ୍ର ବାଇନି, ସେମିଳିଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିଁନ କୁମାର୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

**ଲକ୍ଷ୍ମୀପୁର :** ବିଭିନ୍ନ ସ୍ଥାନ ଯଥା ବ୍ଲକ, ପୋଲିସ ଥାନା,ତହସିଲ କାର୍ଯ୍ୟାଳୟ, ଫରେଷ୍ଟ, ବଜାର କମିଟି, ଲକ୍ଷ୍ମୀପୁର ମହାବିଦ୍ୟାଳୟ ଇତ୍ୟାଦି ସ୍ଥାନରେ ସ୍ୱଧୀନତା ଦିବସ ପାଳନ କରାଯାଇଥିଲା। ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରାପୁଟ ସାଂସଦଙ୍କ ପ୍ରତିନିଧି କୈଳାଶ ଚନ୍ଦ୍ର ଖୋସ୍ଲା, ବିଧାୟକଙ୍କ ପ୍ରତିନିଧି ମଣ୍ଡୀ ଖରା, ଅବସରପ୍ରାପ୍ତ ଶିକ୍ଷକ ଫକୀର ମୋହନ ସାହୁ, ପୁରାତନ ଛାତ୍ର ଇନ୍ଦ୍ରଜିତ ସାହୁ, ଭି ନାଗା ରାଜୁ, କାମି ମାଣ୍ଡିଙ୍ଗା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀମାନେ ପ୍ୟାରେଡ କରି ବସ୍‌ଷ୍ଟାଣ୍ଡ ସ୍ଥିତ ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସହର ପରିକ୍ରମା କରିଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଓ କ୍ରୀଡା ଶିକ୍ଷକ ଆଶୀର୍ବାଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନବରଙ୍ଗପୁର :** ୧୨ ବାଟାଲିୟନ ସିଆରପିଏଫ କ୍ୟାମ୍ପସରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନକେକେ ପ୍ରସାଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ହରଘର ତ୍ରିରଙ୍ଗା ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ କରାଯାଇଥିବା ରଚନା ଲିଖନ , ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରଶ୍ନୋତରୀ ପ୍ରତିଯୋଗିତା ଓ ରିଲ୍ ପ୍ରସ୍ତୁତି ପ୍ରତିଯୋଗୀରେ ଭାଗ ନେଇ ପ୍ରଥମ, ଦ୍ୱତୀୟ, ଏବଂ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ କମାଣ୍ଡେଣ୍ଟ ଏନ କେ କେ ପ୍ରସାଦଙ୍କ ସମେତ ଡେପୁଟି କମାଣ୍ଡେଣ୍ଟ ରାଜୀବ କୁମାର, ଡକ୍ଟର ମଧନ ଭି , ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ଅଧିନସ୍ଥ ଅଧିକାରୀ ପ୍ରମୁଖଙ୍କ ସମେତ ବହୁ ଯବାନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ଜୟପୁର :** ଜୟପୁର ସହରରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ଦଶହରା ପଡିଆ ଠାରେ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଭାଷଣ ମାଧମରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ କୁମାରୀ ରେଡ୍ଡି କହିଛନ୍ତି ଯେ, ଆଜିର ଦିବସରେ ଆମେ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଓ ରାଜ୍ୟ ସ୍ତରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏହି ଅଞ୍ଚଳର ପ୍ରତିଭା ଭାବେ କୁନ୍ଦ ମାଝୀ, ହିରାମଣି ମାଝୀ, ଗ୍ଲୋବାଲ ଫେଷ୍ଟେ ରାଜ୍ୟ ସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବା ଏବଂ ମାର୍ଶଲ ଆର୍ଟର ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। । ପ୍ୟାରେଡ ପଡିଆର କାର୍ଯ୍ୟକ୍ରମ ପରେ ଉତ୍କଳ ବାଳାଶ୍ରମରେ ଥିବା ଅନ୍ତେବାସୀ, ଓ ଉପଖଣ୍ଡ କାରାଗାର ଅନ୍ତେବାସୀ, ଜିଲ୍ଲା ଚିକିତ୍ସାଳୟର ରୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ଏସଡିପିଓ ପାର୍ଥ କାଶ୍ୟପ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର , ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକରା ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ସଚିନ୍ଦ୍ର ପ୍ରଧାନ, ମହିଳା ଥାନା ଅଧିକାରୀ ଆଶ୍ରିତା ଖାକ୍ଲୋ , ବିଭିନ୍ନ ବିଭାଗିୟ ସରକରୀ ଅଧିକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ଏନସିସି ଅଧିକାରୀ ଡ.ଲକ୍ଷ୍ମଣ ପାତ୍ର, ପୀତବାସ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରବି ନାୟକ, ନିରଞ୍ଜନ ପାଣିଗ୍ରାହୀ ଓ ଗଣେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ନବରଙ୍ଗପୁର :** ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର, ଆଶା କିରଣ ଠାରେ ନବରଙ୍ଗପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ. ମହେଶ୍ୱର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପିଲାଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ପିଲା ନିଜେ ନିଜକୁ କେବେ ଏକୁଟିଆ ବୋଲି ଭାବିବେ ନାହିଁ ବୋଲି କହିଥିଲେ। ଜିଲ୍ଲାର ସମସ୍ତ ଅଫିସର୍ ଠାରୁ ଆରମ୍ଭ କରି ଜିଲ୍ଲାପାଳ ମଧ ସେମାନଙ୍କ ସାଙ୍ଗରେ ଅଛନ୍ତି ବୋଲି କହିଥିଲେ। ସେ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଇଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏ ଧନୁର୍ଜୟ ରାଓ ଉପସ୍ଥିତ ଥିଲେ। ଏହି ଅବସରରେ ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ତଥା ଇନ୍ଦ୍ରମଣି ମଙ୍ଗରାଜ, ସନ୍ଧ୍ୟାରାଣି ବେହେରା,ଶାନ୍ତି ପଣ୍ଡା, ରଶ୍ମିତା ପ୍ରଧାନ, ପାର୍ବତୀ ଜାନୀ, ରିଙ୍କୁ ରାଜ ବେହେରା, ଈଶ୍ୱର ବଂଜରା, ରଶ୍ମିତ ଧାନଫୁଲ ଏବଂ ଅନେକ ଅଭିଭାବକ ନେପାଳ, ପପୁନ, ମନୋଜ, ଫୁଲମନ୍ ,ସୁଶାନ୍ତ, ପୁସ୍ତମ, କହ୍ନେଇ, ରମେଶ, ତପେଶ୍ୱର୍, ପରମେଶ୍ୱର, ରଞ୍ଜିନ, ଅନନ୍ତ, ପ୍ରଭୁଦାନ ପ୍ରମୁଖ ଉପସ୍ଥିତ ଥିଲେ।








**ଜୟପୁର :** ଜୟପୁର ଇରିଗେସେନ କୋଲନୀସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ମହାପୁରୁଷ ଶ୍ରୀ ଅରବିନ୍ଦଙ୍କ ୧୫୪ତମ ପବିତ୍ର ଜୟନ୍ତୀ ଏବଂ ସ୍ୱାଧୀନତା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଅପର୍ଣ୍ଣା ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଛାତ୍ରଛାତ୍ରୀ ମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ୍ ମାତୃପତକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଚନ୍ଦ୍ରଶେଖର ମହାପାତ୍ର, ଅଧକ୍ଷା ଶୁଚିସ୍ମିତା ମହାନ୍ତି. ଉପାଧକ୍ଷା ସଞ୍ଜୁକ୍ତା ପଟ୍ଟନାୟକ, ବରିଷ୍ଠ ଶିକ୍ଷୟତ୍ରୀ ଅରୁଣା ସିଂହ ସମେତ ଆୟୋଜିତ ପାଠଚକ୍ରର ସଭ୍ୟ , ସଭ୍ୟା ଏବଂ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀ ଉପସ୍ଥିତି ରହିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦଶହରା ପଡ଼ିଆରେ ଆୟୋଜିତ ହୋଇଥିବା ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସର ପେରେଡରେ ଭାଗ ନେଇଥିଲେ। ଏହି ପରେଡରେ ଏହି ଶିକ୍ଷାକେନ୍ଦ୍ରର ସାଧା ପୋଷାକଧାରୀ ବାଳକ ବିଭାଗ କନିଷ୍ଠରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ମୁଖ୍ୟ ଅତିଥିଙ୍କ ଠାରୁ ସିଲ୍ଡ ଗ୍ରହଣ କରିଛନ୍ତି।

**ପୋଡ଼ାଗଡ :** କୋରାପୁଟ ଜିଲ୍ଲ ଦଶମନ୍ତପୁର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି। ବ୍ଲକ କାର୍ଯ୍ୟାଳୟରେ ବିଡିଓ ମିଳନ କୁମାର ଝାଙ୍କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନୀ ଉପସ୍ଥିତ ରହି ପ୍ରଥମେ ଗାନ୍ଧୀ ମୂର୍ତ୍ତିରେ ପୂଜାର୍ଚ୍ଚନା କରି ସାରି ପରେ ପତାକା ଉତ୍ତୋଳନ କରି କରିଥିଲେ। ସେହି ଭଳି ରାଧା କୃଷ୍ଣ କଲେଜ୍‌ରେ ଓଡ଼ିଆ ଅଧାପକ ସୁକାନ୍ତ କୁମାର ବାଣୁଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଥାନା ଅଧିକାରୀ ସୁକୁମା ହାଁସଦା, ଓ ଜିବି ବ୍ୟାଙ୍କ୍‌ରେ ଶାଖା ପରିଚାଳକ ବିଶ୍ୱଜିତ ବେହେରା, ମେଡିକାଲରେ ଚିକିତ୍ସା ଅଧିକାରୀ, କୋର୍ଟରେ ବିଚାର ପତି, ତହସିଲ ଭଳି ବିଭିନ୍ନ ସ୍ଥାନରେ ପତାକା ଉତ୍ତୋଳନ କରି ସହିଦ୍ ସଂଗ୍ରାମୀ ମାନଙ୍କୁ ସ୍ମରଣ କରିଥିଲେ। ଏହି ଅବସରରେ ଦଶମନ୍ତପୁର ହାଇସ୍କୁଲ ପଡ଼ିଆରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ୟାରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭୁ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଥିବା ବେଳେ ସମ୍ମାନିତ ଅତିଥି ଭାବେ, ବ୍ଲକ ଉପାଧକ୍ଷ ଅରୁଣ କୁମାର ଚେଟୀ, ଜିଲ୍ଲା ପରିଷଦ ସଭ୍ୟ ଧନପତି ସାଉନ୍ତା ଲଳିତା ଜାନି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦିପ କୁମାର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ, କହ୍ନେଇ ଜାନୀ, ମୋହନ ପାତ୍ର ହିଆଲ, ଉଦୟ ଚନ୍ଦ୍ର ହିଆଲ, ପଙ୍କଜ ବାଘ, ଦିଲିପ ବାଘ, କୃପା ରାଇ ସମେତ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କ୍ରୀଡ଼ା ପାଇଁ ଆର୍ତ୍ତତ୍ରାଣ ଆଚାର୍ଯ୍ୟ ଏବଂ ମଞ୍ଚ ପାଇଁ ସାନ୍ତୁନୁ କୁମାର ନାହକ ପରିଚାଳନା କରିଥିଲେ।

**ତେନ୍ତୁଲିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଠାରେ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ଶ୍ରୀମତୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ଏବିଡିଓ କୃପାସିନ୍ଧୁ ନାୟକଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖାତିଗୁଡା ବଣିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟବସାୟୀ ଆନନ୍ଦ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିମଳ କୁମାର ବେହେରା ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ନବୋଦୟ ବିଦ୍ୟାଳୟ ଠାରେ ଅଧକ୍ଷ ଡ. ପୀତବାସ ପ୍ରହରାଜ ପତାକା ଉତ୍ତୋଳନ କରିଥିଲେ।

**ନାରାୟଣପାଟଣା :** ନାରାୟଣପାଟଣା ବ୍ଲକର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ବ୍ଲକ ସ୍ତରୀୟ ସ୍ୱାଧିନତା ଦିବସ ସରକାରୀ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିଲା। ବ୍ଲକ୍ ଅଧକ୍ଷ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପ୍ୟାରେଡରେ ଭାଗ ନେଇଥିଲେ ।ଆୟୋଜିତ କାର୍ଯ୍ୟକ୍ରମରେ ଖେଳପ୍ରତିଯୋଗିତା ,ପ୍ରବନ୍ଧ ,ସଙ୍ଗୀତ,ବକ୍ତୃତା ପରି ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଅନୁଷ୍ଠାନର ଅଧିକାରୀ, ବୁଦ୍ଧିଜୀବୀ, ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ।

**ନାରାୟଣପଟଣା :** ଓଡିଶା-ଆନ୍ଧ୍ର ସୀମାନ୍ତ ଲଙ୍ଗଳବେଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସହ ସ୍ୱାଧୀନତା ଦିବସ ପାଳିଲେ ତହସିଲଦାର ପ୍ରଭାତୀ ଝଡିଆ। ପ୍ରଥମେ କୁନିକୁନି ଛାତ୍ର ଛାତ୍ରୀ ତହସିଲଦାର ମାଡାମ କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ପତାକା ଉତ୍ତୋଳନ ପରେ କିଛି ସମୟ ଛାତ୍ରଛାତ୍ରୀଙ୍କ ସହିତ ବିତାଇ ସେମାନଙ୍କର ରହିବା, ଖାଇବା ସହ କିପରି ପାଠପଢା ହେଉଛି ତାହାର ସମୀକ୍ଷା କରିଥିଲେ। କୁନି କୁନି ଛାତ୍ର ଛାତ୍ରୀ ମଧ ନାରାୟଣପଟଣା ତହସିଲଦାରଙ୍କ ସହ କଥା ହେବା ଓ ତାଙ୍କ ସହ ଫୋଟୋ ଉଠାଇ ବହୁତ ଖୁସି ଅନୁଭବ କରିଥିଲେ। ଶେଷରେ ସ୍କୁଲ ପରିବେଶରେ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସହ ସ୍ୱାସ୍ଥ୍ୟ ହିତ ଫଳ ଗଛ, ଓ ରଙ୍ଗ ବେରଙ୍ଗ ଫୁଲଗଛ ଶିକ୍ଷକ ଶିକ୍ଷୟତ୍ରୀ ସହ ଛାତ୍ରଛାତ୍ରୀ ଯତ୍ନ ନେଉଥିବା ଦେଖି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ।

**ଟିକିରି :** ରାୟଗଡା ଜିଲା କାଶିପୁର ବ୍ଲକ ଟିକିରି ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମହାଆଡମ୍ବରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ ଟିକିରି, ଆଜାଦ ଯୁବ ସଂସଦ,ଭର୍ତିଗୁଲ୍ଲି ପବ୍ଲିକ୍ ସ୍କୁଲ, ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ, ବାଜିରାଉତ ଯୁବକ ସଂଘ ସର୍ଗୀଗୁଡା ଏବଂ ଅଞ୍ଚଳର ସମସ୍ତ ବିଦ୍ୟାଳୟରେ ପାଳିତ ହୋଇଯାଇଛି।

**ରାୟଗଡ଼ା :** ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ବଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ସଭାପତି ମାଙ୍ଗିଲାଲ ଜୈନ, ଉପସଭାପତି ରଘୁ ନନ୍ଦନ ନନ୍ଦ ଓ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ସଭାପତି ମହୋଦୟ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମହୋଦୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥି ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ମଧ ପାଳିତ ହୋଇଛି। ଜନ୍ମାଷ୍ଟମୀ ଉତ୍ସବରେ ବାବୁଲାଲ ଗନ୍ତାୟତ( ଡିଆଇସି ର ଅବସର ପ୍ରାପ୍ତ ଜିଏମ) ଓ ଚିତ୍ତରଞ୍ଜନ ପାତ୍ର(ଅବସର ପ୍ରାପ୍ତ ଆଇଟିଓ) ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି, ଉପସଭାପତି ଓ ପ୍ରଧାନ ଆଚାର୍ଯ୍ୟ ମଧ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ରାଧା କୃଷ୍ଣ ବେଶରେ ଆସିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିଶୁଙ୍କର ନଗର ପରିକ୍ରମା କରି ନିକଟସ୍ଥ ହନୁମାନ ମନ୍ଦିରକୁ ନିଆ ଯାଇଥିଲା। ପରିଚାଳନା ସମିତିର ସମସ୍ତ ସଦସ୍ୟ, ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ତଥା ସେବିକା ଓ ଶିଶୁଙ୍କ ସହଯୋଗରେ ଦୁଇଟି ଯାକ କାର୍ଯ୍ୟକ୍ରମ ସଫଳ ହୋଇଛି।

**ଟିକିରି :** ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟେରନ୍ୟାସନାଲ ଲିମିଟେଡ୍, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନୂଆପଡା ଟାଉନସିପ ସ୍ଥିତ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ରବିନାରାୟଣ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାମୁହିକ ଭାବେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହାପରେ କାରଖାନା ସୁରକ୍ଷା କର୍ମୀ ଓ କାର୍ମଚାରୀ ତଥା ଏସଏସଷ୍ଟିଫ, ଏସଆଇଏସ, ଏସଏଲଭି, ମହିଳା କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ଏନ୍ସିସି ବାଳିକ, ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲକୁ ନେଇ ଗଠିତ ପରେଡ ଦଳ ତରଫରୁ ଜାତୀୟ ପତାକାକୁ ସମ୍ମାନ ପୂର୍ବକ ପରେଡ ଆୟୋଜନ ହୋଇଥିଲା। ଏହି ପରେଡରେ କାରଖାନା ମୁଖ୍ୟ ଶ୍ରୀ ମିଶ୍ର ଅଭିବାଦନ ସ୍ୱୀକାର କରିବା ସହିତ ଉପସ୍ଥିତ ସମବେତ ଜନତା ଏହାକୁ ଉପଭୋଗ କରିଥିଲେ। ପରବର୍ତୀ ପର୍ଯ୍ୟାୟରେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଉଦ୍‌ବୋଧନ ଦେଇଥିଲେ।କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ଥୁଟିବର ବାଳିକା ବିଦ୍ୟାଳୟ ଓ ଟିକିରି ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ଗଠିତ ଛାତ୍ରଛାତ୍ରୀଙ୍କ ଦଳ ଦେଶ୍ରକବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କାରଖାନା ସୁରକ୍ଷା ପାଇଁ ଅବିରତ ତଥା ଉଲ୍ଲେଖନୀୟ ଦାଇତ୍ୱ ତୁଲାଉଥିବା ସୁରକ୍ଷା କର୍ମୀ ଏସଏସଟିଏଫ ବିଭାଗରୁ ଡିପି ଦାସ, ଏସଆଇଏସ ତରଫରୁ ଦୁଷ୍ମନ୍ତ ନାୟକ, ଏସଏଲଭି ପକ୍ଷରୁ ପୁରୁଷତ୍ତମ ମହାନନ୍ଦ, ଏଲଏସଜି ତରଫରୁ ଭାରତୀ ମହାରଣା, ଅଗ୍ନିଶମ ବିଭାଗର ପ୍ରଦୀପ ନାୟକ, ଉତ୍କଳ ହସ୍ପିଟାଲ୍ ର ସନ୍ତୋଷ ଦୋରା, ଆଡମିନର ଅଞ୍ଜନ ମାଝୀ ଓ ପିତାମ୍ବର ନାୟକ, ଆଇଟି ବିଭାଗର ବଳରାମ ମାଝୀଙ୍କ ସମେତ ଅନ୍ୟ ସୁରକ୍ଷା କର୍ମଚାରୀ ଅଶୀକିରଣ ବାଗ, ନିର୍ମଳ ହରିଜନ, କୃଷ୍ଣ ବାତିଲିଆ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅଦିତ୍ୟା ବିର୍ଲା କମ୍ପାନୀରେ ଦୀର୍ଘ ୨୫ ବର୍ଷ ନିଜର ଅବ୍ୟାହତ ଭାବେ ସେବା ଯୋଗାଇଥିବା ମହେଶ୍ ପାଣ୍ଡେଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ଅବସରରେ କାରଖାନା ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣଲ ପରମଜିତ ବାଜବା, ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ର, ବିଜୟ କୁମୁରା, ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ସିଏସଆର ବିଭାଗ ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀମତୀ ଶର୍ମିଳା ସରକାର, ଇଆର ବିଭାଗ ମୁଖ୍ୟ କିରଣ ନାୟକ ଓ ଏଭିପି ଉତ୍ତମ ଗିରିଙ୍କ ସମେତ ଅନ୍ୟ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ।। କାର୍ଯ୍ୟକ୍ରମକୁ ଅଦିତ୍ୟା ବିର୍ଲା ପବ୍ଲିକ୍ ସ୍କୁଲ୍ ର ଶିକ୍ଷାତ୍ରୀ କରୁଣା ତିବାରୀ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ତରଫରୁ ମହାଡ଼ମ୍ବରରେ ୭୯ ତମ ସ୍ୱାଧୀନତା ଦିବସ ବାଫ୍ଲିମାଳି ପର୍ବତରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଖଣି ମୁଖ୍ୟ ବିଜୟ ଚୌହାନ ଜାତୀୟ ପତାକା ଉତ୍ତୋଳନ କରିବା ସହ ସାମୁହିକ ଜାତୀୟ ସଂଗୀତ ଗାନ କରିଥିଲେ। ଣି ସିଏସଆର ମୁଖ୍ୟ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ବିଭାଗୀୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।



## ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଲାଞ୍ଜିଗଡ଼,୧୭।୮(ସମିସ): ଲାଞ୍ଜିଗଡ଼ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଗସ୍ତ ଅବସରରେ ବ୍ଲକ୍ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନ ଜିଲ୍ଲା ସଭାପତି ଭାବେ ତାଙ୍କ ନାମ ଘୋଷଣା ପରେ ଶ୍ରୀ ଦିଶାରୀଙ୍କ ଏହା ପ୍ରଥମ ବିଶ୍ୱନାଥପୁର ଗସ୍ତ କାର୍ଯ୍ୟକ୍ରମ ଥିଲା। ଏହାକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ନେତୃତ୍ୱରେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ ଜଗଦୀଶ ବେନିଆ, ପାତ୍ର ମାଝୀ, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ଶ୍ରୀଧର ପେସନିଆ, ମନୋହର ହରପାଲ, ଚନ୍ଦ୍ରଧ୍ୱଜ ପେସନିଆ, ଚନ୍ଦ୍ରଧ୍ୱଜ ମହାପାତ୍ର, ହରିଶଙ୍କର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ବ୍ଲକ ଯୁବ ବିଜେଡି ସଭାପତି ଡିଲେଶ କୁମାର ନାଗ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସୁଜାତା ଘଡେଇ, ବିଜେଡି ନେତା ତରୁଣ କୁମାର ଦାସ, କିଶୋର ହରପାଲ, ହରିହର କୁମାରଙ୍କ ସମେତ ବହୁସଂଖ୍ୟାରେ ଦଳୀୟ ନେତା ଓ କର୍ମୀ, ପଞ୍ଚାୟତ ସଭାପତି, ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ଦିଶାରୀ ପ୍ରଥମେ ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପରିସରରେ ନବନିର୍ମିତ କମ୍ୟୁନିଟି ହଲର ଉଦ୍‌ଘାଟନ କରିବା ସହିତ ଦଳ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦଳୀୟ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହା ପରେପରେ ଦଳ ତରଫରୁ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ବାହାରି ସେ ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ଫୁଟବଲ ମ୍ୟାଚରେ ଯୋଗଦେଇଥିଲେ।

**ସମସ୍ୟା ଘେରରେ ବାଘନକି ଗାଁ**

# ଦିଗହରା ସରକାରୀ ଯୋଜନା ; ମିଳୁନି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ

ଲାଞ୍ଜିଗଡ଼,୧୭।୮(ସମିସ): ସରକାରଙ୍କ ମାଳମାଳ ଯୋଜନା ସତ୍ତ୍ୱେ ବାଘନକି ଗାଁରେ ସରକାରୀ ଯୋଜନା ବାଟବଣା। ଆଜିବି ଏହି ଗାଁରେ ପହଞ୍ଚି ପାରିନାହିଁ ମୌଳିକ ସୁବିଧା। ନା ମିଳିଛି ପକା ରାସ୍ତା ନା ମିଳିଛି ବିଶୁଦ୍ଧ ପାନୀୟ ଜଳ ଏମାନଙ୍କ ପାଇଁ ସ୍ୱାସ୍ଥ୍ୟ,ଶିକ୍ଷା, ବିଜୁଳି ପାଲଟିଛି ସାତ ସପନ। ଏମିତି ଏକ ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ପଞ୍ଚାୟତ ଅଧୀନ ବାଘନକି ଗାଁ। ଏହି ଗାଁରେ ପାଖାପାଖି ୩୦ଘର ଆଦିବାସୀ ଜନସମ୍ପ୍ରଦାୟ ଲୋକେ ଦୀର୍ଘବର୍ଷ ଧରି ବସବାସ କରୁଛନ୍ତି। ଏହି ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା ଓ ବିଜୁଳି, ଭଳି ଅନେକ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗାଁ ଚାରି ପାଖରେ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ଗାଁରେ ବିଜୁଳି ସଂଯୋଗ ହୋଇନଥିବା ଯୋଗୁଁ ବନ୍ୟଜନ୍ତୁଙ୍କ ଭୟରେ ଲୋକେ ସନ୍ଧ୍ୟା ହେଲେ କବାଟ



ବନ୍ଦ କରି ଦିଅନ୍ତି। ଗାଁରେ ପିଇବା ପାଣି ପାଇଁ ସୋଲାର ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି ସତ କିନ୍ତୁ ତାହା ବି ଠିକ ଭାବରେ ଚାଲୁନାହିଁ। ଫଳରେ ବାଧ୍ୟ ହୋଇ ଗାଁ ଲୋକେସ୍ଥାନୀୟ ନାଳର ଗୋଳିଆ ପାଣି ପିଉଛନ୍ତି। ଗାଁରେ ସ୍କୁଲ ବା ଅଙ୍ଗନବାଡି କେନ୍ଦ୍ର ନାହିଁ ଏମାନଙ୍କୁ ସ୍କୁଲ ଯିବାକୁ ହେଲେ ବଣପାହାଡ଼ ଘେରା ରାସ୍ତା ଦେଇ ୪କି.ମି ଆମପଦର ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡିଥାଏ। ତେବେ ବଣପାହାଡ଼ ରାସ୍ତା ଯୋଗୁଁ ଅନେକ ପିଲା ଭୟରେ ସ୍କୁଲ ଯାଆନ୍ତି ନାହିଁ। ଗାଁରେ ସ୍କୁଲ, ବିଜୁଳି ଓ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମ ବାସି ମତପ୍ରକାଶ କରିଛନ୍ତି। ତେବେ ଏହି ଗାଁ ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଗୁହାରି କରିଛନ୍ତି।

## ମାଙ୍କଡ଼ ଆକ୍ରମଣରେ ଜଣେ ଗୁରୁତର

ଥୁଆମୂଳ ରାମପୁର,୧୭।୮(ସମିସ): ଥୁଆମୂଳ ରାମପୁର ବ୍ଲକରେ ଦିନକୁ ଦିନ ମାଙ୍କଡ଼ ମାନଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ମଣିଷ ମାନଙ୍କୁ ଆକ୍ରମଣ କରିବାରେ ପଛାଉ ନ ଥିବା ଦେଖିବାକୁ ମିଳୁଛି। ଶନିବାର ସ୍ଥାନୀୟ ଶିବ ମନ୍ଦିର ପଡାର ବିଦୁ ଖରସେଲ ନାମକ ଜଣେ ବ୍ୟକ୍ତି ବାଟରେ ଠିଆ ହୋଇଥିବା ବେଳେ ହଠାତ ମାଙ୍କଡ଼ ଆସି ଗୋଡ଼କୁ ଆକ୍ରମଣ କରିଥିଲା। ଫଳରେ ବିଦୁ ଗୁରୁତର ଆହତ ହୋଇଥିଲେ। ବିଦୁଙ୍କୁ ଚିକିତ୍ସା ନିମନ୍ତେ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ବ୍ଲକ ମୁଖ୍ୟାଳୟରେ ମାଙ୍କଡ଼ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଅନେକ ଦୂରଦୂରାନ୍ତରୁ ଆସିଥିବା ଲୋକଙ୍କୁ ହଇରାଣ ହରକତ କରୁଥିବା ସହିତ ଆକ୍ରମଣ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ମାଙ୍କଡ଼ ମାନଙ୍କ ଏଭଳି ସ୍ୱଭାବ ଯୋଗୁଁ ଅଞ୍ଚଳରେ ଲୋକଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି ହେଇଛି।

## ପୋଖରୀବନ୍ଧ ଦୁର୍ଗା ପୂଜା ଲାଗି ମାଟି ଅନୁକୂଳ

ଲାଞ୍ଜିଗଡ଼,୧୭।୮ (ସମିସ): ଶାରଦୀୟ ଦଶହରା ଦୂର୍ଗାପୂଜା ପାଇଁ ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ମଣ୍ଡପରେ ମା'ଙ୍କ ମୃଣ୍ମୟମୂର୍ତ୍ତି ନିର୍ମାଣ ପାଇଁ ଶନିବାର ମାଟି ଅନୁକୂଳ ଆରମ୍ଭ ହୋଇଛି। ପବିତ୍ର ଜନ୍ମାଷ୍ଟମୀ ଅବସରରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ସ୍ଥିତ ମା'ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ଚଳିତବର୍ଷ ସର୍ବପ୍ରଥମେ ମାଟି ଅନୁକୂଳ ହୋଇଛି। ସମସ୍ତ ବୈଦିକ ରୀତିନୀତି ଅନୁଯାୟୀ ମା' ଦୂର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ ହୋଇଥିଲା। ମା' ହୀରାନୀଳା ଷ୍ଟୋନ କ୍ରସର ପକ୍ଷରୁ ମାଁ ଦୁର୍ଗାଙ୍କ ଦଶହରା ପର୍ବ ତୃତୀୟ ବର୍ଷରେ ପଦାର୍ପଣ କରୁଥିବା ବେଳେ ମା'ଙ୍କ ମୃଣ୍ମଇ ମୂର୍ତ୍ତି ପାଇଁ ମାଟି ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଛି। ପୂଜକ ତଥା ମୂର୍ତ୍ତି କାରିଗର କାଳିପଦ ମଣ୍ଡଳ ପବିତ୍ର ମାଟି ସଂଗ୍ରହ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ମାଁ ହିରାନୀଳା ଷ୍ଟୋର କ୍ରସର ପକ୍ଷରୁ ରମେଶ ଚନ୍ଦ୍ର ସାହୁ, ପରିଚାଳନା କମିଟିର ସଦସ୍ୟ ଭବାନୀ ଶଙ୍କର ବାଣୁଆ, ବିକ୍ରମ ଆଦିତ୍ୟ ବାରିକ, କୁଳମଣି ବାଣୁଆ, କର୍ଣ୍ଣ ମାଝୀ, ଚଞ୍ଚଳା ବାଣୁଆ ମାଧ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସିଆରସିସି ଝାଜରୁ ମାଝୀଙ୍କ ଦେହାନ୍ତ

ଥୁଆମୂଳ ରାମପୁର,୧୭।୮(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସି.ଆର୍.ସି.ସି ଝାଜରୁ



ମାଝୀଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ଏମିତି ହଠାତ ଦେହାନ୍ତ ଖବର ଅଞ୍ଚଳ ବାସୀଙ୍କୁ ସ୍ତବ୍ଧ କରିଦେଇଛି। ଡାକକୋଟା ଗ୍ରାମର ଝାଜରୁ ମାଝୀଙ୍କ ହଠାତ୍ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଉଥିଲେ। ହେଲେ କିଆପଦର ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମର ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ବର୍ତ୍ତମାନ ତାଙ୍କ ଘରେ ସ୍ତ୍ରୀ ଦୁଇପୁଅ ଓ ଗୋଟିଏ ଝିଅ ଥିବା ବେଳେ ତାଙ୍କ ମୃତ୍ୟୁ ପରେ ପାରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଘରେ ଜଣେ ମାତ୍ର ମୁରିବୀ ଥିବାବେଳେ ଏବେ ଝାଜରୁ ମାଝୀଙ୍କ ମୃତ୍ୟୁନେଇ ପରିବାର ମଧ୍ୟରେ ଦୁଃଖର ପାହାଡ଼ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସ୍ୱର୍ଗତ ଝାଜରୁ ମାଝୀ ଜଣେ ମେଳାପୀ ଦକ୍ଷ ଶିକ୍ଷକ ଥିଲେ।

## 'ଶାଶ୍ୱତ ସଙ୍ଗୀତ ଶ୍ରୀମଦଭାଗବତ ଗୀତା' ଲୋକାର୍ପିତ

ଭବାନୀପାଟଣା,୧୭।୮(ସମିସ): ସ୍ନେହଲତା ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ 'ଶାଶ୍ୱତ ସଙ୍ଗୀତ ଶ୍ରୀମଦ୍‌ଭାଗବଦ୍ ଗୀତା' ଲୋକାର୍ପିତ ହୋଇଛି। ସ୍ଥାନୀୟ ସତ୍ୟସାଇ ବିଦ୍ୟା ମନ୍ଦିରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଭବାନୀପାଟଣା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଅମେୟାନନ୍ଦ ଜି ମହାରାଜ, ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଗୀତା ପ୍ରଚାର ସମିତି ଭବାନୀପାଟଣାର ପ୍ରତିଷ୍ଠାତା ସଭାପତି ଇଂ ନିରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ହିନ୍ଦୁସ୍ଥାନ ଏରୋନେଟିକ୍ସର ପ୍ରକଳ୍ପ ଅଧିକାରୀ ଗୋପାଳକୃଷ୍ଣ ଷଡ଼ଙ୍ଗୀ, ହିଲ୍‌ଟାଉନ୍ ସିଭିଲ ସୋସାଇଟିର ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ସତ୍ୟସାଇ ବିଦ୍ୟା ମନ୍ଦିରର ସମ୍ପାଦକ ସୁବ୍ରତ କୁମାର ଖାଡଙ୍ଗା ଓ ଶ୍ରୀରୂପା ପବ୍ଲିକେଶନର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ କୁମାର ସାହୁ ଅତିଥି ଭାବରେ ଯୋଗଦେଇଥିଲେ। ଲେଖିକା ଶ୍ରୀମତୀ ସ୍ନେହଲତା ଷଡ଼ଙ୍ଗୀ ଦୀର୍ଘ ଛଅ ବର୍ଷ ଧରି ତପସ୍ୟା ଓ ସାଧନା ଦ୍ୱାରା ଗୀତା ଭଳି ଏକ ପବିତ୍ର ଆଧ୍ୟାତ୍ମିକ ଗ୍ରନ୍ଥ ଅନୁଦିତ ଓ ଟୀକା ପ୍ରସ୍ତୁତ କରିଛନ୍ତି। ଭଗବତ କୃପା ବିନା ଏହିଭଳି



ଗ୍ରନ୍ଥ ରଚନା ସମ୍ଭବ ନୁହେଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ଗୀତା ସଂସାରର ସବୁଠୁ ଅମୂଲ୍ୟ ସମ୍ପଦ ଏବଂ ଏହା ପଠନ ଦ୍?ାରା ମାନସିକ ଅବସାଦ, ଦୁଶ୍ଚିନ୍ତାରୁ ନିଶ୍ଚୟ ମୁକ୍ତି ମିଳେ। ଏଣୁ ସମସ୍ତେ ପ୍ରତିଦିନ ଅନ୍ତତଃ ଗୀତାର ଗୋଟିଏ ଶ୍ଳୋକ ପାଠ କରି ତାହାର ଭାବାର୍ଥ ବୁଝି ନିଜ ଜୀବନରେ ପ୍ରୟୋଗ କରି ଶାନ୍ତିରେ ଜୀବନଯାପନ କରିବା ନିମନ୍ତେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସୁଶ୍ରୀ ସୁନୟନା ମୁଣ୍ଡ ପ୍ରାରମ୍ଭିକ ସଙ୍ଗୀତ ଓ ସତ୍ୟସାଇ ସେବା ସମିତି ଭକ୍ତ ବୃନ୍ଦ ଭଜନ ପରିବେଷଣ କରିଥିଲେ। ମନୋଜ କୁମାର ମୁଣ୍ଡ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ଟ୍ରଷ୍ଟି ପ୍ରମୋଦ ଖମାରୀ ଓ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ପୁସ୍ତକର ରଚୟିତା ସ୍ନେହଲତା ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଲୋକାର୍ପଣ ଆୟୋଜକଙ୍କ ପକ୍ଷରୁ ଏକେଏନ ନ୍ୟୁଜ୍ ର ମୁଖ୍ୟ ସମ୍ପାଦକ ଅମିୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଆକାଶବାଣୀ କଳାକାର ସୌରଭ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଦବ ପରିବାର ତରଫରୁ ନନ୍ଦ ଉତ୍ସବ



ଭବାନୀପାଟଣା,୧୭।୮(ସମିସ): ଯାଦବ ପରିବାର କଳାହାଣ୍ଡି ତରଫରୁ ସ୍ଥାନୀୟ ଟାଉନହଲଠାରେ ନନ୍ଦ ଉତ୍ସବ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫେନ୍ସି ଡ୍ରେସ, ଭଜନ ସନ୍ଧ୍ୟା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି କୁନି କଳାକାରଙ୍କୁ ଅତିଥିବୃନ୍ଦଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକମରେ ପାଞ୍ଚଶହରୁ ଅଧିକ ଶ୍ରୀକୃଷ୍ଣ ପ୍ରେମୀ ଉଭୟ ମହିଳା ଛାତ୍ର ଓ ଯୁବକ ଯାଦବଗଣ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସଂଯୁକ୍ତା ବେହେରା, ପୂର୍ବତନ ଅଧ୍ୟକ୍ଷା, ଭବାନୀପାଟଣା ପୌରପାଳିକା ତଥା ରାଜ୍ୟ ମହିଳା ସଭାନେତ୍ରୀ, ଉତ୍କଳ ଯାଦବ ମହାସଭା, ସମ୍ମାନିତ ଅତିଥି ଭାବେ ଯୁଗଳ ପୋଡ଼, ଜଗଦୀଶ ଯାଦବ, ନଳିନୀ ରାଉତ, କୀର୍ତ୍ତନ ନାଏକ, ଜଜାତି ନାୟକ, ସାଗର ରାଉତ, ଭବାନୀପାଟଣା ସହର ଯାଦବ ସମିତି ସଂପାଦକ ସତ୍ୟନାରାୟଣ ବିଶି, ସାମ୍ବାଦିକ ତଥା କୀର୍ତ୍ତି ଚନ୍ଦ୍ରଗୌଡ଼ ପ୍ରମୁଖ ଯୋଗଦେଇଥିଲେ।

## ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ କୌତୁହଳ ପୋଷାକ ପ୍ରତିଯୋଗିତା

ଭବାନୀପାଟଣା,୧୭।୮(ସମିସ): ଭବାନୀପାଟଣା ସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପର୍ବ ଆମକୁ ଭଗବାନ ଶ୍ରୀକୃଷ୍ଣ ଦେଖେଇଥିବା ପଥରେ ଚାଲିବା ଏବଂ ତାଙ୍କର ଆଦର୍ଶକୁ ପାଳନ କରିବା ସହିତ ମାନବ ଜାତିର ବିକାଶ ଲାଗି ଆମକୁ




ଯୋଗଦାନ ଦେବାକୁ ସନ୍ଦେଶ ଦେଇଥାଏ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା . ଶିବରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ପ୍ରତୀକ ଯୋଶୀ ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶତାଧିକ ଛାତ୍ରଛାତ୍ରୀ କୃଷ୍ଣ ରାଧା କୌତୁହଳ ପୋଷାକ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ।

## ସିକେରକୁପା ଫାଣ୍ଡିରେ ନୂତନ ଅଧିକାରୀଙ୍କ ଯୋଗଦାନ



ଲାଞ୍ଜିଗଡ଼,୧୭।୮(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ଅଧୀନ ସିକେରକୁପା ଫାଣ୍ଡିରେ ନୂତନ ଅଧିକାରୀ ଭାବେ ମୁରଲୀ ମୋହନ ପିଡ଼ିକା ଯୋଗଦେଇଛନ୍ତି। ଏହି ଫାଣ୍ଡି ଅଧୀନରେ ୫ଟି ପଞ୍ଚାୟତର ଜନ ସାଧାରଣ ନିର୍ଭରଶୀଳ ରହିଥାନ୍ତି। ଏଠି କାର୍ଯ୍ୟରତ ଅଧିକାରୀ ମିନକେତନ ଶବରଙ୍କୁ ଜୁନାଗଡ଼ ବ୍ଲକ ଚିଲିଗୁଡ଼ା ଫାଣ୍ଡିକୁ ବଦଳି ହୋଇଥିବା ବେଳେ ସିକେରକୁପା ଫାଣ୍ଡିକୁ ନୂତନ ଭାବରେ ମୁରଲୀ ମୋହନ ପିଡିକା ଯୋଗଦାନ କରିଥିବା ଜଣାପଡ଼ିଛି। ଆଇନଶୃଙ୍ଖଳା ସହ ବିଭିନ୍ନ ସମସ୍ୟା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ଓ ଜନସାଧାରଣଙ୍କ ସହ ମିଳିତଭାବେ କାର୍ଯ୍ୟକରିବେ ବୋଲି ଶ୍ରୀ ପିଡ଼ିକା କହିଛନ୍ତି।

## କନଷ୍ଟେବଲ୍‌ଙ୍କ ଆତ୍ମହତ୍ୟା ଘଟଣା; ସ୍ୱାମୀ, ଶାଶୂ ଗିରଫ

ନୂଆପଡା,୧୭।୮(ସମିସ): ନୂଆପଡା ସହରର ବହୁ ଚର୍ଚ୍ଚିତ ରୁକ୍ମଣୀ ନାଗ(୨୮)ନାମ୍ନୀ ଜନୈକ ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା ଘଟଣାରେ ନୂଆପଡ଼ା ଥାନା ପୁଲିସ କେଶ ନମ୍ବର ୧୯୧ ବିଏନଏସ ଦଫା ୮୫, ୧୦୮ରେ ମାମଲା ରୁଜୁ କରି ସ୍ୱାମୀ ଚୂଡାମଣୀ ଶବର(୩୦) ଏବଂ ଶାଶୁ ମାଳତି ଶବର(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୃତକ ରୁକ୍ମଣୀ ଓ ଚୂଡାମଣୀ ଦୁହେଁ ନୂଆପଡା ଜିଲ୍ଲା ପୁଲିସରେ କନଷ୍ଟେବଲ ଭାବରେ କାର୍ଯ୍ୟ କରୁଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିବାପରେ ଆଜିକୁ ତିନି ବର୍ଷ ତଳେ ରେଜିଷ୍ଟ୍ରୀ ମ୍ୟାରେଜ କରିଥିଲେ। ଦୁହିଁଙ୍କୁ ଚୂଡାମଣୀଙ୍କ ପରିବାର ଲୋକ ଗ୍ରହଣ କରିନେଇଥିବାବେଳେ ଦୁହେଁ ନୂଆପଡା ସହରର ରାଧାକୃଷ୍ଣପଡାରେ ଏକ ଭଡାଘରେ ରହୁଥିଲେ। ହେଲେ ଅଭିଯୋଗ ମୁତାବକ



କିଛି ଦିନର ଘର ସଂସାର ପରେ ଶାଶୁ ମାଳତି ଏବଂ ଚୁଡାମଣି ବିଭିନ୍ନ ସମୟରେ ନାନାଦି ନିର୍ଯାତନା ଦେଇଆସୁଥିଲେ। ଦୁହିଁଙ୍କ ଔରସରୁ ସାତ ମାସ ତଳେ ଏକ ପୁତ୍ର ସନ୍ତାନ ଜନ୍ମିତ ହୋଇଥିଲା। ଶେଷରେ ଶନିବାର ଦିନ ସଂଧ୍ୟାରେ ଜିଲ୍ଲା ସଦର ମହକୁମା ସହରଠାରୁ ବରଗଡ଼ ରାସ୍ତାରେ ରେଲୱେ ଲେଭେଲ କ୍ରସିଂ ନିକଟରେ ଏକ ଗଛ ଉପରେ ବେକରେ ଓଢ଼ଣୀ ଲଗାଇ ଆ।।ହତ୍ୟା କରିଥିବା ପୁଲିସ ଉଦ୍ଧାର କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ରୁକ୍ମଣୀ ଆତ୍ମହତ୍ୟା କରିଯିବା ପୂର୍ବରୁ ତାଙ୍କର ନିର୍ଯାତନାର କାହାଣୀକୁ ଏକ ଭିଡିଓ ରେକର୍ଡିଂ କରି ତାଙ୍କର ବଡ ଭଉଣୀଙ୍କୁ ପଠାଇଦେଇଥିଲେ। ତାକୁ ଭିଡିକରି ଭଉଣୀ ନୂଆପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲାର ସରଜମିନ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

**୨୫ତମ ଟେମ୍ପାମଣୀ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ନୂଆପଡ଼ାକୁ ହରାଇ ଦେଓଳି ଚାମ୍ପିଅନ୍

ନୂଆପଡା,୧୭।୮(ସମିସ): ସ୍ଥାନୀୟ କୁଳିଆବନ୍ଧା ହାଇସ୍କୁଲ ପଡିଆରେ ଚାଲିଥିବା ୨୫ତମ ଟେମ୍ପାମଣି ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଓଳି ଦଳ ନୂଆପଡାକୁ ହରାଇ ଚାମ୍ପିଅନ୍ ହୋଇଥିବାବେଳେ ଚାମ୍ପିଅନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଦେଓଳି(ପଦ୍ମପୁର) ଏବଂ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ଦେଓଳି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ



ଉତ୍ସବରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ଓସିଏ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟବକ୍ତା, ଅଭିନନ୍ଦନ ପଣ୍ଡା, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ବିଶେଷ ଅତିଥି, ଉପାଧ୍ୟକ୍ଷ ଦିଲିପ କୁମାର ନିର୍ମଳକର, ଧନୀରାମ ସାହୁ, ଚିନିଲାଲ ସାହୁ, ବିରଷ୍ଠ ଶିକ୍ଷକ ଶିକ୍ଷକ ଶରତ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ସମୀର ବେହେରା, କିଶୋର ପରିଡା, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆୟୋଜକ ହୀରାଲାଲ ପଟେଲ, ଘନଶ୍ୟାମ ପଟେଲ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଅର୍ଜୁନ ଚରଣ ମାଝୀ, ବିଦ୍ୟାଧର ମାଝୀ, ରେଖରାମ ଦଣ୍ଡସେନାଙ୍କୁ ସମ୍ମାନିତ କରାଯାଇଥିଲା। ତାପସ କୁମାର ବାଗ, ରଞ୍ଜନ କୁଦେଇ, ଡୋଳାମଣୀ ବଗର୍ତି, ଭୂପେଶ ଗୋପାଳ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସଚ୍ଚିଦାନନ୍ଦ ପ୍ରଧାନ ଓ ମୋହିତ ସୁନା ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ।

**ଶିକ୍ଷା ବ୍ୟବସ୍ଥାର ବିଚିତ୍ର ନୀତି**

# ମହିଳା ମହାବିଦ୍ୟାଳୟର ୫ ଅଧ୍ୟାପକଙ୍କୁ ବଦଳି ନିର୍ଦ୍ଦେଶ

ଚାରବାହାଲ,୧୭।୮(ସମିସ): କଳାହାଣ୍ଡି ଜିଲ୍ଲାରେ ମହିଳାଙ୍କ ଶିକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ/ ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଦଳି ଆଦେଶ ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଅଲ୍ ଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ୍‌ର ସଭାପତି ବସନ୍ତ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଜିଲ୍ଲାର ଏକମାତ୍ର ସରକାରୀ ମହିଳା ମହାବିଦ୍ୟାଳୟ ବହୁ ସମସ୍ୟା ଦେଇ ଗତି କରୁଥିବାବେଳେ ହଠାତ୍ ଅଧ୍ୟାପକ ଅଧ୍ୟାପିକାଙ୍କ ବଦଳି



ନିର୍ଦ୍ଦେଶ ସମସ୍ତଙ୍କୁ ଚକିତ କରିଛି। ଏହି ମହାବିଦ୍ୟାଳୟରେ ସମୁଦାୟ ୧୨ଟି ବିଷୟରେ ସ୍ନାତକ (ସମ୍ମାନ) ପାଠପଢ଼ା ପାଇଁ ୧୪ ଜଣ ଅଧ୍ୟାପକ ଙ୍କ ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ୧୧ ଜଣ ନିଯୁକ୍ତ ହୋଇଛନ୍ତି। ଅବଶିଷ୍ଟ ୩ଟି ପଦ ଖାଲି ପଡ଼ିଛି। ଯଦ୍ୱାରା ଗୁଣାତ୍ମକମାନର ଶିକ୍ଷାଦାନ କ୍ଷେତ୍ରରେ ବ୍ୟାପକ ଭାବେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ମହାବିଦ୍ୟାଳୟରୁ ୫ ଜଣ ଅଧ୍ୟାପକ/ ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଆସିବା ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରୀ ମହଲରେ ଆଶ୍ଚର୍ଯ୍ୟ ଚକିତ କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବଦଳି ହୋଇଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ଥାନରେ କାହାକୁ ନିଯୁକ୍ତି କିମ୍ବା କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଏଭଳି ପରିସ୍ଥିତିରେ ଏଓଏସସିଏଫ୍ ସଂଗଠନର ସଭାପତି ଶ୍ରୀ ବସନ୍ତ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ବଦଳି ହୋଇଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ଥାନରେ ନୂଆ ଅଧ୍ୟାପକଙ୍କୁ ନିଯୁକ୍ତି ନ ମିଳିବା ଯାଏଁ କାହାକୁ ରିଲିଭ୍ ନ କରିବା ପାଇଁ ଅନୁରୋଧ କରିଥିଲେ। ପରେ ଶ୍ରୀ ନାଏକଙ୍କ ସହିତ ସଂଗଠନର ସମ୍ପାଦକ ଧୀମାନ ବିଭୀଷଣ ନାଏକ , ଉପସଭାପତି ରାମ ନାଏକ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ କୁମାର ଓ କୋଷାଧ୍ୟକ୍ଷ ଗଜମୋହନ ନାଏକ ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ ଙ୍କୁ ଭେଟି ସବିଶେଷ ଆଲୋଚନା କରି ଉଚ୍ଚ ଶିକ୍ଷା ବିଭାଗର ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

**ବିକଳ୍ପ ବ୍ୟବସ୍ଥା ପାଇଁ ଏଓଏସସିଏଫ୍‌ର ଜିଲ୍ଲାପାଳଙ୍କୁ ସାକ୍ଷାତ**

## ଖାଦ୍ୟ ସୁରକ୍ଷା ସଚେତନତା ଶିବିର



ଭବାନୀପାଟଣା,୧୭।୮(ସମିସ): ଭବାନୀପାଟଣା ଟାଉନହଲଠାରେ ଶନିବାର 'ଖାଦ୍ୟ ସୁରକ୍ଷା' ସଚେତନତା ଉପରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକ, ପଦସ୍ଥ ଅଧିକାରୀ, ଖାଦ୍ୟ ନିରାପତ୍ତା, କଳାହାଣ୍ଡି ସନ୍ତୋଷ ମହାପାତ୍ର ମହାପାତ୍ର ସମେତ ପୌର କର୍ମଚାରୀ, ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକ ଉପସ୍ଥିତ ଥିଲେ। ଏହି ଅବସରରେ ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକଙ୍କୁ ଖାଦ୍ୟ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ବିଶେଷକରି ଉଠା ଜଳଖିଆ ଦୋକାନୀ ଓ ହୋଟେଲ ଗୁଡିକରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା, ଖାଦ୍ୟଗୁଡିକ ଘୋଡାଇ ରଖିବା,ମାସ୍କ ଓ ଅପରନ ବ୍ୟବହାର କରିବା,ପଲିଥିନ ବ୍ୟବହାର ନ କରିବା,ଖବର କାଗଜରେ ଖାଦ୍ୟ ସାମଗ୍ରୀ ବାନ୍ଧି ବିକ୍ରି ନ କରିବା,ଖାଦ୍ୟ ରଙ୍ଗ ବ୍ୟବହାର ନ କରିବା, ରନ୍ଧା ତେଲକୁ ବାରମ୍ବାର ବ୍ୟବହାର ନ କରିବା, ପତ୍ରରେ, ଖଲି ଦନାରେ ଖାଦ୍ୟ ପ୍ରଦାନ କରିବା ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା ଉପରେ ସଚେତନତା କରାଯାଇଥିଲା।

## ଏନ୍ଏସି ଘୋଷଣାକୁ ନେଇ ବିଜେପିର ଶୋଭାଯାତ୍ରା



ବୀରମହାରାଜପୁର,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌କୁ ଗତକାଲି ସରକାରଙ୍କ ତରଫରୁ ବିଜ୍ଞାପିତ ପରିଷଦ ଅଞ୍ଚଳ (ଏନ୍ଏସି) ଘୋଷଣା କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସଙ୍କ ନେତୃତ୍ୱରେ ବୀରମହାରାଜପୁର ବ୍ଲକ୍ ବିଜେପି ତରଫରୁ ଏକ ବିଶାଳ ଶୋଭାଯାତ୍ରା ହୋଇଥଲା। ଏଥିସହ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ଶୋଭାଯାତ୍ରାରେ ବୀରମହାରାଜପୁର ବ୍ଲକର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପଦାର୍ଥ ଜଗଦଲା, ପୂର୍ବତନ ଜଲ୍ଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପ୍ରଭାସ ପଣ୍ଡା, ବିପିନ ପଣ୍ଡା, ସୁମନ୍ତ ଜଗଦଲା, ସତ୍ୟବ୍ରତ ମିଶ୍ର, ଏକଲବ୍ୟ ବେହେରା, ଦୂତିଆ ମେହେର, ରଧାଚରନ ମେହେର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପଟରେ ୧୯୮୭ରୁ ବୀରମହାରାଜପୁର ଉପଖଣ୍ଡ ମାନ୍ୟତା ପାଇବା ପରଠାରୁ ବୀରମହାରାଜପୁର ବ୍ଲକକୁ ଏନ୍ଏସି ଘୋଷଣା କରାଯିବାକୁ ଦାବି ହୋଇଆସୁଥିଲା। ଏବେ ଦାବି ପୂରଣ ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ପାଣ୍ଠିର ଦୁରୁପଯୋଗ ଅଭିଯୋଗ



ବୌଦ୍ଧ,୧୭।୮ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ବୌଦ୍ଧ ବିଧାୟକ ପାଣ୍ଠି ଦୁରୁପଯୋଗ ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଗତ ଫେବୃଆରୀ ୨ ତାରିଖରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଏହି ମନ୍ଦିର ଦ୍ୱୟର ପୁନରୁଦ୍ଧାର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ବୌଦ୍ଧ ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହାର କ'ଣ ପୁନଃରୁଦ୍ଧାର ହୋଇଛି କାହାକୁ ଜଣାନାହିଁ। ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କୁଶଙ୍ଗ-ବାଣୀଗୋଛା ରାସ୍ତା ପାଇଁ ଭିତ୍ତି ପ୍ରସ୍ତର



ବୌଦ୍ଧ,୧୭।୮ (ସମିସ): ଶନିବାର ହରଭଙ୍ଗା ବ୍ଲକ୍ କୁଶଙ୍ଗଠାରେ କୁଶଙ୍ଗ-ବାଣୀଗୋଛା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚ ଶିକ୍ଷା କ୍ରିଡ଼ା ଓ ଯୁବ ସେବା ଏବଂ ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ହରଭଙ୍ଗା ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, କୁଶଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇଥିଲେ। ଉକ୍ତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ ସାମିଲ ହୋଇଥିଲେ। ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ୩୯ କୋଟି ୫୫ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ

ବୌଦ୍ଧ,୧୭।୮ (ସମିସ): ଶନିବାର ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ ବୌଦ୍ଧ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସହିତ୍ୟ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟ ଜାଭିଅର ସ୍କୁଲର ଛାତ୍ର ଆର୍ଯ୍ୟ ନାରାୟଣ ଦେବ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ଉଦ୍‌ଘାଟକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ।



ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ, ବୌଦ୍ଧ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଧନ୍ୟବାଦ ଅର୍ପଣ କରିଥିଲେ। ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ସାହିତ୍ୟ, ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଅତିଥିଗଣ ଆଲୋଚନା କରିଥିଲେ। ଜିଲ୍ଲା ସଂଗ୍ରହାଳୟ, ଜିଲ୍ଲା ପାଠାଗାରର କର୍ମଚାରୀମାନେ ସହଯୋଗ କରିଥିଲେ।

### ଅନିଶ୍ଚିତତାରେ ମନମୁଣ୍ଡା ଏନ୍ଏସି ଘୋଷଣା

# ଆଶା ଦେଇଥିଲେ ନବୀନ; ନିରାଶ କଲା ବିଜେପି

ମନମୁଣ୍ଡା,୧୭।୮ (ସମିସ)

ବୌଦ୍ଧ ଜିଲ୍ଲାର ଲୋକ ସଂଖ୍ୟାରେ ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡା ଏନ୍ଏସି ପାଇଁ ପ୍ରବଳ ଦାବିଦାର ଥିଲା। ତାହାକୁ ଦୃଷ୍ଟିରେ ରଖି ନବୀନ ନେତୃତ୍ୱାଧୀନ ବିଜେଡି ସରକାର ମନମୁଣ୍ଡାକୁ ଏନ୍ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ଏହାପରେ ଏନ୍ଏସି ମାନ୍ୟତାକୁ ନେଇ ଆଶା ଉଜ୍ଜଳ ହୋଇଥିଲା। କିନ୍ତୁ ମୋହନ ନେତୃତ୍ୱାଧୀନ ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ୧୨ଟି ନୂତନ ଏନ୍ଏସି ତାଲିକାରେ ମନମୁଣ୍ଡାକୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ନିରାଶ ହୋଇଛନ୍ତି ମନମୁଣ୍ଡାବାସୀ। ଏହାକୁ ନେଇ ମନମୁଣ୍ଡାରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ତେଲ ନଦୀ ଓ ମହାନଦୀ ସଙ୍ଗମ ସ୍ଥଳରେ ବୌଦ୍ଧ ଜିଲ୍ଲାର ଉପାନ୍ତ ତଥା ସୁବର୍ଣ୍ଣପୁର ଜିଲ୍ଲାକୁ ଲାଗି କରି ରହିଛି ଐତିହାସିକ ମନମୁଣ୍ଡା ସହର। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ସ୍ଥାପିତ ମନମୁଣ୍ଡା ଲୋକ ସଂଖ୍ୟାରେ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ, ସବୁଠୁ ବଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଡ ଥାନା। ଏଠାରେ ସ୍କୁଲ, କଲେଜ ସମେତ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି। ଏହା ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର। ଏହା ମଧ୍ୟ ଦେଇ ଜାତୀୟ ରାଜପଥ ୫୭ ଯାଇଥିବାବେଳେ ରେଲୱେ ଷ୍ଟେସନ ମଧ୍ୟ ହୋଇସାରିଛି। ଘଞ୍ଚ ଜନବସତି ସହ ଦୀର୍ଘ ଦିନରୁ ଏଠାରେ ସହରୀ ସଭ୍ୟତା ରହି ଆସିଛି। ମନମୁଣ୍ଡା ଏନ୍ଏସି ପାଇଁ ସମସ୍ତ ଯୋଗ୍ୟତା ରହିଛି। ଏହାକୁ ଦୃଷ୍ଟିରେ ରଖି ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବି କରି ଅଞ୍ଚଳବାସୀ ଗତ ୨୦୨୪ ମସିହାରେ ବିକ୍ଷୋଭ ଏବଂ ୨୪ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ଯାହାକି ସେହି ସମୟରେ ଚର୍ଚ୍ଚା ପାଲଟିଥିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରବର୍ତ୍ତୀ

### ଧୈର୍ଯ୍ୟ ଧର ହତାଶ ହୁଅ ନାହିଁ: ବିଧାୟକ

ମନମୁଣ୍ଡାକୁ ଏନ୍ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ୨୦୨୪ ଫେବୃୟାରୀ ୨୨ରେ ନବୀନ ସରକାର ପ୍ରଥମେ ୩୪ଟି ଓ ପରବର୍ତ୍ତୀ ସମୟରେ ମନମୁଣ୍ଡାକୁ ମିଶାଇ ୫ଟି ଏନ୍ଏସି ଘୋଷଣା କରିଥିଲେ। ଏନେଇ ମନମୁଣ୍ଡା ଏନ୍ଏସି ଏକ୍ସନ କମିଟି ସମସ୍ତ କାଗଜାଦି ଦେଇ ଥିବାବେଳେ ବିଡ଼ିଓ ଓ ଜିଲ୍ଲାପାଳଙ୍କ ଠାରୁ ଏହାର ସମ୍ଭାବ୍ୟତା ରିପୋର୍ଟ ମଧ୍ୟ ଯାଇଥିଲା। କିନ୍ତୁ ସରକାର ବଦଳିଗଲା। ନୂତନ ବିଜେପି ସରକାର ଏନ୍ଏସି ପାଇଁ କୌଣସି ରେକର୍ଡ ସରକାରଙ୍କ ପାଖରେ ନଥିବା ଦର୍ଶାଇ ଚୁପ୍ ହୋଇ ବସି ରହିଥିଲେ। ଯାହାକୁ ନେଇ ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ରହିଥିଲେ। ପରେ ନୂତନ ବିଜେପି ସରକାର ଜିଲ୍ଲାପାଳଙ୍କ ଜରିଆରେ ପୁଣି ଥରେ ବିହିତ ଫର୍ମ 'ବି' ଏନ୍ଏସି ପାଇଁ ରିପୋର୍ଟ ମାଗିଥିଲେ ଓ ତାହା ସରକାରଙ୍କଠାରେ ଦାଖଲ ମଧ୍ୟ କରିଥିବା ଜାଣିବାକୁ ମିଳିଥିଲା। କିନ୍ତୁ ଗୃହ ଓ ନଗର ଉନ୍ନୟନ ବିଭାଗ ଦୁଇ ଦିନ ତଳେ ପ୍ରକାଶ କରିଥିବା ୭ ଜିଲ୍ଲାର ୧୨ ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ମନମୁଣ୍ଡାର ନାମ ନଥିବା ଜାଣିବାକୁ ମିଳିଛି। ଗତ ୧୨ ତାରିଖରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଏନ୍ଏସି ଏକ୍ସନ କମିଟି ତାଙ୍କୁ ଏକ ସ୍ମାରକ ପତ୍ର ଦେବା ସମୟରେ ମନମୁଣ୍ଡାକୁ ଏନ୍ଏସି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ତାଲିକାରେ ମନମୁଣ୍ଡାର ନାମ ନ ଥିବାରୁ ପ୍ରତିଶୃତି ପାଣିରଗାର ବୋଲି ମତପ୍ରକାଶ ପାଇଛି।

ମନମୁଣ୍ଡାକୁ ଏନ୍ଏସି ଘୋଷଣା ନକଲେ ପୂର୍ବାପେକ୍ଷା ଆହୁରି ଜୋରଦାର ଆନ୍ଦୋଳନ ହେବ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି। ତେବେ ଏନେଇ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗଙ୍କୁ ପଚାରିବାରେ ମନମୁଣ୍ଡାକୁ ଏନ୍ଏସି ଘୋଷଣା ପାଇଁ ସେ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଧୈର୍ଯ୍ୟ ନ ହରାଇ, ନିରାଶ ନ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ଘୋଷଣାକୁ ଅପେକ୍ଷା କରିବାକୁ ସେ କହିଛନ୍ତି।

## କପିଳେଶ୍ୱର ମନ୍ଦିରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ



ବିନିକା,୧୭।୮ (ସମିସ): ବିନିକା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ସ୍ଥିତ ବାବା କପିଳେଶ୍ୱର ମନ୍ଦିରରେ କପିଳେଶ୍ୱର ଟ୍ରଷ୍ଟ ବୋର୍ଡ ଦ୍ୱାରା ଆୟୋଜିତ ବୈଠକରେ କପିଳେଶ୍ୱର ପୁରୋହିତ ସଂଘ ତରଫରୁ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଇଛି। ସଂଘର ସଭାପତି ପଣ୍ଡିତ ଭାସ୍କର ପୁରୋହିତଙ୍କ ନେତୃତ୍ୱରେ ୧୦ ଜଣିଆ ପଣ୍ଡିତ ମହାସଭାରେ ଚଳିତ ନୂଆଁଖାଇର ଲଗ୍ନଧାର୍ଯ୍ୟ କରିଥିଲେ। ଆସନ୍ତା ସେପ୍ଟେମ୍ବର ୨୮ ତାରିଖ ଗୁରୁବାର ଦିନ ୧୧ଟା ୧୧ ମିନିଟରୁ ୧୧ଟା ୨୪ ମିନିଟ ମଧ୍ୟରେ ବାବା କପିଳେଶ୍ୱର ଓ ଚରଦେଇଙ୍କ ଠାରେ ଲଗ୍ନ ଧାର୍ଯ୍ୟ କରାଯାଇଛି। ଏହି ଲଗ୍ନ ଅନୁଯାୟୀ ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଇଙ୍କ ଠାରେ ନୂଆଁ ଲାଗିଲା ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବା ପାଇଁ ପଣ୍ଡିତ ମହାସଭାରେ ସ୍ଥିର ହୋଇଛି। ବୈଠକରେ ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟି, ରବିନାରାୟଣ ଥନାପତି, ଧିବର ବେରିହା, ସଦାନନ୍ଦ ଥନାପତି, ଲକ୍ଷ୍ମଣ ଥନାପତି ପ୍ରମୁଖଙ୍କ ସମେତ ମନ୍ଦିର ସେବାୟତ ଉପସ୍ଥିତ ଥିଲେ।

## ମରୁଡି ସ୍ଥିତିରେ ଆଶା ସଞ୍ଚାର କଲା ଉଠାଜଳସେଚନ

ଶଗଡା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ପ୍ରତ୍ୟେକ ବର୍ଷ ଚାଷୀ ମରୁଡିର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷ ମଧ୍ୟ ଶ୍ରାବଣରେ ଆବଶ୍ୟକ ଅନୁସାରେ ବର୍ଷା ନ ହେବାରୁ ଅନେକ ଅଞ୍ଚଳରେ ଚାଷ ଜମି ମାଟି ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରେ ଧାନ ଗଛ ସବୁ ମରିବାକୁ ବସିଲାଣି। ବ୍ଲକର ବିଭିନ୍ନ ଅଞ୍ଚଳରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଅନେକ ଗଭୀର ନଳକୂପ ଖନନ କରାଯାଇଥିଲେ ସୁଦ୍ଧା ଅଧିକାଂଶ ଅଚଳ ହୋଇ ପଡିଥିଲା। ପ୍ରକଳ୍ପ ଥାଇ ମଧ୍ୟ ଏହା ଅଚଳ ହୋଇ ପଡିଥିବାରୁ ଚାଷୀ ପାଣି ନ ପାଇ ମରୁଡିର ସମ୍ମୁଖୀନ ହେଉଥିଲେ। ଅନେକ ପ୍ରକଳ୍ପର ବିଦ୍ୟୁତ ସରବରାହରେ ସମସ୍ୟା ଥିବା ବେଳେ ଅନେକ ପ୍ରକଳ୍ପ ଯାନ୍ତ୍ରିକ ତ୍ରୁଟି ଥିବାରୁ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିଥିଲା। ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ରଣା କାର୍ଯ୍ୟଭାର ଗ୍ରହଣ କଲା ପରେ ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଯୁଦ୍ଧକାଳୀନ ଭିତ୍ତିରେ କଣ୍ଟାମାଳ ବ୍ଲକରେ ଅଚଳ ଥିବା ପ୍ରକଳ୍ପ ସବୁକୁ କାର୍ଯ୍ୟକ୍ଷମ କରିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ମରୁଡି ପରିସ୍ଥିତିରେ ବିଦ୍ୟୁତ ବିଭାଗ ସହଯୋଗରେ ଅଚଳ ପ୍ରକଳ୍ପ ସବୁ ନିୟମିତ ବ୍ୟବଧାନରେ ମରାମତି କରି କାର୍ଯ୍ୟକ୍ଷମ କରାଯାଇଥିବାରୁ ଚାଷୀଙ୍କ ମହଲରେ ନୂତନ ଆଶାର ସଞ୍ଚାର ହୋଇଛି। କଣ୍ଟାମାଳ ବ୍ଲକର ଯୋଗୀନ୍ଦ୍ର ପୁର ପଞ୍ଚାୟତର ୪ଟି ପ୍ରକଳ୍ପ, କେଉଟପାଲି, ନରସିଂହପୁର ଓ ଟାଙ୍ଗିଆ ପାଲି ଗ୍ରାମରେ ଥିବା ଅଚଳ ପ୍ରକଳ୍ପ ସବୁ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଇଥିବାବେଳେ ଚାଷୀ ରାଜେନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଧର ମହାକୁଡ଼, ଗୋବିନ୍ଦ ଭାଇନା, ପରମାନନ୍ଦ ପ୍ରଧାନ, ନେତ୍ରା ନାଏକ ଓ ଲକ୍ଷ୍ମଣ ଦନ୍ତା ପ୍ରମୁଖ ଚାଷୀ ଖୁସିବ୍ୟକ୍ତ କରିବା ସହ ଶ୍ରୀ ରଣାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### କାର୍ଯ୍ୟକ୍ଷମ ହେଲା ଅଚଳ ପ୍ରକଳ୍ପ

## ଏସ୍‌ବିଆଇ ପକ୍ଷରୁ ପ୍ରତିଯୋଗିତା ଓ ଚାରାରୋପଣ



ମନମୁଣ୍ଡା,୧୭।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ମନମୁଣ୍ଡା ପଞ୍ଚାୟତ ଖଇରମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏସ୍‌ବିଆଇ ପକ୍ଷରୁ ବକ୍ତୃତା, କୁଇଜ୍, ଡ୍ରଇଂ ପ୍ରତିଯୋଗିତା କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥିଭାବେ ଏବିଇଓ ଦୁର୍ଗା ଚରଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ମନମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବାଳ ଗୋପାଳ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ବିଆଇ ତରଫରୁ ଗାଁର ଖେଳ ପଡିଆର ଚାରିଆଡ଼େ ବ୍ୟାପକ ଚାରାରୋପଣ କରାଯାଇଥିଲା। ଏସବିଆଇ ଅଫିସର ଦୂର୍ବାଦଳ ମେହେର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ବିଇଓ ଅଫିସର କର୍ମଚାରୀ ସହଯୋଗ କରିଥିଲେ।

## ଭଗବତ ଚେତନା ସମିତିର ନନ୍ଦୋତ୍ସବ



ଡୁଙ୍ଗୁରିପାଲି,୧୭।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଭାଗବତ ଚେତନା ସମିତି ପକ୍ଷରୁ ଆର୍‌ଏମ୍‌ସିଠାରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ନନ୍ଦ ରାଜା ଓ ଯଶୋଦା, କୃଷ୍ଣ ବଳରାମ ଓ ତାଙ୍କ ସଖାମାନେ ନଗର ପରିକ୍ରମାରେ ବାହାରି ଗୋପପୁରକୁ ଆସିଥିଲେ। ନଗର ପରିକ୍ରମାରେ ବିଭିନ୍ନ ସ୍ଥାନରେ କୃଷ୍ଣ ବଳରାମ ଦହି ମାଠିଆ ଭାଙ୍ଗି ଥିଲେ। ଏହି ନନ୍ଦୋତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମରୁ ବହୁଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗୋପପୁରଠାରେ ଗିରିଧାରୀ ମିଶ୍ର, ଦୀପ୍ତି କୁମାର ସେଠି, ରାଜକୁମାର ସେଠି ପ୍ରବଚନ ଦେଇଥିଲେ। ଏହି ଉତ୍ସବରେ ନନ୍ଦ ରାଜା ଓ ଯଶୋଦା ଭୂମିକାରେ ଅନ୍ତର୍ଯ୍ୟାମୀ ଦଣ୍ଡସେନା ଓ ତାଙ୍କ ସହ ପତ୍ନୀ ସଂଯୁକ୍ତା ଦଣ୍ଡସେନା, କୃଷ୍ଣ ଭୂମିକାରେ ଉସତ ଚାଁଆର, ବଳରାମ ଭୂମିକାରେ ପ୍ରିୟାଂଶୁ ଦଣ୍ଡସେନା ଅଭିନୟ କରିଥିଲେ। ଡ଼. ଶ୍ରୀଧର ବିଶ୍ୱାଳ ଏହି ନନ୍ଦୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ କମିଟି ସଭାପତି ଘମୁଡ୍ଡୁ ବିଶ୍ୱାଲ, ସମ୍ପାଦକ ଅର୍ଜୁନ ସାହୁ, ଅରକ୍ଷିତ ମେହେର, ଦୁର୍ଲଭ ସେଠଙ୍କ ସହ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଏଇଏସ କଲେଜ ପ୍ରାକ୍ତନ ଅଧ୍ୟକ୍ଷାଙ୍କ ପରଲୋକ



ତରଭା,୧୭।୮ (ସମିସ): ତରଭା ଏଇଏସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ବାଇ(୬୪)ଙ୍କ ପରଲୋକ ହୋଇଯାଇଛି। ବଲାଙ୍ଗୀରର ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ତଥା ସାମ୍ବାଦିକ ଅକ୍ଷୟ ବାଘ, ପୁଅ ଅସୀମ, ଝିଅ ସ୍ମିତିପ୍ରଜ୍ଞା, ଜ୍ୱାଇଁ ସତ୍ୟବ୍ରତ ଉପସ୍ଥିତ ଥିଲେ। ସଂଯୁକ୍ତା ୧୯୯୦ ରେ ଓଡ଼ିଆ ଅଧ୍ୟାପିକା ଭାବେ ଏଇଏସ କଲେଜରେ ଯୋଗଦେଇ ୨୦୨୧ରେ ଅଧ୍ୟକ୍ଷା ପଦବୀରେ ରହି ଅବସରଗ୍ରହଣ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅସୀମ ମୁଖାଗ୍ନି ଦେଇଥିଲେ।

## ୧୯ରେ ୨୧ ପଞ୍ଚାୟତରେ ବନ୍ଦ ପାଳନ ନିଷ୍ପତ୍ତି

ତରଭା,୧୭।୮ (ସମିସ): ଗତ ୧୨ ତାରିଖ ତରଭା ବ୍ଲକର ଜନପ୍ରତିନିଧିମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କାରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡି ଛକରେ ୧୫/୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସର ନିଷ୍କ୍ରିୟତାକୁ ନେଇ ତରଭା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ନିଷ୍କ୍ରିୟତାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ଅର୍ଥାତ୍ ୧୯ ତାରିଖରେ କ୍ରିୟାନୁଷ୍ଠାନ କମିଟି ତରଫରୁ ତରଭା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ତରଭା ସହର ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଏନଏସି କାଉନସିଲର ମହେଶ୍ୱରୀ ସଂଗଠନ, ନବଜ୍ୟୋତି କ୍ଲବ, ପୌର୍ଣ୍ଣମାସୀ କ୍ଲବ, ଗୀତା ପାଠାଗାର, ଭୀମଭୋଇ ସେବା ସଂସଦ, ସୋସିଆଲ ସର୍ଭିସ କ୍ଲବ, ଏଫଆରସିସି, ହିନ୍ଦ ୟଙ୍ଗଷ୍ଟାର କ୍ଲବ, ଆମ୍ବେଦକର କ୍ଲବ, ଗୋପବନ୍ଧୁ ସେବା ସଂସଦ, ବିଜୁ ପଟ୍ଟନାୟକ କ୍ଲବ, ଡ୍ରାଇଭର ସଂଘ, ବରିଷ୍ଠ ନାଗରିକ ସଙ୍ଘ, ବଣିକ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ସେକାମାଲ-କଳାସୁଲିଆ ରାସ୍ତା ମରଣଯନ୍ତା



ଶଗଡ଼ା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ଅନ୍ତର୍ଗତ ସେକାମାଲ ଠାରୁ ବରଗୋଛା ପଞ୍ଚାୟତର କଳାସୁଲିଆ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟରସହିତ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଞ୍ଜିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡି ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡେ। ଅତି ଜରୁରୀ ନହେଲେ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡିଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧବୃଦ୍ଧା ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ଚାଷ ହୋଇଥିବା ବିଲରୁ ରାସ୍ତାର ପାଣି କାଦୁଅ ବଳି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଯାତାୟାତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ଡୁଙ୍ଗୁରିପାଲି,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱାଧୀନତା ଦିବସ ଓ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଜାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପସାୟତ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଉଚ୍ଚ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀ ଓ ସମସ୍ତ



ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ୧୧୫ ଫୁଟର ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ମାୟାବର୍ହା ଗ୍ରାମ ପରିକ୍ରମା କରିବା ପରେ ପଣ୍ଡକିଟାଲ ପରିକ୍ରମା କରି ବିଦ୍ୟାଳୟକୁ ଫେରିଥିଲେ। ଖଲିଆପାଲି ଓ ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ରାମପୁର ଥାନାଧିକାରୀ ପଦ୍ମାସିନୀ ମେହେର ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। କଳା ପ୍ରଶିକ୍ଷକ ଅବିନାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାରୀରିକ ଶିକ୍ଷକ ଚୈତନ୍ୟ ପଧାନ ମାର୍ଚ୍ଚ ପାଷ୍ଟ କରାଇଥିଲେ। ୱାର୍ଡେନ ଚନ୍ଦ୍ରମା ମହାପାତ୍ର, ଶିକ୍ଷକ ବିନୋଦ ବେହେରା, ସଦାନନ୍ଦ ପଧାନ, ସୁଶୀଳ ସାହୁ, ଦୟାସାଗର ପଧାନ, ଶିକ୍ଷୟିତ୍ରୀ ତୋଷମତି ଭୋଇ, ରାଜଲକ୍ଷ୍ମୀନାଥ ସାହାଦେଓ, ଲକି ସାହୁ, ତୃପ୍ତିମୟୀ ପୂଜାରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

● ସ୍ୱାଧୀନତା ଦିବସ ପାଳନ

## ୧୩ ହଜାର ଫୁଟ ଉଚ୍ଚରୁ ଡେଇଁ ଶୁଭେଚ୍ଛା ଜଣାଇଲେ ଓଡ଼ିଆ ଯୁବକ

ଝାରସୁଗୁଡ଼ା,୧୭।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦୁବାଇରେ ୧୩ ହଜାର ଫୁଟ ଉପରୁ ଡେଇଁ ଦେଶବାସୀଙ୍କ ସହ ସମସ୍ତ ବିଶ୍ୱବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଝାରସୁଗୁଡ଼ାର ଯୁବକ ଦିଲୀପ ସାହୁ। ପୂର୍ବରୁ ଗଣତନ୍ତ୍ର ଦିବସରେ ଦେଶର ଜାତୀୟ ପତାକା ସହ ଥାଇଲାଣ୍ଡରୁ ସ୍କାଇ ଡାଇଭିଂ କରି ଏବଂ ହୋଲି ଅବସରରେ ଇଣ୍ଡୋନେସିଆର ନୁସା ପେନିଡାରୁ ବଙ୍ଗି ଜମ୍ପ କରିଥିଲେ। ସମଗ୍ର ବିଶ୍ୱରେ ଭାରତ ଏବଂ ଇଣ୍ଡୋନେସିଆର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ତଥା ସେ ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥିଲେ। ସେହିପରି ଚଳିତ ସ୍ୱାଧୀନତା ଦିବସରେ ଦିଲୀପ ଦୁବାଇରେ ପହଞ୍ଚି ସେଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦୁବାଇର ଶାସକ ମହମଦ୍ ବିନ୍ ରସିଦ ଅଲ୍ ମକ୍ତୁମଙ୍କ ଫଟୋ ଚିତ୍ର ଥିବା ପରିଧାନ ସହ ଉଭୟ ଦେଶର ଜାତୀୟ ପତାକା ଧାରଣ କରି ପ୍ରାୟ ୧୩ ହଜାର ଫୁଟରୁ ଡେଇଁଥିଲେ। ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ନିଦର୍ଶନ କରିବା ସହ ବିଶ୍ୱକୁ ଭାତୃତ୍ୱର୍ ବାର୍ତ୍ତା ଦେଇଛନ୍ତି। ଦିଲୀପ ନିଜର ଏହି ସାହାସିକ ଅଭିଯାନ ଦ୍ୱାରା ଦେଶ ରାଜ୍ୟ ଏବଂ ଝାରସୁଗୁଡ଼ାକୁ ଗୌରବାନ୍ୱିତ କରିଛନ୍ତି।

## ରିଆମାଳରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୧୭।୮ (ସମିସ): ରିଆମାଳ ବ୍ଲକ୍ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଆଜି ମାସର ତୃତୀୟ ରବିବାର ହୋଇଥିବା ବେଳେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରିଆମାଳ ସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ୧୮ ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ହୋଇଥିଲା। ବିଶେଷ କରି ଗାଁକୁ ରାସ୍ତା ନିର୍ମାଣ ଏବଂ ଉନ୍ନତିକରଣ, ଗାଁରେ ଷ୍ଟ୍ରିଟ ଲାଇଟ ସଂଯୋଗ, ଭୂମିହୀନ ପରିବାରକୁ ଜମିପଟ୍ଟା ଏବଂ ବାସଗୃହ ପ୍ରଦାନ, ବିଦ୍ୟୁତ ସମସ୍ୟା ଆଦି ଅଭିଯୋଗ ହୋଇଥିଲା। ବିଧାୟକ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆଉ କିଛି ଅଭିଯୋଗ ବିଭାଗୀୟ ଅଧିକାରୀଙ୍କ ସହିତ ଫୋନ ମାଧ୍ୟମରେ ଯୋଗାଯୋଗ କରି ତୁରନ୍ତ ସମାଧାନ କରିଥିଲେ।

## ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ଅଭିଯାନ ବୈଠକ

ଝାରସୁଗୁଡ଼ା,୧୭।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ସରକାରଙ୍କ ରାଜ୍ୟ ବ୍ୟାପୀ ଅଭିଯାନ 'ଆସ ସ୍କୁଲ ଯିବା' ବିଷୟରେ ବିଶଦ ଆଲୋଚନା କରାଗଲା। ଜିଲ୍ଲାରେ କିଛି ମାସ ପୂର୍ବରୁ ହୋଇଥିବା ଚାଇଲ୍ଡ ଟ୍ରାକିଂ ସର୍ଭେରେ ସେଭଳି ୩୦୩ ପିଲା ଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ଜିଲ୍ଲାପାଳଙ୍କୁ ସୂଚନା ଦେଇଥିଲେ। ସେହି ପିଲାଙ୍କୁ ତଥା ସେମାନଙ୍କର ଅଭିଭାବକ ମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପିଲା ପାଇଁ ଜଣେ ଲେଖାଏଁ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ସ୍ତରରେ ପ୍ରତି ମାସରେ ବୈଠକ କରି ପିଲାମାନଙ୍କୁ ମୁଖ୍ୟସ୍ରୋତ ସାମିଲ କରିଥିବା ରିପୋର୍ଟ ପ୍ରଦାନ କରିବା, ୫ ବର୍ଷରୁ ୧୮ ବର୍ଷ ବୟସର ଅଧାରୁ ପାଠ ଛାଡିଥିବା ପିଲା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ସମସ୍ତ ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ହୋଟେଲ ମ୍ୟାନେଜମେଣ୍ଟରେ ନାମ ଲେଖାଇବା ପାଇଁ ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟ ଓ ବନ୍ଧବହାଲ ଉଚ୍ଚ ବିଦ୍ୟାଳୟରେ ଏକ ବୃତ୍ତି ମାର୍ଗଦର୍ଶନ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଣୀ ହେଲେନ୍ ଖେସ୍ ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ୨୧ରୁ ଦେବଗଡ଼ ବନ୍ଦ

ଦେବଗଡ଼,୧୭।୮ (ସମିସ)



ବିଜେଡି ବିଧାୟକଙ୍କ ଉପସ୍ଥିତିରେ ହେଲା ନିଷ୍ପତ୍ତି

ଦେବଗଡ଼ ସହରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂଆବାଲିରୋଇ ମୌଜାକୁ ସ୍ଥାନାନ୍ତର ପର ଠାରୁ ଦେଖାଯାଉଥିବା ଜନ ଅସନ୍ତୋଷ ଆଜି ବିରାଟ ଜନ ଆନ୍ଦୋଳନର ରୂପ ନେଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ପରେ ଗତ ପ୍ରାୟ ଏକ ମାସ ମଧ୍ୟରେ ଜରୁରୀକାଳୀନ ଚିକିତ୍ସାରୁ ବଞ୍ଚିତ ହୋଇ ୭ ଜଣଙ୍କ ଜୀବନ ଯାଇଛି। ଏହାକୁ ନେଇ ସହରରେ ଚାପା ଜନଅସନ୍ତୋଷକୁ ପରିପ୍ରକାଶ ପାଇଁ ଯୁବ ସ୍ୱେଚ୍ଛାସେବୀ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ଯୁବ ଏକତା ମଞ୍ଚ ସଂଗଠନ ଗତ କିଛି ଦିନ ଧରି ବିରୋଧ ପ୍ରଦର୍ଶନ କରିଆସିଛି। ଜିଲ୍ଲା ପ୍ରଶାସନକୁ ଦାବିପତ୍ର ମାଧ୍ୟମରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଗତମାସ ୨୯ ତାରିଖ ଦାବିପତ୍ର ଦେବାସହ ୭ ଦିନର ସମୟ କଣ୍ଟ ଦେଇଥିଲା। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ମଞ୍ଚର ଦାବିକୁ ଜିଲ୍ଲା ପ୍ରଶାସନ କାର୍ଯ୍ୟକାରୀ କରି ନଥିଲା। ଏହାପରେ ମଞ୍ଚ ପକ୍ଷରୁ ପ୍ରତି ୱାର୍ଡରେ ଜନ ସଚେତନତା ସହ ଦସ୍ତଖତ ଅଭିଯାନ କରାହୋଇଥିଲା। ପୁଣି ମଞ୍ଚର ଡାକରା କ୍ରମେ ଗତ ୧୨ ତାରିଖ ଦିନ ସହରର ବିଭିନ୍ନ ୱାର୍ଡରୁ ମହିଳା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗତ ୧୪ ତାରିଖକୁ କଣ୍ଟ ଦେଇଥିଲେ। ଏବେ ୧୪ ତାରିଖ କଣ୍ଟ ସରିଛି ହେଲେ କୌଣସି ସୁଫଳ ମିଳିନାହିଁ। ଏମ୍ତୁ ପୁଣି ଥରେ ଯୁବ ଏକତା ମଞ୍ଚ ପକ୍ଷରୁ ଗୋପାଳଜୀ ମନ୍ଦିର ପରିସରରେ ସର୍ବଦଳୀୟ ଜନସଭା ଆୟୋଜନ କରାଯାଇଥିଲା। ସଭାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ଆଇନଜୀବୀ ମନୋଜ ପାଢ଼ୀ, ସଚ୍ଚିକାନ୍ତ ଦାଶ, ବିକାଶ ପ୍ରଧାନ, ତରଣୀ କାନ୍ତ ଦାଶ, ପୂର୍ବତନ ପୌରାଧ୍ୟକ୍ଷ ମଞ୍ଜୁଳ ନାଏକ, ବ୍ୟବସାୟୀ ଶମ୍ଭୁ ଲାଲ ଗୋଏଲଙ୍କ ସମେତ ଶତାଧିକ ବ୍ୟବସାୟୀ, ମହିଳା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଭାରେ ୨୦ ତାରିଖ ସନ୍ଧ୍ୟା ସୁଦ୍ଧା ଦାବି ପୂରଣ ନ ହେଲେ ୨୧ ତାରିଖ ଠାରୁ ଦେବଗଡ଼ ବନ୍ଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଦେବଗଡ଼ ପୌରାଞ୍ଚଳର ପ୍ରାୟ ୪୦ ହଜାର ଜନସାଧାରଣଙ୍କ ସମେତ ଜିଲ୍ଲାର ତିନୋଟି ବ୍ଲକ୍‌ର ଜନ ସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ରହିଆସିଛନ୍ତି। ତେବେ ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ତରବରିଆ ଭାବେ ଲୋକାର୍ପଣ କରିବାକୁ ଚେଷ୍ଟା ହେଉଛି। ମାତ୍ର ଜନସାଧାରଙ୍କ ସୁବିଧା ଅସୁବିଧାକୁ କୌଣସି ଦୃଷ୍ଟି ଦିଆଯାଇ ନାହିଁ। ନୂତନ ଚିକିତ୍ସାଳୟରେ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆ ଯାଇ ନାହିଁ, ଡାକ୍ତର ତଥା କର୍ମଚାରୀଙ୍କ ଅଭାବ ରହିଛି। ସହର ଠାରୁ ଦୂରରେ ଏହାର ନିର୍ମାଣ ହୋଇଥିବା ବେଳେ ରାସ୍ତା ଆଲୋକୀକରଣ କିମ୍ବା ମହିଳା ସୁରକ୍ଷା ପାଇଁ ଆଦୌ ଦୃଷ୍ଟି ଦିଆଯାଇ ନାହିଁ। ଏଣୁ ଜିଲ୍ଲାବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାକୁ ଉପଖଣ୍ଡୀୟ ଚିକିତ୍ସାଳୟର ମାନ୍ୟତା ଦାବିକରି ସେଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି କରିଛନ୍ତି।

## ସାର୍ବଜନୀନ ଗଣେଶ ମେଳା: ଧାର୍ମିକ, ସାଂସ୍କୃତିକ ଓ ମନୋରଞ୍ଜନର ମହାସଙ୍ଗମ

ଦେବଗଡ଼,୧୭।୮ (ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗଣେଶ ମେଳା ଭାବେ ପରିଚିତ ଦେବଗଡ଼ ସାର୍ବଜନୀନ ଗଣେଶ ମେଳା ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏ ନେଇ ରବିବାର ସନ୍ଧ୍ୟାରେ ହୋଟେଲ ରୌନାକ ପ୍ଲାଜା ଠାରେ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଜିଲ୍ଲାର ଧାର୍ମିକ ସାଂସ୍କୃତିକ ଓ ମନୋରଞ୍ଜନର ମହାସଙ୍ଗମ କୁହାଯାଉଥିବା ଜିଲ୍ଲାର ଗଣ ପର୍ବ ଶ୍ରୀଗଣେଶ ମେଳା ଅଗଷ୍ଟ ୨୭ ରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରତ୍ୟକ ଦିନ ସନ୍ଧ୍ୟା ୫ ରୁ ରାତ୍ର ସାଢ଼େ ୧୦ଟା ପର୍ଯ୍ୟନ୍ତ ସଂକୀର୍ତ୍ତନ ପରିବେଷଣ ପାଇଁ କମିଟି ନିଷ୍ପତ୍ତି ନେଇଥିବା ବେଳେ ସନ୍ଧ୍ୟା ୭ ଟାରୁ ଆନନ୍ଦବଜାରରେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରତ୍ୟକ ଦିନ ମେଲୋଡି କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର ଦୋଳି ଓ ମୀନା

### ୨୭ରୁ ଆରମ୍ଭ, ୫ରେ ଭସାଣି

ବଜାର ରାଜା ବାସୁଦେବ ହାଇସ୍କୁଲ ପଡିଆ, ବଡ ବଗିଚା ଓ ଟାଉନ ହଲ ଠାରେ ଖୋଲା ଯିବ। ବଡ ବଗିଚା ପଡିଆରେ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ସିଂହ ବାହିନୀ ଓ ୩୧ ଅଗଷ୍ଟ ଠାରୁ ୩ ସେପ୍ଟେମ୍ବର ପର୍ଯ୍ୟନ୍ତ ରଙ୍ଗମହଲ ଟିକେଟ ସୋ ଅପେରା ପ୍ରଦର୍ଶିତ ହେବ। ସେହିପରି ମେଳା ଆୟୋଜନର ୭୭ ବର୍ଷ ଉପଲକ୍ଷେ ସେପ୍ଟେମ୍ବର ୪ ତାରିଖ ସନ୍ଧ୍ୟାରେ ୭୭ କେଜି ଓଜନର ଶ୍ରୀଗଣେଶ ଲଡୁ ନିଲାମ କରାଯିବ। ଶେଷରେ ୫ ତାରିଖ ଭସାଣି କାର୍ଯ୍ୟକ୍ରମ କରାଯିବ। ଚଳିତ ବର୍ଷ ପ୍ରାୟ ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକ୍ରମ କରାଯିବ ବୋଲି କମିଟିର ସଭାପତି ରାଜକିଶୋର ଦାଶ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ଉପସଭାପତି ପ୍ରଦୀପ ଅମାନ୍ତ, ସାଂସ୍କୃତିକ ସମ୍ପାଦକ ସୁଜିତ ପାତ୍ର, ସଞ୍ଜୀବ ନାଏକ, ଆଇନ ପରାମର୍ଶ ଦାତା ମନୋଜ ପାଢ଼ୀ, ବିଭୁତି ଗଙ୍ଗଦେବ, ବିକାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଉମାଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ଶୋଭାଯାତ୍ରା



ଦେବଗଡ଼,୧୭।୮ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନିଶାମୁକ୍ତ ଭାରତ ଅଭିଯାନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ଼ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର କର୍ମଚାରୀ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ବିଭିନ୍ନ ସାହିକୁ ଯାଇ ନିଶା ନିବାରଣ ସ୍ଲୋଗାନ ଦେଇ ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ଏହାପରେ ପ୍ରତିଷ୍ଠାନକୁ ନିଶାମୁକ୍ତ କରିବା ନିମନ୍ତେ ସମସ୍ତେ ଶପଥ ନେଇଥିଲେ।

## ଜେସିଆଇ କୁଇନ ପକ୍ଷରୁ ଅଙ୍ଗନବାଡି କେନ୍ଦ୍ରକୁ ଆକ୍ୱାଗାର୍ଡ ପ୍ରଦାନ




ଝାରସୁଗୁଡ଼ା,୧୭।୮ (ସମିସ): ଝାରସୁଗୁଡ଼ା ଜିଲ୍ଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେସିଆଇ କୁଇନ ପକ୍ଷରୁ କାଳୀମନ୍ଦିର ସ୍ଥିତ ଅଙ୍ଗନବାଡି କେନ୍ଦ୍ରକୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଅଙ୍ଗନବାଡିରେ ଶିଶୁ ମାନେ ସିଧାସଳଖ ପାଣି ଟାଙ୍କିରୁ ପିଇବା ପାଇଁ ବ୍ୟବହାର କରିଆସୁଥିଲେ। ଏହା ଜାଣି କୁନି କୁନି ଶିଶୁଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା ଉଦ୍ଦେଶ୍ୟରେ ଜେସିଆଇ କୁଇନ ପକ୍ଷରୁ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଅଙ୍ଗନବାଡି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ମେସିନ ପ୍ରଦାନ କରାଯାଇଛି। ଜେସିଆଇ କୁଇନର ଅଧ୍ୟକ୍ଷା ସୁଧା ଅବସ୍ଥିଙ୍କ ସମେତ ତାଙ୍କର ସହଯୋଗୀ ଉପସ୍ଥିତ ଥିଲେ।

## ରିଆମାଳ ବ୍ଲକ୍‌ରେ ସ୍ୱାଧୀନତା ଦିବସ ଓ ଜାତୀୟ ପତାକା ଉତ୍ତୋଳନ

ରିଆମାଳ,୧୭।୮ (ସମିସ): ରିଆମାଳ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏମଏଫସି କୋର୍ଟ, ତହସିଲ କାର୍ଯ୍ୟାଳୟ, ବ୍ଲକ୍, ରିଆମାଳ ଥାନା, କୁଣ୍ଢେଇଗୋଲା ଥାନା, ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ, ବିଇଓ କାର୍ଯ୍ୟାଳୟ, ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜରେ, ବୁଢ଼ାପାଳ ଆଞ୍ଚଳିକ ଉଚ୍ଚ ମହାବିଦ୍ୟାଳୟରେ, ବୁଢ଼ାପାଳ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ, ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟରେ, ରିଆମାଳ ଜଙ୍ଗଲ ରେଞ୍ଜ ଅଫିସରେ, କେଏଲ ରେଞ୍ଜ ଅଫିସରେ, ଜାଭିୟର ବିଦ୍ୟାଳୟରେ ଚେୟରାମ୍ୟାନ, ରିଆମାଳ ଆମପାଠା ଶାଳାରେ, ତଥା ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, କ୍ଲବ୍ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ ହୋଇଛି। ଏହି ପରିପ୍ରେକ୍ଷୀରେ ନାଉଲିପଡା ପଞ୍ଚାୟତ ଅଧୀନ ଭିତରପଦ ଗାଁ ଛକ ଠାରେ ଗ୍ରାମବାସୀ ଓ କାଳୀପୂଜା କମିଟି ସଦସ୍ୟଙ୍କ ମିଳିତ ପ୍ରଚେଷ୍ଟାରେ ସମସ୍ତେ ଏକାଠି ହୋଇ ସ୍ୱାଧୀନତା ଦିବସ ପାଳନ



କରିଥିଲେ। ସମାଜସେବୀ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କମିଟି ପକ୍ଷରୁ ମୁଖ୍ୟ ଅତିଥି ସାମ୍ବାଦିକ, ଚାଷୀ ଓ ସମାଜସେବୀ ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଖାତା କଲମ ପ୍ରଦାନ କରିଥିଲେ। ଗାଁର କିଛି ସ୍ଥାନରେ କମିଟିର ସଦସ୍ୟ ମାନେ ବୃକ୍ଷରୋପଣ କରିଥିଲେ। ବହୁ ଅସହାୟଙ୍କୁ ସାଲ, ଗାମୁଛା, କପଡା, ବିସ୍କୁଟ ଆଦି ପ୍ରଦାନ କରାଯାଇଥିଲା।

ସେହିପରି ସ୍ଥାନୀୟ ଦୂର୍ଗାପୂଜା ମଣ୍ଡପରେ ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ ରମାକାନ୍ତ ପ୍ରଧାନ, ଲକ୍ଷ୍ମୀ ପୂଜା ମଣ୍ଡପରେ କମିଟି ସଭାପତି ବିରେନ୍ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳର ସଭାପତି ଘନଶ୍ୟାମ ସାହୁ, ସମ୍ମାନିତ ଅତିଥି ଭାବେ ଯୁଗ୍ମ ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ କୁଳମଣି ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁ ଅତିଥି ପରିଚୟ କରିଥିବା ବେଳେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଂସର ଆଞ୍ଚଳିକ ଗୋଣ୍ଡ ସମାଜ ଭବନରେ ମଞ୍ଚାସୀନ ସଭାପତି ନୀଳମଣି ପାତ୍ର ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଲୋକନାଥ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ପୂଜ୍ୟ କଷ୍ଟୁଚରଣ ପାତ୍ର ମଧ ମଞ୍ଚାସୀନ ଥିଲେ। ସମସ୍ତଙ୍କୁ କିଛି ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ପରେ ପ୍ରସାଦ ସେବନ କରାଯାଇ ଥିଲା। ଏହି ଅବସରରେ ଭବନ ପରିସରରେ କିଛି ବୃକ୍ଷରୋପଣ କରାଯାଇଥିଲା। ଦଶରଥ ନାୟକ ପରିଚାଳନା କରିଥିବା ବେଳେ ପୂଜକ ଗୁଲେଖି ନାୟକ ଓ ଭୂମିଦାତା ରମେଶ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୧୭।୮ (ସମିସ): ରିଆମାଳ ବ୍ଲକ୍ ଅଧୀନ ପଞ୍ଚମହଲା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମହେଶ୍ୱର ଗଡ଼ନାୟକଙ୍କୁ ରବିବାର



କୁଣ୍ଢେଇଗୋଲା ଆଞ୍ଚଳିକ ସାଧନା କେନ୍ଦ୍ର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଗର ସାହୁ, ରଘୁ ସିଙ୍ଗରା, ଶରତ ପ୍ରଧାନ, ସତ୍ୟବାଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ଅବସରପ୍ରାପ୍ତ ଶିକ୍ଷକ ବାଉରୀ ବନ୍ଧୁ ସାହୁ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି କିସାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ଷଡଙ୍ଗୀ, ଅଶୋକ ନାୟକ, ତପନ ନାୟକ ଓ ଦିଲ୍ଲୀପ ପ୍ରଧାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଭାରେ ବଦଳି ହୋଇ ଆସିଥିବା ଶିକ୍ଷକ ବିପିନ ଦେହୁରୀଙ୍କୁ ସ୍ୱାଗତ କରାଯାଇଥିଲା।

## ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆସର

ରିଆମାଳ,୧୭।୮ (ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ସାହିତ୍ୟ ସଂସଦ ଦେବଗଡ଼ ଜିଲ୍ଲା ରିଆମାଳ ନବ ଦିଗନ୍ତ ସାହିତ୍ୟ ସଂସଦର ସ୍ୱତନ୍ତ୍ର କବିତା ଆସର ରବିବାର ଆମପାଠା ଶାଳା ପ୍ରକୋଷ୍ଠରେ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଛି। ଉଚ୍ଚକୋଟୀର ସାହିତ୍ୟ ପାଇଁ ବାମଣ୍ଡା ଗଡ଼ର ଏହି ସାହିତ୍ୟ ସଂସଦ ଆଜି ରାଜ୍ୟରେ ନୂଆଁ ଅଧ୍ୟାୟ ଓ ନୂଆଁ ସମ୍ଭାବନା ଦିଗରେ ଅଗ୍ରଗତି କରୁଛି।

ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବହୁ କବି କବୟିତ୍ରୀ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସଂଯୋଜନା ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାମଣ୍ଡା ସାହିତ୍ୟ ସଂସଦର




ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଆଇନଜୀବୀ ବିଭୂତି ଗଙ୍ଗଦେବ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ଅଶୋକ ମିଶ୍ର ଦେବ ଯୋଗ ଦେଇଥିଲେ। ଉପସଭାପତି ତଥା ବ୍ୟଙ୍ଗ କବି ବାଲ୍ମିକୀ ଚରଣ ଲୁହା କବିତା ଗୁଡିକ ସଂଯୋଜନା କରିଥିଲେ। କବି ଅଶୋକ ମିଶ୍ର ଓ ଗୌରହରି ଷଡଙ୍ଗୀଙ୍କୁ ଶ୍ରେଷ୍ଠ କବି ଭାବେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କବି ମାନଙ୍କ ସାହିତ୍ୟ ଉପରେ ଆଧାରିତ ମୁଖପତ୍ର ଗୁଡିକ ଉନ୍ମୋଚିତ ହୋଇଥିଲା। କବି ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୁଃଖବନ୍ଧୁ ବେହେରା, କିଶୋର ଚନ୍ଦ୍ର ନନ୍ଦ, ରାଜକିଶୋର ବେହେରା, ସନ୍ତୋଷ ପ୍ରଧାନ, ଗୌରହରି ଷଡଙ୍ଗୀ, କମାର ବେହେରା, କ୍ଷେତ୍ରବାସୀ ପ୍ରଧାନ, ସମେତ ବହୁ କବି କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ସମସ୍ତ କବି ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇ ଥିଲା। ଶେଷରେ କବି ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ଭେଟ୍ ନକ୍‌ଆଉଟ୍ ଫୁଟବଲ୍ ପ୍ରତିଯୋଗିତା

ଝାରସୁଗୁଡ଼ା,୧୭।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର କଟାପାଲି ଖେଳ ପଡିଆରେ ଗଣପତି କ୍ଲବ୍ ଦ୍ୱାରା ଆୟୋଜିତ ହେଉଥିବା ୩୦ ତମ ମାଁ ସମଲେଇ ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା।



ବ୍ରଜରାଜନଗର ନଗରପାଳ ଗୋପାଳ ସିତାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜପୁର ସରପଞ୍ଚ ସରସ୍ୱତି ନାଏକ, ଗୌରମାଲ ସରପଞ୍ଚ ରାଜ ନାଏକ, ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାଏକ, ବୁଦ୍ଧଦେବ ଭୋଇ, ଗଣେଶ ବାଗ, ପଣ୍ଡିତ ସନ୍ତୋଷ ପଣ୍ଡା, ଗୌନ୍ତିଆ ରମେଶ ପ୍ରଧାନ, ପ୍ରସନ୍ନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଜୟ କାଳି କ୍ଲବ୍ କାଳିନଗର, ବ୍ରଜରାଜନଗର ଓ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର୍, ସୁନ୍ଦରଗଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାଯୋର, ସୁନ୍ଦରଗଡ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଭାଷ୍ୟକାର ଭାବେ ଅଶୋକ ବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନା ଟାର୍ଜନ ବିଶ୍ୱାଳ, ଅନନ୍ତ କାଲୋ, ସଞ୍ଜୀବ ବାରିକ, ନବୀନ ଦେଓ ଓ ସୁଶାନ୍ତ ପଟେଲ ମ୍ୟାଚ୍ କମିଶନର ଥିଲେ। ଅଗଷ୍ଟ ୧୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜନରେ କ୍ଲବ୍‌ର ସଦସ୍ୟ ବିଜୟ ଭୋଇ, କାନ୍ତ ପ୍ରଧାନ, ସରୋଜ ବାରିକ, ନରେଶ ପ୍ରଧାନ, କୁଞ୍ଜବନ ପ୍ରଧାନ, ମକରଧ୍ୱଜ ପ୍ରଧାନ, ହରିଶଙ୍କର କଣ୍ଟା, ଦୀପକ ଭୋଇ, ନିମେଇ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୨୧ରୁ କାଉନ୍‌ସିଲର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା

ଦେବଗଡ଼,୧୭।୮ (ସମିସ): ଦେବଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡା ସଙ୍ଘର ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଆସନ୍ତା ୨୧ ରୁ ୩୦ ତାରିଖ ପର୍ଯ୍ୟନ୍ତ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରବିବାର ଜିଲ୍ଲା କ୍ରୀଡା ସଙ୍ଘ ଓ ଦେବଗଡ଼ ପୌରପରିଷଦ ପକ୍ଷରୁ ପ୍ରତିଯୋଗିତା ଆୟୋଜନ ନେଇ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ ଇଣ୍ଡୋରଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ସଂଘ ଉପସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପ୍ରତିଯୋଗିତାର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଦେବଗଡ଼ ପୌର ପରିଷଦର ୧୧ଟି ୱାର୍ଡରୁ ୧୧ଟି ଫୁଟବଲ ଟିମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତି ମ୍ୟାଚ୍ ଅପରାହ୍ଣ ସାଢ଼େ ତିନିଟାରୁ ଆରମ୍ଭ କରାଯିବ। ପ୍ରତିଯୋଗିତାର ବିଜେତା ଦଳକୁ ୧୫,୫୫୫ ଓ ଉପବିଜେତା ଦଳକୁ ୧୧,୧୧୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ୨୮ ତାରିଖ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ, ୨୯ ତାରିଖ ଦ୍ୱିତୀୟ ସେମିଫାଇନାଲ ଏବଂ ୩୦ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ପ୍ରତିଯୋଗିତାର ବିଜୟୀ ଦଳକୁ ୩୧ ତାରିଖ ପୌର ଦିବସ ଅବସରରେ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାର ଶ୍ରେଷ୍ଠ ଶୃଙ୍ଖଳିତ ଦଳକୁ ସ୍ୱତନ୍ତ୍ର ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯିବା ନେଇ ଆୟୋଜକଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଧୀରେନ୍ଦ୍ର ନାୟକ, ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହନ୍ତ, ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଓ ଫୁଟବଲ ସଙ୍ଘ ସମ୍ପାଦକ ପ୍ରଦୀପ ବେହେରା ଓ ଜିଲ୍ଲା କ୍ରୀଡା ସଙ୍ଘ ଉପଦେଷ୍ଟା ହେମନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ଏନ୍‌ଏସି ଘୋଷଣାକୁ ନେଇ ବିଜେପିର ଶୋଭାଯାତ୍ରା



ବୀରମହାରାଜପୁର,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌କୁ ଗତକାଲି ସରକାରଙ୍କ ତରଫରୁ ବିଜ୍ଞାପିତ ପରିଷଦ ଅଞ୍ଚଳ (ଏନ୍‌ଏସି) ଘୋଷଣା କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସଙ୍କ ନେତୃତ୍ୱରେ ବୀରମହାରାଜପୁର ବ୍ଲକ୍ ବିଜେପି ତରଫରୁ ଏକ ବିଶାଳ ଶୋଭାଯାତ୍ରା ହୋଇଥଲା। ଏଥିସହ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ଶୋଭାଯାତ୍ରାରେ ବୀରମହାରାଜପୁର ବ୍ଲକର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପଦାର୍ଥ ଜଗଦଲା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପ୍ରଭାସ ପଣ୍ଡା, ବିପିନ ପଣ୍ଡା, ସୁମନ୍ତ ଜଗଦଲା, ସତ୍ୟବ୍ରତ ମିଶ୍ର, ଏକଲବ୍ୟ ବେହେରା, ଦୁତିଆ ମେହେର, ରଧାଚରନ ମେହେର ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପଟରେ ୧୯୮୭ରୁ ବୀରମହାରାଜପୁର ଉପଖଣ୍ଡ ମାନ୍ୟତା ପାଇବା ପରଠାରୁ ବୀରମହାରାଜପୁର ବ୍ଲକକୁ ଏନ୍‌ଏସି ଘୋଷଣା କରାଯିବାକୁ ଦାବି ହୋଇଆସୁଥିଲା। ଏବେ ଦାବି ପୂରଣ ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ପାଣ୍ଠିର ଦୁରୁପଯୋଗ ଅଭିଯୋଗ



ବୌଦ୍ଧ,୧୭।୮ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ବୌଦ୍ଧ ବିଧାୟକ ପାଣ୍ଠି ଦୁରୁପଯୋଗ ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଗତ ଫେବୃଆରୀ ୨ ତାରିଖରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଏହି ମନ୍ଦିର ଦ୍ୱୟର ପୁନରୁଦ୍ଧାର ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ବୌଦ୍ଧ ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହାର କ'ଣ ପୁନଃରୁଦ୍ଧାର ହୋଇଛି କାହାକୁ ଜଣାନାହିଁ। ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କୁଶଙ୍ଗ-ବାଣୀଗୋଛା ରାସ୍ତା ପାଇଁ ଭିତ୍ତି ପ୍ରସ୍ତର



ବୌଦ୍ଧ,୧୭।୮ (ସମିସ): ଶନିବାର ହରଭଙ୍ଗା ବ୍ଲକ୍ କୁଶଙ୍ଗଠାରେ କୁଶଙ୍ଗ-ବାଣୀଗୋଛା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚ ଶିକ୍ଷା କ୍ରିଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ହରଭଙ୍ଗା ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ, କୁଶଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା, ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇଥିଲେ। ଉକ୍ତ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ ସାମିଲ ହୋଇଥିଲେ। ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ୩୯ କୋଟି ୫୫ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ

ବୌଦ୍ଧ,୧୭।୮ (ସମିସ): ଶନିବାର ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଉତ୍ସବ ବୌଦ୍ଧ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସହିତ୍ୟ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଣ୍ଟ ଜାଭିଅର ସ୍କୁଲର ଛାତ୍ର ଆର୍ଯ୍ୟ ନାରାୟଣ ଦେବ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ଉଦ୍‌ଘାଟକ ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ।



ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ, ବୌଦ୍ଧ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଧନ୍ୟବାଦ ଅର୍ପଣ କରିଥିଲେ। ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ସାହିତ୍ୟ, ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଅତିଥିଗଣ ଆଲୋଚନା କରିଥିଲେ। ଜିଲ୍ଲା ସଂଗ୍ରହାଳୟ, ଜିଲ୍ଲା ପାଠାଗାରର କର୍ମଚାରୀମାନେ ସହଯୋଗ କରିଥିଲେ।

### ଅନିଶ୍ଚିତତାରେ ମନମୁଣ୍ଡା ଏନ୍‌ଏସି ଘୋଷଣା

# ଆଶା ଦେଇଥିଲେ ନବୀନ; ନିରାଶ କଲା ବିଜେପି

ମନମୁଣ୍ଡା,୧୭।୮ (ସମିସ)

ବୌଦ୍ଧ ଜିଲ୍ଲାର ଲୋକ ସଂଖ୍ୟାରେ ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡା ଏନ୍‌ଏସି ପାଇଁ ପ୍ରବଳ ଦାବିଦାର ଥିଲା। ତାହାକୁ ଦୃଷ୍ଟିରେ ରଖି ନବୀନ ନେତୃତ୍ୱାଧୀନ ବିଜେଡି ସରକାର ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ଏହାପରେ ଏନ୍‌ଏସି ମାନ୍ୟତାକୁ ନେଇ ଆଶା ଉଜ୍ଜ୍ୱଳ ହୋଇଥିଲା। କିନ୍ତୁ ମୋହନ ନେତୃତ୍ୱାଧୀନ ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ୧୨ଟି ନୂତନ ଏନ୍‌ଏସି ତାଲିକାରେ ମନମୁଣ୍ଡାକୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ନିରାଶ ହୋଇଛନ୍ତି ମନମୁଣ୍ଡାବାସୀ। ଏହାକୁ ନେଇ ମନମୁଣ୍ଡାରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ତେଲ ନଦୀ ଓ ମହାନଦୀ ସଙ୍ଗମ ସ୍ଥଳରେ ବୌଦ୍ଧ ଜିଲ୍ଲାର ଉପାନ୍ତ ତଥା ସୁବର୍ଣ୍ଣପୁର ଜିଲ୍ଲାକୁ ଲାଗି କରି ରହିଛି ଐତିହାସିକ ମନମୁଣ୍ଡା ସହର। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ସ୍ଥାପିତ ମନମୁଣ୍ଡା ଲୋକ ସଂଖ୍ୟାରେ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ, ସବୁଠୁ ବଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଡ ଥାନା। ଏଠାରେ ସ୍କୁଲ, କଲେଜ ସମେତ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି। ଏହା ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର। ଏହା ମଧ୍ୟ ଦେଇ ଜାତୀୟ ରାଜପଥ ୫୭ ଯାଇଥିବାବେଳେ ରେଲୱେ ଷ୍ଟେସନ ମଧ୍ୟ ହୋଇସାରିଛି। ଘଞ୍ଚ ଜନବସତି ସହ ଦୀର୍ଘ ଦିନରୁ ଏଠାରେ ସହରୀ ସଭ୍ୟତା ରହି ଆସିଛି। ମନମୁଣ୍ଡା ଏନ୍‌ଏସି ପାଇଁ ସମସ୍ତ ଯୋଗ୍ୟତା ରହିଛି। ଏହାକୁ ଦୃଷ୍ଟିରେ ରଖି ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ଦାବି କରି ଅଞ୍ଚଳବାସୀ ଗତ ୨୦୨୪ ମସିହାରେ ବିକ୍ଷୋଭ ଏବଂ ୨୪ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ଯାହାକି ସେହି ସମୟରେ ଚର୍ଚ୍ଚା ପାଲଟିଥିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରବର୍ତ୍ତୀ

### ଧୈର୍ଯ୍ୟ ଧର, ହତାଶ ହୁଅ ନାହିଁ: ବିଧାୟକ

ମନମୁଣ୍ଡାକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ୨୦୨୪ ଫେବୃୟାରୀ ୨୨ରେ ନବୀନ ସରକାର ପ୍ରଥମେ ୩୪ଟି ଓ ପରବର୍ତ୍ତୀ ସମୟରେ ମନମୁଣ୍ଡାକୁ ମିଶାଇ ୫ଟି ଏନ୍‌ଏସି ଘୋଷଣା କରିଥିଲେ। ଏନେଇ ମନମୁଣ୍ଡା ଏନ୍‌ଏସି ଏକ୍ସନ କମିଟି ସମସ୍ତ କାଗଜାଦି ଦେଇ ଥିବାବେଳେ ବିଡ଼ିଓ ଓ ଜିଲ୍ଲାପାଳଙ୍କ ଠାରୁ ଏହାର ସମ୍ଭାବ୍ୟତା ରିପୋର୍ଟ ମଧ୍ୟ ଯାଇଥିଲା। କିନ୍ତୁ ସରକାର ବଦଳିଗଲା। ନୂତନ ବିଜେପି ସରକାର ଏନ୍‌ଏସି ପାଇଁ କୌଣସି ରେକର୍ଡ ସରକାରଙ୍କ ପାଖରେ ନଥିବା ଦର୍ଶାଇ ଚୁପ୍ ହୋଇ ବସି ରହିଥିଲେ। ଯାହାକୁ ନେଇ ଅଞ୍ଚଳବାସୀ ଦ୍ୱନ୍ଦରେ ରହିଥିଲେ। ପରେ ନୂତନ ବିଜେପି ସରକାର ଜିଲ୍ଲାପାଳଙ୍କ ଜରିଆରେ ପୁଣି ଥରେ ବିହିତ ଫର୍ମ 'ବି' ଏନ୍‌ଏସି ପାଇଁ ରିପୋର୍ଟ ମାଗିଥିଲେ ଓ ତାହା ସରକାରଙ୍କଠାରେ ଦାଖଲ ମଧ୍ୟ କରିଥିବା ଜାଣିବାକୁ ମିଳିଥିଲା। କିନ୍ତୁ ଗୃହ ଓ ନଗର ଉନ୍ନୟନ ବିଭାଗ ଦୁଇ ଦିନ ତଳେ ପ୍ରକାଶ କରିଥିବା ୭ ଜିଲ୍ଲାର ୧୨ ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ମନମୁଣ୍ଡାର ନାମ ନଥିବା ଜାଣିବାକୁ ମିଳିଛି। ଗତ ୧୨ ତାରିଖରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମନମୁଣ୍ଡା ଗସ୍ତରେ ଆସିଥିବାବେଳେ ମନମୁଣ୍ଡା ଏନ୍‌ଏସି ଏକ୍ସନ କମିଟି ତାଙ୍କୁ ଏକ ସ୍ମାରକ ପତ୍ର ଦେବା ସମୟରେ ମନମୁଣ୍ଡାକୁ ଏନ୍‌ଏସି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ତାଲିକାରେ ମନମୁଣ୍ଡାର ନାମ ନ ଥିବାରୁ ପ୍ରତିଶୃତି ପାଣିରଗାର ବୋଲି ମତପ୍ରକାଶ ପାଇଛି।

ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ନକଲେ ପୂର୍ବାପେକ୍ଷା ଆହୁରି ଜୋରଦାର ଆନ୍ଦୋଳନ ହେବ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି। ତେବେ ଏନେଇ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗଙ୍କୁ ପଚାରିବାରେ ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ପାଇଁ ସେ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଧୈର୍ଯ୍ୟ ନ ହରାଇ, ନିରାଶ ନ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ଘୋଷଣାକୁ ଅପେକ୍ଷା କରିବାକୁ ସେ କହିଛନ୍ତି।

### ■ ସିଆଇଟିୟୁର ସାମୁହିକ ଜାଗରଣ କାର୍ଯ୍ୟକ୍ରମ

## ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ

ରାଉରକେଲା,୧୭।୮ (ସମିସ): ସିଆଇଟିୟୁ କେନ୍ଦ୍ରୀୟ କମିଟି ଆହ୍ୱାନରେ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ସାମୁହିକ ଜାଗରଣ କାର୍ଯ୍ୟକ୍ରମ ଭଞ୍ଜ ଭବନଠାରେ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଗତ ୧୪ ତାରିଖରେ ଏକ ମିନି ମାରାଥନ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ଠାରୁ ବାହାରିଥିଲା। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଦାବିରେ ଏହି ମାରାଥନ୍ ଆମ୍ବାଗାନ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ଆଦର୍ଶ ପାଠାଗାରଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସହ ଦେଶାତ୍ମବୋଧକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ରାଉରକେଲା ସ୍ୱର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ 'ଭାରତର ସ୍ୱାଧିନତା ଆନ୍ଦୋଳନ ଓ ସମ୍ବିଧାନ ପ୍ରତି ଆହ୍ୱାନ' ଶୀର୍ଷକ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରଭାତ ମଲ୍ଲିକ, ମୁଖ୍ୟଅତିଥି ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସମ୍ମାନିତ ଅତିଥି ଡ. ଉତ୍ତମ ଚରଣ ଜେନା, ସମାଜସେବୀ ସଞ୍ଜୀବ ମହାନ୍ତି, ଡ. କୃପାସିନ୍ଧୁ ନାୟକ, ସୁମନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ମହାନ୍ତି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କରିବାକୁ ଦେଶର ଜନତା ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼ ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନ ସଂଯୋଜନା କରିଥିଲେ। ଜିଲ୍ଲା ଉପସଭାପତି ବି.ପି ମହାପାତ୍ର, ଯଯାତି କେଶରୀ ସାହୁ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଏନ୍‌କେ ରାଉତରାୟ, ଲକ୍ଷ୍ମୀଧର ନାୟକ, ଅରୁ ଦାସ୍, ବିନୟ ବେହୁରିଆ, ଦିବାକର ମହାରଣା, ଯଜ୍ଞେଶ୍ୱର ସାହୁ, ପ୍ରଦୀପ ସେଠୀ, ରତ୍ନାକର ନାୟକ, ସୁରେନ୍ଦ୍ର ମହାନ୍ତି, ଅରୁଣ ମହାରଣା, ଜନ୍ମେଜୟ ଘୋଷ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ମରୁଡି ସ୍ଥିତିରେ ଆଶା ସଞ୍ଚାର କଲା ଉଠାଜଳସେଚନ

ଶଗଡା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ପ୍ରତ୍ୟେକ ବର୍ଷ ଚାଷୀ ମରୁଡିର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷ ମଧ୍ୟ ଶ୍ରାବଣରେ ଆବଶ୍ୟକ ଅନୁସାରେ ବର୍ଷା ନ ହେବାରୁ ଅନେକ ଅଞ୍ଚଳରେ ଚାଷ ଜମି ମାଟି ଫାଟି ଆଁ କରିଥିବା ବେଳେ ଅନେକ ସ୍ଥାନରେ ଧାନ ଗଛ ସବୁ ମରିବାକୁ ବସିଲାଣି। ବ୍ଲକର ବିଭିନ୍ନ ଅଞ୍ଚଳରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଅନେକ ଗଭୀର ନଳକୂପ ଖନନ କରାଯାଇଥିଲେ ସୁଦ୍ଧା ଅଧିକାଂଶ ଅଚଳ ହୋଇ ପଡିଥିଲା। ପ୍ରକଳ୍ପ ଥାଇ ମଧ୍ୟ ଏହା ଅଚଳ ହୋଇ ପଡିଥିବାରୁ ଚାଷୀ ପାଣି ନ ପାଇ ମରୁଡିର ସମ୍ମୁଖୀନ ହେଉଥିଲେ। ଅନେକ ପ୍ରକଳ୍ପର ବିଦ୍ୟୁତ ସରବରାହରେ ସମସ୍ୟା ଥିବା ବେଳେ ଅନେକ ପ୍ରକଳ୍ପ ଯାନ୍ତ୍ରିକ ତ୍ରୁଟି ଥିବାରୁ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିଥିଲା। ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ରଣା କାର୍ଯ୍ୟଭାର ଗ୍ରହଣ କଲା ପରେ ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଯୁଦ୍ଧକାଳୀନ ଭିତ୍ତିରେ କଣ୍ଟାମାଳ ବ୍ଲକରେ ଅଚଳ ଥିବା ପ୍ରକଳ୍ପ ସବୁକୁ କାର୍ଯ୍ୟକ୍ଷମ କରିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ମରୁଡି ପରିସ୍ଥିତିରେ ବିଦ୍ୟୁତ ବିଭାଗ ସହଯୋଗରେ ଅଚଳ ପ୍ରକଳ୍ପ ସବୁ ନିୟମିତ ବ୍ୟବଧାନରେ ମରାମତି କରି କାର୍ଯ୍ୟକ୍ଷମ କରାଯାଇଥିବାରୁ ଚାଷୀଙ୍କ ମହଲରେ ନୂତନ ଆଶାର ସଞ୍ଚାର ହୋଇଛି। କଣ୍ଟାମାଳ ବ୍ଲକର ଯୋଗୀନ୍ଦ୍ର ପୁର ପଞ୍ଚାୟତର ୪ଟି ପ୍ରକଳ୍ପ, କେଉଟିପାଲି, ନରସିଂହପୁର ଓ ଟାଙ୍ଗିଆ ପାଲି ଗ୍ରାମରେ ଥିବା ଅଚଳ ପ୍ରକଳ୍ପ ସବୁ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଇଥିବାବେଳେ ଚାଷୀ ରାଜେନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଧର ମହାକୁଡ଼, ଗୋବିନ୍ଦ ଭାଇନା, ପରମାନନ୍ଦ ପ୍ରଧାନ, ନେତ୍ରା ନାଏକ ଓ ଲକ୍ଷ୍ମଣ ଦନ୍ତା ପ୍ରମୁଖ ଚାଷୀ ଖୁସିବ୍ୟକ୍ତ କରିବା ସହ ଶ୍ରୀ ରଣାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏସ୍‌ବିଆଇ ପକ୍ଷରୁ ପ୍ରତିଯୋଗିତା ଓ ଚାରାରୋପଣ



ମନମୁଣ୍ଡା,୧୭।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ମନମୁଣ୍ଡା ପଞ୍ଚାୟତ ଖଇରମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏସ୍‌ବିଆଇ ପକ୍ଷରୁ ବକ୍ତୃତା, କୁଇଜ୍, ଡ୍ରଇଂ ପ୍ରତିଯୋଗିତା କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥିଭାବେ ଏବିଇଓ ଦୁର୍ଗା ଚରଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ମନମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବାଳ ଗୋପାଳ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ବିଆଇ ତରଫରୁ ଗାଁର ଖେଳ ପଡିଆର ଚାରିଆଡ଼େ ବ୍ୟାପକ ଚାରାରୋପଣ କରାଯାଇଥିଲା। ଏସବିଆଇ ଅଫିସର ଦୂର୍ବାଦଳ ମେହେର, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ବିଇଓ ଅଫିସର କର୍ମଚାରୀ ସହଯୋଗ କରିଥିଲେ।

## ଭଗବତ ଚେତନା ସମିତିର ନନ୍ଦୋତ୍ସବ

ଡୁଙ୍ଗୁରିପାଲି,୧୭।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଭାଗବତ ଚେତନା ସମିତି ପକ୍ଷରୁ ଆର୍‌ଏମ୍‌ସିଠାରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ନନ୍ଦ ରାଜା ଓ ଯଶୋଦା, କୃଷ୍ଣ ବଳରାମ ଓ ତାଙ୍କ ସଖାମାନେ ନଗର ପରିକ୍ରମାରେ ବାହାରି ଗୋପପୁରକୁ ଆସିଥିଲେ। ନଗର ପରିକ୍ରମାରେ ବିଭିନ୍ନ ସ୍ଥାନରେ କୃଷ୍ଣ ବଳରାମ ଦହି ମାଠିଆ ଭାଙ୍ଗି ଥିଲେ। ଏହି ନନ୍ଦୋତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମରୁ ବହୁଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଗୋପପୁରଠାରେ ଗିରିଧାରୀ ମିଶ୍ର, ଦୀପ୍ତି କୁମାର ସେଠି, ରାଜକୁମାର ସେଠି ପ୍ରବଚନ ଦେଇଥିଲେ। ଏହି ଉତ୍ସବରେ ନନ୍ଦ ରାଜା ଓ ଯଶୋଦା ଭୂମିକାରେ ଅନ୍ତର୍ଯ୍ୟାମୀ ଦଣ୍ଡସେନା ଓ ତାଙ୍କ ସହ ପତ୍ନୀ ସଂଯୁକ୍ତା ଦଣ୍ଡସେନା, କୃଷ୍ଣ ଭୂମିକାରେ ଉସତ ଚାଁଆର, ବଳରାମ ଭୂମିକାରେ ପ୍ରିୟାଂଶୁ ଦଣ୍ଡସେନା ଅଭିନୟ କରିଥିଲେ। ଡ଼. ଶ୍ରୀଧର ବିଶ୍ୱାଳ ଏହି ନନ୍ଦୋତ୍ସବକୁ ଉଦ୍‌ଘାଟନ କରିଥିବାବେଳେ କମିଟି ସଭାପତି ଘମୁଡୁ ବିଶ୍ୱାଳ, ସମ୍ପାଦକ ଅର୍ଜୁନ ସାହୁ, ଅରକ୍ଷିତ ମେହେର, ଦୁର୍ଲଭ ସେଠଙ୍କ ସହ ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଏଇଏସ୍ କଲେଜ ପ୍ରାକ୍ତନ ଅଧ୍ୟକ୍ଷାଙ୍କ ପରଲୋକ

ତରଭା,୧୭।୮ (ସମିସ): ତରଭା ଏଇଏସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସଂଯୁକ୍ତା ବାଇ(୬୪)ଙ୍କ ପରଲୋକ ହୋଇଯାଇଛି। ବଲାଙ୍ଗୀରର ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ତଥା ସାମ୍ବାଦିକ ଅକ୍ଷୟ ବାଘ, ପୁଅ ଅସୀମ, ଝିଅ ସ୍ମିତିପ୍ରଜ୍ଞା,



ଜ୍ୱାଇଁ ସତ୍ୟବ୍ରତ ଉପସ୍ଥିତ ଥିଲେ। ସଂଯୁକ୍ତା ୧୯୯୦ ରେ ଓଡ଼ିଆ ଅଧ୍ୟାପିକା ଭାବେ ଏଇଏସ କଲେଜରେ ଯୋଗଦେଇ ୨୦୨୧ରେ ଅଧ୍ୟକ୍ଷା ପଦବୀରେ ରହି ଅବସରଗ୍ରହଣ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅସୀମ ମୁଖାଗ୍ନି ଦେଇଥିଲେ।

## ୧୯ରେ ୨୧ ପଞ୍ଚାୟତରେ ବନ୍ଦ ପାଳନ ନିଷ୍ପତ୍ତି

ତରଭା,୧୭।୮ (ସମିସ): ଗତ ୧୨ ତାରିଖ ତରଭା ବ୍ଲକର ଜନପ୍ରତିନିଧିମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କାରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡି ଛକରେ ୧୫/୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସର ନିଷ୍କ୍ରିୟତାକୁ ନେଇ ତରଭା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ନିଷ୍କ୍ରିୟତାର ପ୍ରତିବାଦରେ ଆସନ୍ତା ମଙ୍ଗଳବାର ଅର୍ଥାତ୍ ୧୯ ତାରିଖରେ କ୍ରିୟାନୁଷ୍ଠାନ କମିଟି ତରଫରୁ ତରଭା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ତରଭା ସହର ସମେତ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଏନଏସି କାଉନସିଲର ମହେଶ୍ୱରୀ ସଂଗଠନ, ନବଜ୍ୟୋତି କ୍ଲବ, ପୌର୍ଣ୍ଣମାସୀ କ୍ଲବ, ଗୀତା ପାଠାଗାର, ଭୀମଭୋଇ ସେବା ସଂସଦ, ସୋସିଆଲ ସର୍ଭିସ କ୍ଲବ, ଏଫଆରସିସି, ହିନ୍ଦ ୟଙ୍ଗଷ୍ଟାର କ୍ଲବ, ଆମ୍ବେଦକର କ୍ଲବ, ଗୋପବନ୍ଧୁ ସେବା ସଂସଦ, ବିଜୁ ପଟ୍ଟନାୟକ କ୍ଲବ, ଡ୍ରାଇଭର ସଂଘ, ବରିଷ୍ଠ ନାଗରିକ ସଙ୍ଘ, ବଣିକ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ସେକାମାଲ-କଳାସୁଲିଆ ରାସ୍ତା ମରଣଯନ୍ତା



ଶଗଡ଼ା,୧୭।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ଅନ୍ତର୍ଗତ ସେକାମାଲ ଠାରୁ ବରଗୋଛା ପଞ୍ଚାୟତର କଳାସୁଲିଆ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହିତ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଞ୍ଜିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିନ୍ଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗାଡି ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇପଡେ। ଅତି ଜରୁରୀ ନହେଲେ ଗ୍ରାମବାସୀ ଉକ୍ତ ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡିଯିବା ସହ ଗାଡି ମଧ୍ୟ ଭାଙ୍ଗି ଯାଇଥିବା ନଜିର ରହିଛି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧବୃଦ୍ଧା ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ଚାଷ ହୋଇଥିବା ବିଲରୁ ରାସ୍ତାର ପାଣି କାଦୁଅ ବଳି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାଜ୍ୟ ସରକାର ଯାତାୟାତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ଥାନୀୟ ଜନ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ଖୁବଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ଡୁଙ୍ଗୁରିପାଲି,୧୭।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱାଧୀନତା ଦିବସ ଓ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଜାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପସାୟତ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀ ଓ ସମସ୍ତ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ୧୧୫ ଫୁଟର ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ମାୟାବର୍ହା ଗ୍ରାମ ପରିକ୍ରମା କରିବା ପରେ ପଣ୍ଡକିଟାଲ ପରିକ୍ରମା କରି ବିଦ୍ୟାଳୟକୁ ଫେରିଥିଲେ। ଖଲିଆପାଲି ଓ ପଣ୍ଡକିଟାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ରାମପୁର ଥାନାଧିକାରୀ ପଦ୍ମାସିନୀ ମେହେର ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। କଳା ପ୍ରଶିକ୍ଷକ ଅବିନାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାରୀରିକ ଶିକ୍ଷକ ଚୈତନ୍ୟ ପଧାନ ମାର୍ଚ୍ଚ ପାଷ୍ଟ କରାଇଥିଲେ। ୱାର୍ଡେନ ଚନ୍ଦ୍ରମା ମହାପାତ୍ର, ଶିକ୍ଷକ ବିନୋଦ ବେହେରା, ସଦାନନ୍ଦ ପଧାନ, ସୁଶୀଲ ସାହୁ, ଦୟାସାଗର ପଧାନ, ଶିକ୍ଷୟିତ୍ରୀ ତୋଷମତି ଭୋଇ, ରାଜଲକ୍ଷ୍ମୀନାଥ ସାହାଦେଓ, ଲକି ସାହୁ, ତୃପ୍ତିମୟୀ ପୂଜାରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ସକାଳ
THE SAKALA



ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ୍ ପୋଡ଼ି ଘଟଣା

# ମେଡିକାଲ୍ ଅଫିସରଙ୍କ ସହ ତିନିଜଣଙ୍କୁ ବଦଳି

ଡେରାବିଶ,୧୭।୮ (ସମିସ)

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହରେ ହୋଇଥିବା ମେଡିସିନ୍ ପୋଡ଼ି ଘଟଣାରେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଥିବାବେଳେ ବହୁମୁଖୀ ସ୍ୱାସ୍ଥ୍ୟ ସୁପରଭାଇଜର ସୁରେଶ ଦାସଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଫାର୍ମାସିଷ୍ଟ ନବଘନ ଘଡ଼େଇଙ୍କୁ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା କର୍ମଚାରୀ ବିକାଶ କୁମାର ଜେନାଙ୍କୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦାୟିତ୍ୱମୁକ୍ତ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିକାରୀ ଘରୋଇ ସଂସ୍ଥାକୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବେହେରାଙ୍କ ସ୍ଥାନରେ ଡାକ୍ତର ଦେବାଶିଷ ସାହୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ. ପ୍ରହରାଜ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଚଳିତ ମାସ ୯ ତାରିଖ ଶନିବାର ଦିନ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିପୁଳ ପରିମାଣରେ ଔଷଧ ପୋଡ଼ାଯାଉଥିବା ଘଟଣା ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଥିଲା। ପୋଡ଼ାଯାଉଥିବା ଔଷଧ ମଧ୍ୟରେ ୨୦୨୬ ଡିସେମ୍ବର ମାସ ଯାଏ ଅବଧି ଥିବା ଔଷଧ ଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କୁ ସଠିକ ଭାବେ ଔଷଧ ମିଳୁ ନ ଥିବାବେଳେ ଏତେ ପରିମାଣରେ ଔଷଧ ପୋଡ଼ାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏ ସମ୍ପର୍କରେ ଜଣେ ଗଣମାଧ୍ୟମ ପ୍ରତିନିଧି ଏହି ଭିଡିଓ ଉତ୍ତୋଳନ କରିବା ସମୟରେ ଏହାକୁ ବାରଣ କରାଯାଇ ଘଟଣାକୁ ଚପାଇବା ପାଇଁ ତାଙ୍କୁ ଲାଞ୍ଚ ଯଚାଯାଇଥିଲା। ଏସବୁ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ଓ ଭିଡିଓ ଭାଇରାଲ ହେବା ପରେ ଘଟଣାରୁ ଗୁରୁତ୍ୱ ଉପଲବ୍ଧି କରି କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରହରାଜଙ୍କ ନେତୃତ୍ୱରେ ଅନ୍ୟତମ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଓଡ଼ିଶା ମେଡ଼ିକାଲ କର୍ପୋରେସନ୍‌ର ଫାର୍ମାସିଷ୍ଟ ସ୍ୱାଗତିକାଙ୍କ ସମେତ ଏକ ୫ଜଣିଆ ଟିମ୍ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତକାରୀ ଟିମ୍ ଡାକ୍ତର ବେହେରାଙ୍କ ସମେତ ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟଙ୍କ ସହିତ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିବା ସହିତ ଗଣମାଧ୍ୟମକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।



ମଦନପୁର ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଶ୍ରୀକୃଷ୍ଣ ଓ ରାଧା ଯୋଡ଼ି

## ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ଦିବସ

କେନ୍ଦ୍ରାପଡ଼ା,୧୭।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଇଚ୍ଛାପୁର ଉପକଣ୍ଠସ୍ଥ ସାମଗୁଡ଼ିଆଠାରେ ଅବସ୍ଥିତ ଜେନିଥ ଇଣ୍ଟରନ୍ୟାସନାଲ ସ୍କୁଲରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ଚନ୍ଦ୍ରକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି, ପରେଡ, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରରେ ନନ୍ଦୋତ୍ସବ



ପଟ୍ଟାମୁଣ୍ଡାଇ,୧୭।୮ (ସମିସ): ରାଧାରମଣ ମଠ ପରିସରରେ ଥିବା ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ନନ୍ଦ ଉତ୍ସବର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଅମ୍ବୁଜଭୂଷଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଆଚାର୍ଯ୍ୟ ପ୍ରଭାସ ବେହେରା ସ୍ୱାଗତ ଭାଷଣ ଓ ମୃତ୍ୟୁଞ୍ଜୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇଥିବା ଶିଶୁଙ୍କୁ ପୂଜନ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ତନିଶା ବିଶ୍ୱାଳ, କ୍ରିଷ୍ଟାରାଣୀ ଦାସ, ମମତା ଦେ, ଡଲି ଦାସ, କଳ୍ପନା ବାରିକ, ବିଶ୍ୱରୂପା ବିଶ୍ୱାଳ, ଜ୍ୟୋସ୍ନାରାଣୀ ପ୍ରଧାନ, ଲିସାରାଣୀ ଜେନା, ଲିପ୍ସା ସାହୁ, ପ୍ରିୟଦର୍ଶିନୀ ରାଉତ ପରିଚାଳନା କରିଥିଲେ। ମୋନାଲିସା ଦାସ, ଅନୀତା ଖଣ୍ଡାୟୀ, ସଂଗୀତା ପ୍ରଧାନ, ଭାଗ୍ୟଶ୍ରୀ ଜେନା, ସ୍ୱାଗତିକା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ଆଳି,୧୭।୮ (ସମିସ): କଳଦିଆସ୍ଥ ବାବା ଗୁରୁ ମହାରାଜ ଭଲିବଲ୍ କ୍ଲବ୍ ପକ୍ଷରୁ ନମୌଜା ଉଚ୍ଚବିଦ୍ୟାଳୟ ଓ କେଶବାନନ୍ଦ ବାଳିକା ଉଚ୍ଚବିଦ୍ୟାଳୟରେ ମେଧାବୀ ଅନ୍ୱେଷଣ କାର୍ଯ୍ୟକ୍ରମ



ହୋଇଆସୁଥିଲାବେଳେ ଚଳିତ ବର୍ଷ କେଶବାନନ୍ଦ ବାଳିକା ଉଚ୍ଚବିଦ୍ୟାଳୟ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମେଧା ଅନ୍ୱେଷଣ ପରୀକ୍ଷା କରାଯାଇଥିଲା। ଗଣିତ, ବିଜ୍ଞାନ ଓ ଇଂରାଜୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ୨ ଜଣ ପ୍ରତିଯୋଗୀଙ୍କୁ କେଶବାନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସବିତା ଦାଶ ଅତିଥି ଭାବେ ଯୋଗଦେଇ ଦୁଇଟି ଲେଖାଏଁ ଟେଷ୍ଟ ପେପର୍ ଓ ଅନ୍ୟ ୨୦ ଜଣ ପିଲାଙ୍କୁ ଅନ୍ୟାନ୍ୟ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଛାତ୍ରୀ ସୁବାସିନୀ ରଥ ଓ ଭାଗ୍ୟଶ୍ରୀ ଦାଶ ବିଜୟୀ ହୋଇଥିଲେ। କ୍ଲବ୍‌ର ସଦସ୍ୟ ବିଜୟକାନ୍ତ ବିଶ୍ୱାଳ, ରଞ୍ଜିତ ବାରିକ, ବିଶ୍ୱଜିତ୍ ନନ୍ଦ, ସୁରଜ ସୂତାର, ଶୁଭକାନ୍ତ ନାୟକ, ବିଶ୍ୱଜିତ ସ୍ୱାଇଁ ଓ ଅମୀୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଟିଏମ୍ ଚୋର ଗିରଫ

ଡେରାବିଶ, ୧୭।୮ (ସମିସ): ଚାନ୍ଦୋଳ ବଜାରରୁ ଆଜି ଜଣେ ଏଟିଏମ୍ ଲୁଟେରାଙ୍କୁ ଗିରଫ କରାଯାଇଛି। ଏହି ଲୁଟେରା ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଞ୍ଚଳରେ ହୋଇଥିବା ଏଟିଏମ୍ ଲୁଟ ଘଟଣାରେ ସମ୍ପୃକ୍ତ ଥାଇ କିଛିମାସ ଧରି ଫେରାର ଥିଲା। ଆଜି ସମ୍ପୃକ୍ତ ଲୁଟେରା ଜଣକ ଚାନ୍ଦୋଳ ବଜାରରେ ବୁଲୁଥିବା ସମ୍ପର୍କରେ ଖବର ପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ସମ୍ପୃକ୍ତ ଯୁବକକୁ କାବୁ କରିଥିଲେ। ତେବେ ଏହି ଯୁବକଙ୍କ ଅନ୍ୟ ଚାରି ସହଯୋଗୀ ଏବେବି ଫେରାର ଥିବା ସୂଚନା ମିଳିଛି।

## କମଳ ଭବନ ଉଦ୍‌ଘାଟିତ

ରାଜନଗର,୧୭।୮ (ସମିସ): ରାଜନଗର ବିଜେପି ପୁରୁଣା କାର୍ଯ୍ୟକର୍ତ୍ତା ଏକାଠି ହୋଇ ନୂତନ ଦଳୀୟ କାର୍ଯ୍ୟାଳୟ କମଳ ଭବନ ଉଦ୍‌ଘାଟନ କରିଛନ୍ତି। ଶତାଧିକ ପୁରୁଣା ଦଳୀୟ କର୍ମୀ ଓ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଦିବସରେ ପୃଥକ ଭାବେ ତ୍ରିରଙ୍ଗା ରାଲି କରିବା ସହ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ରାଜନଗର ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ରାଜନଗର ଘାଟ ରୋଡ୍‌ରେ କମଳ ଭବନ ଉଦ୍‌ଘାଟନ ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଯୁବନେତା ଦିଲ୍ଲୀପ ପାଳ ପତାକା ଉତ୍ତୋଳନ କରିବା ସହ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏହି ତ୍ରିରଙ୍ଗା ରାଲି ଦଳୀୟ କାର୍ଯ୍ୟାଳୟରୁ ବାହାରି ରାଜନଗର ଗାଁ, ବଜାର, ଜଗନ୍ନାଥ ମନ୍ଦିର ଦେଇ ରାଜନଗର ହଂସୁଆ ସେତୁ ନିକଟରେ ପହଞ୍ଚିଥିଲା। ଏଥିରେ ସଦାଶିବ ଜେନା, ସହଦେବ ସାହୁ, ସଂଗ୍ରାମ ବେହେରା, ବିଜୟ ବଳ, ପ୍ରକାଶ ମଣ୍ଡଳ, ତପନ ମଣ୍ଡଳ, ଆଦିକନ୍ଦ ତ୍ରିପାଠୀ, କ୍ରିଷ୍ଣା ବେହେରା, ରାଜ୍ୟ କୃଷକ ମୋର୍ଚ୍ଚାର ରାଜକିଶୋର ସାହୁ, ନୀଳକଣ୍ଠ ମିଶ୍ର, ଶ୍ରୀନିବାସ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ତିଲଙ୍ଗ ଦୁର୍ଗାପୂଜା ନିମନ୍ତେ ମାଟି ଉଠାଣ

ଡେରାବିଶ, ୧୭।୮ (ସମିସ): ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗଠାରେ ମା' ଦୁର୍ଗାଙ୍କ ପୂଜା କାହିଁ କେଉଁ କାଳରୁ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ପୂଜା ପାଇଁ ଜନ୍ମାଷ୍ଟମୀ ତିଥିରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ନିକଟସ୍ଥ ଝାଡେଶ୍ୱରପୁର ଶିବ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଉଠାଣ କରାଯାଇଛି। ମା'ଙ୍କ ମଣ୍ଡପ ନିକଟରୁ ନରସିଂହପୁର ସରପଞ୍ଚ ସୁଧୀର ଖଟୁଆଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ଝାଡେଶ୍ୱରପୁର ଶିବ ମନ୍ଦିର ନିକଟରେ ପହଞ୍ଚି ପୂଜାର୍ଚ୍ଚନା ପୂର୍ବକ ଶୁଭମାଟି ଉଠାଣ କରି ତିଲଙ୍ଗସ୍ଥ ପୂଜା ମଣ୍ଡପ ପରିସରକୁ ଆଣିଥିଲେ। ଆଜିଠାରୁ ମୂର୍ତ୍ତିକାର ମାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଥିବା ପୂଜା କମିଟି ମୁଖ୍ୟ ଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ



କେନ୍ଦ୍ରାପଡ଼ା,୧୭।୮ (ସମିସ): ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସହାୟତାରେ ଅକ୍ଷୟ ମହାନ୍ତି କକ୍ଷରେ ଜିଲ୍ଲାସ୍ତରୀୟ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ମଲ୍ଲିକ ମୁଖ୍ୟଅତିଥି, ସଙ୍ଗୀତ ଗୁରୁ ପ୍ରମୋଦ ଦାସ ମୁଖ୍ୟବକ୍ତା, ଆତ୍ମା ଉପପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ରାଉତ, ଓଡ଼ିଶୀ ନୃତ୍ୟ ଗୁରୁ ପ୍ରକାନ୍ତ ମହାରଣା, ବରିଷ୍ଠ ସହାୟକ ପ୍ରୀତିରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରୁପମା ଜେନା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏ ଅବସରରେ ବଳଦେବଜୀଉଙ୍କ ଫଟୋଚିତ୍ର ସମେତ ଲୋକ କବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ, ଲୋପିତା ପଲାଇ, ରୂପାଲି ସୂତାର, ପ୍ରତୀକ୍ଷା ନାୟକ ଓ ସାଥି କଳାକାର ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁରୁ ପ୍ରମୋଦ ଦାସ, ରଞ୍ଜନ ବରାଳ, ନିରୁପମା ଜେନା, ନୃସିଂହ ନନ୍ଦ, ଉପେନ୍ଦ୍ର ପାଢ଼ୀ, ବିମଳ ପରିଡା, ବଳରାମ ମଲିକ, ଅଜୟ ଜେନା ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ସୁଶ୍ରୀ ସଙ୍ଗୀତା ଜେନା, ପ୍ରସାରଣ ସହାୟକ ଗୌରବ ଦାସ, ଅର୍ଚ୍ଚନା ପରିଡା, ରୂପାଲି ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ସ୍କୁଲ ପିଲାଙ୍କ ମଧ୍ୟରେ ଭଜନ, ନୃତ୍ୟ ଓ ଚିତ୍ରକଳାରେ ପ୍ରତିଯୋଗିତା କରାଯାଇ କୃତୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ଜେନା, ସମାଜସେବୀ ବିକ୍ରମ ସାମଲ, କବି ବିଷ୍ଣୁପ୍ରିୟା ସାମଲ, ଅଶୋକ ସାହୁ, ସତୀର୍ଥର ସଭାପତି ଅମର ରାଉତ, ଭାଗବତ ଷଡ଼ଙ୍ଗୀ, ଫଗୁଚରଣ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ନାଟ୍ୟକାର ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବଚକ ବିକ୍ରମ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ବୁଢ଼ୀ ଜାଗୁଳାଇ କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ପଟ୍ଟାମୁଣ୍ଡାଇ,୧୭।୮ (ସମିସ): ଉତିକଣ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓସଙ୍ଗରା ଗ୍ରାମର ମା' ବୁଢ଼ୀ ଜାଗୁଳାଇ କ୍ଲବ ପକ୍ଷରୁ ଭାରତର ସ୍ୱାଧୀନତା ବିଷୟବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସଂଗଠନ ସଭାପତି ଉତ୍ତମ ରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତିରଞ୍ଜନ ସ୍ୱାଇଁ, ସୋମନାଥ ଜେନା, ଶିଶିର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ସୁବ୍ରତ ସ୍ୱାଇଁ, ରୋମାନୀ ସିଂହ, ପ୍ରମିଳା ବଳ, ଜ୍ୟୋତିପ୍ରଭା ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସଞ୍ଜୀବ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ତନ୍ମୟ ସାଇରାମ, ଶ୍ରୀବନ୍ୟ, ଅର୍ପିତା, ମିନାକ୍ଷୀ, କୃଷ୍ଣ, ଦେବାଶିଷ, ପ୍ରତୀକ୍ଷା, ସୁପ୍ରଭା, ସାଗରିକ, ଆଶୁତୋଷ, ପୁନମ, ରୂପଶ୍ରୀ, ଶ୍ରୀୟା, ପ୍ରୀତିପ୍ରଭା, କରଣ, ନାରାୟଣ ଓ ପ୍ରୀତମଙ୍କୁ ପୁରସ୍କୃତ କରାଯାଇଥିଲା।

## ପିଏନ୍‌ଏସ୍ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂରେ ସ୍ୱାଗତ ଉତ୍ସବ




ମାର୍ଶାଘାଇ,୧୭।୮ (ସମସ): ଅଙ୍ଗୁଳାଇସ୍ଥ ପିଏନ୍‌ଏସ୍ ସ୍କୁଲ୍ ଅଫ୍ ଇଞ୍ଜିନୟରିଂ ଆଣ୍ଡ ଟେକ୍ନୋଲୋଜିରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ଡ. ସ୍ମୃତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ଅଜୟ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ କ୍ଷିତୀଶ କୁମାର ସିଂ ଯୋଗଦେଇ ନବାଗତ ଛାତ୍ରଛାତ୍ରୀ ବୈଷୟିକ ଶିକ୍ଷାକୁ ନିଜ ଭବିଷ୍ୟତ ଗଠନ ପାଇଁ ଚୟନ କରିଥିବାରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଜୀବନରେ ସଫଳତା ପାଇଁ କଠିନ ଅଧ୍ୟବସାୟ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳତା ଓ ଶୃଙ୍ଖଳାକୁ ଛାତ୍ରଛାତ୍ରୀ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅମରେନ୍ଦ୍ର ସାହୁ ଓ ଅଧ୍ୟାପିକା ସନ୍ତୋଷୀଦିପ୍ତୀ ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ରମାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଅଧ୍ୟାପକ ସନ୍ନ୍ୟାସୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଗବତ ଟୁଙ୍ଗିକୁ ପୁରାଣ ପୁସ୍ତକ ଦାନ

ରାଜକନିକା,୧୭।୮ (ସମିସ): ଦିନକୁ ଦିନ ଗୀତା, ଭାଗବତ, ପୁରାଣ ଶାସ୍ତ୍ର ଆଲୋଚନା କମି ଆସୁଥିବାରୁ ଏବେ ସମାଜରେ ଅପରାଧ ବଢ଼ୁଥିବାରୁ ପୁଣି ସାମାଜିକ ଜୀବନରେ ବେଦ, ଉପନିଷଦ, ପୁରାଣ ଶାସ୍ତ୍ର, ଭାଗବତ ପାରାୟଣ କରିବାକୁ ଜଣେ ବ୍ୟକ୍ତି ପ୍ରୟାସ ଆରମ୍ଭ କରି ବିଭିନ୍ନ ଭାଗବତ ଟୁଙ୍ଗିକୁ ପୁରାଣ ପୁସ୍ତକ ଦାନ କରିବା ଆରମ୍ଭ କରିଛନ୍ତି। ରାଜକନିକା ବ୍ଲକ ଅନ୍ତର୍ଗତ ଆୟତନରେ ଅବସ୍ଥିତ ଭାଗବତ ଟୁଙ୍ଗିକୁ ଗୋବିନ୍ଦପୁର



ଗ୍ରାମର ବିଦ୍ୟାଧର ମଲ୍ଲିକ ୨୪ ଖଣ୍ଡ ପୁରାଣ ପୁସ୍ତକ ଦାନ କରିଛନ୍ତି। ଆୟତନ ବଜାର ନିକଟରେ ଥିବା ଭାଗବତ ଟୁଙ୍ଗିର ମୁରବୀ ବିଦ୍ୟାଧର ରାଉତ ଏହି ସମସ୍ତ ପୁରାଣ ପୁସ୍ତକ ଗ୍ରହଣ କରିଥିବାବେଳେ ବିଦ୍ୟାଧର ମଲ୍ଲିକଙ୍କ ଏଭଳି ଉଦ୍ୟମକୁ ଟୁଙ୍ଗି ତରଫରୁ ସାଧୁବାଦ ଜ୍ଞାପନ କରିଥିଲେ। ବର୍ତ୍ତମାନ ସମାଜରେ ଗୀତା, ଭାଗବତ ଭଳି ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ଓ ପ୍ରଚାର କମିଯାଉଥିବାରୁ ସମାଜ ବିପଥଗାମୀ ହେଉଛି। ଆଧ୍ୟାତ୍ମିକତାର ମୌଳିକ ଚେତନା ଉଦ୍ରେକ ପାଇଁ ପୂରଣ ଶାସ୍ତ୍ର ପଠନ, ଭଜନ, ଜଣାଣର ଏବେ ବେଶ ଗୁରୁତ୍ୱ ବଢ଼ାଇ ପାରିଲେ ସମାଜ ସବୁବେଳେ ଧର୍ମ ମାର୍ଗରେ ଚଳଚଞ୍ଚଳ ହେବ ବୋଲି ବହୁ ଶ୍ରଦ୍ଧାଳୁ ମତ ଦେଇଛନ୍ତି। ଏହି ଭାଗବତ ଟୁଙ୍ଗିରେ ଆୟତନ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ଉପସ୍ଥିତ ହୋଇ ଭାଗବତ ଚର୍ଚ୍ଚା କରିବା ସହ ଭଜନ, କୀର୍ତ୍ତନ କରିବା ଜାରି ରଖିଛନ୍ତି।

## ଛତା ମଣ୍ଡଳ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଡେରାବିଶ,୧୭।୮ (ସମିସ): ଡେରାବିଶ ବ୍ଲକ୍ ୧୨ନଂ ଜୋନ ଛତା ମଣ୍ଡଳ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅଶ୍ୱିନୀ ପରିଡ଼ାଙ୍କ ନେତୃତ୍ୱରେ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା, ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତି, ସମସ୍ତ ମୋର୍ଚ୍ଚାର ସଭାପତିଙ୍କ ଉପସ୍ଥିତିରେ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ମହାବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ବେହେରା, ଗିରିଶ ଦାସ, ଅକ୍ଷୟ ସାମଲ, ବିନୋଦ ଭୂୟାଁ, ବିନୋଦ ସିଂହ, ଅଜୟ ପ୍ରଧାନ, ପ୍ରଭାସ ପ୍ରଧାନ, ଶୈଳେନ୍ଦ୍ର ପଣ୍ଡା, ପ୍ରଭାକର ଲେଙ୍କା, ଜିତେନ୍ଦ୍ର ମିଶ୍ର, ହେମନ୍ତ ଦାସ, ରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ପଲ୍ଲୀ ମଙ୍ଗଳ ଯୁବକ ସଂଘର ବାର୍ଷିକ ଉତ୍ସବ

ପଞ୍ଚୁପାଣ୍ଡବ,୧୭।୮ (ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମ ପଲ୍ଲୀ ମଙ୍ଗଳ ଯୁବକ ସଂଘର ୭୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଭବାନୀ ଓଝା ଓ ପୂର୍ବତନ ସମିତି ସଭ୍ୟ କୈଳାସ ସାହୁ ଯୋଗଦେଇଥିଲେ। ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ପରିଚାଳନା କରିଥିବାବେଳେ ସମ୍ପାଦକ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ସମସ୍ତ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦାମୋଦରପାଟଣାରେ ନନ୍ଦ ଉତ୍ସବ

ପଟ୍ଟାମୁଣ୍ଡାଇ,୧୭।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ଦାମୋଦରପାଟଣା ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫ନଂ ଜୋନ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ସରୋଜିନୀ ଦାସ, ଯୁବ ସମାଜସେବୀ ସୁକାନ୍ତ ରାଉତ, ବରିଷ୍ଠ ନାଗରିକ ସମନ୍ୱୟ



ସମିତି ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ପୂର୍ବତନ ସରପଞ୍ଚ କିଶୋର ବେହେରା ଓ ରମେଶ ଦାସ, ସାମାଜିକ କର୍ମୀ ଗଗନ ମହାଲିକ, ଯୁବନେତା ପ୍ରକାଶ ଦାସ, ପ୍ରତାପ ବିଶ୍ୱାଳ, ପଦ୍ମନାଭ ନାୟକ, ବସନ୍ତ ଦାସ, ସୁବାସ ସାହୁ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଅନ୍ତର୍ଯ୍ୟାମୀ ନାୟକ, ସୁବାସ ଦାସ, ଉଲ୍ଲାସ ଦାସ, ରଶ୍ମିରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ, ଶିବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ଓ ନଗର ପରିକ୍ରମା କରାଯାଇଥିଲା। ପଣ୍ଡିତ ସିଦ୍ଧାର୍ଥ ପଣ୍ଡାଙ୍କ ସମେତ ବେଦଜ୍ଞ ବ୍ରାହ୍ମଣମାନେ ନନ୍ଦ ଉତ୍ସବର ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦୁର୍ନୀତି ବିରୋଧରେ ଲଢ଼େଇ କରି ବନ୍ଧାହେଲେ ସମାଜସେବୀ

କେନ୍ଦ୍ରାପଡ଼ା,୧୭।୮ (ସମିସ)

- କୋଲକାତାରୁ କେନ୍ଦ୍ରାପଡ଼ା ଆଣୁଛି ପୁଲିସ
- ମୋ ସ୍ୱାମୀ କୋଲକାତାରୁ କେନ୍ଦ୍ରାପଡା ଆସିନାହାନ୍ତି: ପତ୍ନୀ

ସୋସିଆଲ ମିଡ଼ିଆକୁ ଅସ୍ତ୍ର କରି ଲୋକଙ୍କୁ ସେମାନଙ୍କ ହକ୍ ଦେବାରେ ସହାୟକ ହେଉଥିଲେ। ଏମିତିକି ଖବରକାଗଜ ଓ ଟିଭି ଖବରକୁ ବିଭିନ୍ନ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇ ନ୍ୟାୟ ଦେଉଥିଲେ। ନେତା ହୁଅନ୍ତୁ କି ପ୍ରଶାସନକୁ ଖୋଲାଖୋଲି ସମାଲୋଚନା କରୁଥିଲେ। କେବଳ ସେତିକି ନୁହେଁ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ଲୋକଙ୍କ ସମସ୍ୟା ଓ ଦୁର୍ନୀତି ବିରୋଧରେ ମୁହଁ ଖୋଲିବା ତାଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଗିରଫ ହେବାକୁ ପଡ଼ିଛି। କେନ୍ଦ୍ରାପଡ଼ାର ବୀରସୂତି ଗ୍ରାମର ସୁଶୀଲ ରାଉତଙ୍କ କ୍ଷେତ୍ରରେ ଏହା ଘଟିଛି। ସୁଶୀଲ କୋଲକାତାରେ ରହି ବ୍ୟବସାୟ କରନ୍ତି। ତେବେ ଲୋକଙ୍କ ସମସ୍ୟା ବ୍ୟବସ୍ଥା ପାଖରେ ପହଞ୍ଚାଇବା ତାଙ୍କର ନିଶା। ନିକଟରେ ସୁଶୀଲ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରି ଅଡୁଆରେ ପଡିଛନ୍ତି। ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଯୋଗୁଁ ମୁଷ୍ଟିମେୟଙ୍କ ଜଣେ ସମର୍ଥକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ଥାନା ଠାଉରି ଗ୍ରାମର ସୁରେଶ ମଲିକ ଗତ ୧୩ ତାରିଖରେ ଅଭିଯୋଗ କରିଛନ୍ତି ଯେ, ସୁଶୀଲ ରାଉତ ତାଙ୍କ ଫେସବୁକ୍ ପେଜରେ କେତେଜଣ ମୁଷ୍ଟିମେୟ ଓ ତାଙ୍କର ସମର୍ଥକଙ୍କୁ ବିଭିନ୍ନ ସମୟରେ ଅଶାଳୀନ ମନ୍ତବ୍ୟ ପ୍ରୟୋଗ କରିଛନ୍ତି। ଅନୁରୋଧ ସତ୍ତ୍ୱେ ସେ ଏହି କାର୍ଯ୍ୟରୁ ନିବୃତ୍ତ ରହୁ ନ ଥିଲେ। ପ୍ରାୟ ତିନିମାସ ପୂର୍ବରୁ ସୁଶୀଲଙ୍କ ସହିତ ଅଙ୍ଗୁଳାଇ ଛକରେ ଅଭିଯୋଗକାରୀ ସୁରେଶଙ୍କ ଭେଟ ହୋଇଥିଲା। ସେ ସୁଶୀଲଙ୍କୁ ପଚାରିଥିଲେ କାହିଁକି ଫେସବୁକରେ ଗାଳିଗୁଲଜ କରୁଛ। ଏଥିରେ ସୁଶୀଲ ଉତ୍କ୍ଷିପ୍ତ ହୋଇ ସୁରେଶଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ କଲର ଧରି ହତ୍ୟା କରିବାକୁ ଧମକ ଦେଇଥିବା ନେଇ ଏତଲାରେ ଦର୍ଶାଯାଇଛି। ଏହି ଏତଲାକୁ ଆଧାର କରି ସୁଶୀଲଙ୍କୁ ଧରିବାକୁ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାକୁ ମାର୍ଶାଘାଇ ପୁଲିସର ଏକ ଟିମ୍ ଯାଇଥିଲା। ସୁଶୀଲଙ୍କ ପତ୍ନୀ ନମିତା ରାଉତ କହିଛନ୍ତି, ତାଙ୍କ ସ୍ୱାମୀ ଲୋକଙ୍କ ସମସ୍ୟା ପାଇଁ ସମାଲୋଚନା କରିବାରୁ ତାଙ୍କ ନାମରେ ମିଛ ଅଭିଯୋଗ ହୋଇଛି। ତାଙ୍କ ସ୍ୱାମୀ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ କୋଲକାତାରୁ କେନ୍ଦ୍ରାପଡା ଆସିନାହାନ୍ତି। ଗତ ଶନିବାର ଦିନ ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଜିଲ୍ଲା ବାରାନଗର ଥାନା ଅଧୀନରେ ମାର୍ଶାଘାଇ ପୁଲିସର ଦୁଇଜଣ ଅଧିକାରୀ ଯାଇ ସୁଶୀଲଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ବାରାନଗର ପୁଲିସ ପହଞ୍ଚିଥିଲା ଓ ସ୍ଥାନୀୟ ପୁଲିସକୁ ନ ଜଣାଇ ସୁଶୀଲଙ୍କୁ ଧରିଥିଲା। ସୂଚନା ନ ଦେଇ ତାଙ୍କ ଜୁରିଡିକ୍ସନରେ ପଶି ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାରୁ କୋଲକାତାର ସ୍ଥାନୀୟ ପୁଲିସ ମାର୍ଶାଘାଇ ପୁଲିସକୁ ତାଗିଦ କରିଥିବା ସୂଚନା ମିଳିଛି। ଏଥିପାଇଁ ମାର୍ଶାଘାଇ ପୁଲିସ କୋଲକାତାରୁ ସୁଶୀଲଙ୍କୁ ଗିରଫ କରି ଆଣିବାକୁ ଆଜି ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଶେଷ କରିଥିବା ଜଣାପଡ଼ିଛି। ସେଠାରେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ କେନ୍ଦ୍ରାପଡା ଆଣୁଥିବା ସୂଚନା ମିଳିଛି। ଏହି ଘଟଣା କେନ୍ଦ୍ରାପଡା ଜିଲ୍ଲାରେ ବେଶ ଚର୍ଚ୍ଚାର ବିଷୟ ହୋଇଛି।

## ୬୩ ଲକ୍ଷ ଠକେଇ: କର୍ଣ୍ଣାଟକରୁ ଜଣେ ଗିରଫ

ଭୁବନ,୧୭ ।୮ (ସମିସ): ଭୁବନ ଥାନା ବାଲିବୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ଚରଣ ବେହେରା ସାଇବର ଠକେଇର ଶିକାର ହୋଇ ଏତଲା ଦେବାର ୧୦ ଦିନ ମଧ୍ୟରେ ପୁଲିସକୁ ମିଳିଛି ସଫଳତା । ଏହି ଘଟଣାରେ ପୁଲିସ କର୍ଣ୍ଣାଟକ କୋଲର ଜିଲ୍ଲା କୁମ୍ଭାପୁରା ଗ୍ରାମର ରାମକୃଷ୍ଣ ଆଚାର୍ଯ୍ୟଙ୍କ ପୁଅ ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ୱାରେଣ୍ଟ ବଳରେ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଶିକ୍ଷକ ବେହେରା ଆର୍‌ଟିଜିଏସ୍ ମାଧ୍ୟମରେ ଟଙ୍କା ପଠାଇଥିଲେ । ଆଉ ୫୦ ଲକ୍ଷ ମାଗିବାରୁ ଅନ୍ୟ ଉପାୟ ନ ପାଇ ଶିକ୍ଷକ ଭୁବନ ଥାନା ଦ୍ୱାରସ୍ଥ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷକ ବେହେରାଙ୍କ ନିକଟକୁ ଗତ ଜୁଲାଇ ୩୧ ତାରିଖ ମୁମ୍ବଇରୁ ଏକ ଫୋନ କଲ ଆସିଥିଲା । ତୁମ ନାମରେ କ୍ରାଇମବ୍ରାଞ୍ଚରେ ମାମଲା ହୋଇଛି ବୋଲି ଫୋନ୍ କରିଥିବା ବ୍ୟକ୍ତି କହିଥିଲେ । ଫଳରେ ଶିକ୍ଷକ ବେହେରା ଡରିଯାଇଥିଲେ । ତେବେ ଟଙ୍କା ଦେଲେ ମାମଲାକୁ ରଫାଦଫା କରି ଦିଆଯିବ ବୋଲି କୁହାଯାଇଥିଲା । ୬୩ ଲକ୍ଷ ନେଲା ପରେ ସେତିକିରେ ଠକଙ୍କ ମନ ବୁଝି ନ ଥିଲା । ଆଉ ୫୦ ଲକ୍ଷ ମାଗିଥିଲେ । ପରେ ଶିକ୍ଷକ ବେହେରା ଏ ନେଇ ଗୁରୁବାର ଭୁବନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ଡ୍ରାଇଭର ଗୁରୁତର



ଢେଙ୍କାନାଳ,୧୭ ।୮ (ସମିସ): ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ମହିଷାପାଟ ଆରଟିଓ ଅଫିସ ନିକଟରେ ଭାରସାମ୍ୟ ହରାଇ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ଡ୍ରାଇଭର ୧୦୮ ଆମ୍ବୁଲାନ୍ସ ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତପାଶ୍ୱର୍ ଗଛରେ ଧକ୍କା ହୋଇଥିଲା । ଫଳରେ କେବିନ ଭିତରେ ଡ୍ରାଇଭର ଚାପି ହୋଇ ରହିଯାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ହାଇଡ୍ରୋଲିକ କଟର ସାହାଯ୍ୟରେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିର୍ କରିଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

## ଅଟକିଲା ଗଁଦିଆବାସୀଙ୍କ ଏନଏସି ସ୍ୱପ୍ନ

ଗଁଦିଆ,୧୭ ।୮ (ସମିସ): ରାଜ୍ୟ ସରକାର ରାଜ୍ୟରେ ନୂତନ ୧୨ଟି ଏନଏସି ପାଇଁ ବିଧିବଦ୍ଧ ଘୋଷଣା କରିଛନ୍ତି । ତେବେ ଏଥିରେ ଗଁଦିଆର ନାମ ନ ଥିବାରୁ ଡବଲ ଇଞ୍ଜିନ ସରକାର ପ୍ରତି ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବ ବିଜେଡି ସରକାର ସମୟରେ ନୂତନ ଏନଏସି ନାମ ଘୋଷଣା କରାଯାଇଥିବା ବେଳେ ଏହି ତାଲିକାରେ ଗଁଦିଆ ନାମ ନ ଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଏହାର ପ୍ରତିଫଳନ ନିର୍ବାଚନରେ ଦେଖିବାକୁ ମିଳିଥିଲା । ଅପର ପକ୍ଷରେ ଶାସକ ଦଳ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ଭୋଟ ହାତେଇଥିଲା ଯେ ସରକାରକୁ ଆସିଲେ ପ୍ରଥମେ ଗଦିଁଆକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ । କିନ୍ତୁ ସଦ୍ୟ ପ୍ରକାଶିତ ତାଲିକାରେ ଗଁଦିଆର ନାମ ନ ଥିବାରୁ ପୁଣି ଅସନ୍ତୋଷ ତେଜିବାରେ ଲାଗିଛି ।

ଗଁଦିଆ ବ୍ଲକ ୧୯୬୦ରେ ଗଠିତ ହୋଇଛି । ୧୯୬୯ରେ ଗଁଦିଆ ଓ ପୋରୁହଖୋଜ ପଞ୍ଚାୟତକୁ ରାଜ୍ୟ ସରକାର ଅର୍ବାନ ଅଞ୍ଚଳ ଭାବରେ ସାରଣୀଭୁକ୍ତ କରିଥିଲେ । ଅନ୍ୟପଟେ ଚଳିତ ମାସ ୧୦ତାରିଖ ବ୍ଲକ ସଭାଗୃହରେ ଏକ ସର୍ବଦଳୀୟ ବୈଠକ ବସି ନୂତନ ଏନଏସି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟପଟେ ଗଁଦିଆ ପଞ୍ଚାୟତର ଗଁଦିଆ, ଶ୍ରୀରାମଚନ୍ଦ୍ରପୁର, ଆଙ୍କୁରଦା ବାଙ୍ଗଲ, ଛାଟଖୁମ୍ବ ଓ ପୋରୁହଖୋଜ ପଞ୍ଚାୟତର ପୋରୁହଖୋଜ, ସାଦାପସୀ, ବଣିଆପଡ଼ା ଓ ଦଣ୍ଡେଇବେରେଣି ଓ ପାଖ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ଓ ବିଧାରପୁର ପଞ୍ଚାୟତର ସାପୁଆଝର ରାଜସ୍ୱ ଗ୍ରାମଗୁଡ଼ିକୁ ନେଇ ଗଁଦିଆ ଏନଏସି ଗଠନ ପାଇଁ ପ୍ରଶାସନ ପକ୍ଷରୁ ଏକ ଡକ୍ୟୁମେଣ୍ଟରୀ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ପ୍ରେରିତ କରାଯାଇଥିବା ଜଣାପଡ଼ିଛି । କିନ୍ତୁ ଏତେ ସବୁ ସତ୍ତ୍ୱେ ଏନଏସି ତାଲିକାରେ ଗଁଦିଆ କାହିଁକି ସ୍ଥାନ ପାଇଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଖବର ଆସିବା ପରେ ଗଁଦିଆବାସୀଙ୍କ ମଧ୍ୟରେ ଘୋର ନିରାଶା ଭାବ ଦେଖିବାକୁ ମିଳିଛି । ଢେଙ୍କାନାଳ ବିଧାନସଭା ଆସନରେ ଗଁଦିଆ ବ୍ଲକର ଭୋଟ ନିର୍ଣ୍ଣାୟକ ଭୂମିକା ନେଇଥାଏ । ଏଠାରୁ ଯେଉଁ ପ୍ରାର୍ଥୀ ଅଧିକ ଭୋଟ ପାଇଥାନ୍ତି ସେ ବିଜୟୀ ହୁଅନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ଯେହେତୁ ଗଁଦିଆ ବ୍ଲକରେ ସେପରି କୌଣସି ଆଗଧାଡ଼ିର ନେତା ନାହାନ୍ତି ତେଣୁ ଢେଙ୍କାନାଳର ନେତାମାନେ ଗଁଦିଆକୁ ସର୍ବଦା ଉପେକ୍ଷା କରି ଆସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

## ବିଦ୍ୟାଳୟ ପରିସରରେ ଶିକ୍ଷକଙ୍କୁ ମାଡ଼

# ହରଡ଼ଘଣାରେ ସରପଞ୍ଚଙ୍କ ସ୍ୱାମୀ

ଗଁଦିଆ,୧୭ ।୮ (ସମିସ)

ସ୍ୱାଧୀନତା ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ପଶି ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ମାଡ଼ମାରି ହରଡ଼ଗଣାରେ ପଡ଼ିଛନ୍ତି ସ୍ଥାନୀୟ ଦଶମାଣପାଟଣା ସରପଞ୍ଚଙ୍କ ସ୍ୱାମୀ । ନିହଲପ୍ରସାଦ ଥାନା ଅନ୍ତର୍ଗତ ସୀମାନ୍ତ ଦଶମାଣପାଟଣା ପଞ୍ଚାୟତ ଦଶମାଣପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗଷ୍ଟ ୧୫ ତାରିଖ ୭୯ତମ ସ୍ୱାଧୀନତା ଦିବସ ପାଳନ ହୋଇଥିଲା । ସେହିଦିନ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ତଥା ଜନ୍ମାଷ୍ଟମୀ ପର୍ବ ପଡ଼ିଥିଲା । ଫଳରେ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଦ୍ୱାରା ଦିଆଯାଉଥିବା ମଧ୍ୟାହ୍ନଭୋଜନ (ରନ୍ଧାଖାଦ୍ୟ) ସହ ଶୁକ୍ରବାର ଥିବାରୁ ଖାଦ୍ୟ ପୋଷଣ ଦିବସ ଉପଲକ୍ଷେ ସିଝାଅଣ୍ଡା ଦିଆଯାଇଥାଏ । କିନ୍ତୁ ତାହାକୁ ଖାଇବାକୁ ପିଲାମାନେ ମନା କରିଥିଲେ । ଏଣୁ ତାହା ବଦଳରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ବେହେରା ବିସ୍କୁଟ ଓ ଫଳମୂଳ ପିଲାଙ୍କୁ ଖାଇବାକୁ ଦେଇଥିଲେ । ତେବେ ବିଦ୍ୟାଳୟରେ ସମସ୍ତ କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସୁଧୀର କୁମାର ପ୍ରଧାନ ଓ ତାଙ୍କ ସମର୍ଥକ ତ୍ରିଲୋଚନ ପ୍ରଧାନ ହଠାତ ବିଦ୍ୟାଳୟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଥିଲେ । କାହିଁକି ତୁ ପିଲାଙ୍କୁ ଅଣ୍ଡା ଖାଇବାକୁ ଦେଲୁନି ବୋଲି ପଚାରିଥିଲେ । ଜନ୍ମାଷ୍ଟମୀ ଥିବାରୁ ପିଲା ଖାଇବାକୁ ମନାକଲେ, ଆସନ୍ତା କାଲି



(ଶନିବାର) ଖାଦ୍ୟରେ ଅଣ୍ଡା ଖାଇବାକୁ ଦିଆଯିବ ବୋଲି ପ୍ରଧାନଶିକ୍ଷକ କହିଥିଲେ । ପରେ ସୁଧୀର ପୁଣି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ବେଳେ ତ୍ରିଲୋଚନ ପ୍ରଧାନଶିକ୍ଷକଙ୍କ କଲର ଧରି ଧକ୍କାମାରି ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ । ଏତିକି ବେଳେ ସୁଧୀର ଗଣ୍ଡଗୋଳକୁ ଛଡ଼ାଇବା ବାହାନାରେ ପ୍ରଧାନଶିକ୍ଷକଙ୍କୁ କୁଣ୍ଢାଇ ଧରିଥିବା ବେଳେ ତ୍ରିଲୋଚନ ପଛରୁ ଗୋଇଠା ମାରିଚାଲିଥିଲେ । ଆହୁରି ମଧ୍ୟ ଯଦି ମୋ କଥା ନ ମାନୁ ତେବ ଆଗକୁ ପରିସ୍ଥିତି ଭୟଙ୍କର ହୋଇପାରେ ବୋଲି ସୁଧୀର ଧମକ ଦେଇଥିଲେ । ଏହି ଘଟଣା ପରେ ନିଜ ଜୀବନ ପ୍ରତି ବିପଦ ଥିବା ଅନୁଭବ କରି ପ୍ରଧାନଶିକ୍ଷକ ଜଗଦୀଶ ବେହେରା ନିହଲପ୍ରସାଦ ଥାନାରେ ଘଟଣା ସମ୍ପର୍କରେ ସୁଧୀର ଓ ତ୍ରିଲୋଚନଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ କେସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏ ସମ୍ପର୍କରେ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲିକ କୁହନ୍ତି, ଅଭିଯୋଗ ମିଳିଛି ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଆଇଆଇଏମସି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

# ବ୍ୟର୍ଥ ନ ଯାଉ ସଂଗ୍ରାମୀଙ୍କ ପ୍ରାଣବଳି

ଢେଙ୍କାନାଳ,୧୭ ।୮ (ସମିସ): ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଶୁକ୍ରବାର ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ ।

### ସତ୍ୟ ଓ ସ୍ୱାଧୀନତା ସାମ୍ବାଦିକତାର ଧର୍ମ ହେଉ



ମହାପୁରୁଷମାନେ ନିଜ ପ୍ରାଣବଳୀ ଦେଇ ଏହିଦିନ ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ । ଅଗଷ୍ଟ ୧୫ ପ୍ରତି ଭାରତୀୟଙ୍କ ପାଇଁ ବହୁ ଆଶା ଓ ଆକାଂକ୍ଷାର ଦିନ । ଆଗାମୀ ଦିନରେ ଶୃଙ୍ଖଳିତ ତଥା ବିକଶିତ ଭାରତ ଗଠନ ନେଇ ସଭିଙ୍କୁ ଏହି ପବିତ୍ର ଦିନରେ ଶପଥ ନେବାକୁ ହେବ । ଫଳରେ ସହିଦଙ୍କ ପ୍ରାଣବଳୀ ବ୍ୟର୍ଥ ଯିବନି ବୋଲି ସେ ପ୍ରକାଶ କରିଥିଲେ । ପ୍ରଫେସର ମୃଣାଳ ଚାଟାର୍ଜୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ସତ୍ୟ ଓ ସ୍ୱାଧୀନତା ସାମ୍ବାଦିକତାର ଧର୍ମ ହେଉ ବୋଲି ମତ ରଖିଥିଲେ । ପତାକା ଉତ୍ତୋଳନ ପରେ କ୍ୟାମ୍ପସ ସଫେଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଏବଂ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀମାନେ ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତ ପରିବେଷଣ କରିବା ସହ ସ୍ଲୋଗାନ ଦେଇଥିଲେ । ଆସିଷ୍ଟାଣ୍ଟ ପ୍ରଫେସର ଆଭା ସିଂ, ପାରସ ଯାଦବ, ଏକାଡେମିକ ତଥା ଟିଚିଂ ଆସୋସିଏଟ ହରେକୃଷ୍ଣ ପ୍ରଧାନ, ଏକାଡେମିକ ସଂଯୋଜକ ଜିତେନ୍ଦ୍ର ପତି, ଲାଇବ୍ରେରୀ ଇନ୍‌ଚାର୍ଜ ଶୁଭଙ୍କରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● ନିଶା ନିବାରଣ ସଚେତନତା ଶୋଭାଯାତ୍ରା

# ନିଶାମୁକ୍ତ ଭାରତ ପାଇଁ ଶପଥ ନେଲେ ଗୁରୁ ଛାତ୍ରଛାତ୍ରୀ



ଢେଙ୍କାନାଳ,୧୭ ।୮ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ମୋ କର୍ତ୍ତବ୍ୟ ଅଭିଯାନର ମୁଖ୍ୟ ଉପଦେଷ୍ଟା ଅଧ୍ୟାପିକା ବିନ୍ଦୁ ବେହୁରିଆଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଅଧ୍ୟାପିକା ସ୍ନେହଲତା ରାଜ, ପ୍ରତିଭା ଦଳେଇ, ସ୍ୱାଗତିକା ଶରଣ, ସୁଦୀପ୍ତା ମିଶ୍ର ଓ କର୍ମଚାରୀ ଲମ୍ବୋଦର ମାଝୀ, ବିକ୍ରମ ଗୋଛାୟତ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗୁରୁଛାତ୍ର ନୀହାର ରଞ୍ଜନ ବିଶ୍ୱାଳ, ରାଜେଶ ବେହେରା, ରାକେଶ କୁମାର ସିଂ, ରାକେଶ ରୋଶନ ପଣ୍ଡା, ସୂଚୀ ସାହୁ, ସାକି ବେହେରା, ଅନୁପମା ନାୟକ, ଧରିତ୍ରୀ ବୈଦ୍ୟ ପ୍ରମୁଖ ସହଯୋଗ କରିଥିଲେ । ଶୋଭାଯାତ୍ରା ପୂର୍ବରୁ ଉଭୟ ଜର୍ଜ ସ୍କୁଲ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରଛାତ୍ରୀ ନିଶା ନିବାରଣ ଉଦ୍ଦେଶ୍ୟରେ ଶପଥପାଠ କରିଥିଲେ ।

## ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ

ଢେଙ୍କାନାଳ,୧୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନାଧେରା ପଞ୍ଚାୟତ ଉପରବାଘଲୁଣ୍ଡା ଗ୍ରାମର ସମାଜସେବୀ ହରିହର ନନ୍ଦଙ୍କ ଧର୍ମପତ୍ନୀ ନିରୁପମା ନନ୍ଦ (୭୪)ଙ୍କ ଦେହାନ୍ତ ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ତାଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ପରେ ସାଂସଦ ଧଳପୁର ବଜାରରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ବାଙ୍ଗୁରସିଂ ପଞ୍ଚାୟତ ଏକଘରିଆ ଗ୍ରାମର ସନ୍ତୋଷ କୁମାର ବେହେରା (୫୫) ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ କିପରି ସମସ୍ତ ଆର୍ଥିକ ସହଯୋଗ ପାଇପାରିବେ ସେ ନେଇ ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ସହ ଆଲୋଚନା କରିଥିଲେ । ଗୁଡ଼ିଆକାଟେଣି ବଜାରରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡ଼ିକର ଯଥାଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସାଂସଦଙ୍କ ଗସ୍ତ ସମୟରେ ତାଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବିଜେପି ନେତା ସହଦେବ ପୃଷ୍ଟି, ତପନ ମହାପାତ୍ର, ମନୋଜ ମହାରଣା, ସନ୍ତୋଷ



ନାଏକ, ରଣଜିତ ନାୟକ, ସତ୍ୟରଞ୍ଜନ ମିଶ୍ର, ଓଡ଼ାପଡ଼ା ମଣ୍ଡଳ ସଭାପତି ଶିବଶକ୍ତି ମହାନ୍ତି, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ଅଶୋକ ରାଉତ, ଭାଗୀରଥି ନାଥ, ପ୍ରଦୀପ ସାହୁ, ସତ୍ୟ ସାହୁ, ସୁଜାତା ସାମଲ, ସଞ୍ଜୁକ୍ତା ବେହେରା ଓ ପୁଷ୍ପଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଢେଙ୍କାନାଳ,୧୭ ।୮ (ସମିସ): ସଦର ବ୍ଲକ୍ ବଣସିଂହ ପଞ୍ଚାୟତ ଅନ୍ତର୍ଗତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି । ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ଓ ସୁଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ଏଥିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ନିକଟସ୍ଥ ଗ୍ରାମଗୁଡ଼ିକୁ ପରିକ୍ରମା କରିଥିଲା । ଡିଗ୍ରୀ ମହାବିଦ୍ୟାଳୟର ଡ. ସତ୍ୟଶଙ୍କର ଦାସ, ଡ. ବଟକୃଷ୍ଣ ଦାସ, ଡ. ଭାଗ୍ୟଶ୍ରୀ ମହାନ୍ତି, ସୁଧାକର ରାଉତ, ଅଧ୍ୟାପିକା ରଶ୍ମିଲତା ରାଉତ



ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଚାଳନା ପରିଷଦ କର୍ମକର୍ତ୍ତା ଜୟନ୍ତ କୁମାର ହୋତା, କାଳନ୍ଦୀ ଚରଣ ସ୍ୱାଇଁ, ରଞ୍ଜନ କୁମାର ହୋତା ଓ ଜଳଧର ବେହେରା ପ୍ରମୁଖ ଏଥିରେ ଯୋଗଦେଇଥିଲେ ।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ



ଯୋରନ୍ଦା,୧୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୱତ ପରିଷଦର ପୂର୍ବତନ ସଭାପତି ଲମ୍ବୋଦର ପରିଡ଼ା, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ମନମୋହନ ତ୍ରିପାଠୀ, ସଦସ୍ୟ ଧର୍ମାନନ୍ଦ ରାଉତ, ଅଶୋକ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଚାର୍ଯ୍ୟା ବିଷ୍ଣୁପ୍ରିୟା ପଣ୍ଡିତ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ଝରଣା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁବାଟିକା ଛାତ୍ରଛାତ୍ରୀଙ୍କୁ କୃଷ୍ଣବେଶରେ ସଜ୍ଜିତ କରାଯାଇ ଦୋଳିରେ ଝୁଲଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଯୋରନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ କୃଷ୍ଣବେଶଧାରୀ ଶିଶୁମାନଙ୍କୁ ଶୋଭାଯାତ୍ରାରେ ସ୍ଥାନୀୟବଜାର ପରିକ୍ରମା କରାଯାଇଥିଲା ।

**ପରଜଙ୍ଗ:** ପରଜଙ୍ଗ ବ୍ଲକ କୁଆଲୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଛି । ବିଦ୍ୟାଳୟର କୁନି ପିଲାମାନେ କୃଷ୍ଣ ବଳରାମ, ସୁଦାମ, ଗୋପାଳ ପ୍ରଭୃତି ବେଶ ଧାରଣ କରି ନାଚଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ପରିଚାଳନା କମିଟି ସଭାପତି ପ୍ରଦୀପ ରଣା, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅଭିଭାବକ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନଅଚାର୍ଯ୍ୟା ନିବେଦିତା ବେହେରା



କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁଜୀ, ଗୁରୁମାଙ୍କ ମଧ୍ୟରେ ଶ୍ରୀବତ୍ସ ବେହେରା, ସୁବାସ ଚନ୍ଦ୍ର ବେହେରା, ଇତୁ ଚକ୍ରବର୍ତ୍ତୀ, ସରୋଜିନୀ ଲେଙ୍କା, ସରସ୍ୱତୀ ନାଏକ, ଚିନ୍ମୟୀ ବାରିକ, ରିଙ୍କି ଭୂତିଆ, ସେବିକା ଅଞ୍ଜଳି ସାହୁ ଓ ସୁଭଦ୍ରା ଭୂତିଆ ପ୍ରମୁଖ ସହଯୋଗ କରିଥିଲେ । ନିରୁପମା ସାହୁ ଓ ସୁଭଦ୍ରା ଭୂତିଆ ନୃତ୍ୟଗୁରୁ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

**ଢେଙ୍କାନାଳ:** ଢେଙ୍କାନାଳ ରାଜପରିବାରର ନିଜସ୍ୱ ପରିଚାଳନାରେ ଥିବା ୧୧୮ ବର୍ଷର ପ୍ରାଚୀନ



ଶ୍ରୀ କୁଞ୍ଜକାନ୍ତଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଛି । ମଧ୍ୟାହ୍ନରେ ଶ୍ରୀଜୀଉଙ୍କଠାରେ ଧୂପଦୀପ ଓ କର୍ପୁର ଆଳତି କରାଯାଇଥିଲା । ଏଥିରେ ରାଜପରିବାରର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଯୁବରାଜ ଅମରଜ୍ୟୋତି ସିଂହଦେଓ, ଯୁବରାଣୀ ମୀନାଲ କୁମାରୀ, ଟିକାୟତ ବିଦ୍ୱତମ ସିଂହଦେଓ, ବିବାହିତା କନ୍ୟା ଯଶସ୍ୱିନୀ, ରାଜକୁମାର ହର୍ଷବର୍ଦ୍ଧନ ସିଂହଦେଓ ଓ ପତ୍ନୀ ଚନ୍ଦ୍ରିକା କୁମାରୀ, ଅବସରପ୍ରାପ୍ତ ଉଇଂ କମାଣ୍ଡର ବିରଜା ଶଙ୍କର ସିଂହଦେଓ ଓ ପତ୍ନୀ ରୋଟାରିୟାନ ଅଲକାନନ୍ଦା ସିଂହଦେଓ ଏବଂ ଜିତୁ ସିଂହଦେଓଙ୍କ ସମେତ ଅନ୍ୟ ସଦସ୍ୟ, ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସଭ୍ୟ ପରେଶ ମିଶ୍ର, ମନୋରଞ୍ଜନ ମିଶ୍ର, ପ୍ରେମଶଙ୍କର ମିଶ୍ର, ପ୍ରଶାନ୍ତ ସାମଲ, ସୁକାନ୍ତ ମିଶ୍ର, ସୌମେନ୍ଦୁ ପଟ୍ଟନାୟକ ଓ ଇଂ ସୌମ୍ୟବ୍ରତ ସାହୁଙ୍କ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରୀ କୁଞ୍ଜକାନ୍ତଜୀଉଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦସେବନ କରିଥିଲେ ।

**ଢେଙ୍କାନାଳ:** ଶ୍ରୀ ଶ୍ରୀ ଶମ୍ଭୁ ଗୋପାଳଜୀଉ ମନ୍ଦିରରେ ବୈଷ୍ଣବ ମତେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି । ପ୍ରଭାତରୁ ପ୍ରଭୁ ଶ୍ରୀ ବିଗ୍ରହଙ୍କ ବୈଦିକ



ନୀତିରେ ପୂଜା କରାଯିବା ସହ ସନ୍ଧ୍ୟାରେ ଶୃଙ୍ଗାର ପରେ ସନ୍ଧ୍ୟା ୮ଟାରୁ ଦର୍ଶନ ଆରମ୍ଭ ହୋଇଥିଲା । ଏଥି ସହିତ ଜନ୍ମାଷ୍ଟମୀ ପୂଜାର୍ଚ୍ଚନା, ସଙ୍କୀର୍ତ୍ତନ ଓ ପ୍ରସାଦ ବଣ୍ଟନ ହୋଇଥିଲା । ମୁଖ୍ୟ ପୂଜକ ବିଭୂତି ଭୂଷଣ ପଣ୍ଡା, ମୁଖ୍ୟ ସେବକ ଜଳଧର ରାଉତ ଏବଂ ଧୋବା ରାଉତ ପ୍ରମୁଖ ସହଯୋଗ କରିଥିଲେ ।

**ଢେଙ୍କାନାଳ:** ସ୍ଥାନୀୟ ବାଜିଚୌକସ୍ଥିତ ସୀତାରାମ ଆଶ୍ରମ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରାଯାଇଛି । ନନ୍ଦରାଜା ପ୍ରଭାକର ରାଉତ ଓ ନନ୍ଦରାଣୀ ଅପର୍ତ୍ତୀ ବେହେରା ବେଶ ଧାରଣ କରିଥିବାବେଳେ କୁନି ପିଲାମାନେ କୃଷ୍ଣ, ବଳରାମ, ସୁଦାମା ଓ ସଖା ବେଶରେ ସଜ୍ଜିତ ହୋଇଥିଲେ । ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସହର ପରିକ୍ରମା କରିବା ପରେ ମନ୍ଦିରକୁ ଆସି ଦଧିହାଣ୍ଡି ଭଗ୍ନ କରି ପ୍ରସାଦସେବନ କରିଥିଲେ । ସଭାପତି ମନି ସାହୁ ଓ ସମ୍ପାଦକ ପ୍ରହ୍ଲାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଢେଙ୍କାନାଳ:** ସ୍ଥାନୀୟ ଆନନ୍ଦବଜାରସ୍ଥିତ ରଗଡ଼ି



ସାହିରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ କରାଯାଇଛି । ଏଥିରେ ସଙ୍କୀର୍ତ୍ତନ ମଣ୍ଡଳୀ ସହ ସହର ପରିକ୍ରମା କରାଯାଇଥିଲା । ନନ୍ଦରାଜା, ନନ୍ଦରାଣୀ, ଶ୍ରୀକୃଷ୍ଣ, ବଳରାମ, ସୁଦାମା, ସୁବଳ ଓ ହନୁମାନଙ୍କ ଅବିକଳ ବେଶରେ ସଜ୍ଜିତ ହୋଇ ପିଲାମାନେ ଆନନ୍ଦ ଅନୁଭବ କରିଥିଲେ । ସଭାପତି ଗୋପିନାଥ ବାରିକ, କୋଷାଧ୍ୟକ୍ଷ କୈଳାସ ମହାନ୍ତି ଏବଂ ସହଯୋଗୀ ପିନୁ ଦଳେଇ, ଶିବୁ ପ୍ରଧାନ, ପପୁ ପ୍ରଧାନ, ସତ୍ୟ ସାହୁ, ବାବୁ ପ୍ରଧାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା । ସହର ପରିକ୍ରମା ପରେ ଦଧିହାଣ୍ଡି ଭଙ୍ଗାଯାଇ ପ୍ରସାଦ ସେବନ କରିଥିଲେ ।



## ଆରମ୍ଭ ହେଲା ହ୍ୱାଟ୍ସଆପ ନମ୍ବର



### ସହଜ ହେବ ଲୋକଙ୍କ କାମ

କାମାକ୍ଷାନଗର,୧୭ ।୮ (ସମିସ): କାମାକ୍ଷାନଗର ତହସିଲ କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ଜାରି ହୋଇଛି ହ୍ୱାଟ୍ସଆପ ନମ୍ବର । ଲୋକଙ୍କ କାମ ସହଜ କରିବା ପାଇଁ ହ୍ୱାଟ୍ସଆପ ନମ୍ବର ୯୪୩୭୨୧୨୧୭୨ ଜାରି କରାଯାଇଛି । ଏହି ନମ୍ବରରେ ଲୋକେ ସେମାନଙ୍କ ଅଭିଯୋଗ ସବୁ ମେସେଜ୍ ଜରିଆରେ ଜଣାଇପାରିବେ । ତହସିଲ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଏହାକୁ ଆରମ୍ଭ କରିଛନ୍ତି ଉପଜିଲ୍ଲାପାଳ ଦୀନମଣି ନାଏକ । ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ରଜନୀକାନ୍ତ ସାମଲ, ତହସିଲଦାର ଶୁଭଙ୍କର ମହାନ୍ତି, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ



ପରଜଙ୍ଗ,୧୭ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣି ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆସ ମିଳିମିଶି ସ୍କୁଲ ଯିବା, ପାଠ ପଢ଼ିବା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱାମିତ୍ର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକ ଆସ ସ୍କୁଲ ଯିବା ନାରା ଦେଇ ଗାଁ ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିଥିଲେ । ପରେ ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା ।

## ବିଜ୍ଞପିତ ଅଞ୍ଚଳରୁ ଖଇରା ବ୍ଲକ୍ ବାଦ୍

# ୧୫ ଦିନ ମଧ୍ୟରେ ପୁନର୍ବିଚାର ନ ହେଲେ ଆନ୍ଦୋଳନ ଚେତାବନୀ

ଖଇରା,୧୭।୮ (ସମିସ)

ଶନିବାର ରାଜ୍ୟ ସରକାର ବିଭିନ୍ନ ସହରକୁ ବିଜ୍ଞପିତ ଅଞ୍ଚଳର ମାନ୍ୟତା ଦେଇଥିବାବେଳେ ବାଲେଶ୍ୱର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ୍ ଖଇରା ଏଥିରୁ ବାଦ୍ ପଡ଼ିଯାଇଛି। ପଡ଼ୋଶୀ ସିମୁଳିଆ ଏଥିରେ ସାମିଲ୍ ହୋଇଥିବାବେଳେ ଯଥେଷ୍ଟ ବଡ଼ ବ୍ଲକ୍ ଖଇରା ଏଥିରୁ ମାନ୍ୟତା ନ ପାଇବାକୁ ନେଇ ଖଇରାବାସୀଙ୍କୁ ବ୍ୟଥିତ କରିଛି। ଖଇରାରୁ ପ୍ରତିନିଧିତ୍ୱ ଅଭାବକୁ ମୁଖ୍ୟତଃ ଦାୟୀ କରିଥିବାବେଳେ ଏଭଳି ଅପମାନ ଓ ଅବହେଳାର ମୁକାବିଲା ପାଇଁ ସବୁ ଅନୁଷ୍ଠାନ, ଶିକ୍ଷାବିତ୍, ବୁଦ୍ଧିଜୀବୀ ସର୍ବୋପରି ଅଞ୍ଚଳବାସୀ ଏକଜୁଟ ହୋଇ ଖଇରା ଏନ୍‌ଏସି ଘୋଷଣା ନ ହେବା ଯାଏ ଧାରଣା, ଅନଶନ ଜାରି ରଖିବା ସହ ସିମୁଳିଆ ନେତୃତ୍ୱକୁ ଅସହଯୋଗ ପାଇଁ ବରିଷ୍ଠ ନାଗରିକ ମଞ୍ଚ, ଖଇରା ବିକାଶ ପରିଷଦ, ଜନଜାଗରଣ ମଞ୍ଚ ଭଳି ସଂଗଠନଗୁଡ଼ିକ ତରଫରୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସହରାଞ୍ଚଳ ବିକାଶ ମନ୍ତ୍ରୀ ଓ ସଚିବ, ରାଜସ୍ୱ ମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ସାଂସଦ, ବିଧାୟକଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ୧୫ ଦିନ ମଧ୍ୟରେ ପୁନର୍ବିଚାର ନ ହେଲେ ଆନ୍ଦୋଳ ଓ ଅନଶନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି।

ଶନିବାର ସରକାରଙ୍କ ଦ୍ୱାରା ଘୋଷିତ ତାଲିକାରେ ବାଲେଶ୍ୱର ଜିଲ୍ଲାରୁ ସିମୁଳିଆ ଓ ବସ୍ତା ବିଜ୍ଞାପିତ ଅଞ୍ଚଳ ତାଲିକାରେ ଥିବାବେଳେ ଖଇରା ବାଦ୍ ପଡ଼ିଛି। ଏକସଙ୍ଗରେ ସିମୁଳିଆ ଓ ଖଇରା ପାଇଁ ତହସିଲ୍‌ସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତରରୁ ରାଜ୍ୟକୁ ସର୍ଭେ ରିପୋର୍ଟ ଯାଇଥିବାବେଳେ ସରକାରଙ୍କ ଏଭଳି ଆକସ୍ମିକ ନିଷ୍ପତ୍ତି ଖଇରାବାସୀଙ୍କୁ ବିଚଳିତ କରିଛି। ସର୍ଭେ ରିପୋର୍ଟ ଅନୁଯାୟୀ, ଖଇରା ବ୍ଲକର ୭ଟି ପଞ୍ଚାୟତର ୩୯ଟି ଗ୍ରାମକୁ ନେଇ ପ୍ରସ୍ତାବିତ ଖଇରା ଏନ୍‌ଏସି ପାଇଁ ରିପୋର୍ଟ ବ୍ଲକ୍, ତହସିଲ୍ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ଖୋଦ୍ ବିଧାୟକ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଖଇରା ଓ ସିମୁଳିଆ ଏକା ସାଙ୍ଗରେ ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇ ଆସୁଥିଲେ। ହେଲେ ଶନିବାରର ଘୋଷଣା ପରେ ଖଇରାକୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି। ବିସ୍ମୟର କଥା ଏହିକି ଯେ ବର୍ତ୍ତମାନର ବିଧାୟକ ୨୦୨୪ରେ ବିରୋଧୀ ଦଳରେ ଥିବାବେଳେ ଖଇରାକୁ ଏନ୍‌ଏସି ମାନ୍ୟତା ଦେବାକୁ ସାମ୍ବାଦିକ ସମ୍ମିଳନୀ ସହ ଆନ୍ଦୋଳନ ମଧ୍ୟ କରିଥିଲେ। ହେଲେ ଏବେ ସେ ବିଧାୟକ ପଦରେ ଥିବାବେଳେ ଏକତରଫା ନିଷ୍ପତ୍ତି ଖଇରା ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ସିମୁଳିଆ ନିର୍ବାଚନମଣ୍ଡଳୀ ୧୯୭୩ ମସିହାରେ ପୁନର୍ଗଠନ ପରଠାରୁ ଖଇରା ଅବହେଳାର ଶିକାର ହୋଇ ଆସୁଛି। କିଛି ପଦକ୍ଷେପ ନିଆନଗଲେ ଖଇରାବାସୀ ଆମରଣ ଅନଶନରେ ବସିବାକୁ ବାଧ୍ୟ ହେବେ ବୋଲି ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥୀ କହିଛନ୍ତି।

ପୂର୍ବରୁ ବିଧାୟକ ଆସନରେ ରହୁଥିବା ବ୍ୟକ୍ତିମାନେ ଖଇରାକୁ ଗୁରୁତ୍ୱ ଦେଇନଥାନ୍ତି ବୋଲି ସେ ପ୍ରଶାସନିକ ଅଧିକାରୀ ଥିବାବେଳୁ ଉପଲବ୍ଧି କରିଛନ୍ତି। ଏଣୁ ଖଇରାବାସୀଙ୍କୁ ହକ୍ ଜାହିର ପାଇଁ ଲଢ଼େଇ କରିବାକୁ ପଡ଼ିବ ବୋଲି ଖଇରା ବିକାଶ ପରିଷଦର ସଭାପତ ସୁରେନ୍ଦ୍ର ଦାସ କହିଛନ୍ତି। ସେ ବିଧାୟକ ଥିବାବେଳେ ସିମୁଳିଆ ଓ ଖଇରା ଉଭୟ ସହରକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରାଯାଇଥିଲା। ବର୍ତ୍ତମାନ ସରକାରବେଳେ ଖଇରାକୁ ବାଦ୍ ଦିଆଯିବାକୁ ଦୃଢ଼ ବିରୋଧ କରୁଛନ୍ତି ଏବଂ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରାକ୍ତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଯେତେଦିନଯାଏ ଖଇରାବାସୀ ଗୋଡ଼ାଣିଆ ହୋଇ ରହିଥିବେ ଏବଂ ନିଜର ନେତା ତିଆରି କରିନଥିବେ ଏହିଭଳି ଅବହେଳିତ ହେଉଥିବେ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କହିଛନ୍ତି। ୨ଟି ଯାକ ସହର ଏନ୍‌ଏସି ଭାବେ ଆପ୍ରୁଭ୍ ହୋଇଥିଲା। ଏଣୁ ଖୁବ୍ କମ୍ ଦିନ ମଧ୍ୟରେ ଖଇରା ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷାଣା ହେବ ବୋଲି ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

## ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ୍; ବୁଦ୍ଧିଜୀବୀ ଅସନ୍ତୋଷ



ବାଲିଆପାଳ,୧୭।୮ (ସମିସ): ରାଜ୍ୟରେ ୧୨ ବ୍ଲକ୍‌କୁ ଏନ୍‌ଏସି ଭାବରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାରେ ସିମୁଳିଆ ଓ ବସ୍ତା ବ୍ଲକ୍ ଅନ୍ତର୍ଭୁକ୍ତ ଅଛି। ମାତ୍ର ପୂର୍ବରୁ ଏନ୍‌ଏସି ଭାବରେ ଘୋଷଣା ହୋଇଥିବା ବାଲିଆପାଳ ବ୍ଲକ୍ ଏଥିରୁ ବାଦ୍ ପଡ଼ିଛି। ଯାହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳକୁ ଏନ୍‌ଏସି ଘୋଷଣା କରିଥିଲେ। ଏନ୍‌ଏସି ଘୋଷଣାର ଶ୍ରେୟ ନେଇ ରାଜନୈତିକ ଦଳ ସମେତ କିଛି ସଂଗଠନ ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ବାଲିଆପାଳ ତହସିଲ୍ ପକ୍ଷରୁ ଏନେଇ ସର୍ଭେ କରାଯିବା ସହ ଏନ୍‌ଏସି ଅଞ୍ଚଳରେ ଥିବା ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଏନ୍‌ଏସିଙ୍କୁ ନେଇ ଅନେକ ଆଶାବାଦୀ ଥିବାବେଳେ ଉକ୍ତ ବିଜ୍ଞପ୍ତି ବାଲିଆପାଳବାସୀଙ୍କ ଦୀର୍ଘ ଦିନ ଦାବିକୁ ନିରାଶ କରିଛି। ତୁରନ୍ତ ଏହାର ପୁନଃବିଚାର କରା ନ ଗଲେ ବିରାଟ ଜନଆନ୍ଦୋଳନ ହେବ ବୋଲି ବହୁ ସଂଗଠନ ଚେତାବନୀ ଦେଇଛନ୍ତି।

## ନଦୀକୁ ମାଛ ମାରିବାକୁ ଯାଇ ଜଣେ ମୃତ

କାଳିପଦା,୧୭।୮ (ସମିସ): ବାଲିଆପାଳ ଥାନା ଡଗରା ଗ୍ରାମର ଗଦାଧର ପାଢ଼ୀଙ୍କ ପୁଅ କମଳ ଲୋଚନ ପାଢ଼ୀ (୫୬) ରବିବାର ସକାଳେ ସୁବର୍ଣ୍ଣରେଖା ନଦୀର ଡଗରାଠାରେ ଥିବା ଖାଲକୁ ମାଛ ମାରିବାକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବକୁ ବ୍ୟବଚ୍ଛେଦ କରାଇଛି। କମଳଲୋଚନଙ୍କ ଦୁଇ ଝିଅ ଓ ଜଣେ ପୁଅ ରହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଳିଗଲା ୨ ବଖରା; ଗୋଟିଏ ଛେଳି ଜୀବନ୍ତ ଦଗ୍ଧ

ରାଜଘାଟ,୧୭।୮ (ସମିସ): ବସ୍ତା ଥାନା ଗିରିହିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମୀଭୂତ ହୋଇଥିବାବେଳେ ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହେବା ସହିତ ଗୋଟିଏ ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ସମୟରେ କୌଣସି କାରଣରୁ ଗ୍ରାମର ଗୌରହରି ପାତ୍ରଙ୍କ ଘରେ ନିଆଁ ଲାଗିଥିଲା। ଏହି ନିଆଁରେ ଶ୍ରୀ ପାତ୍ରଙ୍କ ଦୁଇ ବଖରା ଘର ପୋଡ଼ି ପାଉଁଶ ହୋଇଛି। ସନ୍ଧ୍ୟା ସମୟରେ ଘରେ ମହିଳାମାନେ ଘର କାମରେ ବ୍ୟସ୍ତ ଥିବାବେଳେ ମଶା ଧୂଆଁରୁ ନିଆଁ ସଞ୍ଚାରିତ ହୋଇ ଘରେ ଲାଗିଯାଇଥିଲା। ନିଆଁ ଦେଖି ପରିବାର ଲୋକେ ପାଟି କରିବାରୁ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ ମଧ୍ୟ ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବର ପାଇ ବିଭିନ୍ନ ଦଳର ନେତା ଓ କର୍ମୀ ଉପସ୍ଥିତ ହୋଇ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ପାଇଁ ପ୍ରଶାସନ ସହିତ ଆଲେଚନା କରିଥିଲେ ଓ ଦଳ ପକ୍ଷରୁ ସହାୟତା ପ୍ରଦାନ କରିଥିଲେ।

## ବାଲିବୋଝେଇ ହାଇୱା ଜବତ

ସୋର,୧୭।୮ (ସମିସ): ସୋର ତହସିଲ୍ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ବାଲିବୋଝେଇ ହାଇୱାକୁ ଜବତ କରାଯାଇଛି। ରବିବାର ପୂର୍ବାହ୍ଣରେ ସୋର ତହସିଲ୍‌ଦାର ଦୈତାରି ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲିବୋଝେଇ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରୁଥିଲେ। ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଚୋରା ବାଲିବୋଝେଇ କରି ଆସୁଥିବା ଜାଣିପାରି ଏକ ହାଇୱାକୁ ଜବତ କରିବା ସହିତ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଚଢ଼ଉ ହେଉଥିବା ଜାଣିପାରି ୨୦ରୁ ଊର୍ଦ୍ଧ୍ୱ ଗାଡ଼ି ତଳନଗର ନିକଟରୁ ରାସ୍ତା ବଦଳାଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

## ବିଦ୍ୟାଳୟ ଜମିଦାତାଙ୍କ ପରଲୋକ

ବାଲିଆପାଳ,୧୭।୮ (ସମସ): ବାଲିଆପାଳ ବ୍ଲକ୍ ସୈନିଅଡିହା ଗ୍ରାମର ସମାଜସେବୀ ସନ୍ନ୍ୟାସୀ ସେଠୀଙ୍କର ୯୪ ବର୍ଷ ବୟସରେ ରବିବାର ପରଲୋକ ହୋଇଯାଇଛି। ସେ



ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଚାଷୀ ହୋଇଥିଲେ ମଧ୍ୟ ଅନୁଷ୍ଠାନ ତିଆରି କରିବା ଏବଂ ନିଃସ୍ୱାର୍ଥପର ସମାଜସେବା ଥିଲା ତାଙ୍କ ଜୀବନର ମୂଳ ଲକ୍ଷ୍ୟ। ସୁନାରୁଇସ୍ଥିତ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ତାଙ୍କର ବହୁ ମୂଲ୍ୟବାନ ୧ ଏକର ଜମି ସ୍କୁଲ ପାଇଁ ଦାନ ଦେଇ ଉଦାହରଣ ସାଜିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ପରିଚାଳନା କମିଟିର ସଭାପତି ହରେନ୍ଦ୍ର ବେହେରା, ବାସୁଦେବ ନାୟକ, ସୁମନ୍ତ ଗିରି, ପୂର୍ବତନ ସରପଞ୍ଚ କୀର୍ତ୍ତନ ଚନ୍ଦ୍ର ଧଳ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଗ୍ରାମବାସୀ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ତାଙ୍କ ଶେର୍ଷ ଦର୍ଶନ କରିବା ସହ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ୩ ପୁଅ ରବୀନ୍ଦ୍ର ସେଠୀ, ପ୍ରଫୁଲ୍ଲ ସେଠୀ, ଅମୂଲ୍ୟ ସେଠୀଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଲୁଟ୍ ସୁନା ଗହଣା ଉଦ୍ଧାର; ୨ ଗିରଫ

ସିମୁଳିଆ,୧୭।୮ (ସମିସ): ଚୋରି ୮ ଲକ୍ଷ ଟଙ୍କାର ସୁନା ଗହଣା ଉଦ୍ଧାର କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ପୁଲିସ। ଗିରଫଦ୍ୱୟ ହେଲେ



ଚନ୍ଦ୍ରଶେଖର ଓ ପୁରୀ ଦଶମାଣ ଗ୍ରାମର ବିଜୟ ଭୋଇ। ଅମରିଆ ଗାଁର ଅଙ୍କିତା ଶଙ୍ଖୁଆ ବାପଘରକୁ ଯାଇଥିବାବେଳେ ଗତ ୩ ତାରିଖରେ ତାଙ୍କ ଆଲମିରା ଭାଙ୍ଗି ଚୋରମାନେ ସୁନା ନେକ୍‌ଲେସ୍, ହାର, ମୁଦି, କାନଫୁଲ ୪ ହଳ, କଲେରା ହାର ପ୍ରାୟ ୮ ଲକ୍ଷ ଟାଙ୍କର ସୁନା ଗହଣା ଓ ଦେଢ଼ କିଲୋ ଗୁଆଘିଅ ଚୋରିକରି ନେଇଥିଲେ। ଅଙ୍କିତା ସିମୁଳିଆ ଥାନାରେ ଏନେଇ ଅଭିଯୋଗ କରିବାରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଅଙ୍କିତାଙ୍କ ଦିଅର ଚନ୍ଦ୍ରଶେଖର ଓ ପୁରୀ ଦଶମାଣ ଗ୍ରାମର ବିଜୟ ଭୋଇଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂତ୍ରରୁ ପ୍ରକାଶ, ଅଙ୍କିତାଙ୍କ ଦିଅର ଚନ୍ଦ୍ରଶେଖର ଆଲମିରା ଭାଙ୍ଗି ସୁନାଗହଣା ଚୋରି କରି ପୁରୀ ଜିଲ୍ଲା ସଦର ଥାନା ଦଶମାଣ ଗ୍ରାମର ବିଜୟ ଭୋଇକୁ ଗହଣା ଓ ଗୁଆଘିଅ ଦେଇଥିଲା। ବିଜୟ ଗହଣାକୁ ପୁରୀରେ ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କରେ ୧ ଲକ୍ଷ ୩୫ ହଜାର ଟଙ୍କାରେ ବନ୍ଧକ ପକାଇଥିଲା। ପୁଲିସ ବ୍ୟାଙ୍କରୁ ସୁନା ଉଦ୍ଧାର କରି ବିଜୟ ଓ ଚନ୍ଦ୍ରଶେଖରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରେଳ ଗେଟ୍ ପଡ଼ି ଯୁବକ ଆହତ; ଓଭରବ୍ରିଜ୍ କେବେ ?



ଜଳେଶ୍ୱର,୧୭।୮ (ସମିସ): ଜଳେଶ୍ୱର ସହରକୁ ପ୍ରବେଶ ଲାଗି ପଶ୍ଚିମବାର୍ଡ କପାଳିଆ ସଡ଼କ ପଥ ରହିଛି କିନ୍ତୁ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଛି। ରବିବାର ପୂର୍ବାହ୍ନରେ ଗାୟା ରାମଚନ୍ଦ୍ରପୁର ପଞ୍ଚାୟତର ବିଶିଷ୍ଟ ଶିକ୍ଷକ ନେତା ଚନ୍ଦ୍ରଶେଖର ସାହୁଙ୍କ ପୁତ୍ର ପ୍ରଦୀପ ସାହୁ ଜରୁରୀ କାର୍ଯ୍ୟ ସାରି ଷ୍ଟେସନ ପାଖ ୪୬ନଂ ଫାଟକ ଅତିକ୍ରମ କରୁଥିବାବେଳେ ଭୁଲ ବିମ୍ ପଡ଼ି ଗଭୀର ଆହତ ହୋଇଛନ୍ତି। ଏହି ଚଳନ୍ତି ସଡ଼କ ପଥରେ ଆରୁହା, ଗୋପୀମୋହନପୁର, ବର୍ଡ଼ନା, ଖୁଣ୍ଟୁଡ଼ା, ବାଇଗଣବାଡ଼ିଆ, ପଶ୍ଚିମବାର୍ଡ, ପାଇକସୁଦା, ଝାଡ଼ପିମ୍ପଳ, ରାୟା ରାମଚନ୍ଦ୍ରପୁର, ଜମାଲପୁର, କୋଟସାହି ଭଳି ୧୧ଟି ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଏହି ରାସ୍ତାକଡ଼ରେ ଘରୋଇ ଆଇଆଇଟି, ନିୟନ୍ତ୍ରିତ ବଜାର କମିଟି, ସେଟ୍‌ଲାଇଟ୍ ୟୁନିଟ୍, ଫାର୍ମାସୀ କଲେଜ ଆଦି ରହିଛି। ୬୦ ନଂ ଜାତୀୟ ରାଜପଥରୁ ମଧ୍ୟ ଏହି ସଡ଼କ ପଥରେ ଲୋକେ ଜଳେଶ୍ୱର ସହରକୁ ଚଳପ୍ରଚଳ କରିଥାନ୍ତି। ଜଳେଶ୍ୱର ଧାରଣାଅତିକ୍ରମ ଲାଗି ୪୬ ନଂ ଫାଟକ ଯୋଗୁଁ ଲୋକଙ୍କୁ ଖରା ବର୍ଷାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଉକ୍ତ ଫାଟକ ଦୁର୍ଘଟଣାପ୍ରବଣ ସ୍ଥଳ ପାଲଟିଥିବା ବେଳେ ବିଗତ ଦିନରେ ଦୁର୍ଘଟଣା ମାନ ଘଟିଥିବା ନଜିର ରହିଛି। ତେଣୁ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଫଳରେ ପୋଲ ନିର୍ମାଣ ଲାଗି ରେଳ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ଫୋରମ୍‌ରେ ଦାବି କରାଯାଇଥିଲା। ଗତ ନିର୍ବାଚନୀ ସଭାରେ ଜଳେଶ୍ୱର ଗସ୍ତ ବେଳେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ସୁଦ୍ଧା ଗଳା ପୋଲ କିମ୍ବା ଓଭରବ୍ରିଜ୍ ନିର୍ମାଣ ଲାଗି କୌଣସି ପ୍ରକ୍ରିୟା ଆରମ୍ଭ ହୋଇପାରି ନାହିଁ। ପଥଚାରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବାବେଳେ ରେଳ ଫାଟକ କର୍ମଚାରୀଙ୍କ ଅସାବଧାନତା କାରଣରୁ ରବିବାର ବାଇକ୍ ଆରୋହୀ ଯୁବକ ଗଭୀର ଆହତ ହୋଇଥିଲେ। ଆହତ ପ୍ରଦୀପ ସାହୁଙ୍କୁ ଭାଗିରଥି ଜେନା ନାମକ ବ୍ୟକ୍ତି ସଙ୍ଗେ ସଙ୍ଗେ ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଶ୍ରୀ ସାହୁ ହେଲମେଟ୍ ପିନ୍ଧିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଫାଟକର ପାଇପ୍ ପଡ଼ିବାରୁ ହେଲମେଟଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସୂଚନା ପ୍ରଘଟ ହେବା ପରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ସମାଜ କଲ୍ୟାଣ ବିକାଶ ପରିଷଦ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ, ବଣିକ ସଂଘ ପକ୍ଷରୁ ପୋଲ ନିର୍ମାଣ ଲାଗି ଦାବି କରାଯାଇଛି। ଏନେଇ ସାଧାରଣ ଲୋକେ ଓ ପଥଚାରୀ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହିତ ରେଳମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କ ପ୍ରତିଶ୍ରୁତିକୁ କଟାକ୍ଷ କରୁଛନ୍ତି। ବ୍ୟସ୍ତବହୁଳ ୪୬ ନମ୍ବର ରେଳ ଫାଟକ ନିକଟରେ ପୋଲ ନିର୍ମାଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ହେବ ବୋଲି ସୂଚନା ମିଳିଛି।

## ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ



ଜଳେଶ୍ୱର ବ୍ଲକ୍,୧୭।୮ (ସମିସ): ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହସ୍ପିଟାଲ୍ ମୁଖ୍ୟ ଭୀଷ୍ମଚରଣ ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉପସ୍ଥିତ ଥିଲେ। ହସ୍ପିଟାଲରେ ଦୀର୍ଘଦିନ ପରେ ବିଧାୟକଙ୍କ ଦ୍ୱାରା ଡିଜି ଏବଂ ଆଶା ଘର ଉଦ୍‌ଘାଟନ ହୋଇଥିଲା। ଡାକ୍ତରମାନଙ୍କ ରହିବା ପାଇଁ ଥିବା କ୍ୱାର୍ଟର୍ସ ଛାତରୁ ପାଣି ଗଳିବା ସହିତ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଡାକ୍ତରଙ୍କ ପାଇଁ ବାସଗୃହ ନିର୍ମାଣ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ହସ୍ପିଟାଲକୁ ନୂତନ ଏକ୍ସରେ ମେସିନ୍ ଏବଂ ଅଲଟ୍ରାସାଉଣ୍ଡ ମେସିନ୍ ଆଣିବା ପାଇଁ ବିଧାୟକଙ୍କୁ କମିଟି ସଦସ୍ୟ ପ୍ରସ୍ତାବ ଦେଇଥିଲେ। ହାତୀଗଡ଼ ହସ୍ପିଟାଲ ପରିସରରେ ଶବ ବ୍ୟବଚ୍ଛେଦ ସୁବିଧା ହୋଇପାରିଲେ ରାଇବଣିଆ ଅଞ୍ଚଳର ଅନେକ ଗରିବ ଆଦିବାସୀ ପରିବାର ଖର୍ଚ୍ଚାନ୍ତରୁ ମୁକ୍ତ ହୋଇପାରନ୍ତେ ବୋଲି କହିଥିଲେ। ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ସ୍ତ୍ରୀ ଓ ପ୍ରସୂତି ଚିକିତ୍ସକ ଅଜୟ ସାହୁ, ସଦସ୍ୟ ଗଙ୍ଗାଧର ଦାସ, ଦିଲ୍ଲୀପ ସାମଲ, ବ୍ରିଜେଶ ରଣା, ମିହିର ଆଚାର୍ଯ୍ୟ, ବିପିଏମ୍ ସ୍ମିତା ପ୍ରମାଣିକ, ଭୀଷ୍ମଚରଣ ପରିଡ଼ା, ଫକୀର ମୋହନ ପ୍ରଧାନ, ପରିଦର୍ଶକ ଶୀତଲ ସମିତା ମାଝୀ, ବିଇଓଙ୍କ ପ୍ରତିନିଧି ରଘୁନାଥ ମାରାଣ୍ଡି, ମେଡିକାଲ୍ ଜେଇ ଆଶୁତୋଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଗୁରୁ ଶ୍ରୀପାଦ ପଙ୍କଜ ରାଉତ ସ୍ମୃତି ସଂସଦର ତୃତୀୟ ବାର୍ଷିକ ସଭା

ଜଳେଶ୍ୱର ବ୍ଲକ୍,୧୭।୮ (ସମିସ): ଜଳେଶ୍ୱର ବ୍ଲକ୍ ମାଳିପାଳସ୍ଥିତ ଫାଡିଆବାଦ ଭବନରେ ଗୁରୁ ଶ୍ରୀପାଦ ପଙ୍କଜ ସ୍ମୃତି ସଂସଦ ତରଫରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ଡ. ରାଜୀବ ଲୋଚନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ବିପିନ



ବିହାରୀ ବିଶାଳ, ଅନ୍ୟତମ ଅତିଥି ରାଜନ କୁମାର ଘୋଷ, ଅନ୍ୟତମ ଅତିଥି ଜୟନ୍ତ କୁମାର ଘୋଷ, ରାଧାରାଣୀ ଘୋଷ, ରୀନା ରାଣୀ ଦିଣ୍ଡା, ମହେଶ୍ୱର ଘୋଷ ଯୋଗଦେଇ ଗୁରୁଙ୍କର ଦୀର୍ଘ ଶିକ୍ଷାଦାନ ସମୟର ସ୍ମୃତି ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାଳୟା ପୃଷ୍ଟି, ଗୌରବ ରାଉତ, ରାହୁଲ ଗିରି, ଅନିଲ ରାଉତ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ମାଳିପାଳ, ପେଣ୍ଡେରା ସାହି, ମାଗୁରିଆପଡ଼ା, ଗୁଆଗଡ଼ିଆ, ତଥା ଖାନାବାର୍ଡ ବିଦ୍ୟାଳୟର ଚଳିତ ବର୍ଷର ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ରାଉତ, ପ୍ରଭୁପାଦ ରାଉତ, ସୀତା ଦତ୍ତ, ତାପସ୍ୱୀ କର, ଆରତୀ ମହାନ୍ତି, ମିନତୀ କର, ସେବତୀ ଗିରି, ମାଳତୀ ଗିରି, ନିମାଇଁ ସେନାପତି ତଥା ଗ୍ରାମବାସୀ ବୃନ୍ଦ ଯୋଗଦେଇଥିଲେ। ଦିଲ୍ଲୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧା ମଦନମୋହନ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ

ଲିଆପାଳ,୧୭।୮ (ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ରାଧା ମଦନ ମୋହନ ମନ୍ଦିରରେ ଶନିବାର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମହାଆଡ଼ମ୍ବର ସହକାରେ ସମାପନ ହୋଇଯାଇଛି। ନନ୍ଦୋତ୍ସବ ଅବସରରେ ଅନୁଷ୍ଠିତ ପ୍ରବଚନ ସମାରୋହରେ ପୂର୍ବାହ୍ଣରୁ ଅପରାହ୍ଣ ପର୍ଯ୍ୟନ୍ତ ଭକ୍ତମାନେ ହରି କଥାମୃତ ଶ୍ରବଣରେ ମଜିଥିଲେ। ଶତାଧିକ ମହିଳା ପୁରୁଷ ନାଟମଣ୍ଡପରେ ରାଧା କୃଷ୍ଣଙ୍କ ସମ୍ମୁଖରେ ବସି ଶ୍ରୀକୃଷ୍ଣଙ୍କ ଜନ୍ମ ଓ ବାଲ୍ୟଲୀଳା ବିଷୟରେ ଗ୍ରହଣ କରିଥିଲେ। ବାଲିଆପାଳ ରାଧା ମଦନ ମୋହନ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀଠାରୁ ଅନୁଷ୍ଠିତ ଉତ୍ସବ ନନ୍ଦ ଉତ୍ସବରେ ସମାପନ ହୋଇଯାଉଛି। ମନ୍ଦିରର ପୂଜା ଦାୟିତ୍ୱରେ ଉଜ୍ୱଳ ଗୌରହରି ଦାସ ପ୍ରଭୁ, ସଂକୀର୍ତ୍ତନରେ ମୃତ୍ୟୁଞ୍ଜୟ ପ୍ରଭୁ, ବିଜୁ ପ୍ରଭୁ, ମନୋରଞ୍ଜନ ମଣ୍ଡଳ, ବ୍ରହ୍ମ ତୀର୍ଥ ପ୍ରଭୁ, ଦିବ୍ୟଧାମ ଗୌର ଦାସ, ଧର୍ମାତ୍ମା ପ୍ରଭୁ, ରାଧାକୃଷ୍ଣ ସାହୁ, ରାଧା ମାତାଜୀ, ଯଶୋଦା ମାତାଜୀ, ଗଙ୍ଗାମଣି ମାତାଜୀ, ଗୀତାଞ୍ଜଳି ଦାସ ମାତାଜୀ, ଶାନ୍ତିଲତା ତୁଳସୀ ଦେବୀ, ଭୂବନ ମୋହନ ପିଳା, ନବୀନ କୁମାର ପାତ୍ର ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ। ସମସ୍ତ କାର୍ଯ୍ୟ ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାପନ ହୋଇଥିଲା।

## ଆଇନଜୀବୀଙ୍କୁ ୩ ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର ବ୍ଲକ୍,୧୭।୮ (ସମିସ): ଗତ ବୁଧବାର ଅପରାହ୍ଣ ୪.୩୦ ମିନିଟ୍ ସମୟରେ ଜଳେଶ୍ୱର ଥାନା ଅଧୀନ ଜଳେଶ୍ୱର ଜିକେ ଭଟର ହସ୍ପିଟାଲ ସମ୍ମୁଖରେ ରାଜପୁର ବାଘାବାଳି ଅଞ୍ଚଳର ଆଇନଜୀବୀ ଶିବାନୀ ଶଙ୍କର ସ୍ୱାଇଁ ନିଜ ଝିଅର ଚିକିତ୍ସା ପାଇଁ ହସ୍ପିଟାଲ ସାମ୍ନା ରାସ୍ତାକଡ଼ରେ ଗାଡ଼ିରେ ଯାଉଥିବା ସମୟରେ ଏକ ଚାରିଚକିଆ ଗାଡ଼ି ଦ୍ରୁତଗତିରେ ଆସି ତାଙ୍କ ବାମ ପାଖ ଗାଡ଼ିରେ ଧକ୍କା ଦେଇ ପଳାଇ ଯାଇଥିଲା। ସେହି ଗାଡ଼ିଟି ୬୦ ନମ୍ବର ଜାତୀୟ ରାଜପଥ ମଞ୍ଜୁ ପ୍ଲାଜା ଆଗରେ ଛିଡ଼ା ହୋଇଥିବା ଦେଖି ଉକ୍ତ ଗାଡ଼ିରେ ବସିଥିବା ୩



ଯୁବକଙ୍କୁ ଶିବାନୀ ଏ ବାବଦରେ ପଚାରିବାରୁ ସେମାନେ ଗାଡ଼ି ଅମେ ଦୁର୍ଘଟଣା ଘଟାଇନାହୁଁ ବୋଲି କହିଥିଲେ। ଯାହା ଫଳରେ ଉଭୟଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହେବାରୁ ଶିବାନୀ ଓ ତାଙ୍କ ଧର୍ମପତ୍ନୀଙ୍କୁ ଦୁର୍ବୃତ୍ତମାନେ ଗାଳିଗୁଲଜ କରିବା ସହିତ ତାଙ୍କୁ ମାଡ଼ମାରି ସେଠାରୁ ପଳାଇ ଯାଇଥିଲେ। ଏନେଇ ସେ ଜଳେଶ୍ୱର ଥାନାରେ ଉକ୍ତ ଗାଡ଼ି ନମ୍ବରରେ ଅଭିଯୋଗ କରିଛନ୍ତି। ଜଳେଶ୍ୱର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତଙ୍କ ମାଡ଼ରେ ଶିବାନୀଙ୍କ କାନର ଏକ ସୂକ୍ଷ୍ମ ପରଦା ଫାଟି ଯାଇଥିବାର ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଛି। ଏ ନେଇ ଜଳେଶ୍ୱର ଥାନାର ଆଇଓ ଭଗବାନ ଦାସଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଏଡ଼ାଇ ଯାଇଥିଲେ।

## ଯନ୍ତ୍ରଣାରେ ଛଟପଟ ପୀଡ଼ିତା

# ଶ୍ରେୟ ପାଇଁ ମା'ଙ୍କୁ ଆୟୁଧ କରୁଛନ୍ତି ବିଜେପି ନେତା

ଖଇରା,୧୭।୮ (ସମିସ)





ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ସିମୁଳିଆ ଥାନା ଅଧୀନ ଅନ୍ତରା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଘଟଣାକୁ ୬ ଦିନ ବିତିଗଲାଣି। ପୀଡ଼ିତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବାବେଳେ ଉଭୟ ଶାସକ ଓ ବିରୋଧୀଙ୍କ ପରସ୍ପରକୁ କାଦୁଅ ଫିଙ୍ଗା ଘଟଣା ପରିବାର ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଗୁରୁବାର ବିଧାୟକ ପଦ୍ମଲୋଚନ ପଣ୍ଡା ଅନ୍ୟ କିଛି ବିଜେପି ନେତାକୁ ନେଇ ପୀଡ଼ିତାଙ୍କ ମା'ଙ୍କ ଉପସ୍ଥିତିରେ ଅନ୍ତରା ଲକ୍ଷ୍ମୀ ମଣ୍ଡପରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଏହି ଘଟଣାରେ ରାଜନୀତିକରଣ ପାଇଁ କଂଗ୍ରେସକୁ ଦାୟୀ କରିବା ଘଟଣାରେ କଂଗ୍ରେସର ତୁଙ୍ଗ ନେତାମାନେ ପାଲଟା ଜବାବ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଲକ୍ଷ୍ମୀ ମଣ୍ଡପରେ ନାରୀ ନ୍ୟାୟ ପାଇଁ ଆଲୋଚନା କାର୍ଯ୍ୟକ୍ରମ ସହିତ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ବ୍ଲକ୍ କଂଗ୍ରେସ କମିଟି ସଭାପତି ଶରତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସାଂସଦ ପ୍ରାର୍ଥିନୀ ମଧୁମିତା ସେଠୀ, ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା, ଆଇନଜୀବୀ ସ୍ୱସ୍ତିକା ପଣ୍ଡା, ଅନ୍ତରା ପଞ୍ଚାୟତର କଂଗ୍ରେସ ନେତାମାନେ ଯୋଗଦେଇ ବିଧାୟକଙ୍କୁ କଡ଼ା ଭାଷାରେ ସମାଲୋଚନା କରିବା ସହ ତାଙ୍କୁ ଆଇନର କାଠଗଡ଼ାକୁ ଟାଣିବାକୁ ଚେତାବନୀ ମଧ୍ୟ ଦେଇଛନ୍ତି। କୌଣସି ପରିସ୍ଥିତିରେ ପୀଡ଼ିତା ତଥା ତାଙ୍କ ପରିବାର ସଦସ୍ୟଙ୍କ ନାମ ଓ ଫଟୋ, ଭିଜୁଆଲ ପ୍ରଦର୍ଶନ ଉପରେ କଟକଣା ଥିବାବେଳେ କିଭଳି ଭାବେ ବିଧାୟକ ଓ ତାଙ୍କର ସମର୍ଥକ ପୀଡ଼ିତାଙ୍କ ମା'ଙ୍କୁ ମାନସିକ ଚାପଦେଇ ଭଦ୍ରକ ମେଡିକାଲରୁ ଗାଡ଼ିରେ ଆଣି ମଞ୍ଚରେ ବସାଇ ଯେଉଁଭଳି ଭାବେ ଅଭିଯୁକ୍ତ ବିଜେପି ଦଳର ନୁହେଁ ବୋଲି କହିବାକୁ ବାଧ କରାଇଲେ ଏହା ନିଶ୍ଚୟ ନିନ୍ଦନୀୟ ଓ ଆଇନ ବିରୋଧୀ।

ସେହିଭଳି ଅନ୍ତରା ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ମଦଠାରୁ ଆରମ୍ଭ କରି ଗଞ୍ଜେଇ, ବ୍ରାଉନ୍‌ସୁଗର ସବୁକିଛି କାରବାର ହେଉଛି। ଯାହାର ପରିଣାମସ୍ୱରୂପ ବାରମ୍ବାର ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଘଟୁଛି। ଏଣୁ ଅନ୍ତରାଠାରେ ଥାନା ଫାଣ୍ଡି ପ୍ରତିଷ୍ଠା ବିଷୟରେ ବିଜେପି ନେତା ପଦୁଟିଏ ନ କହିବା ପରିତାପର ବିଷୟ। ଘଟଣା ଘଟାଇଥିବା ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ। ତା' ନାମରେ ପୂର୍ବରୁ ସିମୁଳିଆ ଥାନାରେ ଏକାଧିକ ମାମଲା ରହିଥିଲା ଏବଂ ଅଭିଯୁକ୍ତ ନାମରେ ପୋକ୍ସୋ ଆକ୍ଟର ଧାରା ମଧ୍ୟ ଲାଗିଥିଲା। ହେଲେ ବିଜେପି ସରକାର ଥିବାବେଳେ ବୁଝାମଣା ପାଇଁ ପୀଡ଼ିତା ପରିବାର ଉପରେ କେଉଁମାନେ ଚାପ ପକାଇଥିଲେ ଓ କିଭଳି ଏହା ସମ୍ଭବ ହୋଇପାରିଲା ବୋଲି ପ୍ରଶ୍ନ ଉଠାଇଥିଲେ। ଅନ୍ତରାରେ ଥିବା ସେବା ସମବାୟ ସମିତି ଏବେ ବିଜେପି କାର୍ଯ୍ୟାଳୟ ଭାବେ ଚାଲିଛି। ଏହାର ପ୍ରମାଣସ୍ୱରୂପ ଗୁରୁବାର ବିଜେପି ବୈଠକ ପୂର୍ବରୁ ସମିତି ଭିତରେ ପୀଡ଼ିତାଙ୍କ ମାଆଙ୍କୁ ବସାଇ ବୈଠକର ନକ୍ସା ତିଆରି କରାଯାଇଥିବା ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ବିଜେପି ସରକାରରେ ଚାଲିଥିବା ଏଭଳି ବେନିୟମ କାର୍ଯ୍ୟ ବିରୋଧରେ କଂଗ୍ରେସ ବିଧାନସଭାରେ ଉଠାଇବା ସହ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରେ ସେ ଆରମ୍ଭରୁ ସବୁ ପ୍ରକାର ସହାୟତା ପୀଡ଼ିତା ଓ ତାଙ୍କ ପରିବାରକୁ ଦେଇଆସୁଥିବା କହିଛନ୍ତି।

# ବାଲେଶ୍ୱରରେ ପ୍ରଥମ ବାସନ ବ୍ୟାଙ୍କ

ବାଲେଶ୍ୱର,୧୭।୮ (ସମିସ)



ଥର୍ମୋକୋଲ୍ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ନିମନ୍ତେ ସମସ୍ତ ଉତ୍ସବ ପାଇଁ ବାଲେଶ୍ୱରରେ ପ୍ରଥମ ବାସନ ବ୍ୟାଙ୍କ ଖୋଲାଯାଇଛି। ବିଭିନ୍ନ ଉତ୍ସବ ପାଇଁ ଏହି ବ୍ୟାଙ୍କରୁ ସମସ୍ତେ ମାଗଣାରେ ବାସନ ବ୍ୟବହାର କରିପାରିବେ। ଏଥିସହିତ କେହି ଚାହିଁଲେ ମଧ୍ୟ କିଛି ବାସନ ବ୍ୟାଙ୍କକୁ ଦାନ କରିପାରିବେ। ବିଶେଷକରି ପ୍ଲାଷ୍ଟିକ୍, ଥର୍ମୋକୋଲ ଓ ଅନ୍ୟାନ୍ୟ ଥରେ ବ୍ୟବହାର କରି ଫୋପାଡ଼ି ଦିଆଯାଉଥିବା ପ୍ଲାଷ୍ଟିକ୍ ଯେମିତିକି ଖାଇବା ଥାଳି, ପ୍ଲାଷ୍ଟିକ ଗ୍ଲାସ୍, ପେପର କପ୍, ଚାମଚ ଇତ୍ୟାଦି ପରିବେଶକୁ ପ୍ରଦୂଷଣ କରିଚାଲିଛି। ଏ ମହାମାରୀ ପଲ୍ଲୀରୁ ଦିଲ୍ଲୀ ସମସ୍ତଙ୍କୁ ଗ୍ରାସିସାରିଲାଣି। ନଦୀନାଳ, ପୋଖରୀ, ଗଡ଼ିଆ, ଘର, ବଜାର ସବୁ ଜାଗାରେ କୁଢ଼କୁଢ଼ ପ୍ଲାଷ୍ଟିକ, କେତେବେଳେ ନିଆଁ ଲଗେଇ ଦିଆଯାଉଛି, କେତେବେଳେ ମାଟିରେ ପୋତିଯାଉଛି। ଏଥିରୁ ମୁକ୍ତି ପାଇବା ସହିତ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଲକ୍ଷ୍ୟ ନେଇ ବଟେଶ୍ୱର ୟୁଥ୍ କ୍ଲବ୍ ଆଗେଇ ଆସିଛି। କ୍ଲବ୍ ପକ୍ଷରୁ ଅଗଷ୍ଟରୁ ଆରମ୍ଭ ହୋଇଛି ବାସନ ବ୍ୟାଙ୍କ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍‌ରେ ପ୍ରଥମ ବାସନ ବ୍ୟାଙ୍କ ସ୍ଥାପନ ପାଇଁ ସହଯୋଗର ହାତ ବଢ଼ାଇଛି ସାମାଜିକ ସଂଗଠନ ଯୁବ ବିକାଶ। ଶହେରୁ ଊର୍ଦ୍ଧ୍ୱ ବାସନକୁସନ ଦାନ କରିଛନ୍ତି ବାଲିଆପାଳର ବଡାସ ପଞ୍ଚାୟତରେ ଥିବା ଯୁବ ସଂଗଠନକୁ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ବିକାଶର ଅଧ୍ୟକ୍ଷ ଗୋବିନ୍ଦ ବଲ୍ଲଭ ଦଳାଇ କହିଛନ୍ତି, ପ୍ଲାଷ୍ଟିକ୍ ଥର୍ମୋକୋଲ୍ ଥାଳିରେ ଖାଇବାକୁ ଦେବା ଭଳି ଏକ କୁତ୍ସିତ ଅପସଂସ୍କୃତି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଆମ ଅଞ୍ଚଳରେ ଜଳ ଉତ୍ସର ପ୍ରାଚୁର୍ଯ୍ୟ ଥିବାବେଳେ ପାଶ୍ଚାତ୍ୟ ତଥା ଜଳ ସଂକଟ ଅଞ୍ଚଳ ଭଳି ଥରେ ଖାଇ ଥାଳି ଫୋପାଡ଼ି ଦେବାର କ'ଣ ଗୁରୁତ୍ୱ ଥାଇପାରେ ବୁଝାପଡୁନାହିଁ। ପ୍ରକାରାନ୍ତରେ ଏସବୁ ଥାଳି ତିଆରି କରି ଥରେ ବ୍ୟବହାର କରି ଫୋପାଡ଼ିଦେଲେ ତା'ର ତିଆରିରେ ଖର୍ଚ୍ଚ ହେଉଥିବା ବିଦ୍ୟୁତ୍, ଜଳ, ଶ୍ରମ, ସମ୍ବଳର ଅପବ୍ୟୟ ହେଉନାହିଁ କି। ତତ୍ ସହିତ ସେଥିରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବିଷାକ୍ତ ରସାୟନିକ ଦ୍ରବ୍ୟ କର୍କଟ ଓ ହୃଦ୍‌ଘାତ ଭଳି ବିମାରୀର କାରଣ ସାଜୁଛି। ସମ୍ମାନିତ ଅତିଥି ଭାବେ ବିକାଶ ଗିରି, ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଭୀମ ବେହେରା, ଗୌରହରି ଦେ, ସାର୍ଥକ ରଣଜିତ୍, ଗଙ୍ଗାଧର ମହାନ୍ତି, ସରୋଜ କର, ଅନନ୍ତ ଜେନା, ଜୟନ୍ତ ଜେନା, ନେପାଳ ଦଳାଇ, ପ୍ରଫୁଲ୍ଲ ସି, ଧୀରେନ୍ଦ୍ର ଜେନା, କୃଷକ ନେତା ମନ୍ମଥ ପାତ୍ର, ରବିନ୍ଦ୍ର କର, ମନ୍ମଥ ପିଳା, ବିଷ୍ଣୁ ମୋହନ ଦାସ ଏବଂ ବଟେଶ୍ୱର ୟୁଥ୍ କ୍ଲବର ସମସ୍ତ ଯୁବ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। କ୍ଲବ୍ କୋଷାଧ୍ୟକ୍ଷ ଶ୍ରମଗୌରୀ ଶଙ୍କର ପାତ୍ର ବାସନ ବ୍ୟାଙ୍କ କାର୍ଯ୍ୟକ୍ରମ ଯୁବ ସଦସ୍ୟମାନଙ୍କ ଭିତରେ ନୂତନ ଉତ୍ସାହ ଆଣିବା ସହିତ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତି ପାଇଁ ସ୍ୱାଧୀନତା ଦିବସ ଭଳି ଦିନକୁ କରାଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ। ଦୀପକ କୁମାର ଗିରି ଧନ୍ୟବାଦ ଦେବା ଅବସରରେ ଆଗାମୀ ଦିନରେ ବାଲିଆପାଳ ବ୍ଲକ୍‌କୁ ୧ ନମ୍ବର ବ୍ଲକ୍ ଭାବେ ପରିଣତ କରିବା ପାଇଁ ପ୍ରତି ଗାଁରେ ବାସନ ବ୍ୟାଙ୍କ ଆରମ୍ଭ ପାଇଁ ପ୍ରୟାସ ଆରମ୍ଭ କରାଯିବ ବୋଲି ତାଙ୍କ କ୍ଲବ୍ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ପ୍ରକାଶ ଥାଉ କି, ବାସନ ବ୍ୟାଙ୍କ ଆରମ୍ଭ ହେବା ଦିନରେ ଗାଁରେ ଆୟୋଜନ ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଭୋଜିରେ ପ୍ରଥମ ବାସନ ବ୍ୟବହାର ଆରମ୍ଭ ହୋଇଥିଲା। ଏ ପ୍ରୟାସ ଆଗକୁ ଆହୁରି ବ୍ୟାପକ କରେଇବାର ସମ୍ଭାବନାକୁ ଶୁଭ ମନାସି ପ୍ରତୀକାତ୍ମକ ଭାବେ କ୍ଲବ୍‌ର ସଦସ୍ୟମାନଙ୍କୁ ସମ୍ଭବ ସଂଗଠନ ତରଫରୁ ଆସିଥିବା ଦେଶୀ ବିହନ ମଞ୍ଜି ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ବ୍ଲକ୍‌ରେ ମଧ୍ୟ ଏହି ବାସନ ବ୍ୟାଙ୍କ ଆରମ୍ଭ କରିବାର ଯୋଜନା ରହିଛି।

- ଶହେରୁ ଊର୍ଦ୍ଧ୍ୱ ବାସନକୁସନ ଦାନ
- ଗାଁ ଭୋଜିରେ ପ୍ରଥମ ବାସନ ବ୍ୟବହାର ଆରମ୍ଭ

## 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ବାଲେଶ୍ୱର,୧୭।୮ (ସମିସ): ହେଲ୍ ଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ପକ୍ଷରୁ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧ହଜାର ବୃକ୍ଷରୋପଣ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଯୋଗଦେଇ ଚାରା ବଣ୍ଟନ କରିବା ସହ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂସ୍ଥାକୁ ପ୍ରଶଂସା କରିଥିଲେ। ଏହାଛଡ଼ା ସହରର ଖାଲିସ୍ଥାନଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ପାଇଁ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କବି ଡ. କାଳିପଦ ପଣ୍ଡା ଯୋଗଦେଇ ପରିବେଶ ପାଇଁ ଗଛଟିଏ ଜୀବନଟିଏ ଉପରେ ଆଲୋକପାତ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୃଷ୍ଟିଧର ପରିଡ଼ା, ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ମୁଖ୍ୟ କାର୍ଯ୍ୟ ହେଉଛି ଗଛ ଲଗାଇବା, ରକ୍ତଦାନ କରିବା। ଏହା ହେଉଛି ବଡ଼ ଧର୍ମ ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଯୋଗଦେଇ ଯୋଗ ସହିତ ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସ୍ ମାଧ୍ୟମରେ ସେବା ଭାବ ଭଲ ମଣିଷ ହେବା ପାଇଁ ହେଲ୍ ଦି ଲାଇଫ୍ ପ୍ରେରଣା ଭଲ ମଣିଷ ହେବା ପାଇଁ ଶିକ୍ଷା ଦେଇ ଆସୁଛି। ଏହି ଅନୁଷ୍ଠାନ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଛି ବୋଲି କହିଥିଲେ। ଏହି ଅବସରରେ ୨୦୨୨ ଏବଂ ୨୦୨୪ର ଯୋଗ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା କାନ୍ତି କ୍ରିଷ୍ଣା ପାଣିଗ୍ରାହୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଅନୀତା ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅଭିଷେକ ଦାସ ଧନ୍ୟବାଦ ଦେଇଥିଲେ।

## ପୁଲିସ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ

ବାଲେଶ୍ୱର,୧୭।୮ (ସମିସ): ପୁଲିସ ସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ପରିବାର ସଦସ୍ୟ। ବିବାଦୀୟ ରାସ୍ତାକୁ ନେଇ ଗୋଟିଏ ପରିବାରର ଦୁଇ ଜଣ ଆତ୍ମାହୁତି ଉଦ୍ୟମ କରିଥିଲେ। ସମ୍ପର୍କରେ ଦୁଇଜଣ ଦିଅର ଓ ଭାଉଜ ହେଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ନୂତିପାଟଣା ଗାଁରେ ଚମ୍ପାବତି ପଣ୍ଡା ଓ ମାନସ ପାଣିଗ୍ରାହୀଙ୍କ ପରିବାର ମଧ୍ୟରେ ରାସ୍ତାକୁ ନେଇ ପୂର୍ବରୁ ବିବାଦ ଲାଗି ରହିଥିଲା। ନ୍ୟାୟାଳୟ ଏହି ରାସ୍ତାରେ ଷ୍ଟାଟସ୍କୋ ଲଗାଇଥିଲେ। ଚମ୍ପାବତୀ ଜିଲ୍ଲା ପ୍ରଶାସନକୁ ଗୁହାରି କରିବାରୁ ତାଙ୍କୁ ଘରୁ ବାହାରକୁ ବାହାରିବା ପାଇଁ ପ୍ରଶାସନ ରାସ୍ତା ମରାମତି କରିବାକୁ ପୁଲିସ ଟିମ୍ ସହିତ ପହଞ୍ଚିଥିଲା। ପୁଲିସ ଉପସ୍ଥିତିରେ ମାନସ ପାଣିଗ୍ରାହୀଙ୍କ ପରିବାର ସଦସ୍ୟ ନିଜ ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ପୁଲିସ ତୁରନ୍ତ ଦୁଇଜଣଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ରହିଛି।

## ପିଡିଏସ୍ ଖାଉଟିଙ୍କୁ ଗହମ ଯୋଗାଣରେ ଅନିୟମିତତା ନେଇ ଅସନ୍ତୋଷ

ଜଳେଶ୍ୱର,୧୭।୮ (ସମିସ): ଗରିବ ରାସନ୍ କାର୍ଡଧାରୀମାନଙ୍କୁ ସରକାର ମାଗଣାରେ ଚାଉଳ ଓ ଗହମ ଯୋଗାଇ ଆସୁଥିବାବେଳେ ଦୀର୍ଘଦିନ ଧରି ଗହମ ଯୋଗାଣ ବନ୍ଦ ରହିଥିଲା। ଫଳରେ ଖାଉଟିଙ୍କୁ ଶୀତ ଓ ବର୍ଷା ପାଗରେ ରୁଟି ଖାଉଥିବା ହିତାଧିକାରୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଥିଲେ। ଖୋଲା ବଜାରରେ ଅଟା କିଲୋ ପ୍ରତି ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ସାଧାରଣ ଜନତା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଚଳିତ ମାସ ଗହମ ଯୋଗାଣ ଆରମ୍ଭ ହୋଇଥିବାବେଳେ ହିତାଧିକାରୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। କିନ୍ତୁ ପ୍ରଚଳିତ ବଣ୍ଟନକୁ ନେଇ ଜଟିଳ ପ୍ରଶ୍ନ ଉଠିଛି। ଅର୍ଥାତ୍ ପୂର୍ବରୁ ଗହମ ପାଉଥିବା ସମସ୍ତ ହିତାଧିକାରୀ ଏବେ ଗହମ ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ଜଳେଶ୍ୱର ବ୍ଲକ୍‌ର ଶିଖରପୁର ପଞ୍ଚାୟତର ମଥୁରାନାଥ ଗାଁର ବଳରାମ ଗିରି, ମୁମୁନୀ ଗିରି, ବାସନ୍ତୀ ଗିରି, ପ୍ରଭାତ ମହାନ୍ତି, ମଞ୍ଜୁଲତା ବେହେରା, ସଞ୍ଜୁଲତା ବେହେରା, କାର୍ତ୍ତିକ ବେହେରା, ଗଣେଶ ଚନ୍ଦ୍ର ଗିରି ପ୍ରମୁଖ ପୂର୍ବରୁ ଗହମ ପାଉଥିବାବେଳେ ଏବେ ରିଟେଲର ଗହମ ଦେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, ଆବଶ୍ୟକ ଅନୁସାରେ ରାସନ୍ ସାମଗ୍ରୀର ଯୋଗାଣ କମ୍ ରହିଛି। ଅନ୍ୟପକ୍ଷରେ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁଙ୍କୁ ପଚାରିବାରୁ ନୂତନ ନିୟମ ଅନୁସାରେ ହିତାଧିକାରୀମାନଙ୍କ କାର୍ଡ ପଞ୍ଜିକୃତ ଅନୁଯାୟୀ ଗହମ ଯୋଗାଣ ହେଉଛି ବୋଲି କହିଛନ୍ତି। ତେବେ ଜଳେଶ୍ୱର ଅଞ୍ଚଳରେ ଏପରି ଅବ୍ୟବସ୍ଥା ଦେଖା ଦେଇଥିବାବେଳେ ଗହମରୁ ବଞ୍ଚିତ ହିତାଧିକାରୀଙ୍କଠାରେ ଅସନ୍ତୋଷ ଦେଖାଦେଇଛି।

## ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୧୭।୮ (ସମିସ): ଦେବାଶିଷ ସେଠୀ (ଲୁଲୁ) ସ୍ମୃତି କମିଟି ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବେନ୍ଦ୍ର ସେଠୀଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି କ୍ରମରେ ସ୍ୱାମୀଙ୍କ ନାମରେ ଗଠିତ ଦେବାଶିଷ ସେଠୀ (ଲୁଲୁ) ସ୍ମୃତି କମିଟି ପକ୍ଷରୁ ସହରର ମିଶନ କମ୍ପାଉଣ୍ଡ ପରିସରସ୍ଥିତ ଦି ୱେଲ୍‌ଫେୟାର ଇନ୍‌ଷ୍ଟିଚ୍ୟୁଟ୍‌ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ କମିଟି ଅଧ୍ୟକ୍ଷା ମୀନତି ସେଠୀ। ଇନ୍‌ଷ୍ଟିଚ୍ୟୁଟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୀନତିଙ୍କ ସହ କମିଟିର ସଦସ୍ୟାମାନେ ଉପସ୍ଥିତ ରହି ସ୍ୱର୍ଗତ ବ୍ରଜେନ୍ଦ୍ର ସେଠୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରଜେନ୍ଦ୍ର କନ୍ଧମାଳ ଜିଲ୍ଲାର ଫୁଲବାଣୀ ସରକାରୀ କଲେଜରୁ ଅଧ୍ୟକ୍ଷ ଭାବେ ଅବସର ନେଇଥିବାବେଳେ ବାଲେଶ୍ୱର ଫକୀରମୋହନ କଲେଜରେ ରିଡର୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଶଶୁର ବ୍ରଜେନ୍ଦ୍ରଙ୍କ ପ୍ରେରଣାରେ ସ୍ୱାମୀ ଦେବାଶିଷ ସେଠୀ ସେବା କାର୍ଯ୍ୟକୁ ଅତ୍ୟନ୍ତ ଭଲ ପାଉଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁତ୍ର ସ୍ୱୟଂସ୍ୱରୂପ ସେଠୀ, ଲଳିତା ତାଲଦି, ନିଶାମଣି ପ୍ରଧାନ, ଝୁନୁରାଣୀ ବାରିକ, ରୀନାରାଣୀ ମଲ୍ଲିକ, ବିନତୀ ବେହେରା, ଫିଲି ଦାସ, ମାନସୀ ଦାସ, ଅଞ୍ଜଳି ବେହେରା ପ୍ରମୁଖ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନରେ ସହଯୋଗ କରିଥିଲେ।

## ଏନ୍‌ଏସି ଘୋଷଣା ପରେ ସିମୁଳିଆବାସୀ ଆନନ୍ଦିତ

ସିମୁଳିଆ,୧୭।୮ (ସମିସ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ସାଧାରଣ ନିର୍ବାଚନ ପରେ ଏବେ ବାଲେଶ୍ୱର ଜିଲ୍ଲା ସିମୁଳିଆକୁ ଏନ୍‌ଏସି ଘୋଷଣା ଏବଂ ସରକାରୀ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାର ଚର୍ଚ୍ଚା ଜୋର୍ ଧରିଛି। ପୂର୍ବ ସରକାର ସମୟରେ ଘୋଷଣା ହୋଇଥିବା ନୂତନ ଏନ୍‌ଏସି ମଧ୍ୟରୁ ସିମୁଳିଆ ନିର୍ବାଚନମଣ୍ଡଳୀରେ ସିମୁଳିଆ ଏବଂ ଖଇରା ନୂତନ ଏନ୍‌ଏସି ତାଲିକାରେ ନାମ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ କେବଳ ସିମୁଳିଆ ବ୍ଲକ୍ ଏନ୍‌ଏସି ଘୋଷଣା ହେବାକୁ ଯାଉଥିବା ତାଲିକାରେ ଥିବାର ସୂଚନା ମିଳିଛି। ନୂତନ ସରକାର ଏହାକୁ ନେଇ ନୋଟିସ୍ ଜାରି କରିବା ପରେ କିଛି ଦିନ ପୂର୍ବେ ଉଭୟ ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟରେ ରେକର୍ଡପତ୍ର ଏବଂ ରିପୋର୍ଟ ପ୍ରସ୍ତୁତି କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିବାର ଖବର ମିଳିଛି। ସିମୁଳିଆ ବ୍ଲକ୍ ଏନ୍‌ଏସି ଘୋଷିତ ହେଲେ ୨୨ଟି ପଞ୍ଚାୟତ ମଧ୍ୟରୁ ୬ଟି ପଞ୍ଚାୟତ ସଂଶ୍ଳିଷ୍ଟ ହେଉଥିବାବେଳେ ଏଥିରେ ୧୮ ଟି ରାଜସ୍ୱ ଗ୍ରାମ ସାମିଲ ହେବାକୁ ଯାଉଥିବାର ସୂଚନା ମିଳିଛି। ଏହି ୧୮ ଟି ରାଜସ୍ୱ ଗ୍ରାମ ମଧ୍ୟରେ ୧୯ ହଜାର ୭୦୪ ଲୋକ ଥିବାର ଖବର ମିଳିଛି। ଏନ୍‌ଏସି ଅନ୍ତର୍ଭୁକ୍ତ ଅଞ୍ଚଳ ମଧ୍ୟରେ ଥିବା ମନ୍ଦିର, ମସ୍‌ଜିଦ, ହାଟ, ବଜାର, ଶିକ୍ଷାନୁଷ୍ଠାନ, ବଡ଼ ବଡ଼ ବ୍ୟାବସାୟିକ କେନ୍ଦ୍ର, ସରକାରୀ ଜମି ସମ୍ପର୍କରେ ତହସିଲରୁ ରିପୋର୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ରାଜସ୍ୱ ବିଭାଗ ଏବଂ ସରକାରଙ୍କୁ ହସ୍ତାନ୍ତର କରାଯାଇଥିବାର ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ବ୍ଲକ୍‌ର ୨୨ଟି ପଞ୍ଚାୟତ ମଧ୍ୟରୁ ଏନ୍‌ଏସି ପାଇଁ ପ୍ରସ୍ତୁତ ହୋଇଥିବା ରିପୋର୍ଟରୁ ଜଣାଯାଏ ଯେ, ସମ୍ପୂର୍ଣ୍ଣ ମାର୍କୋଣା ପଞ୍ଚାୟତ, ଅଧା ଜାମୁଝାଡ଼ି ପଞ୍ଚାୟତ, ଆଂଶିକ ବଙ୍ଗାଳପୁର ପଞ୍ଚାୟତ, ସମ୍ପୂର୍ଣ୍ଣ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ, ଆଂଶିକ ବାଉରୀପଦା ପଞ୍ଚାୟତ ଏବଂ ଆଂଶିକ ମୁରୁଣୀ ପଞ୍ଚାୟତ ସାମିଲ୍ ହେଉଥିବାର ସୂଚନା ମିଳିଛି। ଏନ୍‌ଏସି ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ହେଲେ ଏହି ୧୮ଟି ଗ୍ରାମକୁ ନେଇ ବିଭିନ୍ନ କାଉନ୍‌ସିଲର ଅଞ୍ଚଳ ଚିହ୍ନଟ କରାଯାଇ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସିମୁଳିଆକୁ ଏନ୍‌ଏସି ଘୋଷଣା କରାଗଲେ ଅନେକ ଭୌଗୋଳିକ ଚିତ୍ର ପରିବର୍ତ୍ତନ ହେବ।

## ମହିଳାଙ୍କ ଫଟୋ, ଭିଡିଓ ଭାଇରାଲ କରି ଯୁବକ ଗିରଫ

ଜଳେଶ୍ୱର ବ୍ଲକ୍,୧୭।୮ (ସମିସ): ଜନୈକା ବିବାହିତା ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରି ରାଇବଣିଆ ଥାନା ଅନ୍ତର୍ଗତ ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତର ରାଉତରାପୁର ଗ୍ରାମର ପୂର୍ଣ୍ଣ ସିଂଙ୍କ ପୁତ୍ର ସଞ୍ଜୟ ସିଂ (୨୫) ଗିରଫ ହୋଇଛନ୍ତି। ପ୍ରକାଶ ଯେ, ଜନୈକା ବିବାହିତା ମହିଳାଙ୍କ ସହିତ ସଞ୍ଜୟଙ୍କର ପ୍ରେମ ସମ୍ପର୍କ ଥିଲା। ତାଙ୍କ ସରଳତାରେ ସୁଯୋଗ ନେଇ ବିଭିନ୍ନ ସମୟରେ ମୋବାଇଲରେ ଭିଡିଓ କଲ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଉତ୍ତୋଳନ କରି ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କୁ ଭାଇରାଲ୍ କରାଇବା ସହିତ ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଶେଷରେ ରାଇବଣିଆ ଥାନାରେ ସଞ୍ଜୟ ସିଂଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ବାଲେଶ୍ୱର ଗସ୍ତ



ବାଲେଶ୍ୱର,୧୭।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ବାଲେଶ୍ୱରର ବିଭିନ୍ନ ସ୍ଥାନରେ ପରିଦର୍ଶନ କରିଥିଲେ। ସେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଭ୍ରମଣ କରିଥିଲେ। ଏହାଛଡ଼ା ସେଠାରେ ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସେ ବାଲେଶ୍ୱର ଜେଲ୍ ଯାଇ ଅନ୍ତେବାସୀଙ୍କ ସହ କଥା ହେବା ସହ ସେମାନଙ୍କୁ କିପରି ପୁନଃ ସମାଜର ମୁଖ୍ୟସ୍ରୋତରେ ଏକୀଭୂତ କରାଯାଇପାରେ ବୋଲି ଆଲୋଚନା କରିଥିଲେ। ପରେ ସେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଫଳ ପ୍ରଦାନ କରିଥିଲେ। ତାଙ୍କ ସହ ଡିଏସ୍‌ଡବ୍ଲୁଓ ଜ୍ୟୋତ୍ସ୍ନା ମହାନ୍ତି ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଦିବସ



ବାଲେଶ୍ୱର,୧୭।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପାରମ୍ପରିକ ମଙ୍ଗଳାଚରଣ ଓ ବୈଦିକ ମନ୍ତ୍ର ଉଚ୍ଚାରଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ଦେବାଶିଷ ପାତ୍ରଙ୍କ ସ୍ୱାଗତ ଉଦ୍‌ବୋଧନ ପରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ କହିଥିଲେ, ଛାତ୍ରଛାତ୍ରୀମାନଙ୍କୁ ସଂସ୍କୃତକୁ କେବଳ ଶାସ୍ତ୍ରୀୟ ଅଧ୍ୟୟନରେ ସୀମିତ ନ ରଖି, ଭାରତୀୟ ସଭ୍ୟତା ସହ ବିଶ୍ୱର ସାକ୍ଷାତ୍ ସଂଯୋଗ ସ୍ଥାପନର ଏକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ସଂସ୍କୃତ ଭାଷାର ସଂରକ୍ଷଣ ଓ ଅନୁସନ୍ଧାନମୂଳକ ବିକାଶକୁ ନେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ମୁଖ୍ୟ ଅତିଥି ଡ. କୁମାର ଚନ୍ଦ୍ର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସଂସ୍କୃତ ପଣ୍ଡିତ ଡ. ସତିଶ ଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କିତ ମୁଖ୍ୟ ବ୍ୟାଖ୍ୟାନ ପ୍ରଦାନ କରି ସଂସ୍କୃତରେ ଅଭିହିତ ଭାରତୀୟ ସଂସ୍କୃତିର ମୂଲ୍ୟବୋଧତା ପ୍ରସଙ୍ଗରେ ଆଲୋକପାତ କରିବା ସହ ଏହି ଭାଷାକୁ ଏକତା, ସମନ୍ୱୟ ଓ ଜ୍ଞାନବୋଧକ ସନ୍ଦେଶ ଭାବେ ଉଲ୍ଲେଖ କରିଥିଲେ। ଏଥିରେ ପ୍ରାଚୀନ ସଂସ୍କୃତର ଆଧୁନିକ ପ୍ରୟୋଗରେ ଅବଦାନକୁ ଯଥା- ଭାଷାବିଜ୍ଞାନ, ସଂଗଣକ ବିଜ୍ଞାନ ଓ ଅନ୍ତର୍ଜାତୀୟ ସଂଳାପ ଆଦି ବିବିଧ ଉଦାହରଣ ମାଧ୍ୟମରେ ଚର୍ଚ୍ଚା କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ ସଂସ୍କୃତ ନିବନ୍ଧ ଲିଖନ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ଆୟୋଜକମାନେ ସଂସ୍କୃତ ଦିବସ ପାଳନର ସାମାଜିକ ଓ ଶାସ୍ତ୍ରୀୟ ମହତ୍ତ୍ୱ ଉଲ୍ଲେଖ କରି, ସଂସ୍କୃତ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରାୟୋଗିକ ପ୍ରସାରଣ ପ୍ରତି ସମସ୍ତଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ଅଭିପ୍ସା ଆଚାର୍ଯ୍ୟ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରୀ ପ୍ରୀତିଛନ୍ଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଷ୍ଟ ନର୍ସିଂ କଲେଜରେ ମାଗଣା ସ୍ୱାସ୍ଥ୍ୟ ଶିବିର




ବାଲେଶ୍ୱର,୧୭।୮ (ସମିସ): ନଳମଗସ୍ଥିତ ନିଷ୍ଟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ ତରଫରୁ ଅସ୍ଥି ବିଭାଗର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ ଅଲ୍ଟିମେଟ୍‌ର ପ୍ରଫେସର ଡା. ବୁଦ୍ଧେଶ୍ୱର ମାଝୀ ଯୋଗଦେଇ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏଥିରେ ସମସ୍ତ ରୋଗୀଙ୍କ ବୋନ୍‌ମ୍ୟାରୋ ଡେନ୍‌ସିଟ୍ ପରୀକ୍ଷା ବି କରାଯାଇଥିଲା। ଉଦ୍‌ଘାଟକ ଭାବେ 'ଅଗ୍ନିଡେଣା' ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ରସାୟନ ବିଜ୍ଞାନର ଅଧ୍ୟାପକ ଡ. ପଙ୍କଜ କୁମାର ଜେନା, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ କୁମାର ନାୟକ, ସମାଜସେବୀ କେଶବ ନାୟକ ଯୋଗଦେଇଥିଲେ। ବୋନ୍‌ମ୍ୟାରୋ ଡେନ୍‌ସିଟ୍ ମେସିନକୁ ପ୍ରିୟରଞ୍ଜନ ସାହୁ ପରିଚାଳନା କରିଥିଲେ। ସମ୍ ଅଲ୍‌ଟିମେଟ୍‌ର ମନୋଜ ନାରାୟଣ ବାରିକ, ଏକ୍ସରେ ଟେକ୍ନିସିଆନ ସୁଶାନ୍ତ ସେଠୀ ଓ ନର୍ସିଂ ଛାତ୍ରୀ ଇତିଶ୍ରୀ ଦାସ, କ୍ରିଷ୍ଣା ଭୂୟାଁ, ସୁପ୍ରିୟା ସେଠୀ, ସୁପ୍ରିୟ ମହାଳିକ, ସଂଗୀତା ଖଟୁଆ, ମନିସା ଜେନା ରୋଗୀମାନଙ୍କ ବିଭିନ୍ନ ପ୍ରକାର ପରୀକ୍ଷା କରିବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଦାଶିବ ଜେନା, ଅଜିତ ସାହୁ, ମନୋଜ ପ୍ରଧାନ, ଦୟାନନ୍ଦ ଶତପଥୀ, ସତ୍ୟପ୍ରକାଶ ଭୂୟାଁ, ଉତ୍ତମ ବେହେରା, ଲକ୍ଷ୍ମୀକାନ୍ତ ନାଥ ପରିଚାଳନା କରିଥିଲେ।




# ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଚେତାବନୀ

ବାଲେଶ୍ୱର,୧୭।୮ (ସମିସ)



- ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ଆଜିଠୁ ସମସ୍ତ ଅଣ-ରାଜସ୍ୱ କାର୍ଯ୍ୟ ବନ୍ଦ ଘୋଷଣା

ରାଜ୍ୟବ୍ୟାପୀ ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ ଅସହ୍ୟ କାର୍ଯ୍ୟଭାର, ଅଣରାଜସ୍ୱ ଦାୟିତ୍ୱ ଏବଂ ଗୁରୁତର ଅଭିଯୋଗର ନିରନ୍ତର ଉପେକ୍ଷାକୁ ବିରୋଧ କରି ସୋମବାରଠାରୁ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ତହସିଲ୍‌ଦାରଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପାଖରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ପ୍ରତି ଜିଲ୍ଲାରେ ଥିବା ରାଜସ୍ୱ ନିରୀକ୍ଷକ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ କରିବା ସହ ଦାବିପତ୍ର ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

ସ୍ମାରକ ପତ୍ରରେ ଉଲ୍ଲେଖ ଅନୁସାରେ, ଓଡ଼ିଶା ଜନସେବା ଅଧିକାର ଆଇନ ଅଧୀନରେ ସେବା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା କର୍ମଚାରୀଙ୍କୁ ପ୍ରତିଦିନ ୧୫ଟି ଏଣ୍ଟ୍ରିର ଅବାସ୍ତବ ଲକ୍ଷ୍ୟ ଚାପ ଦିଆଯାଉଛି। ଲକ୍ଷ୍ୟ ପୂରଣ ନ ହେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ଦରମା ବନ୍ଦର ଧମକ ମିଳୁଛି। ଏହି କାର୍ଯ୍ୟରେ ମୃତ ରେକର୍ଡ ସଂଗ୍ରହ ଅତ୍ୟନ୍ତ କଷ୍ଟସାଧ ହୋଇଥିବାବେଳେ ଚାପ ଦିଆଯିବା, କୃଷକମାନଙ୍କ ବଂଶାବଳୀ ପ୍ରମାଣପତ୍ର ଜାରି କରିବାରେ ସମସ୍ୟା, ବସୁନ୍ଧରା ଯୋଜନାରେ ମାସକୁ ୨୦ଟି ହିତାଧିକାରୀ ଚିହ୍ନଟ କରିବା ଏବଂ ପଟ୍ଟା ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ତଦନ୍ତ କାର୍ଯ୍ୟରେ ଚାପ ଦିଆଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଭିତ୍ତିଭୂମିର ଅଭାବ ଯଥା- ଲାପଟପ୍, ପ୍ରିଣ୍ଟର, ହାଇସ୍ପିଡ୍ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସଂଯୋଗ ଭଳି ସୁବିଧା ନାହିଁ। ଜିଲ୍ଲାରେ ଫାଇନାନ୍ସ ଡିପାର୍ଟମେଣ୍ଟର ପ୍ରାୟ ୯୦ହଜାର ଚିଟ୍‌ଫଣ୍ଡ ହିତାଧିକାରୀଙ୍କ ଚିହ୍ନଟ, ଦସ୍ତାବିଜ୍ ଭେରିଫିକେସନ, ସୁପାରିସ୍ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କେବଳ ଏକୁଟିଆ କରିବା ନେଇ ଯେଉଁ ନିର୍ଦ୍ଦେଶ ଅଛି ତାହା ଜବ୍ ଚାର୍ଟ ବାହାରେ ବୋଲି ଅଭିଯୋଗ ହୋଇଛି। ତେବେ କର୍ମ କ୍ଷେତ୍ରରେ ଥିବା ସମସ୍ୟାକୁ ନେଇ ରାଜସ୍ୱ ନିରୀକ୍ଷକମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିଲେ। ମାତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ସେମାନେ ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଜର ଦାବି ଜଣାଇଛନ୍ତି ଏବଂ ସୋମବାରଠାରୁ ଅଣ-ରାଜସ୍ୱ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି।





## ସାପ କାମୁଡ଼ାରେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ

ବାଲିଅନ୍ତା,୧୭ ।୮ (ସମିସ): ବାଲକାଟି ଫାଣ୍ଡି ପୁରଣ ପଧାନ ପଞ୍ଚାୟତ ଅଧୀନ ବୁଦ୍ଧିପଡ଼ା ଛକ ନିକଟସ୍ଥ ସାଇଶ୍ରଦ୍ଧା ସିମେଣ୍ଟ ଇଟାଭାଟିରେ ଆଜି ଜଣେ ଶ୍ରମିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧୀନ ନୂଆପଡ଼ା ଗ୍ରାମର ରମେଶ ଚନ୍ଦ୍ର ନାୟକ(୪୬) । ବାଲକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୂଚନା ଅନୁସାରେ ରମେଶ ଗତ ୧୬ ତାରିଖ ଦିନ ଏଠାକୁ କାମ କରିବାକୁ ଆସିଥିଲେ । ଗତକାଲି ରାତି ପ୍ରାୟ ୨ଟାରେ ଏକ ସାପ ତାଙ୍କୁ କାମୁଡ଼ି ଥିଲା । ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ବାଲକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।

## ଶ୍ୟାମପୁର ବୋମାମାଡ଼; ଆଉ ଦୁଇ ଗିରଫ

ଭୁବନେଶ୍ୱର,୧୭।୮ (ସମିସ): ଜମି ଦଖଲକୁ ନେଇ ଶ୍ୟାମପୁର ଅଞ୍ଚଳରେ ହୋଇଥିବା ବୋମାମାଡ଼ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ





ହେଉଛନ୍ତି ଚକେଇସିଆଣୀର ଶୁଭଙ୍କର ସାହୁ ଓରଫ୍ ଦିପୁ (୨୧) ଓ ଭିଏସ୍ଏସ୍ ନଗରର ଅଭିଜିତ ବେହେରା ଓରଫ୍ ରାହୁଲ (୧୯) । ପୁଲିସ ସୂଚନା ଅନୁସାରେ, ଗତ ୧୦ ତାରିଖ ଦିନ ଅନ୍ଧାରୁଆର ଗୋଷ୍ଠୀ ଭୂଦାନ ଅଞ୍ଚଳର ଏକ ବେସରକାରୀ ଜମିରେ ପାଚେରି ନିର୍ମାଣ କରୁଥିଲେ । ସେହି ସମୟରେ ବଜରଙ୍ଗୀ କ୍ଲବ୍ର ପିଲାମାନେ ଖଣ୍ଡା, କଟୁରି ବୁଲାଇ ଆତଙ୍କ ଖେଳାଇବା ସହ ବୋମାମାଡ଼ କରିଥିଲେ । ଫଳରେ ଅନ୍ଧାରୁଆ ପିଲାମାନେ ମୋଟରସାଇକେଲ ଛାଡ଼ି ପ୍ରାଣ ବଞ୍ଚାଇବା ପାଇଁ ଜଙ୍ଗଲକୁ ପଳାଇଥିଲେ । ଏହା ପରେ ବଜରଙ୍ଗୀ କ୍ଲବ୍ ସଦସ୍ୟମାନେ ୪ଟି ବାଇକ୍ ଭଙ୍ଗାରୁଜା କରିଥିଲେ । ଏହାର କିଛି ସମୟ ପରେ ବିପକ୍ଷ ଗୋଷ୍ଠୀର ସଦସ୍ୟ ବଜରଙ୍ଗୀ କ୍ଲବ୍ର ସଦସ୍ୟଙ୍କ ବାଇକ୍ ପୋଡ଼ି ଦେଇଥିଲେ । ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା । ଆଜି ଦିପୁ ଓ ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବରୁ ମଧ୍ୟ ଏହି ମାମଲାରେ ଏକାଧିକ ଅଭିଯୁକ୍ତ ଗିରଫ ହୋଇଛନ୍ତି ।

## କିସ୍ତି ଟଙ୍କା ଚଳୁ କରି ଫାଇନାନ୍ସ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୭।୮ (ସମିସ): କିସ୍ତି ଟଙ୍କା ଚଳୁ କରିଥିବା ଅଭିଯୋଗରେ ଫାଇନାନ୍ସ କମ୍ପାନୀରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବାଙ୍କୀ ହରିରାଜପୁରର



ସୀତାରାମ ପଣ୍ଡା ଓରଫ୍ ସିଲୁ (୩୧) । ପୁଲିସ ସୂଚନା ଅନୁସାରେ, ସିଲୁ ପାଣ୍ଡରାସ୍ଥିତ ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ର କମ୍ପାନୀରେ କାର୍ଯ୍ୟ କରିବା ସହ ନିକଟସ୍ଥ ଅଞ୍ଚଳରେ କମ୍ପାନୀରୁ ଋଣ ନେଇଥିବା ଗ୍ରାହକମାନଙ୍କ ଠାରୁ ମାସିକ କିସ୍ତି ଆଦାୟ କରନ୍ତି । ଗୋଟିଏ ମାସର କିସ୍ତି ଦେଲେ ଅଧିକ ଋଣ ମିଳିବ ବୋଲି କହି ଲୋକମାନଙ୍କୁ ପ୍ରଲୋଭିତ କରିଥିଲା । ପ୍ରଲୋଭନରେ ପଡି ଲୋକମାନେ ଅଧିକ ଋଣ ପାଇବା ଆଶାରେ ଅଭିଯୁକ୍ତଙ୍କୁ ସେମାନଙ୍କର ମାସିକ କିସ୍ତି ପଠାଇଥିଲେ । ଗତ ଜୁନ୍ ୨୩ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ମୁଥୁଟ୍ ମାଇକ୍ରୋ ଫିନ୍ ଲିମିଟେଡରୁ ଋଣ ନେଇଥିବା ବିଭିନ୍ନ ଲୋକଙ୍କ ଠାରୁ ପ୍ରାୟ ୭ ୯ ହଜାର ଟଙ୍କା ଆଦାୟ କରିଥିଲା । ସିଲୁ ସମସ୍ତ ଟଙ୍କା ୟୁପିଆଇ ମାଧ୍ୟମରେ ନେଇଥିଲା । କିସ୍ତି ଟଙ୍କାକୁ କମ୍ପାନୀରେ ଜମା କରିବା ପରିବର୍ତ୍ତେ ଆତ୍ମସାତ କରି ଦେଇଥିଲା । ଏ ନେଇ କମ୍ପାନୀର ମ୍ୟାନେଜର ଶକ୍ତି ପ୍ରସାଦ ବେହେରା ମଞ୍ଚେଶ୍ୱର ଥାନାରେ ଏତଲା ଦେବାପରେ ତଦନ୍ତ ଆରମ୍ଭ ହୋଇଥିଲା । ଆଜି ସିଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରଙ୍କ ମୃତ୍ୟୁ

ବାଲିପାଟଣା,୧୭।୮(ସମିସ) : ବିଦ୍ୟୁତ୍ ଆଘାତରେ ଜଣେ ନାବାଳକର ମୃତ୍ୟୁ ଘଟିଛି । ବାଲିପାଟଣା ଥାନା କୁଳନ୍ତିରା ଶାସନରେ ଏଭଳି ଅଘଟଣ ଘଟିଛି । ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁଁ ଏହି ଅଘଟଣ ଘଟିଥିବା ଅଭିଯୋଗ ହେଉଛି । ମୃତକ ହେଉଛନ୍ତି ଅକ୍ଷୟ କୁମାର ଭୋଇ ଓରଫ ବୁଲା ଚନ୍ଦନ ଭୋଇ (୧୨) । ସେ ଚତୁର୍ଥ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି । ଆଜି ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା । ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଷ୍ଟେ ତାର ବର୍ଷା ପବନରେ ଛିଣ୍ଡି ତଳେ ପଡ଼ିଥିଲା । ଚନ୍ଦନ ଭଙ୍ଗା ଡାଳ ଆଣିବାକୁ ଯିବା ସମୟରେ କରେଣ୍ଟ ଚାର୍ଜ ହୋଇଥିବା ଛିଣ୍ଡା ଷ୍ଟେ ତାର ସଂସ୍ପର୍ଶରେ ଆସିଥିଲେ । ଫଳରେ ତାଙ୍କ ହାତ ଏବଂ ଅଣ୍ଟାରେ ତାର ଲାଗିରହିଥିଲା । ବିଦ୍ୟୁତ ସଂସ୍ପର୍ଶରେ ଆସି ଚନ୍ଦନ ତଳେ ପଡ଼ିଯାଇଥିଲେ । ଚନ୍ଦନଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦନଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗର ଅବହେଳା ନେଇ ଅଭିଯୋଗ ଆଣିଛନ୍ତି । ଯାହାକୁ ନେଇ କୁଳନ୍ତିରା ଶାସନରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି ।

## ଥାନାରେ ହାଜିରା ଦେଉ ନ ଥିବା ଅପରାଧୀଙ୍କ ପାଇଁ ବଢ଼ିଲା ଅଡୁଆ

# ପେସାଦାର ଅପରାଧୀଙ୍କ ବେଲ୍‌ବଣ୍ଡ ବାତିଲ ପାଇଁ ପିଟିସନ

- ଠିକଣା ବଦଳାଉଥିବା ଅଭିଯୁକ୍ତଙ୍କୁ ଉଠାଇ ଅଣାଯିବ
- ନିୟମ କଡ଼ାକଡ଼ି ପାଳିବାକୁ ଥାନା ଅଧିକାରୀଙ୍କୁ ତାଗିଦ
- ସାଲିଆସାହି, ଭରତପୁର ବସ୍ତିରେ ସର୍ବାଧିକ ଜେଲ୍ ଫେରନ୍ତା



ଭୁବନେଶ୍ୱର,୧୭ ।୮ (ସମିସ):

ଅପରାଧୀମାନେ ଜେଲ୍‌ରୁ ଜାମିନ୍‌ରେ ଆସିବା ସମୟରେ କୋର୍ଟରେ କିଛି ସର୍ତ୍ତ ରଖାଯାଇଥାଏ । ଏହି ସର୍ତ୍ତ ଖିଲାପ କଲେ ସେମାନଙ୍କ ଜାମିନ୍ ଖାରଜ ହେବ ବୋଲି ମଧ୍ୟ କୋର୍ଟ ଶୁଣାଥାଏ । ଏହି ସର୍ତ୍ତରେ ୭ରୁ ଊର୍ଦ୍ଧ୍ୱ ନିୟମ ରହିଥାଏ । ଯେପରି ସପ୍ତାହରେ ମାସରେ ଥାନାରେ ହାଜିରା ଦେବା, ସାକ୍ଷୀମାନଙ୍କୁ ପ୍ରଭାବିତ ନକରିବା, ରାଜ୍ୟ ବାହାରକୁ ନଯିବା, ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ ନକରିବା ଇତ୍ୟାଦି । ଏହିଭଳି ଅଭିଯୁକ୍ତମାନେ ସର୍ତ୍ତ ରଖିବା ପରେ ସେମାନଙ୍କୁ ଜାମିନ୍ ମିଳିଥାଏ । ହେଲେ ବର୍ତ୍ତମାନ ଅପରାଧୀମାନେ ଜାମିନ୍‌ରେ ଆସି ସର୍ତ୍ତପାଳନ କରୁନାହାନ୍ତି । ନିକଟରେ ସର୍ତ୍ତପାଳନ କରୁନଥିବାରୁ କୋର୍ଟ ଗ୍ୟାଙ୍ଗଷ୍ଟାର ଟିଟୋର ଜାମିନ୍ ଖାରଜ କରିଥିଲେ । ଯାହାଫଳରେ ଟିଟୋ ମଧ୍ୟ ପୁଣି ଥରେ ଜେଲ୍‌କୁ ଯିବେ । ଏହିଭଳି ଭୁବନେଶ୍ୱରରେ ସର୍ତ୍ତମୂଳକ ଜାମିନରେ ଆସିଥିବା ଏକାଧିକ ଅପରାଧୀ ନିଜର ସର୍ତ୍ତପାଳନ କରୁନାହାନ୍ତି । ଯେଉଁଥି ପାଇଁ ସେମାନଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ରାଜଧାନୀରେ ଜାମିନରେ ଆସିଥିବା ୧୮ ୯ ଜଣ ଅପରାଧୀ ଥାନାରେ ହାଜିରା ଦେଉନଥିବା ଜଣାପଡ଼ିଛି । ସେମାନଙ୍କ ପାଇଁ ଏବେ କମିସନରେଟ୍ ପୁଲିସ କଠୋର ହେଉଛନ୍ତି । ହାଜିରା ଦେଉନଥିବା ୩୦ଜଣ କୁଖ୍ୟାତ ଅପରାଧୀଙ୍କ ଜାମିନ୍ ଖାରଜ କରିବା ପାଇଁ ପୁଲିସ କୋର୍ଟରେ ପିଟିସନ କରିଛି । ଆହୁରି ଅନେକ ଅପରାଧୀ ଘର ଠିକଣା ବଦଳାଇଥିବାରୁ ପୁଲିସ ସେମାନଙ୍କ ଟେର ପାଉନି । ଥାନାରେ ହାଜିରା ଦେଉନଥିବା ଅପରାଧୀଙ୍କୁ ଖୋଜୁଛି ପୁଲିସ ।

### ହାଜିରା ଦେଉ ନ ଥିବା ଅପରାଧୀଙ୍କ ତାଲିକ କରିବାକୁ ନିର୍ଦ୍ଦେଶ

ଥାନାରେ ହାଜିରା ଦେଉନଥିବା ବ୍ୟକ୍ତି ଲୁଚି ରହି ଅପରାଧ ଘଟାଉଛନ୍ତି । ତେଣୁ ଯେଉଁମାନେ ଥାନାରେ ହାଜିରା ଦେଉନାହାନ୍ତି ସେମାନଙ୍କ ଘରକୁ ଯାଇ ଉଠାଇ ଆଣିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମେ ସେମାନଙ୍କ ଏକ ତାଲିକା କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତାଲିକା ପରେ ସେମାନଙ୍କୁ ଧରିବାକୁ ନିର୍ଦ୍ଦେଶ ଆସିଛି । ଯଦି ସେମାନେ ଦିଆଯାଇଥିବା ଠିକଣାରେ ନଥିଲେ ତେବେ ସେମାନଙ୍କୁ ଖୋଜିବାକୁ କୁହାଯାଇଛି । ଯେଉଁଥି ପାଇଁ ପ୍ରତି ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ହାଜିରା ଦେଉନଥିବା ଅଭିଯୁକ୍ତର ଠିକଣାରେ ରାତି ଅଧିଆ ଚଢ଼ଉ କରୁଛନ୍ତି । ଏହି ଚଢ଼ଉ ସମୟରେ ଦେଖିବାକୁ ମିଳିଛି ଯେ, ଅନେକ ଅଭିଯୁକ୍ତ ଠିକଣା ବଦଳାଇ ଦେଇଛନ୍ତି । ସେହି ଠିକଣାରେ ଅନ୍ୟ କେହି ରହୁଛନ୍ତି ।

### ଜାଲ୍ ଜମି ପଟ୍ଟାରେ ଆସିଛନ୍ତି ଏକାଧିକ ଅପରାଧୀ

ଟଙ୍କା ରୋଜଗାର କରିବା ଲୋଭରେ ଏବେ କିଛି ଜାମିନଦାର ଜାଲ ଜମି ପଟ୍ଟା ଧରି କୋର୍ଟ ଆଗରେ ବସୁଛନ୍ତି । ସେମାନେ ୩ହଜାର ଟଙ୍କା ନେଇ ସାଜୁଛନ୍ତି ନକଲି ଜାମିନ ଦାର । ଅଭିଯୁକ୍ତର ନିଜ ଲୋକ ହୋଇଥିବା ବିଚାର ପତି ଆଗରେ କହି ଜାମିନ କରାଉଛନ୍ତି । ନିକଟରେ ଜଣେ ବ୍ୟକ୍ତି ଅନ୍ୟର ଜମି ପଟ୍ଟାକୁ ନେଇ ନିଜ ପୈତୃକ ସମ୍ପତ୍ତି କହି କୋର୍ଟରୁ ଜଣେ ବ୍ୟକ୍ତିଙ୍କୁ ଜାମିନ୍ କରିଥିଲେ । ପରେ ଧରାପଡ଼ିବା ପରେ ବଡ଼ଗଡ଼ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲେ । ଗିରଫ ହୋଇଥିବା ଅଭିଯୁକ୍ତମାନେ କୋର୍ଟରୁ ଏକାଧିକ ବ୍ୟକ୍ତିଙ୍କୁ ନକଲି ପଟ୍ଟା ଦେଇ ଜାମିନ୍ କରାଇଥିବା ତଦନ୍ତରୁ ଜଣାପଡ଼ିଥିଲା । ଘରବାଡ଼ି କିସମର ଜମି ମାଲିକଙ୍କୁ ଅଦାଲତ ପ୍ରାୟତଃ ଦାମିନଦାର ଭାବେ ଗ୍ରହଣ କରନ୍ତିନି । କିନ୍ତୁ ଏବେ କିଛି ଜାମିନ୍‌ଦାର ଟଙ୍କା ରୋଜଗାର କରିବା ଲୋଭରେ ଘରବାଡ଼ି କିସମକୁ ଚାଷ ଜମି କହି ଜାମିନ କରାଉଛନ୍ତି ।

### ବସ୍ତିରେ ସର୍ବାଧିକ ହାଜିରା ଖିଲାପକାରୀ

ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧ ପଛରେ ସହରର ବସ୍ତି ଅଞ୍ଚଳରେ ରହୁଥିବା କେହି ନା କେହି ସଂପୃକ୍ତ ରହୁଛନ୍ତି । ସେମାନଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଲେ ମଧ୍ୟ ସେମାନେ ଜେଲ୍‌ରୁ ବାହାରି ଆସି ପୁଣି ଅପରାଧ ଘଟାଉଛନ୍ତି । ବସ୍ତିରେ ରହୁଥିବା ଏକାଧିକ ଅପରାଧୀ ନିଜର ଠିକଣା ବଦଳାଉଛନ୍ତି । ସେମାନେ ମାସେ ପୂର୍ବରୁ ଗୋଟିଏ ବସ୍ତିରେ ରହୁଥିବା ବେଳେ ଆଉ ଗୋଟେ ମାସରେ ଅନ୍ୟ ଏକ ବସ୍ତିରେ ରହୁଛନ୍ତି । ଯେଉଁ ଅଞ୍ଚଳରେ ରହୁଛନ୍ତି ସେଠାର ଥାନା ପୁଲିସ ସେମାନଙ୍କ ବିଷୟରେ କିଛି ଜାଣିପାରୁନାହାଁ । ନା ଥାନାରେ ହାଜିରା ଦେଉଛନ୍ତି ନା ପୁଲିସ ସେମାନଙ୍କୁ ଜାଣିଛି । ସେମାନେ ନିର୍ଭୟରେ ଅପରାଧ ଘଟାଉଛନ୍ତି । ବିଶେଷ କରି ସହରରେ ଥିବା ଏକାଧିକ ବସ୍ତିରେ ଅଧିକ ସର୍ତ୍ତଖିଲାପକାରୀ ରହୁଛନ୍ତି । ସାଲିଆସାହି, ଭରତପୁର ଆଦି ବଡ ବଡ଼ ବସ୍ତିରେ ଏକାଧିକ ହାଜିରା ଦେଉନଥିବା ଅପରାଧୀ ଅଛନ୍ତି ।

## ବିଦେଶରୁ ସୁନା ପଠାଇବା ଆଳରେ ଠକେଇ

### ଆକାଉଣ୍ଟରୁ ନେଇଗଲେ ୧୦ ଲକ୍ଷ

ଭୁବନେଶ୍ୱର,୧୭ ।୮ (ସମିସ): ବିଦେଶରୁ ସୁନା ପଠାଇବା ଆଳରେ ସାଇବର ଠକେଇ ହୋଇଛ । ସାଇବର ଅପରାଧୀ ଆକାଉଣ୍ଟରୁ ୧୦ଲକ୍ଷ ଟଙ୍କା ଠକି ନେଇଛନ୍ତି । ଠକାମିର ଶିକାର ହୋଇଥିବା ରାଘବ ସାହୁ ଏ ନେଇ ସାଇବର ଥନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରୁଛି । ଠକେଇ ଟଙ୍କା ରାଜ୍ୟ ବାହାରର ଆକାଉଣ୍ଟକୁ ଯାଇଥିବା ଜଣାପଡ଼ୁଛି ।

ସୂଚନା ଅନୁସାରେ, ସୋସିଆଲ ମିଡ଼ିଆରେ ଜଣେ ଯୁବତୀଙ୍କ ସହ ଠକ ପରିଚିତ ହୋଇଥିଲେ । ସେ ନିଜକୁ ଡାକ୍ତର ବୋଲି କହିଥିଲେ । ଓଡ଼ିଶା ଲୋକଙ୍କର ସେବା କରିବାକୁ ଚାହୁଁଥିବା କହିଥିଲେ । ତେଣୁ ସେ ତାଙ୍କ ନିକଟକୁ କିଛି ସୁନା ପଠାଉଛନ୍ତି । ଏହାକୁ ଟଙ୍କାରେ ପରିବର୍ତ୍ତନ କରି ଲୋକଙ୍କ କାମରେ ଲଗାଇବାକୁ କହିଥିଲେ । ରାଘବ ଏହା ଶୁଣି ଖୁସି ହୋଇଯାଇଥିଲେ । ପଠାଇବାର ଦୁଇ ଦିନ ପରେ ଦିଲ୍ଲୀ ବିମାନ ବନ୍ଦରରୁ ଫୋନ୍ ଆସିଥିଲା । ସୁନା ପାର୍ସଲରେ ଆସିଥିବାରୁ ଏହାର ଫିସ୍ ଲାଗିବ ବୋଲି କହିଥିଲେ । ଫିସ୍ ପାଇଁ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ । ଏହାପରେ କଷ୍ଟମ ଅଧିକାରୀ ଏବଂ ଅନ୍ୟାନ ଫିସ୍ କହି ୧୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଠକ ପୁଣି ବିଭିନ୍ନ ବାହାନା କରି ଟଙ୍କା ମାଗିବା ପରେ ରାଘବ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

■ ନାବାଳିକା ଅପହରଣ

## ନୋଏଡାରୁ ଧରାପଡ଼ିଲା ଅଭିଯୁକ୍ତ



ଭୁବନେଶ୍ୱର,୧୭।୮ (ସମିସ): ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିଥିବା ଘଟଣାରେ ଅଭିଯୁକ୍ତକୁ ନୋଏଡ଼ାରୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱର କେଉଟ ସାହିର ରବି ଓରଫ୍ ରୁଦ୍ର ପ୍ରସାଦ ଓତ (୨୩) । ପୁଲିସ ସୂଚନା ମୁତାବକ, ନାବାଳିକା ପୂର୍ବରୁ ଡାକବଙ୍ଗଳା ଛକ ଅଞ୍ଚଳରେ ରହୁଥିବା ସମୟରେ ରବି ତାଙ୍କୁ ହଇରାଣ ହରକତ କରିବା ଆରମ୍ଭ କରିଥିଲା । ଏ ନେଇ ତାଙ୍କ ମାଆ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ରବି ଭବିଷ୍ୟତରେ ସେପରି ଆଉ କରିବନି ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲା । ଏହା ପରେ ଝିଅର ସୁରକ୍ଷା ଦୃଷ୍ଟିରୁ ଅଭିଯୋଗକାରିଣୀ ପୂର୍ବରୁ ରହୁଥିବା ସ୍ଥାନ ଛାଡ଼ି ଏୟାରପୋର୍ଟ ଥାନା ଅଞ୍ଚଳରେ ଘରଭଡ଼ା ନେଇ ରହିଥିଲେ । ରବି ନୂଆ ଭଡ଼ା ଘର ପାଖରେ ପହଞ୍ଚି ପୁନର୍ବାର ନାବାଳିକାଙ୍କୁ ହଇରାଣ ହରକତ କରିଥିଲା । ସେ ତାଙ୍କୁ ବିବାହ କରିବା ଲାଗି ପ୍ରତିଶ୍ରୁତି ଦେବା ସହ ଘର ଛାଡ଼ି ପଳାଇଯିବା ଲାଗି ପ୍ରବର୍ତ୍ତାଇ ଥିଲା । ଗତ ଜୁନ୍ ମାସ ୫ ତାରିଖ ଦିନ ମାଆ ଓ ଭାଇ ଅନୁପସ୍ଥିତ ଥିବାର ସୁଯୋଗ ନେଇ ରବି ନାବାଳିକାକୁ ଅପହରଣ କରି ନେଇ ଦିଲ୍ଲୀ ପଳାଇଥିଲା । ଏ ନେଇ ନାବାଳିକାର ମାଆ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ପୁଲିସର ଏକ ଟିମ୍ ନୋଏଡା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହ ରବିକୁ କାବୁ କରିଥିଲା । ସେଠାରେ ରହିବା ମଧ୍ୟରେ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ଏକାଧିକଥର ଦୁଷ୍କର୍ମ କରିଥିବା ଜଣାପଡ଼ିଥିଲା । ଆଜି ପୁଲିସ ରବିକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## 'ଉତ୍କଳ' ପୂର୍ବତନ କୁଳପତି ଗୋକୁଳାନନ୍ଦ ଦାସଙ୍କ ବିୟୋଗ

**କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ**

ଭୁବନେଶ୍ୱର, ୧୭ ।୮ (ସମିସ): ପ୍ରସିଦ୍ଧ ଗଣିତଜ୍ଞ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ଡ. ଦାସ ଜଣେ ଉତ୍କର୍ଷ ବିଦ୍ୱାନ ଭାବେ ଶିକ୍ଷାଦାନ ଏବଂ ଗବେଷଣା ପ୍ରତି ଆଗ୍ରହ ରଖୁଥିଲେ । ଆଧ୍ୟାତ୍ମିକତା ଏବଂ ଲୋକପ୍ରିୟ ବିଜ୍ଞାନ ଉପରେ ମଧ୍ୟ ଲେଖୁଥିଲେ । ଶ୍ରେଣୀଗୃହ ବାହାରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଉଥିଲେ । ତାଙ୍କ ବିୟୋଗ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ଷ୍ଟେସନରୁ ବ୍ୟବସାୟୀ ନିଖୋଜ

**ଜିଆରପି କୁଇକ୍ ଆକ୍ସନ୍ ଟିମ୍‌ର ତନାଘନା**

**ଷ୍ଟେସନରେ ଲାଗିଲା ପୋଷ୍ଟର**

ଭୁବନେଶ୍ୱର,୧୭ ।୮ (ସମିସ): ରାୟପୁରର ବ୍ୟବସାୟୀ ରବି ଭୋଜପାନି ଭୁବନେଶ୍ୱର ରେଳ ଷ୍ଟେସନରୁ ନିଖୋଜ ହୋଇଯାଇଛନ୍ତି । ଏ ନେଇ ତାଙ୍କ ଭାଇ ଜିଆର୍‌ପି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଛାନ୍‌ଭିନ୍ ଆରମ୍ଭ କରିଛି । ବିଭିନ୍ନ ବୃଦ୍ଧାଶ୍ରମ ଏବଂ ମନ୍ଦିର ଆଦି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନାହିଁ । ଯେଉଁଥି ପାଇଁ ପରିବାର ଲୋକ ଜିଆରପି ଏସ୍‌ପିଙ୍କୁ କହିବା ପରେ ଜିଆର୍‌ପି ତତ୍ପରତା ଦେଖାଇଥିଲା । ଷ୍ଟେସନ ଏବଂ ଏହାର ଆଖପାଖରେ ରବି ଭୋଜପାନିଙ୍କ ଫଟୋ ମାରିଛି । ଯାହାଦ୍ୱାରା ଷ୍ଟେସନକୁ ଆସୁଥିବା ଏକାଧିକ ଯାତ୍ରୀ ଏହି ଫଟୋ ଦେଖି ରବିଙ୍କ ସମ୍ପର୍କରେ ସୂଚନା ଦେଇପାରିବେ ବୋଲି ଜିଆର୍‌ପି ଆଶାବ୍ୟକ୍ତ କରିଛି । ରବି ଲୁଗା ଏବଂ ଅନ୍ୟାନ୍ୟ ହୋଲସେଲର ବ୍ୟବସାୟ କରନ୍ତି । ହେଲେ ଗତ ଜାନୁୟାରୀ ମାସରେ ସେ ପୁରୀକୁ ଜଗନ୍ନାଥ ଦର୍ଶନ କରିବାକୁ ଆସିଥିଲେ । ହେଲେ ସେ ରାୟପୁର ଫେରିବା ପାଇଁ ପୁରୀରେ ଟ୍ରେନରେ ବସିଥିଲେ । କିନ୍ତୁ ଟ୍ରେନଟି ଭୁବନେଶ୍ୱର ଷ୍ଟେସନ ନିକଟରେ ଅଟକିବା ସମୟରେ ରବି ଶୌଚ ଯାଇଥିଲେ । ଏହାର କିଛି ସମୟ ପରେ ସେ ପୁଣି ଟ୍ରେନ୍‌ରେ ଚଢ଼ିଥିଲେ । ହେଲେ ସେ ରାୟପୁର ଷ୍ଟେସନରେ ଓହ୍ଲାଇନଥିଲେ । ବରଂ ବାଟରେ ଅନ୍ୟ କେଉଁ ଷ୍ଟେସନରେ ଓହ୍ଲାଇ ପଡ଼ିଥିବା ଜିଆର୍‌ପି ପୁଲିସ ସନ୍ଦେହ କରୁଛି । ତେଣୁ ପୁଲିସ ସବୁ ଷ୍ଟେସନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା । ବାଟରେ କେଉଁଠି ନିଖୋଜ ହୋଇଛନ୍ତି ନା ତାଙ୍କୁ କେହି ଅପହରଣ କରିନେଇଛନ୍ତି ସେ ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି । ଏ ନେଇ ପୁଲିସ ତାର ଖୋଜାଖୋଜିକୁ ଜୋରଦାର କରି ଦେଇଛି ।

## ପ୍ରେମିକା ହାତ କାଟିବା ଘଟଣା

# ବନ୍ଧା ହେଲା ପ୍ରେମିକ



ଭୁବନେଶ୍ୱର,୧୭।୮ (ସମିସ):

ବିବାହ ପାଇଁ ରାଜି ନହେବାରୁ ପ୍ରେମିକା ହାତ କାଟିବା ଘଟଣାରେ ପ୍ରେମିକକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଛେଣ୍ଡିପଦା ଥାନା ପାତ୍ରପଡ଼ାର ତୁମ୍ବନ ସାହୁ (୨୭) । ପୁଲିସ ସୂଚନା ଅନୁସାରେ, ଗତବର୍ଷ ଫେବୃୟାରୀ ମାସରେ ତୁମ୍ବନ ଓ ଯୁବତୀଙ୍କ ମଧ୍ୟରେ ଭୁବନେଶ୍ୱର ରେଳ ଷ୍ଟେସନରେ ସାକ୍ଷାତ ହୋଇଥିଲା । କଥାବାର୍ତ୍ତା ସମୟରେ ତୁମ୍ବନ ତାଙ୍କ ଇନଷ୍ଟାଗ୍ରାମ ଆଇଡି ନେଇ ନିୟମିତ ଭାବେ ଯୋଗାଯୋଗରେ ରହିଥିଲେ । ତୁମ୍ବନ ସମ୍ବଲପୁରରେ ଜମି କିଣିବା ପାଇଁ ଟଙ୍କା ଆବଶ୍ୟକ ଥିବା ଦର୍ଶାଇ ଋଣ ପାଇବା ପାଇଁ ଯୁବତୀଙ୍କୁ ସାହାଯ୍ୟ ମାଗିଥିଲେ । ସେହିବର୍ଷ ମେ' ମାସରେ ଯୁବତୀ ଜଣକ ବାଙ୍ଗାଲୋର ଯାଇ ତୁମ୍ବନର ଭଡ଼ା ଘରେ ରହିଥିଲେ । ସେଠାରେ ରହିବା ମଧ୍ୟରେ ତୁମ୍ବନ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା । ବେଙ୍ଗାଲୁରୁରେ ଯୁବତୀଙ୍କ ପାଇଁ ଏକ ଭଡ଼ା ଘର ନେଇଥିଲା, ସେଠାକୁ ପ୍ରାୟତଃ ଯାଇ ଶାରୀରିକ ସମ୍ପର୍କ ରଖିଥିଲା । ତୁମ୍ବନ ପୂର୍ବରୁ ବିବାହିତ ବୋଲି ଯୁବତୀ ଜାଣିନଥିଲେ । ବାରମ୍ବାର ଶାରୀରିକ ସମ୍ପର୍କ ଫଳରେ ସେ ଗର୍ଭବତୀ ହୋଇଥିଲେ । ଏହା ଜଣାପଡ଼ିବା ପରେ ଗର୍ଭନଷ୍ଟ ନକଲେ ଦୂରେଇ ଯିବ ବୋଲି ତୁମ୍ବନ ତାଙ୍କୁ ଧମକ ଦେଇଥିଲା । ଅଭିଯୁକ୍ତ ଔଷଧ ଦେଇ ଗର୍ଭପାତ କରିଥିଲା । ଗତ ଶୁକ୍ରବାର ଦିନ ଓମଫେଡ ଛକକୁ ଡାକି ବିବାହ କରିବାକୁ ଅନୁରୋଧ କରିଥିଲେ । ହେଲେ ତୁମ୍ବନ ସିଧାସଳଖ ମନା କରିବା ସହ ଗାଳିଗୁଲଜ କରିଥିଲା । ଶେଷରେ ନିରାଶ ହୋଇ ଯୁବତୀ ବ୍ଲେଡ୍‌ରେ ନିଜ ହାତର ଶିରାକୁ କାଟି ଦେଇଥିଲେ । ଫଳରେ ଶିରା କଟି ପ୍ରଚୁର ପରିମାଣର ରକ୍ତସ୍ରାବ ହୋଇଥିଲା । ଖବରପାଇ ମୈତ୍ରୀ ବିହାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରିଥିଲା । ସେଠାରେ ତାଙ୍କର ଚିକିତ୍ସା ପରେ ତାଙ୍କୁ ଡିସଚାର୍ଜ କରାଯାଇଥିଲା । ପ୍ରେମିକା ଏନେଇ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ଆଜି ତୁମ୍ବନକୁ ଗିରଫ କରିଛି ।

■ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

## ୨୧ ମାସ ପରେ ଧରାପଡ଼ିଲା ଅଟୋ ଚାଳକ



ଭୁବନେଶ୍ୱର,୧୭।୮ (ସମିସ): ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିଥିବା ଘଟଣାର ୨୧ ମାସ ପରେ ଅଭିଯୁକ୍ତ ଅଟୋ ଚାଳକକୁ ଗିରଫ କରିଛି ସହିଦନଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଗାଡ଼କଣରେ ରହୁଥିବା ସାକ୍ଷୀଗୋପାଳ ଅଞ୍ଚଳର ବଂଶୀଧର ବେହେରା (୨୮) । ପୁଲିସ ସୂଚନା ଅନୁସାରେ, ନାବାଳିକା ତାଙ୍କ ପରିବାର ସହ ସହିଦନଗର ଥାନା ଅଞ୍ଚଳରେ ରହୁଥିବାବେଳେ ନିକଟସ୍ଥ ସ୍କୁଲରେ ପଢୁଥିଲେ । ସେହି ସମୟରେ ତାଙ୍କ ମାଆ ବିଏମ୍‌ସି ଅଧୀନରେ କାମ କରୁଥିଲେ । ଅଟୋ ଚାଳକ ବଂଶୀଧର ନାବାଳିକାଙ୍କ ମାଆଙ୍କୁ ନେବା ଆଣିବା କରିବାବେଳେ ତାଙ୍କ ପରିବାର ସହ ଚିହ୍ନା ପରିଚୟ ହୋଇଥିଲା । ଏହାର କିଛିଦିନ ପରେ ବଂଶୀଧର ନାବାଳିକାଙ୍କୁ ଏକପାଖିଆ ଭଲପାଇବା ସହ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ରାଜି କରାଇ ଦେଇଥିଲା । ବଂଶୀଧର ଗତ ୨୦୨୩ ମସିହା ନଭେମ୍ବର ୧୪ ତାରିଖ ଦିନ ସକାଳେ ନାବାଳିକାକୁ ଅପହରଣ କରି କୋରାପୁଟ ନେଇଯାଇଥିଲା । ସେଠାରେ ୧୩ ଦିନ ରହିଥିଲା । ଏହା ମଧ୍ୟରେ ବଂଶୀଧର ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା । ସେହିବର୍ଷ ଡିସେମ୍ବର ୧ ତାରିଖ ଦିନ ନାବାଳିକାଙ୍କୁ ତାଙ୍କ ଘର ନିକଟରେ ଛାଡ଼ିଦେଇ କେଉଁଆଡ଼େ ଫେରାର ହୋଇଯାଇଥିଲା । ନାବାଳିକାର ମାଆଙ୍କ ଅଭିଯୋଗ କ୍ରମେ ସହିଦନଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ସତସଙ୍ଗ ବିହାର ଅଟୋ ଷ୍ଟାଣ୍ଡରୁ ବଂଶୀଧରକୁ ଗିରଫ କରି କୋର୍ଟ ଚାଲାଣ କରିଛି ।





# ଡାଲମିଆ ସିମେଣ୍ଟର 'ସାଲ୍ୟୁଟିଂ ୭୮' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୭।୮ (ସମିସ): ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ ଲିମିଟେଡ ବା ଡିସିବିଏଲ୍ ସମଗ୍ର ପୂର୍ବ ଭାରତରୁ ସଶସ୍ତ୍ର ବାହିନୀଗୁଡ଼ିକର




ଯୁଦ୍ଧ ଭେଟେରାନ ଏବଂ ପୂର୍ବତନ ସେନା କର୍ମଚାରୀ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରର ୭୮ତମ ବାର୍ଷିକୀ "ସାଲ୍ୟୁଟିଂ ୭୮' ପାଳନ କରିଛି। କମ୍ପାନୀ ପକ୍ଷରୁ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ୭୮ଜଣ ଭେଟେରାନଙ୍କ ସାହସ ଏବଂ ଆତ୍ମବଳି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲା। ଓଡ଼ିଶାରେ ବିବିଧ ପୃଷ୍ଠଭୂମିରୁ ଆସିଥିବା ୨୫ ଜଣ ପୂର୍ବତନ ସେନା କର୍ମଚାରୀଙ୍କୁ ସେମାନଙ୍କର ଅନନ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସମାବେଶରେ ନାଗରିକ, ସ୍କୁଲ ଛାତ୍ରଛାତ୍ରୀ, ଗୋଷ୍ଠୀ ନେତୃବୃନ୍ଦ ଏବଂ ଅନ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଡାଲମିଆ ସିମେଣ୍ଟର ମୁଖପାତ୍ର କହିଛନ୍ତି, "ସାଲ୍ୟୁଟିଂ ୭୮' ସହିତ ଏହି ବ୍ରାଣ୍ଡ ସାମୂହିକ ଭାବରେ ଆମ ସ୍ୱାଧୀନତାର ମୂଳଦୁଆ ନିର୍ମାଣ କରିବାରେ ଅଦମ୍ୟ ସାହସ ଏବଂ ଆତ୍ମବଳି ଦେଇଥିବା ସମ୍ମାନାସ୍ପଦ ଭେଟେରାନ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ କରୁଛି। "ସାଲ୍ୟୁଟିଂ ୭୮' ରାଷ୍ଟ୍ର ନିର୍ମାଣ ଏବଂ ଗୋଷ୍ଠୀ ସଶକ୍ତୀକରଣ ପାଇଁ ପ୍ରଚଳିତ ପ୍ରତିବଦ୍ଧତାର ୮୫ ବର୍ଷର ପରମ୍ପରାକୁ ବହନ କରୁଛି।

## ଟିପିସିଓଡିଏଲ୍ ପକ୍ଷରୁ ସ୍ୱାଧୀନତା ଦିବସ



ଭୁବନେଶ୍ୱର,୧୭।୮ (ସମିସ): ଟିପିସିଓଡିଏଲ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ କର୍ପୋରେଟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ବଳିଦାନକୁ ମନେପକାଇ ଏହି ଦିବସକୁ ପାଳନ କରାଯାଇଛି। ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ କମ୍ପାନୀର ସୁରକ୍ଷାକର୍ମୀମାନେ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସିଂହ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହ ଦେଶର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ କମ୍ପାନୀର ନେତୃବୃନ୍ଦ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।

## କଳିଙ୍ଗ ଯୁବ ସେନା ଗୋଶାଳାରେ ସ୍ୱାଧୀନତା ଦିବସ




ଭୁବନେଶ୍ୱର,୧୭।୮ (ସମିସ): ପଟିଆସ୍ଥିତ କଳିଙ୍ଗ ଯୁବ ସେନା ଗୋଶାଳାରେ ପାଳିତ ହୋଇଯାଇଛି ୭୯ ତମ ସ୍ୱାଧୀନତା ଦିବସ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଅମୀୟ ଦାସ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଦେଶ ସ୍ୱାଧୀନତାରେ ଅଗଣିତ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ସହ ଦେଶ ପାଇଁ ଜୀବନ ଦେଇଥିବା ସହିଦଙ୍କର ସ୍ମୃତି ଚାରଣ କରିଥିଲେ। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ଗୋମାତାଙ୍କ ପାଇଁ ପ୍ରସ୍ତୁତ ଖେଚୁଡ଼ି ବଣ୍ଟନ ହୋଇଥିଲା। କଳିଙ୍ଗ ଯୁବ ସେନାର ପ୍ରତିଷ୍ଠାତା ଚନ୍ଦ୍ର ଶେଖର ଦାସ, ସିଦ୍ଧାର୍ଥ ଦାସ, ପୁଷ୍ପାଞ୍ଜଳି ମିଶ୍ର, ଅନୀଲ ରାଉତ ସହ ଗୋଶାଳାର ସଦସ୍ୟ ଉପସ୍ଥିତ ଥିଲେ।

# କେ ୪ 'ଆମ ବସଷ୍ଟାଣ୍ଡ' ରାସ୍ତା ଶୋଚନୀୟ



ଭୁବନେଶ୍ୱର,୧୭।୮ (ସମିସ): କଳିଙ୍ଗ ବିହାର କେ ୪ ଆମ ବସଷ୍ଟାଣ୍ଡ ରାସ୍ତା ଲୋକଙ୍କ ପାଇଁ ମରଣଜନ୍ତା ପାଲଟିଛି। ଯାହା ଫଳରେ ଏହି ରାସ୍ତାରେ ଯିବା ଆସିବା କରିବା ପାଇଁ ଲୋକମାନେ ଡରୁଛନ୍ତି। ଅନେକ ଲୋକଙ୍କ ଜୀବନ ଜୀବନରେଖା ପାଲଟିଥିବା ଏହି ରାସ୍ତା ଏବେ ଲୋକଙ୍କ ଜୀବନ ନେବାକୁ ବସିଛି। ଫଳରେ ଲୋକମାନେ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି। ଏହି ରାସ୍ତା ପାଇଁ ଅନେକ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଏହି ବସଷ୍ଟାଣ୍ଡ ରାସ୍ତା ଉପରେ କେ ୪, କେ ୫, କେ ୬ ଆଦି ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ପ୍ରାୟ ୨୫ ରୁ ୩୦ ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତା ସମ ହସ୍ପିଟାଲକୁ ସଂଯୋଗ କରିବା ସହିତ ଜାତୀୟ ରାଜପଥକୁ ମଧ୍ୟ ସଂଯୋଗ କରୁଛି। ଏଥିସହିତ କେ ୪ ହାଟ, ଜଗନ୍ନାଥ ମନ୍ଦିର, ଓମ୍‌କାରେଶ୍ୱର ମନ୍ଦିର ସହିତ ବିଭିନ୍ନ ସ୍କୁଲ୍‌କୁ ଯିବାର ମାଧ୍ୟମ ପାଲଟିଛି। କେ ୪ ଆମ ବସ ଷ୍ଟାଣ୍ଡକୁ ପ୍ରତିଦିନ ୨୪ ନମ୍ବର ବସ ଯିବା ଆସିବା କରୁଛି। ଏହି ରାସ୍ତା ଦେଇ ଅନେକ ଅଫିସର, ବ୍ୟବସାୟୀ, ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକମାନେ ମଧ୍ୟ ଯିବା ଆସିବା କରୁଛନ୍ତି। ହେଲେ ପ୍ରାୟ ୬ ମାସରୁ ଅଧିକ ଦିନ ହେଲାଣି ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ଏଥି ସହିତ ବର୍ଷା ଟିକେ ହେଲେ ଖାଲଖାମରେ ବର୍ଷା ପାଣି ଜମି ରହିବା ସହିତ ରାସ୍ତା ସଠିକ୍ ଭାବରେ ଦୃଶ୍ୟମାନ ହେଉନାହିଁ। ଯାହା ଫଳରେ ସ୍ଥାନୀୟ ଲୋକମାନେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଡ଼ମ୍ବନାର ବିଷୟ ଯେ ବିଏମ୍‌ସିକୁ ବାରବାର ଏହି ରାସ୍ତାର ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଏହି ରାସ୍ତାକୁ ନେଇ ସ୍ଥାନୀୟ ଲୋକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହିତ କେ ୪ ଅଞ୍ଚଳରେ ଥିବା ମେଡ୍ ପ୍ଲସ୍ ଔଷଧ ଦୋକାନ ରାସ୍ତା ସମେତ ଜନତା ଏଣ୍ଟରପ୍ରାଇଜେସ୍‌ରୁ ବିଡିଏର ନୂତନ ଭାବେ ନିର୍ମାଣ ଚାଲିଥିବା ବିଲ୍‌ଡିଂ ରାସ୍ତା ମଧ୍ୟ ଶୋଚନୀୟ ହୋଇ ପଡ଼ିଛି। 'ଆମେ ବାରବାର ରାସ୍ତା ସମସ୍ୟା ନେଇ ଅଭିଯୋଗ କରିସାରିଲୁଣି। ଅଫିସର ମାନେ ଆସୁଛନ୍ତି ରାସ୍ତା ଦେଖିକି ଯାଉଛନ୍ତି କିନ୍ତୁ ରାସ୍ତା ଅବସ୍ଥା ଯାହାକୁ ସେୟା ରହୁଛି' ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଏଫ୍‌ଏଫ୍‌ସି ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୧୭।୮ (ସମିସ): ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ୍ ୭୯ତମ ସ୍ୱାଧୀନତା ଦିବସ ଏନ୍-୩ ଯୁଧିଷ୍ଠିର ଦାସ ପାର୍କରେ ପାଳନ କରିଛି। ଏଥିରେ ଓଡ଼ିଶା ଓ ଛତିଶଗଡ଼ ଉଚ୍ଚନ୍ୟାୟାଳୟର ପ୍ରାକ୍ତନ ଜଷ୍ଟିସ ପ୍ରମଥ ପଟ୍ଟନାୟକ



ମୁଖ୍ୟ ଅତିଥି ଓ ଭୁବନେଶ୍ୱର ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ନିକୁଞ୍ଜ ଛୋଟରାୟ, ଆଇନଜୀବୀ ନନ୍ଦନନ୍ଦନ ଶତପଥି, ଇଂ ଅନୀଲ ତ୍ରିପାଠୀ, ବୈଷ୍ଣବ ଚରଣ ଓଝା, ସିଦ୍ଧାର୍ଥ ଚୌଧୁରୀ, ପ୍ରଦୀପ ରାଉତ, ସୌଭାଗ୍ୟ ନାୟକ, ତପସ୍ୱିନୀ ସାହୁ ପ୍ରମୁଖଙ୍କୁ ନିଜ ନିଜ କ୍ଷେତ୍ରରେ ଭଲ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ, ସମ୍ପାଦକ ସୁଧାକର ଷଡ଼ଙ୍ଗୀ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ, ଉପସଭାପତି ପ୍ରଦୀପ ପଣ୍ଡା, ଉପଦେଷ୍ଟା ପ୍ରେମାନନ୍ଦ ପୃଷ୍ଟି, ଭବାନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୁକୁର ସ୍ଥାନାନ୍ତର ରାୟକୁ ପିପୁଲ୍ସ ଫର୍ ଆନିମଲ୍ସର ବିରୋଧ

ଭୁବନେଶ୍ୱର,୧୭।୮ (ସମିସ): ପିପୁଲ୍ସ ଫର୍ ଆନିମଲ୍ସ ପକ୍ଷରୁ ରବିବାର ରାମ ମନ୍ଦିର ସାମ୍ନାରେ ଦିଲ୍ଲୀ ଏନ୍‌ସିଆରର କୁକୁର ସ୍ଥାନାନ୍ତର ରାୟକୁ ବିରୋଧ କରାଯାଇଛି। ଏହି ରାୟ ସୁପ୍ରିମକୋର୍ଟର ପୂର୍ବ ରାୟ ଏବଂ ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ପଶୁ ଜନ୍ମ ନିୟନ୍ତ୍ରଣ (ଅଧିନିୟମ) ୨୦୨୩ କୁ ଉଲ୍ଲଂଘନ କରୁଛି ବୋଲି ଦାବି କରାଯାଇଛି। ଦିଲ୍ଲୀର ଲକ୍ଷ ଲକ୍ଷ କୁକୁରଙ୍କୁ ସ୍ଥାନାନ୍ତର କରିବା ପ୍ରାୟତଃ ସମ୍ଭବ ନୁହେଁ। ଗୋଆ, ସିକିମ, ପଣ୍ଡିଚେରୀ ଭଳି ରାଜ୍ୟଗୁଡ଼ିକ କୁକୁର ବନ୍ଧ୍ୟାକରଣ ସଫଳତାର ସହ କାର୍ଯ୍ୟକାରୀ କରୁଥିବାବେଳେ ଅନ୍ୟ ରାଜ୍ୟ ବିଫଳ ହେବା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପିପୁଲ୍ସ ଫର୍ ଆନିମଲ୍ସ ସେକ୍ରେଟାରୀ ଜୀବନ ବଲ୍ଲଭ ଦାସ କହିଛନ୍ତି।

## ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ

ଭୁବନେଶ୍ୱର,୧୭।୮ (ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ଟ୍ୟାନେରୀର ଦେବାଳିଆ ଅବସ୍ଥା ଦେଖି ଏହାର ପୁନରୁଦ୍ଧାର ପାଇଁ ସହାୟତା ନିମନ୍ତେ ୫ ଫେବୃଆରୀ ୧୯୨୪ରେ ସାବରମତି ଆଶ୍ରମରେ ମହାତ୍ମାଗାନ୍ଧୀଙ୍କୁ ଭେଟି କଟକ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ମଧୁବାବୁଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦ରେ ଦୁଇଦିନିଆ ଗସ୍ତରେ ସଚିବ ମହାଦେବ ଦେଶାଇଙ୍କ ସହ କଟକ ଆସିଥିଲେ। ଗାନ୍ଧୀଙ୍କର ଏହି ଦ୍ୱିତୀୟ ଓଡ଼ିଶା ଆଗମନ ଶତବାର୍ଷିକୀ ସ୍ମୃତିରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଆଦି ଗାନ୍ଧୀ ବିଚାରର ସଙ୍ଗଠନ ପକ୍ଷରୁ ଅଗଷ୍ଟ ୧୯ରେ ଗାନ୍ଧୀ ରହିଥିବା ମଧୁକୋଠି ବା ଏବେର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସେମିନାର ଆୟୋଜିତ କରାଯାଉଛି। ୨୦ ତାରିଖ ସକାଳ ୮ଟାରେ ଐତିହାସିକ ସ୍ୱରାଜ ଆଶ୍ରମ ପରିସରରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଚରଖା ପ୍ରଦର୍ଶନୀ ଆୟୋଜିତ କରାଯିବ। ଏହିଠାରୁ ଏକ ଶାନ୍ତି ସଦ୍‌ଭାବନା ପଦଯାତ୍ରା ବାହାରି ମ୍ୟୁନିସିପାଲିଟି ପଡ଼ିଆ ହୋଇ ନେତାଜୀ ସୁଭାଷଙ୍କ ବାସଭବନରେ ପହଞ୍ଚିବ। ସନ୍ଧ୍ୟାରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ଏକ ସାଧାରଣ ସଭା ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ୍, ମିହିର ପ୍ରତାପ ଦାସ, ଜୟନ୍ତ କୁମାର ଦାସ, ବିଜୟ ତ୍ରିପାଠୀ, ହରିହର ସେନ, ପ୍ରଦୀପ୍ତ କିଶୋର ନନ୍ଦ, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

## ଜୟ ଓଡ଼ିଶାର ୧୫ତମ ରକ୍ତଦାନ ଶିବିର

ଭୁବନେଶ୍ୱର,୧୭।୮ (ସମିସ): ସାମାଜିକ ସଂଗଠନ ଜୟ ଓଡ଼ିଶା ଦ୍ୱାରା ଏହାର "ରକ୍ତଦାନ" ଯୋଜନାର ୧୫ତମ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହା କଳିଙ୍ଗ ଅଟୋମୋବାଇଲ୍ସ ଗ୍ରୁପ୍‌ର ସହଭାଗିତାରେ, ଭୁବନେଶ୍ୱରର ୟୁନିଟ୍ ୧ ସ୍ଥିତ ତାଙ୍କ କଳିଙ୍ଗ କମ୍ପ୍ଲେକ୍ସଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ କଳିଙ୍ଗ



ଅଟୋମୋବାଇଲ୍ସର ମ୍ୟାନେଜିଂ ଡାଇରେକ୍ଟର୍ ତୁତୁଲ୍ ଦାଶ ଏବଂ ସିକ୍ତା ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ମେୟର୍ ସୁଲୋଚନା ଦାଶ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ କଳିଙ୍ଗ ଅଟୋମୋବାଇଲ୍ସର କର୍ମଚାରୀମାନଙ୍କ ସମେତ ସ୍ଥାନୀୟ ଲୋକମାନେ ତଥା ୟୁନିଟ୍ ୧ ମାର୍କେଟର ବ୍ୟବସାୟୀମାନେ ମଧ୍ୟ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। କଳିଙ୍ଗ ଅଟୋମୋବାଇଲ ଗ୍ରୁପ ଭଳି ଅନ୍ୟାନ୍ୟ କର୍ପୋରେଟ ସଂସ୍ଥାମାନେ ମଧ୍ୟ ଏହି ଭଳି ରକ୍ତଦାନ କାର୍ଯ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରାଇଲେ ନିଶ୍ଚୟ ଦେଖାଦେଉଥିବା ରକ୍ତଭାବ ଧୀରେ ଧୀରେ କମିଯିବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି। ଆଗାମୀ ଅଗଷ୍ଟ ୨୩ରେ ଶୁଶ୍ରୁତ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ୧୬ତମ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।

## ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ 'ଆସ୍ଥା ଅଭିଷେକ'

ହଂସପାଳ,୧୭।୮ (ସମିସ): ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷରେ ଯୋଗଦେଇଥିବା ନୂତନ ଏମବିଏ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆସ୍ଥା ଅଭିଷେକ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗଣପତି ବିଶ୍ୱବିଦ୍ୟାଳୟ, ଗୁଜୁରାଟ ଆକ୍ରିଡେସନ, ଆସେସମେଣ୍ଟ ଏବଂ ରାଙ୍କିଂର ସିନିୟର୍ ଡାଇରେକ୍ଟର ସୁବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାନବ ସମ୍ବଳ ପରାମର୍ଶଦାତା ଡଃ ଅଶୋକ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଦକ୍ଷତା ବିକାଶର ବିଭିନ୍ନ ଦିଗ ବିଷୟରେ କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧକ୍ଷା ଡଃ ଶର୍ମିଳା ସୁବ୍ରମଣ୍ୟମ ବିବରଣୀ ପାଠ କରିଥିଲେ।




## ସାପ କାମୁଡ଼ାରେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ

ବାଲିଅନ୍ତା,୧୭।୮ (ସମିସ): ବାଲକାଟି ଫାଣ୍ଡି ପୁରଣ ପଧାନ ପଞ୍ଚାୟତ ଅଧୀନ ବୁଦ୍ଧିପଡ଼ା ଛକ ନିକଟସ୍ଥ ସାଇଶ୍ରଦ୍ଧା ସିମେଣ୍ଟ ଇଟାଭାଟିରେ ଆଜି ଜଣେ ଶ୍ରମିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧୀନ ନୂଆପଡ଼ା ଗ୍ରାମର ରମେଶ ଚନ୍ଦ୍ର ନାୟକ(୪୬)। ବାଲକାଟି ଫାଣ୍ଡି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବାଲିଅନ୍ତା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ରମେଶ ଗତ ୧୬ ତାରିଖ ଦିନ ଏଠାକୁ କାମ କରିବାକୁ ଆସିଥିଲେ। ଗତକାଲି ରାତି ପ୍ରାୟ ୨ଟାରେ ଏକ ସାପ ତାଙ୍କୁ କାମୁଡ଼ି ଥିଲା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ନୂଆସାହି ଶ୍ରୀଗଣେଶ ମହୋତ୍ସବ

# ରାମଚନ୍ଦ୍ରଙ୍କ ବେଶରେ ପୂଜା ପାଇବେ ଗଜାନନ

ଭୁବନେଶ୍ୱର,୧୭।୮ (ସମିସ):

ପାର୍ବଣର ଶୁଭାରମ୍ଭ ଗଜାନନଙ୍କ ଆବାହନରୁ ଆରମ୍ଭ ହୋଇଥାଏ। ତେଣୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଜଧାନୀରେ ଏବେ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭକରି

**୭ ଦିନ ରହିବ ମୀନା ବଜାର**

**ମନମୋହିବ ସାଂସ୍କୃତିକ କାର୍ଯ୍ୟକ୍ରମ**

ସାଜସଜ୍ଜା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏହି ପରିପେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ନୟାପଲ୍ଲୀ ନୂଆସାହି ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶ୍ରୀଗଣେଶ ମହୋତ୍ସବର ଆୟୋଜନ କରାଯାଉଛି। ଅନୁଷ୍ଠାନ ଏହାର ୪୦ ତମ ବର୍ଷରେ ପଦାର୍ପଣ କରିଛି।

ନୂଆସାହିର ଏହି ଅନୁଷ୍ଠାନ ପକ୍ଷରୁ ଏକ ନିଆରା ପ୍ରୟାସ ପୂର୍ବକ ଚଳିତ ବର୍ଷ ଶାନ୍ତିର




ବାର୍ତ୍ତା ନେଇ ପ୍ରଭୁ ରାମଚନ୍ଦ୍ରଙ୍କ ବେଶରେ ପୂଜା ପାଇବେ ଗଜାନନ। କୁହାଯାଇଛି ଯେ ଓଡ଼ିଶାର ସର୍ବବୃହତ ଗଣେଶ ପ୍ରତିମା ନିର୍ମାଣ ହେଉଛି। ଏ ନେଇ ଅନୁଷ୍ଠାନର ସାଂଗଠନିକ ସମ୍ପାଦକ ସାଗର ବଳବନ୍ତରାୟ କହିଛନ୍ତି, ଏହି ପ୍ରତିମା ସମସ୍ତଙ୍କ ମନରେ ଦେଶପ୍ରେମ, ସନାତନ ଧର୍ମ ଏବଂ ଭାଇଚାରାର ଭାବ ପରିପ୍ରକାଶ କରିବ। ସହିପରି ଏଥର ବିଶେଷ ଆକର୍ଷଣରେ ଓଡ଼ିଶାର ସର୍ବ ଉଚ୍ଚତା ବିଶିଷ୍ଟ ଗଜାନନଙ୍କ ପ୍ରତିମା ସହ ଲଡ୍ଡୁ ଭୋଗ ରହିବ। ଲୋକଙ୍କ ମନୋରଞ୍ଜନ ପାଇଁ ୭ ଦିନ ଧରି ମୀନା ବଜାର ଏବଂ ପ୍ରତ୍ୟହ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ଶିଳ୍ପୀଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବ। ପ୍ରତି ସନ୍ଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ଭସାଣି ଉତ୍ସବରେ ବିଭିନ୍ନ ପ୍ରକାର ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଆଧୁନିକ ରୋଷଣି ଲୋକଙ୍କ ମନମୋହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

୭୫ ଫୁଟ ଉଚ୍ଚତା ଓ ୫୦ ଫୁଟ ଚଉଡ଼ାର ତୋରଣ ନିର୍ମିତ ହେଉଛି। ସେଥିପାଇଁ ଚଳିତ ବର୍ଷ ପୂଜାର ବଜେଟ୍ ୨୫ରୁ ୩୦ ଲକ୍ଷ ରଖାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପାଖାପାଖି ୩ ଶହ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଦୀର୍ଘ ୨ ମାସ ଧରି ଓଲ୍ଡ ଟାଉନର ଅରୁ ମହାପାତ୍ର ଏବଂ ତାଙ୍କ ୨୫ ଜଣ ସହଯୋଗୀ ମିଳିତ ଭାବେ ପରିବେଶ ଅନୁକୂଳ ମୂର୍ତ୍ତି ନିର୍ମାଣ କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ହିମାଂଶୁ ପ୍ରଧାନ, ଉପସଭାପତି ପ୍ରଭାତ ପ୍ରଧାନ, ସରୋଜ ସାହୁ, ଶାଶ୍ୱତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ବଡଗଡ଼ରେ ମହାରାଷ୍ଟ୍ର ଲାଲ୍‌ବାଗ୍ ଗଣେଶ

ବଡ଼ଗଡ଼ ଏଥର ପୂଜା ପାଇବେ ୬୧ ଫୁଟ ଉଚ୍ଚର ମହାରାଷ୍ଟ୍ର ଲାଲବାଗ୍ ଆକୃତିର ଗଣେଶ। ଏହା ସହିତ ଗଣେଶଙ୍କ ରୁପା ପାଦ ଏବଂ ୫ ଫୁଟ ଉଚ୍ଚର ରୁପା ମୂଷିକ ବାହନ ଶୋଭା ପାଇବେ। ଚଳିତ ବର୍ଷ ପୂଜାରେ ଗଣେଶଙ୍କ ପାଖରେ ୬୧ କେଜିର ଲଡ୍ଡୁ ଭୋଗ ଦିଆଯିବ। ଆୟୋଜକ ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏସନ୍ ଓ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ



**ଆକର୍ଷଣ ସାଜିବ ରୁପାର ପାଦ, ବାହନ**

ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ଚଳିତ ବର୍ଷ ୨୫ରୁ ୩୦ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। ୭ ଦିନ ଧରି ପୂଜାକୁ ଜାକଜମକରେ ପାଳନ କରାଯିବ। ପୂଜା ମଣ୍ଡପରେ ଜର୍ମାନର ହ୍ୟାଙ୍ଗର ସେଡ୍, ମିନି ପାଗୋଡ଼ା ନିର୍ମାଣ କରାଯିବ। ବଡ଼ଗଡ଼ର ଗଣେଶ ପୂଜା ମଣ୍ଡପ, ଗ୍ରାମ ଛକରୁ କଳ୍ପନା ଛକ ଯାଏ ଆଲୋକ ମାଳାରେ ଝଲସିବ। ସେହିପରି ପୂଜା ମଣ୍ଡପରେ ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ଦର୍ଶନ ପାଇଁ ହ୍ୱିଲ ଚେୟାର ଓ ବ୍ୟାଟେରିଚାଳିତ ଗାଡ଼ିର ସୁବିଧା କରାଯାଇଛି। ପୂଜାରେ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କମିଟିର ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଠାରେ ହ୍ୟୁମାନ ସାଗର, କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସେନା, ସୁଙ୍ଘାନୀ ମହାପାତ୍ର, ବର୍ଣ୍ଣାଳି ହୋତା ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ।

## ରାଜପଥରେ ଲାଗିଥିବା ବ୍ୟାନରକୁ ନେଇ ଚର୍ଚ୍ଚା

ଚୌଦ୍ୱାର,୧୭।୮ (ସମିସ): ୫୫ନଂ ଜାତୀୟ ରାଜପଥ ମଙ୍ଗୁଳି ଛକଠାରୁ ଧୂମାବତୀ ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ କାର୍ଯ୍ୟକୁ ଆଜକୁ ୮ ବର୍ଷ ହୋଇଯିବ। ହେଲେ ଏଯାବତ୍ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡ଼ି ରହିଛି। ଯାହାଫଳରେ ଚୌଦ୍ୱାର ସହରବାସୀ ଧର୍ଯ୍ୟହରା ହୋଇ ପଡିଲେଣି। ଦୈନିକ ରାସ୍ତାରେ ଛୋଟବଡ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଅନ୍ୟପଟେ ରାସ୍ତାକାମକୁ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥାଙ୍କ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତିରେ ଅତିଷ୍ଠ ହୋଇପଡିଲେଣି ଜନସାଧାରଣ। ଗତ କିଛିଦିନ ତଳେ ରାସ୍ତା ଶେଷ କେବେ ହେବ ବୋଲି ସ୍ଥାନୀୟ ଜାଗରଣ ମଞ୍ଚର କର୍ମକର୍ତ୍ତା ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଘେରଉ କରିଥିଲେ। ଅଗଷ୍ଟ ମାସ ଶେଷ ସୁଦ୍ଧା ରାସ୍ତା କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ବର୍ତ୍ତମାନ ରାସ୍ତା କାମ ଆହୁରି ୪୦ ଶତକଡା ବାକି ପଡିଛି। ଫଳରେ ରବିବାର ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଚୌଦ୍ୱାର ସହାରାଞ୍ଚଳର ବିଭିନ୍ନ ଛକରେ ରାସ୍ତା ଓ ପରିବହନ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଓ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ତାଚ୍ଛଲ୍ୟ ଭାବେ ଲେଖାଥିବା ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଉକ୍ତ ବ୍ୟାନରକୁ କେଉଁ ଦୁର୍ବୃତ୍ତ ଚିରି ନେଇଥିବା ଜାଗରଣ ମଞ୍ଚ ସଦସ୍ୟମାନେ ନିନ୍ଦା କରିଛନ୍ତି। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଐତିହାସିକ ପାଲା ମହୋତ୍ସବ ଉଦ୍‌ଘାଟିତ



ଚୌଦ୍ୱାର,୧୭।୮ (ସମିସ): ଚୌଦ୍ୱାରରେ ଶତାଧିକ ବର୍ଷ ଧରି ସତ୍ୟନାରାୟଣ ପାଲା ସମିତି ଆନୁକୂଲ୍ୟରେ ଲଗାତାର ଆୟୋଜିତ ହୋଇଆସୁଥିବା ଐତିହାସିକ ପାଲା ମହୋତ୍ସବ ଶନିବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବଡ଼ ବଜାରସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା ମଣ୍ଡପରେ ଆୟୋଜିତ ଏହି ଉତ୍ସବକୁ ବରିଷ୍ଠ ନାଗରିକ ତଥା ମହୋତ୍ସବର ଉପଦେଷ୍ଟା ବୈକୁଣ୍ଠନାଥ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଂଧ୍ୟାରେ ପାଲାକାର ଗାୟକ ଜ୍ଞାନବାରିଧି କଳାକାର ନାୟକ ପାଲା ପରିବେଷଣ କରିଥିଲେ। ସମିତି ସଭାପତି ମନୋଜ କୁମାର ନାୟକ, ଉପସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ମଙ୍ଗରାଜ ବେହେରା, ହରେକୃଷ୍ଣ ସାହୁ, ଅଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ଏହି ମହୋତ୍ସବ ଆସନ୍ତା ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ରାଧାମାଧବ ପୂଜା କମିଟି ପକ୍ଷରୁ ନନ୍ଦ ଉତ୍ସବ



ସାଲେପୁର,୧୭।୮(ସମିସ): ଚଳିତ ବର୍ଷ ଜନାର୍ଦ୍ଦନପୁର ଗ୍ରାମର ରାଧାମାଧବ ପୂଜା କମିଟି ପକ୍ଷରୁ ନୂତନ ଭାବେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ କଳାକାର ଭଗବାନ ଶ୍ରୀକୃଷ୍ଣ, କଂସ, ଗୋପାଳ ବେଶ ଧାରଣ କରି ଗାଁ ଗାଁ ବୁଲି ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ କୃଷ୍ଣ ଭୂମିକାରେ ଓଁପ୍ରକାଶ, ବଳରାମ ଭୂମିକାରେ ଶୁଭମ୍ ସାହୁ, କଂସ ଭୂମିକାରେ ତନ୍ମୟ, ନନ୍ଦ ଭୂମିକାରେ ଚନ୍ଦ୍ରମଣି ସାହୁ, ଯଶୋଦା, ସାଇପ୍ରିୟା ଟାଙ୍ଗୁରୁ, ଜଗା, ନୀଳକଣ୍ଠ ଅଂଶଗ୍ରହଣ କରିଥିବାବେଳେ ଏହି କାର୍ଯ୍ୟକ୍ରମକୁ ରାଧାମାଧବ ମଠର ମହନ୍ତ ବିପ୍ରଚରଣ ଦାଶଙ୍କ ନେତୃତ୍ୱରେ ବିକ୍ରମ ଦାସ, ମହେନ୍ଦ୍ର ସାହୁ, ପ୍ରମୋଦ ବେହେରା, ବଳରାମ ଦାସ, ସୁବାସ କର, ସୁଧାକର ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କସିକିଆରୀ କୃଷି ସେବାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



ବଡମ୍ବା,୧୭।୮ (ସମିସ): ବଡମ୍ବା ବ୍ଲକ କସିକିଆରୀ ସେବ ସମବାୟ ସମିତିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ୨୦୨୫-୨୬ର ଶୁଭ ଉଦଘାଟନ ସହିତ ଏହାର ଅଫିସ୍ ଗୃହ, ୫୦ ମେଟ୍ରିକ୍ ଟନ୍ କ୍ଷମତା ଗୋଦାମ ଗୃହ ଏବଂ ଧାନ କ୍ରୟକେନ୍ଦ୍ର ନିମନ୍ତେ ଭିତ୍ତିଭୂମି ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଓ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ବଡ଼ମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ଆଠଗଡ଼ ଉପଖଣ୍ଡର ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସୁଶ୍ରୀ ସୁପ୍ରିୟା ସ୍ୱାଇଁ ଉପ ନିବନ୍ଧକ, ସମବାୟ ସମିତିର ସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ବବ୍ରୁ ବାହାନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜୋସ୍ନାମୟୀ ପ୍ରଧାନ ସମିତିର ସମସ୍ତ ସଭ୍ୟମାନେ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

**ତିଗିରିଆ ଥାନାରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ**

# ରାତି ୧୦ ସୁଦ୍ଧା ସରିବ ଭସାଣ, ଡିଜେ ଉପରେ କଟକଣା

ତିଗିରିଆ,୧୭।୮ (ସମିସ)



ଚଳିତ ମାସ ୨୭ ତାରିଖରେ ପାଳନ ହେବାକୁ ଥିବା ଗଣେଶ ପୂଜା ଓ ପୂଜା ପରବର୍ତ୍ତୀ ଭସାଣି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଆଜି ତିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ପୂଜା କମିଟିର ସଦସ୍ୟଙ୍କୁ ନେଇ ତିଗିରିଆ ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ପୂଜା ଓ ଭସାଣୀକୁ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ସେ ନେଇ ନିଜର ମତ ପ୍ରକାଶ କରିଥିଲେ। ଆଇଆଇସି ଶ୍ରୀ ପାଇକରାୟ ଉପସ୍ଥିତ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ରାତି ୧୦ଟା ସୁଦ୍ଧା ଭସାଣି କାର୍ଯ୍ୟକ୍ରମ ଶେଷ କରିବା, ଭସାଣିରେ ଅତିବେଶୀରେ ୫ଟି ସାଉଣ୍ଡ ବକ୍ସ ବ୍ୟବହାର, ସାଉଣ୍ଡ ବକ୍ସରେ ପପ ବ୍ୟବହାରକୁ ବାରଣ, ଭସାଣି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ଆଣିବା, ସମସ୍ତ ପୂଜା କମିଟିର ୧୫ ଜଣ ସଦସ୍ୟଙ୍କ ନାମ ଓ ଫୋନ ନମ୍ବର ଥାନାରେ ପ୍ରଦାନ କରିବା, ନିଶା ସେବନକୁ ସମ୍ପୂର୍ଣ୍ଣ ବାରଣ କରିବା, ଡିଜେ ବାଜାକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା, ଭସାଣି ସମୟରେ ଟ୍ରାଫିକ ନିୟମ ମାନିବା, ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା ଉପରେ ଧ୍ୟାନ ଦେବା, ଭସାଣିର ଦୁଇଦିନ ପୂର୍ବରୁ ବ୍ରାସ ବ୍ୟାଣ୍ଡ ପାର୍ଟିର ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଥାନାରେ ପ୍ରଦାନ କରିବା ପାଇଁ ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଥିଲେ। ଆସନ୍ତା ମାସ ୧୧ ତାରିଖ ସୁଦ୍ଧା ସମସ୍ତ ପୂଜା କମିଟି ନିଜର ଭସାଣି କାର୍ଯ୍ୟକ୍ରମକୁ ଶେଷ କରିବା ପାଇଁ ଆଇଆଇସି ଶ୍ରୀ ପାଇକରାୟ ବୈଠକରେ ଉପସ୍ଥିତ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଏହାକୁ ଅମାନ୍ୟ କଲେ ଉକ୍ତ ପୂଜା କମିଟିର ସଦସ୍ୟମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଥାନା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି। ତିଗିରିଆ ଥାନା ଏସଆଇ ପ୍ରିୟଦର୍ଶିନୀ ଇପ୍ସିତା, ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**ମର୍ଣ୍ଣିଂ ଟି ଫେଷ୍ଟ ଓ ସହଯୋଗ-ଓଡ଼ିଶା ପକ୍ଷରୁ ପୂଜ୍ୟପୂଜା**

## ପରିବେଶ ସୁରକ୍ଷା ପାଇଁ ଚକ୍ରଧର ଦାଶଙ୍କୁ ସମାଜସେବୀ ସମ୍ମାନ



ଫୁଲନଖରା,୧୭।୮ (ସମିସ): ପୂଜ୍ୟପୂଜା, ପ୍ରତିଭା ସେବା, ସାଂସ୍କୃତିକ ସାମାଜିକ ସଂଗଠନ ସହଯୋଗ-ଓଡ଼ିଶା ଓ ମର୍ଣ୍ଣିଂ ଟି' ଫେଷ୍ଟ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଅବସରରେ ପୂଜ୍ୟପୂଜା ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲନଖରାଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ-ଓଡ଼ିଶା ଓ ମର୍ଣ୍ଣିଂ ଟି ଫେଷ୍ଟର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶତାୟୁ ପାଦଦେଶରେ ଉପନୀତ ଶିକ୍ଷାବିତ୍, ଆୟୁର୍ବେଦ ଚିକିତ୍ସକ ତଥା ସମାଜସେବୀ ଚକ୍ରଧର ଦାଶ ମୁଖ୍ୟଅତିଥି, ଆଧ୍ୟାତ୍ମିକ ପ୍ରବକ୍ତା ଇଂ ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ପ୍ରମୋଦ ସ୍ୱାଇଁ, ସଦର ସ୍ୱାଭିମାନ ମଞ୍ଚର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ଦିଲ୍ଲୀପ ସ୍ୱାଇଁ, ନଳିନୀ ସେନାପତି, ସୁଶାନ୍ତ ମହାନ୍ତି, ଆଇନଜୀବୀ କବି ନାରାୟଣ ଜେନା ଓ ଦିଲ୍ଲୀପ ମହାରଣା ପ୍ରମୁଖ ଯୋଗଦେଇଥିଲେ। ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ଚକ୍ରଧର ଦାଶଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ବିଶିଷ୍ଟ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କାନନ ବିହାରୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ମନୋରଂଜନ ମହାନ୍ତି, ସୁକାନ୍ତ ସାହୁ, ରାଜକିଶୋର ବେହେରା, କୃଷ୍ଣଚନ୍ଦ୍ର ଭୋଇ, ଶରତ ବେହେରା ଓ ଟୁନା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୈଳାସଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ।

## ରେଡିଓ ସମ୍ପର୍କ ପକ୍ଷରୁ କୁଇଜ୍ ପ୍ରତିଯୋଗିତା



ନିଶ୍ଚିନ୍ତକୋଇଲି, ୧୭।୮(ସମିସ): ନିଶ୍ଚିନ୍ତକୋଇଲି ବ୍ଲକର ମୁରୁଦାବାଦଠାରେ ଥିବା ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ସମ୍ପର୍କ (୮୯.୬) ପକ୍ଷରୁ କଳମିଶ୍ରୀ ପଞ୍ଚାୟତ ସ୍ଥିତ ଅନନ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଛି। ପ୍ରତ୍ୟେକ ଶ୍ରେଣୀକୁ ଗଙ୍ଗା, ଯମୁନା ଓ ସରସ୍ୱତୀ ଗ୍ରୁପରେ ଭାଗ କରାଯାଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଙ୍ଗା ଗ୍ରୁପ ପ୍ରଥମ ସ୍ଥାନ, ସରସ୍ୱତୀ ଗ୍ରୁପ ୨ୟ ସ୍ଥାନ ଓ ଯମୁନା ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ସଭାରେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ପୌରହିତ୍ୟରେ ଏଥିରେ ବେତାର କେନ୍ଦ୍ରର ପରିଚାଳକ ଗାୟତ୍ରୀ ତ୍ରିପାଠୀ, ସହଯୋଗୀ ଶୁଭଲକ୍ଷ୍ମୀ ପଣ୍ଡା, କବିତା ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## 'କ୍ଲବ୍ ଟିଭି- ୭୪' ପକ୍ଷରୁ ସ୍ୱାଧୀନତା ଦିବସ



କଟକ,୧୭।୮ (ସମିସ): ଟାଙ୍ଗୀର ପଦ୍ମିମନୀ ବିହାର ଠାରେ ଥିବା ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ 'କ୍ଲବ ଟିଭି-୭୪' ପକ୍ଷରୁ ୭୯ତମ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନ ସଭାପତି ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂପାଦକ ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ନିମାଇଁ ମହାନ୍ତି, ଦେବେନ୍ଦ୍ର ନାୟକ, ପ୍ରଭାକର ସ୍ୱାଇଁ, ଧୂଳମଣି ସେଠୀ, ଆଶୁତୋଷ ଦ୍ୱିବେଦୀ, ପୂର୍ବତନ ସରପଞ୍ଚ ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ସାଂଗଠିକ ଆଲୋଚନା ହୋଇଥିଲା। ସଦସ୍ୟ ରମେଶ ବେହେରା ଧନ୍ୟବାଦ ଦେଇଥିଲେ।

## କୃଷ୍ଣପ୍ରସାଦ ଦାସଙ୍କ 'ସ୍ମୃତିରେ ରେଭେନ୍‌ସା' ଉନ୍ମୋଚିତ



କଟକ,୧୭।୮ (ସମିସ): ବ୍ରିଷ୍ଟି ମିଡିଆ ଆଣ୍ଡ ପବ୍ଲିସିଂ ହାଉସ୍ ପକ୍ଷରୁ ବରିଷ୍ଠ ସାମ୍ବାଦିକ କୃଷ୍ଣପ୍ରସାଦ ଦାସଙ୍କ ରଚିତ ଉପନ୍ୟାସ "ସ୍ମୃତିରେ ୍ରେଭେନ୍‌ସା' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କୃଷ୍ଣପ୍ରସାଦଙ୍କ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ଏହି ପୁସ୍ତକ ଦୁଇ ବର୍ଷ ପୂର୍ବରୁ ଲେଖା ହୋଇଥିଲେ, ରେଭେନ୍‌ସା ନାମ ପରିବର୍ତ୍ତନ ପ୍ରସଙ୍ଗ ଉଠି ନ ଥାନ୍ତା ବୋଲି କହିଥିଲେ। ବ୍ରିଷ୍ଟି ମିଡିଆ ପକ୍ଷରୁ ହୋଟେଲ ଶୀତଲରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଖ୍ୟାତନାମା ସାହିତ୍ୟିକ ଡକ୍ଟର ବିଭୂତି ପଟ୍ଟନାୟକ ଆଭାସୀ ମାଧ୍ୟମରେ ପ୍ରକାଶିକା ଓ ଲେଖକଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶିବ୍ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଡ. ପ୍ରଭାତ କୁମାର ମିଶ୍ର, ଡ. ନଟବର ଶତପଥୀ, ଡ. ସୁଶାନ୍ତ ଦାସ, ଡ. ସୁଲୋଚନା ଦାସ, ଡ. ବିଜୟାନନ୍ଦ ସିଂହ, ରେଭେନ୍‌ସାର ପୂର୍ବତନ ଛାତ୍ର ସଂସଦ ସଭାପତି ତପନ କୁମାର ମିଶ୍ର ପ୍ରମୁଖ ରେଭେନ୍‌ସାର ଅତୀତର ସ୍ମୃତି ବଖାଣି ଥିଲେ। ବ୍ରିଷ୍ଟି ମିଡିଆ ଆଣ୍ଡ ପବ୍ଲିସିଂ ହାଉସ୍ ପ୍ରକାଶିକା ଡ. ପ୍ରଜ୍ଞା ପାରମିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ପ୍ରକାଶନ ସଂସ୍ଥାର ଆଭିମୁଖ୍ୟ ବିଷୟରେ କହିଥିଲେ। ଉତ୍ସବରେ ଔପନ୍ୟାସିକ କୃଷ୍ଣପ୍ରସାଦ ଦାସ ଲେଖକୀୟ ଅଭିବ୍ୟକ୍ତିରେ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ସହ ନବେ ଦଶକର ରେଭେନ୍ସାର ଚିତ୍ର ଓ ଚରିତ୍ର ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଦାସ ଓ ସୁରପ୍ରଭା ପଟ୍ଟନାୟକ ପୁସ୍ତକ ଉନ୍ମୋଚନରେ ସହାୟତା କରିଥିଲେ। ଶିକ୍ଷାବିତ ଡ. ଶୁଭଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ। ସମାରୋହରେ ରେଭେନ୍‌ସା କଲେଜର ବହୁ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ପୂର୍ବତନ ଛାତ୍ରଛାତ୍ରୀ, ସହରର ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ପିପି କଲେଜରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ

ନିଶ୍ଚିନ୍ତକୋଇଲି,୧୭।୮ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ହରଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ତରୁଲତା ଦେବୀଙ୍କ ପୌରହିତ୍ୟରେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ +୩ ଡ଼ିଗ୍ରୀ ମହାବିଦ୍ୟାଳୟର କଳା ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ, ଏନ୍‌ଏସ୍‌ଏସ୍ ଓ ଆଇଆରସିର ସ୍ୱେଚ୍ଛାସେବୀ, ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀମାନେ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବଡ଼କ୍ଷୀର, ଗୋପପୁର ଗ୍ରାମ ଏବଂ ନିଶ୍ଚିନ୍ତକୋଇଲି ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପଦ୍ମଲୋଚନ ରାଉତ, ଡ. ଅଲେଖ ସାମଲ, ପ୍ରଶାନ୍ତ ଭାରତୀ, ଅମରିଶ ସ୍ୱାଇଁ, ଅଧ୍ୟାପକ ପଦ୍ମପ୍ରଭା ସ୍ୱାଇଁ, ସ୍ନେହାଶିଷ କର, ପ୍ରୀତିଶ ଦାସ, ସରୋଜ ସାହୁ, ଯୁଗାନ୍ତର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




**ସାଇନାପ୍ସ କୁଇଜ-୨୦୨୫**

# ଇଂରାଜୀରେ ଡିଏଭି ସିଡିଏ, ଓଡ଼ିଆରେ ରଘୁନାଥଜୀଉ ବିଜେତା




କଟକ,୧୭।୮ (ସମିସ): ଟିମ୍ କୁଇଜାର୍ଡ ଓ ଟିମ ହ୍ୱାଇଟ କାନଭାସ ମିଳିତ ଆନୁକୂଲ୍ୟରେ ସର୍ବବୃହତ ଆନ୍ତଃ ବିଦ୍ୟାଳୟ କୁଇଜ ପ୍ରତିଯୋଗିତା "ସାଇନାପ୍ସ ୨୦୨୫' ୯ମ ସଂସ୍କରଣ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରିଲ୍ୟୁଡ଼ର ସତ୍ୟବ୍ରତ ରଥ, ଡମ୍ବରୁର ପ୍ରତିଷ୍ଠାତା ସମ୍ୟକ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟିମ କୁଇଜାର୍ଡର ସିଦ୍ଧାର୍ଥ, ପ୍ରୀତିମାନ, ମନଶ୍ୱେତା, ଶାନ୍ତନୁ, ଅଭିଷେକ ଏବଂ ଅଂଶୁ ତଥା ୩୭ ଜଣ ଆୟୋଜକ କମିଟିର କର୍ମକର୍ତ୍ତା ଇନ୍ଦ୍ରନିଲ, ଶତାବ୍ଦୀ, ପ୍ରତୀକ, ଅଲିଭା, ମୃତ୍ୟୁଞ୍ଜୟ ଇତ୍ୟାଦି ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପୁରସ୍କାର ବିତରଣରେ ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଡ. ନିର୍କେଶ ଶର୍ମା, ପ୍ରିନ୍ସିପାଲ, ନାଳନ୍ଦା ପବ୍ଲିକ ସ୍କୁଲ, ଡ. ପ୍ରଭୁଚରଣ ମହାନ୍ତି ଅଧ୍ୟକ୍ଷ, ଏସ୍‌ଏସ ଆସୋସିଏଟ୍ସ ଯୋଗଦେଇଥିଲେ। ଏହି କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସାଇ ପ୍ରତୀକ ସାହୁ ଏବଂ ରାଜଲକ୍ଷ୍ମୀ ଘଡେଇ (ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟ) ଦ୍ୱିତୀୟ ସ୍ଥାନ ତଥା ଶ୍ରେଷ୍ଠ ବାଳିକା ଦଳ ସ୍ଥାନ ଅଧିକାର କରିଥିଲେ ନୂଆବଜାର ଅସୀମା ବରାଳ ଏବଂ ଅମ୍ରିତା ଗୁରୁ ଏବଂ ତୃତୀୟ ସ୍ଥାନରେ ରହିଥିଲେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ସୋମପ୍ରୟାସ ମହାରଣା ଏବଂ ସାଇ ସତ୍ୟଜିତ ସାହୁ।

ଇଂରାଜୀ କୁଇଜ୍ ପ୍ରତିଯୋଗିତାରେ ଡିଏଭି ପବ୍ଲିକ ସ୍କୁଲ, ସିଡିଏର ସ୍ୱରିତ୍ କୁମାର ସ୍ୱାଇଁ ଏବଂ ଅଙ୍କିତ କୁମାର ସ୍ୱାଇଁ ଚାମ୍ପିଅନ ହୋଇଥିବା ବେଳେ ପ୍ରଥମ ରନର ଅପ୍ ହୋଇଥିଲେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଦ୍ୱେୟା ଷଡ଼ଙ୍ଗୀ ଏବଂ ସ୍ୱସ୍ତିକା ମିଶ୍ର। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଆଦେଶ ମହାନ୍ତି ଏବଂ ପ୍ରାଂଶୁ ପୃଷ୍ଟି ଦ୍ୱିତୀୟ ରନର୍ ଅପ୍ ରହିଥିଲେ। ଶ୍ରେଷ୍ଠ ବାଳିକା ଦଳ ଭାବେ ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍ -୮ ସ୍କୁଲର ସୁଶ୍ରୀ ସୁରଭି ଓ ସହସ୍ରା ସୁଶାନ୍ତ ପଢ଼ିଆରୀ ପୁରସ୍କାର ଅର୍ଜନ କରିଥିଲେ। ଏହି କୁଇଜ୍‌ର ଆୟୋଜନକୁ ସମସ୍ତ ଅତିଥିମାନେ ପ୍ରଶଂସା କରିଥିବାବେଳେ ଆଗାମୀ ଦିନରେ ଏହାକୁ ଜାତୀୟସ୍ତରକୁ ନେବାକୁ ପ୍ରସ୍ତାବ ଦେଇଥଲେ। ଟିମ୍ ହ୍ୱାଇଟ କାନଭାସ୍‌ର ଉଲ୍ଲାସ ଚନ୍ଦ୍ର ବେଉରା, ସାରଳା ପ୍ରସାଦ ମିଶ୍ର, ଜ୍ଞାନରଞ୍ଜନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକ ହଜାରରୁ ଊର୍ଦ୍ଧ୍ୱ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଏଥିରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## 'ଟେଟ୍ରା' ପରିସରରେ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ



ଟାଙ୍ଗୀ,୧୭।୮ (ସମିସ): ଶିକ୍ଷାଗତ ଯୋଗ୍ୟତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା। ଉକ୍ତ ଅଭିଜ୍ଞତା ଆଧାରରେ ସୁଖୀ ତଥା ସୁସ୍ଥ ସମାଜ ଗଠନ ସମ୍ଭବ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ତଥା କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପରିସରରେ ରବିବାର ଆୟୋଜିତ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ବାବା ସତ୍ୟାନନ୍ଦ ଦାସ ମହାରାଜ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ସୁରେନ୍ଦ୍ର ନାଥ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ସହ ବରେଣ୍ୟ ଅତିଥି ତଥା ପ୍ରାକ୍ତନ ବିଧାୟକ ଧର୍ମାନନ୍ଦ ବେହେରା, ସମ୍ମାନୀତ ଅତିଥି ସମାଜସେବୀ ବିଚିତ୍ରାନନ୍ଦ ସ୍ୱାଇଁ, ଶିକ୍ଷାବିତ ତାପସ ମଲ୍ଲିକ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ଦୟାନିଧି ସାହୁ, ସଦସ୍ୟ ବିଭୁତି ଭୂଷଣ ସାହୁ, ପ୍ରସନ୍ନ ଜେନା, ଭୀମସେନ ମହାନ୍ତି, ଭାଗ୍ୟଧର ସେଠୀ, ଧିରେନ୍ଦ୍ର ଜେଠୀ ଓ ଅଜୟ ସାହୁଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ପ୍ରବଚନ ଓ ଭଜନ ସନ୍ଧ୍ୟାରେ ଅଂଶଗ୍ରହଣ କରିଥିଲେ। ଟେଟ୍ରାହେଡ୍ରନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ଧନ୍ୟବାଦ ପ୍ରଦାନ ପୂର୍ବକ ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ଅମନ ବେଉରା ଓ ଟେଟ୍ରା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କଟକ ସିଟି



## ବାରବାଟୀ ବଞ୍ଚାଅ ଅଭିଯାନ ଆରମ୍ଭ



**କଟକ, ୧୭।୮ (ସମିସ):** କଟକ ଐତିହ୍ୟ ପଦଯାତ୍ରା ପକ୍ଷରୁ ଆବାହକ ଡକ୍ଟର ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ ବାରବାଟୀ ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଉଦ୍ୟମରେ ସିଲଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ, ରିଶରଜେଣ୍ଟ କଟକ, ସ୍ୱପ୍ନ ଫାଉଣ୍ଡେସନ, ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ, ମଧୁ ସ୍ମୃତି ସୁରକ୍ଷା ମଞ୍ଚ, ଅନ୍ତରଙ୍ଗ କଳିଙ୍ଗ, ହେଲ୍ପ ଦ ହ୍ୟୁମାନିଟି, ସୁଭାଷ ସଂଗଠନ, ଆଇନଜୀବୀ ମଞ୍ଚ ଏବଂ ଐତିହ୍ୟ ପ୍ରେମୀ ବୁଦ୍ଧିଜୀବୀମାନେ ସାମିଲ ହୋଇ ବାରବାଟୀ ଦୁର୍ଗ ପରିସରରେ ଦେଶର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରିବା ସହିତ ବାରବାଟୀ ଦୁର୍ଗର ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରଖିବାକୁ ଶପଥ ନେଇଥିଲେ। ଧ୍ୟାନ ଆକର୍ଷଣ କରାଯାଇଥିବା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ନିରବ ପ୍ରତିବାଦ ଜାରି ରହିବ ବୋଲି ସ୍ଥିର ହୋଇଥିଲା। ପତାକା ଉତ୍ତୋଳନ କରି ପ୍ରଫେସର ଡକ୍ଟର କନିଷ୍କ ଦାସ ଦେଶପ୍ରେମୀ ହେବା ସହିତ ସଂସ୍କୃତି ଓ ଐତିହ୍ୟପ୍ରେମୀ ହେବାକୁ ସମବେତ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ। ମଧୁ ସ୍ମୃତି ସୁରକ୍ଷା ମଞ୍ଚର ଆବାହକ ସନ୍ତୋଷ ମହାରଣା, ଡକ୍ଟର ବିଶ୍ୱଜିତ ମହାନ୍ତି, ରାଜା ପରିଜା, ଡକ୍ଟର ହେମନ୍ତ କୁମାର ପରିଡ଼ା, ଚନ୍ଦ୍ରଭାନୁ ମିଶ୍ର, ମନୋଜ କୁମାର ପତି, ହିତେଶ ସେଠ୍, ଜୟନ୍ତ ସିଂହ, କବିତା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାକେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ପାର୍ବଣ ପ୍ରସ୍ତୁତି ବୈଠକ

# ପାର୍ବଣ ପୂର୍ବରୁ ରାସ୍ତାଘାଟ ମରାମତିକୁ ଗୁରୁତ୍ୱ

କଟକ, ୧୭।୮ (ସମିସ)



ବିଦ୍ୟାଧରପୁର ପୂଜା କମିଟି ଆନୁକୂଲ୍ୟରେ ଦ୍ୱାରିକାମୟୀ ସାଇ ମନ୍ଦିରଠାରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କମିଟିର ସଭାପତି ବିଜୟ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପାର୍ବଣକୁ ସଫଳ କରିବା ନିମନ୍ତେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ବୈଠକରେ ପୂର୍ବାଞ୍ଚଳ ଶାନ୍ତି କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ରହି ଅନେକ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଶାରଦୀୟ ପାର୍ବଣ ଉତ୍ସବ ପାଳନ କରାଯିବ। ଏକାଦଶୀ ତିଥି ତଥା ଅକ୍ଟୋବର ୩ ତାରିଖରେ ଭସାଣୀ ଉତ୍ସବ ପାଳନ କରାଯିବ। ଭସାଣି ଉତ୍ସବ ଦିନ ପୂର୍ବାଞ୍ଚଳ ସ୍ଥିତ ସମସ୍ତ ମେଢ଼ ଶୋଭାଯାତ୍ରା ଦିବା ୧୧ ସୁଦ୍ଧା ନିଜ ଅଞ୍ଚଳ ପରିକ୍ରମା ସାରି ମୁଖ୍ୟ ରାସ୍ତାରେ ସାମିଲ ହେବା ପାଇଁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା। ଚଳିତ ବର୍ଷ ପୂର୍ବାଞ୍ଚଳ ସ୍ଥିତ ସମସ୍ତ ପୂଜା କମିଟିର ଭସାଣି ଶୋଭାଯାତ୍ରାକାରୀମାନେ ନିଶା, ମାଦକ ଦ୍ରବ୍ୟ ସେବନ ନକରି ନିଶାମୁକ୍ତ ଶୋଭାଯାତ୍ରା ବାହାର କରିବେ ବୋଲି ନିଷ୍ପତ୍ତି ହୋଇଛି। ପୂର୍ବାଞ୍ଚଳ ଶାନ୍ତିକମିଟି ଅନ୍ତର୍ଗତ ସମସ୍ତ ପୂଜା କମିଟି ଟାଟା ପାୱାରକୁ ପୂର୍ବରୁ ବିଦ୍ୟୁତ ସେବା ନିମିତ ଯେଉଁ ଅର୍ଥ ପ୍ରଦାନ କରିଥିଲେ ଚଳିତ ବର୍ଷ ମଧ୍ୟ ସେହି ପରିମାଣ ଅର୍ଥ ଦାଖଲ କୁହାଯାଇଥିଲା। ତୋରଣ ଓ ସାଂସ୍କୃତିକ ମଞ୍ଚ ନିର୍ମାଣ ନିମିତ୍ତ କଟକ ମହାନଗର ନିଗମରେ ଦାଖଲ ଅର୍ଥ ପରିମାଣକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ କରାଯାଉ ବୋଲି ଦାବି ହୋଇଥିଲା। ରାସ୍ତାଘାଟ ମରାମତି, ବିଦ୍ୟୁତ୍ ତାର ଏବଂ ଗଛ ଡାଳ ମେଢ଼ ଯିବାରେ ଯେମିତି ପ୍ରତିବନ୍ଧକ ସୃଷ୍ଟି ନ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ପୂର୍ବାଞ୍ଚଳ ଅନ୍ତର୍ଗତ ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ପରିଚୟପତ୍ର, ଗାଡ଼ି ପାସ୍ ପୂର୍ବ ବର୍ଷ ଭଳି ଯୋଗାଇ ଦେବାକୁ ନିବେଦନ କରାଯାଇଥିଲା। ଏତଦବ୍ୟତୀତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଉପସ୍ଥାପନ ହୋଇଥିଲା। ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ମେୟର ସୁବାସ ସିଂହ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର, ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ, ବିଭିନ୍ନ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଡାକ୍ତରଙ୍କୁ ଠକେଇ; ଅଭିଯୁକ୍ତ ଗିରଫ

**କଟକ, ୧୭।୮ (ସମିସ):** ମଙ୍ଗଳାବାଗ ଥାନା ଏସ୍‌ସିବି ମେଡିକାଲର ଡାକ୍ତର ବିକାଶ ରଞ୍ଜନ ପତି ଠକେଇର ଶିକାର ହୋଇଛନ୍ତି। ସେ ଦେଶ ବାହାରକୁ ଯିବାକୁ ଚାହୁଁଥିବା ବେଳେ ନିଜର ପାସ୍‌ପୋର୍ଟ ପ୍ରସ୍ତୁତ କରିବା ଲାଗି ଚାହୁଁଥିଲେ। ଏହି ସମୟରେ ଜଣେ ଠକ ଏଜେଣ୍ଟ ହାବୁଡରେ ପଡ଼ି ଠକେଇର ଶିକାର ହୋଇଛନ୍ତି। ଅଭିଯୁକ୍ତ ନୟାପଲ୍ଲୀ ଥାନା ସନ୍ତୋଷ ସ୍ୱାଇଁ ଓରଫ୍ ବାପୁ(୩୨)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଡାକ୍ତର ବିକାଶ ତାଙ୍କ ବନ୍ଧୁମାନଙ୍କ ସହିତ ବିଦେଶ ଗସ୍ତ କରିବାକୁ ଚାହୁଁଥିଲେ। ପାସପୋର୍ଟ ପାଇଁ ବାପୁ ସହିତ ଯୋଗାଯୋଗ ହୋଇଥିଲା। ଅଭିଯୁକ୍ତ ନିଜକୁ ଭୁବନେଶ୍ୱର ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟର ଏଜେଣ୍ଟ ଭାବରେ ପରିଚୟ ଦେଇ ୪୦ହଜାର ୪୦୦ଟଙ୍କା ନେଇଥିବା ବେଳେ ପାସପୋର୍ଟ କରାଇ ନଥିଲା। ଥାନାରେ ମାମଲା ହେବା ପରେ ପୁଲିସ ଭୁବନେଶ୍ୱରରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଛି।




### ଏସ୍‌ସିବିରେ ପାଣି ସମସ୍ୟା

## ରୋଗୀ-ସମ୍ପର୍କୀୟ ଡହଳବିକଳ

**କଟକ, ୧୭।୮ (ସମିସ):** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସସିବି)ର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ପାଣି ପିଇବାକୁ ଡହଳ ବିକଳ ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ। ବିଭାଗ ପରିସର ଓ ବାହାରେ ଥିବା ପାଣି ମେସିନ ରହିଛି ସତ ହେଲେ ଏଥିରୁ ପାଣି ବାହାରୁନି। ଫଳରେ ପାଣି ବୁନ୍ଦେ ପାଇ ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଏଣେତେଣେ ଧାଉଁଥିବା ଦେଖିବାକୁ ମିଳିଛି। ତେବେ ରାଜ୍ୟସରକାର ସରକାରୀ ମେଡିକାଲରେ ଭିତ୍ତିଭୂମି ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଉଥିବାବେଳେ ଏସସିବି ଭଳି ସର୍ବବୃହତ ମେଡିକାଲରେ ଏଭଳି ଅବ୍ୟବସ୍ଥା ଯୋଗୁଁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ପାଣି ବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷ ଏହି ଦିଗରେ କୌଣସି ଧ୍ୟାନ ଦେଇ ନ ଥିବା ସ୍ପଷ୍ଟ ବାରି ହୋଇଯାଇଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ମୋବାଇଲ୍ ଚୋର ଗିରଫ

**କଟକ, ୧୭।୮ (ସମିସ):** ସିଆରଆରଆଇ ଥାନା ପୁଲିସ ଏକ ମୋବାଇଲ ଚୋରି ଘଟଣାର ତଦନ୍ତ କରିବା ସମୟରେ ଜଣେ ଅଭିଯୁକ୍ତ ଗାନ୍ଧୀପଲ୍ଲୀ ଅଞ୍ଚଳର ଅଜୟ ମହାରଣା(୨୮)କୁ ଗିରଫ କରି କୋର୍ଟଚାଲାଣ କରିଛି। ଗାନ୍ଧୀପଲ୍ଲୀରେ ରହୁଥିବା ବିଜୟ ଜେନା ଘରର କବାଟ ଖୋଲାରଖି ଏକ କାମରେ ବ୍ୟସ୍ତ ରହିଥିଲେ। ଅଜୟ ତାଙ୍କ ଘରେ ପଶି ମୋବାଇଲ ଚୋରାଇ ନେଇଥିଲା। ଏପଟେ ମୋବାଇଲ ନ ପାଇ ବିଜୟ ଥାନାରେ ଏତଲା ଦେଇଥିଲେ। ଘଟଣାରେ ଅଜୟ ସମ୍ପୃକ୍ତି ନେଇ ଜଣାପଡ଼ିଥିଲା। ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଂକରି ତାକୁ ଗିରଫ କରିଥିଲା। ତା'ନାମରେ ପୂର୍ବରୁ ସଂଖ୍ୟାଧିକ ମାମଲା ରହିଥିବା ତଦନ୍ତରୁ ବେଳେ ଜଣାପଡ଼ିଛି।

## ଅଟୋ ଧକ୍କାରେ ଜଣେ ଗୁରୁତର

**କଟକ, ୧୭।୮ (ସମିସ):** ଅଟୋ ଚାଳକମାନଙ୍କ ବେପରୁଆ ଗାଡିଚାଳନା ପାଇଁ କାଠଯୋଡ଼ି ରିଂବନ୍ଧରେ ରବିବାର ଏକ ଦୁର୍ଘଟଣା ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି। ବିଡ଼ାନାସୀ ଗୋପାଳସାହିର ସାନ୍ତୁନକୁମାର ସ୍ୱାଇଁ ଏକ ନୂଆଗାଡିକୁ ମଧୁପାଟଣା ଥାନାଞ୍ଚଳରେ ଥିବା କମ୍ପାନୀରେ ସର୍ଭିସିଂ କରିବା ପରେ କାଠଯୋଡ଼ି ରିଂବନ୍ଧ ଦେଇ ଘରକୁ ଫେରୁଥିଲେ। ଅପରାହ୍ଣ ପ୍ରାୟ ୩ଟା ୪୫ରେ ପୁରୀଘାଟ ଥାନା ନିକଟରେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ମାଲବୋଝେଇ ଅଟୋ ତାଙ୍କୁ ଧକ୍କାଦେଇ ପଳାଇଥିଲା। ସାନ୍ତୁନ ଛିଟିକି ପଡ଼ିବା ସହ ଗାଡିଟିର ଅର୍ଦ୍ଧାଧିକ ଅଂଶ ଭାଙ୍ଗିରୁଜି ଯାଇଛି। ଚିକିତ୍ସିତ ହେବାପରେ ସାନ୍ତୁନ ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ତଦନ୍ତ ଜାରି ରହିଥିବା ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କଟକ, ୧୭।୮ (ସମିସ):** ବାଲୁ ବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁଙ୍କ ଦ୍ୱାରା ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତୀ ଛାତ୍ରୀଙ୍କ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଫଟୋ ସାମ୍ବାଦିକ ସରୋଜ ମଲ୍ଲିକ ଯୋଗଦେଇଥିଲେ। ସମାଜସେବୀ ତଥା ଉପର ତେଲେଙ୍ଗା ବଜାର ପୂଜା କମିଟି ସହ ସମ୍ପାଦକ ସମ୍ପଦ ମଲ୍ଲିକ, ସୟଦ କାଶୀଫୁଲ ଇସଲାମ (ସିଆରସିସି), ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ସୁନିତା ନାୟକ, ପ୍ରୀତି ଦାସ, ମଧୁସ୍ମିତା ମଲ୍ଲିକ, ଅନ୍ନପୂର୍ଣ୍ଣା ମହାରଣା, ମିନତୀ ସାହୁ ଓ ନିହାରିକା ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ ଶିବାନୀ ବାରିକ, ପ୍ରିୟଙ୍କା ସେଠି, ପୂର୍ଣ୍ଣମାସୀ ବେହେରା, ଆୟେଶା ମହାରଣା ଓ ଅଙ୍କିତା ଜେନାଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଦୁଇଜଣ ପୁରାତନ ଛାତ୍ରୀ ଶୁଭସ୍ମିତା ସିଂ ଓ ସତ୍ୟରୂପା ବେହେରାଙ୍କୁ ମଧ୍ୟ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ବେହେରା ଧନ୍ୟବାଦ ଦେଇଥିଲେ।



## କ୍ରିଷ୍ଣା ମହାନ୍ତି ପାଇବେ ସରଳା ଦେବୀ ସ୍ମୃତି ସମ୍ମାନ

**କଟକ, ୧୭।୮ (ସମିସ):** ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସମାଜସେବୀ କ୍ରିଷ୍ଣା ମହାନ୍ତି ୨୦୨୫ ମସିହାର ମର୍ଯ୍ୟାଦାଜନକ 'ସରଳା ଦେବୀ ସ୍ମୃତି ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ଏହି ସମ୍ମାନ ଆଗାମୀ ୧୯ ତାରିଖ ମଙ୍ଗଳବାର ସନ୍ଧ୍ୟାରେ କଟକର ସାରଳା ଭବନ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଥିତଯଶା ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ସମାରୋହରେ ଶ୍ରୀମତୀ ମହାନ୍ତିଙ୍କୁ ପ୍ରଦାନ କରାଯିବ। ସାରସ୍ୱତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାରସ୍ୱତ ସାଧିକା ଅଧ୍ୟାପିକା ଡକ୍ଟର ମୌସୁମୀ ପରିଡ଼ାଙ୍କୁ 'ସରଳା ଦେବୀ ସାରସ୍ୱତ ସମ୍ମାନ' ଦିଆଯିବ ବୋଲି ସଂସଦର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

## ଫସଲ ପରିସଂଖ୍ୟାନର ଉନ୍ନତି ନିମନ୍ତେ ବାର୍ଷିକ ତାଲିମ ଶିବିର



**କଟକ, ୧୭।୮ (ସମିସ):** କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ(ପରିସଂଖ୍ୟାନ) କଟକଙ୍କ ସମ୍ମିଳନୀ କକ୍ଷରେ ପରିସଂଖ୍ୟାନର ଉନ୍ନତି ନିମନ୍ତେ ଏକ ବାର୍ଷିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଫସଲ ପରିସଂଖ୍ୟାନରେ ଉନ୍ନତି ହେଉଛି କ୍ଷେତ୍ର ଏକତ୍ରିକରଣ, ଉତ୍ପାଦନ ଆକଳନରେ ତ୍ରୁଟି ଖୋଜିବା ଓ ସଂଶୋଧନ କରିବା। ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଧାନ ଏବଂ ଅନ୍ୟାନ୍ୟ ୧୩ଟି ଅନୁସୂଚିତ କ୍ଷୁଦ୍ର ଫସଲର ଉତ୍ପାଦନ ଓ ଆକଳନ ସହିତ ଗଣନା ପାଇଁ ଏଷ୍ଟାବ୍ଲିସ୍‌ମେଣ୍ଟ୍ ଅଫ୍ ଆନ୍ ଏଜେନ୍ସି ଫର୍ ରିପୋର୍ଟିଂ ଅଫ୍ ଏଗ୍ରିକଲଚର୍ ଷ୍ଟାଟିଷ୍ଟିକ୍(ଇଏଆର୍‌ଏଜେ) ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ବିଭିନ୍ନ ଯୋଜନା ଅଧିନରେ ଚାଷୀଙ୍କୁ ସାମିଲ୍ କରି ଶସ୍ୟବାଟ ପ୍ରକ୍ରିୟା ସତର୍କତାର ସହ ସୀମିତ ସମୟ ମଧ୍ୟରେ କରିବା ଆବଶ୍ୟକ। କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାର ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ଓ ପରିସଂଖ୍ୟାନ ଅଧିକାରୀମାନେ ଯୋଗ ଦେଇଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ଏବଂ ସହକାରୀ ନିର୍ଦ୍ଦେଶକ ରଙ୍କନିଧି ନାୟକ ତାଲିମ ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ସହକାରୀ ନିର୍ଦ୍ଦେଶିକା ଗୀତା ରାୟ ଧନ୍ୟବାଦ ଦେଇଥିଲେ। ଉପବିଭାଗ ଅଧିକାରୀ ଭାଗବତ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଟକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ



### ଗୁଣନିଧି ଭବନ

**କଟକ, ୧୭।୮ (ସମିସ):** ଗୁଣନିଧି ଭବନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ମହାସମାରୋହ ପାଳିତ ହୋଇଯାଇଛି। କଟକ ଥୋରିଆ ସାହିସ୍ଥିତ ଗୁଣନିଧି ଭବନରେ ଉତ୍କଳ ଖଦୀ ମଣ୍ଡଳର ସଭାପତି ବିଶିଷ୍ଟ ଗାନ୍ଧୀବାଦୀ ଆଇନଜୀବୀ ବୈଷ୍ଣବ ଚରଣ ଦାସ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରମା ଦେବୀ ଗୁରୁ ବିଦ୍ୟା ମନ୍ଦିରର ୫୦ରୁ ଊର୍ଦ୍ଧ୍ୱ ଶିଶୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱାଧୀନତା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ନପୂର୍ଣ୍ଣା ସାହୁ, ରବୀନ୍ଦ୍ର ମହାନ୍ତି, ଡ. ବିଶ୍ୱଜିତ ରାୟ, ରମାକାନ୍ତ ପରିଜା, ଅରବିନ୍ଦ ବର୍ମା, ଇନ୍ଦୁମତୀ ସାହୁ, ପ୍ରଣୟ ଦାସ, ସ୍ନେହାଂଶୁ ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ବିରଞ୍ଚି ନାରାୟଣ ଗାଆଣ, ମାଳତୀ ଦେବୀ ଯୋଗଦେଇଥିଲେ। ଶେଷରେ ରମାଦେବୀ ଶିଶୁ ବିଦ୍ୟାଳୟର ଓ ସାଧାରଣ ଜନତାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ନୂଆବଜାର ସେଣ୍ଟ ଜାଭିୟର୍ସ ସ୍କୁଲ

ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ ଜି.ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି ଓ ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତ ମସଲାର ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ସ୍ୱର୍ଣ୍ଣିମ ଭାରତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନାଗରିକମାନେ ସ୍ୱାବଲମ୍ବୀ ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟର କର୍ପୋରେଟ ମୁଖ୍ୟ ସମ୍ୟକ ମହାନ୍ତି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନ ଭାରତର ବିକାଶଯାତ୍ରାକୁ ବଜାୟ ରଖିବା ନିମନ୍ତେ ଛାତ୍ରଛାତ୍ରୀମାନେ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣରେ ପ୍ରକୃତ ସ୍ୱାଧୀନତାର ମର୍ମ ବୁଝାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା, ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



### ବିଡାନାସୀ ପଥଚାରୀ ସଂଘ



ବିଡାନାସୀ ପଥଚାରୀ ସଙ୍ଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବିଶିଷ୍ଟ କବି ଶୈଳଜ ରବି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଘର ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡାକ୍ତର ପ୍ରସନ୍ନ କୁମାର ନାୟକ, ମହେନ୍ଦ୍ର କୁମାର ପଟ୍ଟନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ଡ. ବିଷ୍ଣୁଚରଣ ସାହୁ, ଜ୍ଞାନରଞ୍ଜନ ଦାସ, ସବିତା ରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ଦାସ, ରମେଶଚନ୍ଦ୍ର ବିଶ୍ୱାଳ, ମିଲୋନିକା ମହାନ୍ତି, ଶ୍ରୀଧର ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ

ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜସ୍ୱ ପର୍ଷଦର ଅତିରିକ୍ତ ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, କଟକ ତଥା ଭାଗ ଭାରପ୍ରାପ୍ତ ନିବନ୍ଧନ ମହାନିରୀକ୍ଷକ ସୁମିତା ସରକାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତସୀ ଦାସ, ଅତିରିକ୍ତ ସଚିବ ବରେନ୍ଦ୍ର ଧଳ, ଅନିତା ପାତ୍ର, ବସନ୍ତ କୁମାର, ଯୁଗ୍ମ ସଚିବ ଶଶାଙ୍କ ଶେଖର ମିଶ୍ର, ଅନୁସଚିବ ଅରବିନ୍ଦ ସ୍ୱାଇଁ, କୋର୍ଟ ଅଫିସର ଜର୍ମନ ଟୁଡୁ, ବରିଷ୍ଠ ବ୍ୟକ୍ତିଗତ ସଚିବ ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଭାଗ୍ୟଧର ସାହୁ, ଜଗଦୀଶ ପଟ୍ଟନାୟକ, ବସନ୍ତ ହାତୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଡାକ୍ତରାଣୀଙ୍କୁ ଅସଦାଚରଣ; ଜଣେ ଗିରଫ

ବ୍ରହ୍ମପୁର, ୧୭।୮(ସମିସ): ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ଜଣେ ଡାକ୍ତରାଣୀଙ୍କୁ ଅସଦାଚରଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଲାଞ୍ଜିପଲ୍ଲୀ କେଶବନଗରର ଶଙ୍କର ବେହେରା(୪୧)। ମୋହନା ଅଞ୍ଚଳର ଏକ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୫୨ ବର୍ଷୀୟା ଡାକ୍ତରାଣୀ ଜଣଙ୍କ ବ୍ରହ୍ମପୁରର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଛନ୍ତି। କିଛିଦିନ ତଳେ ଅଭିଯୁକ୍ତ ଶଙ୍କର କୌଣସି କାରଣକୁ ନେଇ ଡାକ୍ତରାଣୀଙ୍କୁ ଗାଳିଗୁଲଜ ସହ ଅସଦାଚରଣ କରିଥିଲା। ଏ ନେଇ ଡାକ୍ତରାଣୀ ଜୁଲାଇ ୧୧ରେ ଥାନାରେ ଅଭିଯୋଗ କରିଥିଲେ।

## କିଙ୍ଗ୍ ମୋଟର୍ସ ନାଁରେ ୫ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର, ୧୭।୮(ସମିସ): ରାମଲିଙ୍ଗେଶ୍ୱର ମନ୍ଦିର ନିକଟରେ ଥିବା କିଙ୍ଗ ମୋଟର୍ସ ନାଁରେ ୫ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି। କଟକର ଜଣେ ବ୍ୟକ୍ତିଙ୍କ ଏକ ଦାମୀ କାରକୁ ୫ଲକ୍ଷ ୨୦ହଜାର ଟଙ୍କାରେ ବିକ୍ରି କରିବାକୁ କହି ସେ ଟଙ୍କା ଠକେଇ କରିଥିବା ନେଇ କଟକ ମର୍କତନଗର ଥାନାରେ ଏକ ଜିରୋ ଏଫଆଇଆର ରୁଜୁ ହେବା ପରେ ପରବର୍ତ୍ତୀ ସମୟରେ ମାମଲାଟି ବ୍ରହ୍ମପୁର ଟାଉନ୍ ଥାନାକୁ ସ୍ଥାନାନ୍ତର ହୋଇଛି। ସୂଚନାପ୍ରକାରେ, କଟକ ସିଡିଏ-୯ରେ ରହୁଥିବା ନରେଶ କୁମାର ଷଡଙ୍ଗୀଙ୍କ ଏକ କାର୍‌କୁ ବ୍ରହ୍ମପୁରରେ କିଙ୍ଗ ମୋଟର୍ସ ଖୋଲିଥିବା ଡି. ତେଜେଶ୍ୱର ରାଓ ୫ଲକ୍ଷ ୨୦ହଜାର ଟଙ୍କାରେ କିଣିବେ ବୋଲି ଉଭୟ ପକ୍ଷ ମଧ୍ୟରେ ଚୁକ୍ତି ହୋଇଥିଲା। ତେଜେଶ୍ୱର ନଗଦ ୨୦ହଜାର ଟଙ୍କା ଓ ୫ଲକ୍ଷ ଟଙ୍କାର ଏକ ଚେକ୍ ନରେଶଙ୍କୁ ଦେଇଥିଲେ। ଚୁକ୍ତି ମୁତାବକ ନରେଶ ନିଜ କାରର ଓନରସିପ୍ ତେଜେଶ୍ୱରଙ୍କ ନାଁରେ ପରିବର୍ତ୍ତନ କରିଥିଲେ। ହେଲେ ସେ ଦେଇଥିବା ଚେକ୍ ଡିପୋଜିଟ୍ କରିବା ପରେ ଆକାଉଣ୍ଟରେ ଟଙ୍କା ନଥିବା ଜଣାପଡ଼ିଥିଲା। ଏହା ଭିତରେ ୨ବର୍ଷ ବିତି ବିତିଥିଲେ ମଧ୍ୟ ତେଜେଶ୍ୱର ଟଙ୍କା କି କାର୍ ଫେରାଉନଥିବାବେଳେ ଓଲଟା ଧମକ ଦେଉଛନ୍ତି। ଶେଷରେ ନରେଶ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ମାମଲାଟି ଟାଉନ ଥାନାକୁ ସ୍ଥାନାନ୍ତର ହେବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

● ପି.ଅଭିମନ୍ୟୁ ହତ୍ୟା ମାମଲା

## ୩ ଗିରଫ, ମାରଣାସ୍ତ୍ର ଜବତ

ରମ୍ଭା/ହୁମ୍ମା, ୧୭।୮(ସମିସ): ଗତ ବୁଧବାର ଦିନ ଏଚ. ବାହାଡ଼ାପଲ୍ଲୀ ଛକ ନିକଟରେ ହୋଇଥିବା ହତ୍ୟା ଘଟଣାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି ପୁଲିସ। ଅଭିଯୁକ୍ତମାନେ ହେଲେ ଆର.ବାହାଡ଼ାପଲ୍ଲୀ ଗ୍ରାମର ବି.ଅଭିମନ୍ୟୁ ପ୍ରଧାନ(ପିତା-ମୁରଲୀ ପ୍ରଧାନ), ବି.ଅଭିମନ୍ୟୁ ପ୍ରଧାନ(ପିତା-ସନିଆ ପ୍ରଧାନ) ଓ ଅମର ପ୍ରଧାନ। ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିବା କହିଥିବା ପୁଲିସ କହିଛି। ସେହିପରି ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି ପୁଲିସ। ଗତ ବୁଧବାର ଦିନ ପି. ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା।

## ଅବକାରୀ ଗାଡ଼ିକୁ ଧକ୍କା ଦେଲା ଗଞ୍ଜେଇ ଗାଡ଼ି

ଭଞ୍ଜନଗର, ୧୭।୮(ସମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅବକାରୀ ଥାନା ପକ୍ଷରୁ ଶ୍ରୀରାମ ନଗର ଛକ ବ୍ରିଜ ଉପରେ ଏକ ଗଞ୍ଜେଇ ଭର୍ତ୍ତି ଗାଡ଼ି ଓ ଅବକାରୀ ଗାଡ଼ି ମଧ୍ୟରେ ଧକ୍କା ହୋଇଛି। ଅବକାରୀ ଟିମ ନିଧିଆପଲ୍ଲୀ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଧଳା ରଙ୍ଗର କାର ଦ୍ରୁତ ଗତିରେ ଆସୁଥିବାଦେଖି ଅବକାରୀ ଟିମ ପିଛା କରି ଶ୍ରୀରାମନଗର ଛକ ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ଦୁଇ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଗାଡ଼ି ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗାଡ଼ିରେ ଥିବା ଚାଳକ ଓ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରା ଉଚରା କରାଯାଉଥିବାବେଳେ କନ୍ଧମାଳରୁ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ପ୍ରାୟ ୮୩କେଜି ଥିବା ଜଣାପଡ଼ିଛି।

## ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ତାଳ ଗୋଟମା ରୋପଣ

ବ୍ରହ୍ମପୁର, ୧୭।୮(ସମିସ): ରିଲାଏନ୍ସ ଫାଉଣ୍ଡେସନ ତରଫରୁ ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତ ସମିତି ସମୁଦ୍ର ତଟବର୍ତ୍ତୀ କତୁରୁ ଗ୍ରାମର ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ତାଳ ବୃକ୍ଷ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ଗଣେଷ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନ କର୍ମକର୍ତ୍ତା ଜ୍ୟୋତିର୍ମୟୀ ବିଶ୍ୱାଳ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧାର ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବୀ ପୁରୁଷୋତ୍ତମ ସ୍ୱାଇଁଙ୍କ ଦ୍ୱାରା ତାଳ ଗଛ ସୁରକ୍ଷା ସମ୍ବନ୍ଧିୟ ଏକ ପାୱାରପଏଣ୍ଟ ଉପସ୍ଥାପନା କରାଯାଇଥିଲା। ପରେ ଗ୍ରାମକୁ ଘେରି ରହିଥିବା କେନାଲ ପାର୍ଶ୍ୱରେ ତାଳ ଗୋଟାମା ରୋପଣ କରାଯାଇଛି।

ଏମ୍‌କେସିଜି ପରିଦର୍ଶନ କଲେ ଜିଲ୍ଲାପାଳ, ଏସ୍‌ପି ଓ କମିଶନର

# ଦଲାଲ ରୋକିବାକୁ ଜାରିହେବ ଟୋଲ୍ ଫ୍ରି ନମ୍ବର

● ବିଭିନ୍ନ ସମସ୍ୟା ସୁଧାରିବାକୁ ପରାମର୍ଶ ଦେଲେ

● ଆଶୁ ଚିକିତ୍ସା ବିଭାଗର ଅବ୍ୟବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କଲେ

ବ୍ରହ୍ମପୁର, ୧୭।୮(ସମିସ)



ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ସମୟରେ କର୍ମଚାରୀ ଓ ଅବ୍ୟବସ୍ଥାରୁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଥିଲା। ଏହିକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀଭାସନ, ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍ ଓ ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଅଚାନକ ଏମ୍‌କେସିଜି ପରିଦର୍ଶନ କରିଥିଲେ। ତିନି ପ୍ରଶାସନିକ ଅଧିକାରୀ ପ୍ରଥମେ ଏମ୍‌କେସିଜି ମେଡ଼ିକାଲ ଆଶୁ ଚିକିତ୍ସା ବିଭାଗରେ ପହଞ୍ଚି ବିଭିନ୍ନ ଅବ୍ୟବସ୍ଥା ଦେଖି ବିରକ୍ତି ପ୍ରକାଶ କରିଥିଲେ। ରୋଗୀ ଚଟାଣରେ ଶୋଇ ଚିକିତ୍ସା ହେଉଥିବା ଦେଖି ବିଭିନ୍ନ ସମୟରେ ଡ଼େଙ୍ଗୁ ୱାର୍ଡ଼ର ବେଡ଼ ଖାଲି ରହୁଥିବା ବେଳେ ସେଠାରେ ଆଶୁ ଚିକିତ୍ସା ବିଭାଗର ରୋଗୀ ରଖି ଚିକିତ୍ସା କରିବାକୁ କହିଥିଲେ। ସେହିପରି ଆବଶ୍ୟକ ମୁତାବକ କର୍ମଚାରୀ ଓ ଚିକିତ୍ସା ସାମଗ୍ରୀ ଯୋଗାଇ ଦେବାକୁ ମେଡ଼ିକାଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଶୁ ଚିକିତ୍ସା ବିଭାଗରେ ନିକଟରେ ବେଆଇନ ପାର୍କିଂକୁ ନେଇ ଅଧିକାରୀମାନେ ବିରକ୍ତି ପ୍ରକାଶ କରିଥିଲେ। ରୋଗୀଙ୍କ ନିମନ୍ତେ ଆଶୁ ଚିକିତ୍ସା ବିଭାଗରେ ନିକଟରେ ୫ଟି ଆମ୍ବୁଲାନ୍ସ ଓ ୩ଟି ଅଟୋ ରଖିବାକୁ କହିଥିଲେ। ଉକ୍ତ ଗାଡ଼ିମାନେ ଭଡ଼ାରେ ଯିବା ପରେ ଉକ୍ତ ସ୍ଥାନରେ ପୁଣି ଅନ୍ୟଗାଡ଼ି ଆସି ପାର୍କିଂ କରିବାକୁ ପରାର୍ମଶ ଦେଇଥିଲେ।

ସେହିପରି ଆଶୁ ଚିକିତ୍ସା ବିଭାଗରେ କାର୍ଯ୍ୟରତ କର୍ମଚାରୀ ମଧ୍ୟରୁ କିଛି ଅନୁପସ୍ଥିତ, ରୋଗୀଙ୍କ ଚିକିତ୍ସାରେ ଅବହେଳା, ବିଭାଗର ଲିଫ୍ଟ ଅଚଳ ଓ ବିଭାଗର ସଫାସୁତରା ହେଉନଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ସେପ୍ଟେମ୍ବର ୧ ସୁଦ୍ଧା ଉକ୍ତ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରେ ରକ୍ତ ଭଣ୍ଡାର ପରିଦର୍ଶନ କରିବା ସହ ଅନଲାଇନ ମନିଟରିଂ ବୋର୍ଡ଼ ଲଗାଇବାକୁ ପରାମର୍ଶ ଦେଇଥିଲେ।

ସେହିପରି ଏମକେସିଜି ମେଡ଼ିକାଲରେ ଦଲାଲ ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟୋଲ୍ ଫ୍ରି ନମ୍ବର ଜାରି ହେବ ବୋଲି ଜିଲ୍ଲାପାଳ କହିଥିଲେ। ଏହାସହ ମେଡ଼ିକାଲ ପରିସରରେ ଥିବା ଔଷଧ ବିତରଣ କେନ୍ଦ୍ର, ଗାଡ଼ି ପାର୍କିଂ, ଶବ ସଂରକ୍ଷଣ ବ୍ୟବସ୍ଥା ଓ ନୂତନ କରି ହୋଇଥିବା ସିଦ୍ଧାର୍ଥ ନଗର ଓ ନୂଆ ବସଷ୍ଟାଣ୍ଡ ରୋଡ଼ ସମ୍ପର୍କରେ ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଆର୍‌ଟିଓ ମାନସ ରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଓ ଡ଼ିପିଏମ ବୁଲୁନାଥ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ୧୦ ପ୍ରକଳ୍ପ ଉଦ୍‌ଘାଟିତ



ଦିଗପହଣ୍ଡି, ୧୭।୮(ସମିସ): ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ନୂତନ ଭାବେ ନିର୍ମାଣ ହୋଇଥିବା ୧୦ଟି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଦିଗପହଣ୍ଡି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସଂଯୋଜନା ଏବଂ ନଗରପାଳ ପ୍ରଫୁଲ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଧାୟକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ସନ୍ତୋଷ କୁମାର ସାହୁ, ବିଡ଼ିଓ ଅନାମିକା ପାଣ୍ଡେ, ଏନଏସି ଉପାଧ୍ୟକ୍ଷା କେ. ପୂଜା, କାଉନସିଲର ଦୀପକ କୁମାର ମିଶ୍ର, ନୀଳମାଧବ ଗୌଡ଼, ସନ୍ତୋଷିନୀ ବେହେରା, ସୁଶାନ୍ତ କୁମାର ପାତ୍ର, କରିସ୍ମା ନାୟକ, ମାମିନୀ ବେହେରା, ସୁନୀଲ ପଣ୍ଡା, ଇ . ଗାୟତ୍ରୀ, ଜ୍ୟୋସ୍ନା ଜେନା, ଗୌରାଙ୍ଗ ଚରଣ ବେହେରାଙ୍କ ସମେତ ସହକାରୀ ଯନ୍ତ୍ରୀ ଇଂ. ମମତା ପଣ୍ଡା, କନିଷ୍ଠ ପରିମଳ ବିଶେଷଜ୍ଞ ସ୍ୱାଗତିକା ପାତ୍ର, କନିଷ୍ଠ ଯନ୍ତ୍ରୀ ଇଂ. ରଶ୍ମୀରାଣୀ ନାହାକ, ସିଓ ସନ୍ଧ୍ୟାରାଣୀ ପଟ୍ଟନାୟକ, ଜମାଦାର ସତ୍ୟନାରାୟଣ ଦାସ, ଭାଜପା କର୍ମକର୍ତ୍ତା ବାପି ପ୍ରଧାନ, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀଙ୍କ ସମେତ ସମସ୍ତ ଏନ୍‌ଏସି କର୍ମଚାରୀଙ୍କ ସମେତ ବହୁସଂଖ୍ୟକ ସହରବାସୀ ଉପସ୍ଥିତ ଥିଲେ।

## ଘୋଡାଦେଇଙ୍କ ପୀଠରେ ନନ୍ଦ ମହୋତ୍ସବ

ଧରାକୋଟ, ୧୭।୮(ସମିସ): ଧରାକୋଟ ନିକଟସ୍ଥ ଶକ୍ତିପୀଠ ମା' ଘୋଡାଦେଇ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉପଲକ୍ଷେ ବେଠୁଆର, ଡାକିବଜା ଓ ବାହାରପୁର ମୁଠା ଗୋପାଳ ସମାଜ ଆନୁକୂଲ୍ୟରେ ନନ୍ଦ ମହୋତ୍ସବ ପାଳନ ହୋଇଯାଇଛି। ମହୋତ୍ସବକୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ଶାସନ ସଚିବ ଅଶୋକ କୁମାର ଗୌଡ଼ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଭିଜିଲାନ୍ସ ଡିଏସ୍‌ପି କଟକ ସନ୍ତୋଷ କୁମାର ଗୌଡ଼, ସମ୍ମାନୀତ



ଅତିଥି ଭାବରେ ରାଜ୍ୟ ଗୋପାଳ ସମାଜ ସାଧାରଣ ସମ୍ପାଦକ ନାରାୟଣ ଡାଲୁଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତାଲିକା କର୍ମକର୍ତ୍ତା ଅଗାଡି ଗୌଡ଼, ଶ୍ରୀହର୍ଷ ଗୌଡ଼, ଯୋଗେନ୍ଦ୍ର ଗୌଡ଼, ବିଜୟ ଗୌଡ଼, ସୁରେଶ ଚନ୍ଦ୍ର ଗୌଡ଼, ରମେଶ ଚନ୍ଦ୍ର ଗୌଡ଼, ନାରୁସୁ ଗୌଡ଼, ଅଭିମନ୍ୟୁ ଗୌଡ଼, ସନ୍ତୋଷ ଗୌଡ଼ ଓ ମନୋଜ ଗୌଡ଼ ପରିଚାଳନା କରିଥିଲେ।

## ସିଡିପିଓଙ୍କ କାର୍ଯ୍ୟାଳୟରେ ନିଆଁ



ଛତ୍ରପୁର, ୧୭।୮(ସମିସ): ଛତ୍ରପୁର ସ୍ଥିତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟରେ ସର୍ଟସର୍କିଟ ଯୋଗୁଁ ଲାଗିଲା ନିଆଁ। ନିଆଁରେ ସମସ୍ତ ଅଫିସ କାଗଜ ପତ୍ର ଓ କମ୍ପ୍ୟୁଟର, ପ୍ରିଣ୍ଟର ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଉଠାଇ ନ ଥିଲେ ଅଧିକାରୀ। ଯାହା ଫଳରେ ତାଲା ପଡ଼ିଥିବା ଯୋଗୁଁ ନିଆଁ ଲିଭାଇବା ବିଳମ୍ବ ହୋଇଥିଲା। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ବାହୀନି। ସକାଳୁ ସକାଳୁ ଏହି ନିଆଁ ଲାଗିଥିଲା। ଦୁଇ ଘଣ୍ଟା ପରେ ଅଧିକାରୀ ଜଣକ କାର୍ଯ୍ୟାଳୟ ଆସିଥିଲେ। ଏନେଇ ଘଟଣାସ୍ଥଳକୁ ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମ ଜିତ ସାହୁ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ।

## ଗୋପାଳ ସମାଜ ପକ୍ଷରୁ ନନ୍ଦ ମହୋତ୍ସବ

ପୋଲସରା, ୧୭।୮(ସମିସ): ପୋଲସରା ବ୍ଲକ ମଧୁପଲ୍ଲୀ ପଞ୍ଚାୟତ ମହୁଲପଲ୍ଲୀ ଭିତିରିମୁଠା ପରିଷଦ ସମାଜ ଗୃହରେ ଷୋହଳ ଖଣ୍ଡ ଗୋପାଳ ସମାଜ ଆଠଗଡ଼ ତାଲୁକା ଭିତିରିମୁଠା ପରିଚାଳନା ପରିଷଦ ପକ୍ଷରୁ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ



ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୋପାଳ ସମାଜର ସାମଗ୍ରିକ ବିକାଶ ଲାଗି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଗୋପାଳ ସମାଜ ଆଠଗଡ଼ ତାଲୁକା ସଭାପତି ମୋହନି ମୋହନ ମାହାଙ୍କୁଡ ମୁଖ୍ୟବକ୍ତା, ଏନୟୁବିସିର ରାଜ୍ୟ ଅଧ୍ୟକ୍ଷ ଦୀପକ କୁମାର ଯାଦବ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭିତିରିମୁଠା ପରିଚାଳନା ପରିଷଦର ଆବାହକ ତଥା ସଭାପତି ନିରଞ୍ଜନ ଗୌଡ଼, ସମ୍ପାଦକ ରମେଶ ଗୌଡ଼ ରାଜେନ୍ଦ୍ର ପାତ୍ର, ମନୋଜ ଖଟୁଆ, କାମ୍ପ ବଡ଼େଇ, ବୁଲୁ ପାତ୍ର, ରଘୁନାଥ ପଣ୍ଡା ପ୍ରମୁଖ ସମେତ ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୋପାଳପୁର ଘରୋଇ ବସ୍ ଓ ସିଟି ବସ୍ ଚାଳକଙ୍କ ମଧ୍ୟରେ କଥା କଟାକଟି

ଗୋପାଳପୁର, ୧୭।୮(ସମିସ): ବ୍ରହ୍ମପୁରରୁ ଗୋପାଳପୁରକୁ ଚଳାଚଳ କରୁଥିବା ସିଟି ବସ୍ ଓ ଏକ ଘରୋଇ ବସ୍‌ର ଡ୍ରାଇଭରଙ୍କ ମଧ୍ୟରେ କଥା କଟାକଟିକୁ ନେଇ ଶୁକ୍ରବାର ଅପରାହ୍ନ ସାଢେ଼୨ଟାରୁ ରାତି ୮ ଟା ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଗୋପାଳପୁରକୁ ଆସିଥିବା ଅନେକ ପର୍ଯ୍ୟଟକ ସମେତ ସ୍ଥାନୀୟ ଅଞ୍ଚଳବାସୀ ହନ୍ତସନ୍ତ ହୋଇଥିଲେ। ଗୋପାଳପୁର ପୁଲିସ ପହଞ୍ଚି ଉଭୟଙ୍କୁ ତାଗିଦ୍ କରିବା ପରେ ରାତି ସାଢ଼େ ୮ ଟାରେ ବସ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ବେଳେ ଗୋପାଳପୁରରୁ ବ୍ରହ୍ମପୁର ଯାଉଥିବା ସିଟି ବସ୍ (ଓଡି୦୭ଡି-୩୩୨୫) ଓ ଘରୋଇ ବସ୍ (ଓଡି୦୯ଏକ୍ସ-୪୫୬୬) ଗୋଡ଼ାଗୋଡ଼ି ହୋଇ ଯାଇଥିବାବେଳେ କରାପଲ୍ଲୀ ଛକ ନିକଟସ୍ଥ ଇନ୍ଦିରା ନଗର ଛକଠାରେ ଘରୋଇ ବସ୍‌ର ମିରର ଲାଗି ଭାଙ୍ଗି ଯିବାରୁ ଘରୋଇ ବସ୍ ମାଲିକ କାମନା ନାୟକ ମିରର ଦେବାକୁ କହିଥିଲେ। ଫଳରେ ଉଭୟ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ କାମନା ସିଟି ବସ୍‌ର ଡ୍ରାଇଭରଙ୍କୁ ଥାନାକୁ ନେଇଥିଲା। ପରେ ଏହି ଖବର ଜାଣି ବ୍ରହ୍ମପୁରରେ ଘରୋଇ ବସ୍‌କୁ ଅଟକ ରଖିଥିଲେ। ଖବର ପାଇ କାମନା କରାପଲ୍ଲିରେ ଗୋଟିଏ ସିଟି ବସ୍‌କୁ ଅଟକ ରଖିଥିଲା। ଖବର ପାଇ ଅନ୍ୟ ୫ଟି ବସ୍‌କୁ ଆଣି କରାପଲ୍ଲୀ ଛକରେ ରଖିଦେଇଥିଲେ। ପରେ କିଛି ଲୋକେ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲିକଙ୍କୁ ଜଣାଇଥିଲେ। ଥାନା ଅଧିକାରୀଙ୍କ ସମେତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସିଟି ବସ୍ ଡ୍ରାଇଭରମାନଙ୍କୁ ତାଗିଦ କରିବା ସହ ଗୋପାଳପୁରରେ ଅଟକି ରହିଥିବା ପର୍ଯ୍ୟଟକଙ୍କୁ ବ୍ରହ୍ମପୁର ନେବା ବ୍ୟବସ୍ଥା କରିଥିଲେ। ଘଟଣା ନେଇ ସିଟି ବସ୍ ଡ୍ରାଇଭରଙ୍କ ପକ୍ଷରୁ ଗୋପାଳପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାହା ସହ ଗୋପାଳପୁରରୁ ବ୍ରହ୍ମପୁର ପର୍‌ମିଟ୍ ଥିବା ଓ ସମୟ ଅନୁସାରେ ଯାତାୟାତ କରିବାକୁ କହିଥିଲେ।

## ୪୧ ୟୁନିଟ୍ ରକ୍ତ ସଂଗୃହୀତ

କୋଦଳା, ୧୭।୮(ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ସ୍ଥିତ ମା'କାଜୁ ଇଣ୍ଡଷ୍ଟ୍ରି ପରିସରରେ ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ କେ. ଭାସ୍କର ପାତ୍ରଙ୍କ ଜନ୍ମ ବାର୍ଷିକୀ ସ୍ମୃତି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମା' କାଜୁ ଇଣ୍ଡଷ୍ଟ୍ରି ଅଙ୍ଗାରଗାଁ, ପଦ୍ମାବତୀ କାଜୁ ତାଳଗାଁ, ଜୀବନ ଧାରା ପରିବାର, ଜୀବନ ଦ୍ୟୁତି ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ, ସରପଞ୍ଚ ନିଲେନ୍ଦ୍ରି ସେଠୀ, ବିଜେପି ନେତା ସୀତାରାମ ପାଣିଗ୍ରାହୀ, ନାରାୟଣ ସୁମନ୍ତରାୟ, ସତୀଶ ରଞ୍ଜନ ତାରିଣୀ, ସରୋଜ କୁମାର ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସନ୍ତୋଷ କୁମାର ଜେନା, ଜୀବନ ଧାରା ସଭାପତି ଏମ୍.ଗୋପବନ୍ଧୁ ଆଚାରି, ବି .ସୋମେଶ ପାତ୍ର, ଶିକ୍ଷକ ଗୌରହରି ପଲେଇ, ଶିକ୍ଷାବିତ୍ ଦେବେନ୍ଦ୍ର ମହାରଣା, ଟ୍ରଷ୍ଟ ସମ୍ପାଦକ ଟୁକୁନା ପ୍ରଧାନ, ଫରେଷ୍ଟର ସନ୍ତୋଷ କୁମାର ମଲ୍ଲିକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

ପ୍ରଶାସନ ଓ ସାମ୍ବାଦିକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ପୁଲିସ ୱାରିଅର ଚାମ୍ପିଅନ୍

ରମ୍ଭା/ଗଞ୍ଜାମ, ୧୭।୮(ସମିସ)



ରମ୍ଭା ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ବ୍ଲକ ସାମ୍ବାଦିକ ସଂଘ ଓ ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା, ମାନବ ସମ୍ବଳ ଅଧିକାରୀ ନିରଜ ପଟ୍ଟନାୟକ, ସିଏସ ଆର ମୁଖ୍ୟ ସୁସ୍ମିତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମିଳିତ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପୁଲିସ, ବ୍ଲକ ଓ ତହସିଲ ପ୍ରଶାସନ ଅଂଶଗ୍ରହଣ କରିଥିଲେ। ଲିଗ ମ୍ୟାଚରୁ ପ୍ରେସ ଇଲେଭେନ ଓ ବ୍ଲକ ଟିମ ବିଦାୟ ନେଇଥିବା ବେଳେ ପୁଲିସ ୱାରିଅର ଓ ତହସିଲ ଟାଇଟନ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୁଲିସ ଟିମ୍ ଚାମ୍ପିଅନ୍ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କାଉନ୍‌ସିଲର ତଥା ପରିବେଶବିତ୍ ଦୁର୍ଗା ମାଧବ ପାଣିଗ୍ରାହୀ, ଗଣମାଧ୍ୟମ ପ୍ରତିନିଧି ସୁଧୀର କୁମାର ନାହାକ, ପ୍ରେସ କ୍ଲବ୍ ସଭାପତି ଶବର କୁମାର ତରାଇ, ଉପଦେଷ୍ଟା ଉମାକାନ୍ତ ବେହେରା ପ୍ରମୁଖ ଅତିଥି ବିଜୟୀ ପୁଲିସ ଟିମକୁ ଚାମ୍ପିଅନ୍ ଟ୍ରଫି ଏବଂ ରନର୍ସ ଅଫ ତହସିଲ ଟିମ୍‌କୁ ମଧ୍ୟ ଏକ କପ ପ୍ରଦାନ କରିଥିଲେ। ବେଷ୍ଟ ବୋଲର ତହସିଲ ଟିମର ସୁଜିତ କୁମାର ପ୍ରଧାନ, ବେଷ୍ଟ ବ୍ୟାଟ୍ସମ୍ୟାନ ସମୀର କୁମାର ପାଢ଼ୀ, ଶ୍ରେଷ୍ଠ ଖେଳାଳି ଶଙ୍କର୍ଷଣ ସାହୁ ଏବଂ ବେଷ୍ଟ କ୍ୟାଚର ପୁଲିସ ଟିମର ଥାନା ରାଇଟର ଅଶ୍ୱିନୀ ପଟ୍ଟନାୟକ ବିବେଚିତ ହୋଇଥିଲେ। କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ ଭାଷ୍ୟାନ୍ତର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସାମ୍ବାଦିକ ସଂଘର ରାକେଶ ରଞ୍ଜନ ଦାସ, ଶିବାନନ୍ଦ ପଲାଇ, ସୁଧୀର କୁମାର ପାଢ଼ୀ, ମୁରଲୀ ପ୍ରଧାନ, ପ୍ରଦୀପ ପଣ୍ଡା, ବିନୋଦ ପଲାଇ, ବିଜୟ ଲକ୍ଷ୍ମୀ ମହାକୁଡ଼, କୃଷ୍ଣଚନ୍ଦ୍ର ଦାସ, ବଟକୃଷ୍ଣ ରାଉଳ, ରଜନୀ ରେଡ଼ି, ପ୍ରକାଶ ପଲାଇ, ମନୋଜ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଅମ୍ପାୟାର ସନ୍ତୋଷ ସାହାଣୀ ଓ ସ୍କୋରର ସଞ୍ଜୟ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ।

● ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ

# ଭାଙ୍ଗିଲା ଅଙ୍ଗନବାଡ଼ି କେନ୍ଦ୍ର ତାଲା

ଧରାକୋଟ, ୧୭।୮(ସମିସ): ଦୀର୍ଘଦିନ ଧରି ବାହାରପୁର ୨ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ଝୁଲୁଥିଲା। ସେପଟେ ପିଲାଏ ୩ ନମ୍ବର କେନ୍ଦ୍ରରେ ହୀନସ୍ତା ହୋଇ ପାଠ ପଢୁଥିଲେ। ଏ ସମ୍ପର୍କରେ 'ସକାଳ' ଖବର କାଗଜରେ 'କାଗଜ କଲମରେ ହସ୍ତାନ୍ତର, ବନ୍ଧା ପଡ଼ିଛି ଅଙ୍ଗନବାଡି କେନ୍ଦ୍ର' ଶିରୋନାମା ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏହି କେନ୍ଦ୍ରର ତାଲାକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ବଡଗଡ଼ ପୁଲିସ ଉପସ୍ଥିତିରେ କେନ୍ଦ୍ରର ତାଲା ଭଙ୍ଗା ଯାଇଛି। ଭାରପ୍ରାପ୍ତ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ପିଇଓ ଅମୂଲ୍ୟ ରାଉଳ ଉପସ୍ଥିତ ଥିଲେ। ଉକ୍ତ କେନ୍ଦ୍ର ତାଲା ଭାଙ୍ଗିବା ପରେ ଦେଖିବାକୁ ମିଳିଛି କୋଠାର ସମ୍ପୂର୍ଣ୍ଣ ବିଲ ହୋଇଥିବା ବେଳେ କାମ କିନ୍ତୁ ଶେଷ ନହୋଇ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏଣୁ ସିଡିପିଓଙ୍କୁ ଏହି ଘର ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଉକ୍ତ କେନ୍ଦ୍ରରେ କୌଣସି କାର୍ଯ୍ୟ ହେବ ନାହିଁ ବୋଲି କୁହାଯାଇଛି।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଖଣ୍ଡ ଦୀପ ସ୍ଥାପନ



ଫୁଲବାଣୀ,୧୭।୮ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀଙ୍କ ଉଦ୍ୟମରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଖଣ୍ଡ ଦୀପ ସ୍ଥାପନା କରାଯାଇଛି। ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଅଖଣ୍ଡ ଦୀପକୁ ସ୍ଥାପନ କରିଥିଲେ। ଜଗନ୍ନାଥ ମନ୍ଦିରରୁ ବରିଷ୍ଠ ନାଗରିକ ଓ ନର୍ସିଂ ଛାତ୍ରୀ ଶୋଭାଯାତ୍ରାରେ ଦୀପକୁ ଡାକ୍ତରଖାନା ପର୍ଯ୍ୟନ୍ତ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାପତି ପ୍ରକାଶ କୁମାର ପଣ୍ଡା, ପ୍ରେସ୍‌କ୍ଲବ ସଭାପତି ସୁନୀଲ କୁମାର ପଟ୍ଟନାୟକ, ଉପସଭାପତି ସନ୍ତୋଷ କୁମାର ଡିଗଲ, ବଣିକ ସଂଘ ସଭାପତି ପଦ୍ମ ଚରଣ ସ୍ୱାଇଁ, ଯାତ୍ରା କମିଟିର ସଭାପତି ସୁଧାଂଶୁ ସେନାପତି, ପୂର୍ବତନ ସଭାପତି ଅଶୋକ କୁମାର ପଟନାୟକ, ବରିଷ୍ଠ ନାଗରିକ ସଂଘ ସଦସ୍ୟ ବଂଶୀଧର ପଣ୍ଡା, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଶୁଭେନ୍ଦୁ ତ୍ରିପାଠୀ, ନର୍ସିଂ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। କର୍ମଚାରୀ, ଡାକ୍ତର, ନର୍ସ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଡାକ୍ତରଖାନାରେ ପ୍ରବେଶ କଲାବେଳେ ଏହି ଅଖଣ୍ଡ ଦୀପ ସେମାନଙ୍କ ମଧ୍ୟରେ ବିଶ୍ୱାସ ତଥା ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିବ ବୋଲି ସିଡିଏମ୍‌ଓ ଡା. ପାଢ଼ୀ କହିଛନ୍ତି।

# କଳିଙ୍ଗ ମହାବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା ଓ ସ୍ୱାଧୀନତା ଦିବସ



ଜି.ଉଦୟଗିରି,୧୭।୮ (ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବ ଜାଗ୍ରତ କରାଇବାକୁ ବକ୍ତୃତା, ରଙ୍ଗୋଲି, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଂସ୍କୃତ ଶ୍ଳୋକ ଆବୃତ୍ତି ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀ ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗିରିଶ୍ କୁମାର ମୁଠାମାଝି, ସରିତା ମିଶ୍ର, ଯୁବ ରେଡକ୍ରସ୍ କାଉନସିଲର ତପନ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ। ଏଥିସହିତ ମହାବିଦ୍ୟାଳୟ ପରିସରରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶେଷରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି,୧୭।୮ (ସମିସ): ଚଳିତ ଦଶମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ପି.ଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅମ୍ଳାନ ଅନିଷ୍ ନାୟକ ଗଜପତି ଜିଲ୍ଲାର ସର୍ବୋଚ୍ଚ ନମ୍ବର ହାସଲ କରିଥିବାରୁ ଗଜପତି ଷ୍ଟାଡିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ବିଭୂତି ଭୂଷଣ ଜେନା ତାଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମଞ୍ଚରେ ଗଜପତି ଜିଲ୍ଲାପାଳ ମଧୁମିତା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଅମ୍ଳାନ ଗଜପତିର ପୂର୍ବତନ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକଙ୍କ ପୁଅ।



# ଆସ ସ୍କୁଲ ଯିବା ପଦଯାତ୍ରା

ଜି.ଉଦୟଗିରି,୧୭।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାରୁ ଯେପରି କେହି ବଞ୍ଚିତ ରହି ନ ଯାଆନ୍ତି, ଶିକ୍ଷାର ମହତ୍ତ୍ୱ, ଅଜ୍ଞାନ ଅନ୍ଧ ବିଶ୍ୱାସରୁ ବହୁତ ଧନ ଜୀବନ ଯେପରି ନଷ୍ଟ ହୁଏ ଏହାକୁ ଲକ୍ଷ୍ୟ ରଖି ବିଭିନ୍ନ ସଚେତନତା ବାର୍ତ୍ତା ସହିତ ସ୍କୁଲ ଛାତ୍ରୀ ପଦଯାତ୍ରାରେ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ବିଦ୍ୟୁତପ୍ରଭା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପଦଯାତ୍ରାରେ ଶିକ୍ଷକ ଜିତେନ୍ଦ୍ର ସାମଲ, ଦେବେନ୍ଦ୍ର ପଣ୍ଡା, ମମତା ଅଲୁକ, ସ୍ୱପ୍ନ ରାଣୀ ଗୌଡ଼, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ସାମିଲ ହୋଇଥିଲେ।



ଭୂସ୍ଖଳନକୁ ବିତିଲାଣି ୩ବର୍ଷ

# ପାହାଡ଼ିଆ ଗାଁ ଜାଙ୍ଗରିତୁଲ ଓ ବଙ୍ଗଡ଼ିସିଂକୁ ନାହିଁ ପୋଲ

ଗୁମ୍ମା,୧୭।୮ (ସମିସ): ସରକାର ଉପାନ୍ତ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରାଧାନ୍ୟ ଦେଉଛନ୍ତି। କିନ୍ତୁ ବାସ୍ତବରେ ସରକାରୀ କଳରେ ସଠିକ ଭାବେ ପରିଚାଳନା ହେଉଛି କି ନାହିଁ ତାହା ତଦାରଖ କରାଯାଉନାହିଁ। ଭୂସ୍ଖଳନରେ କ୍ଷତିଗ୍ରସ୍ତ ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଜାଙ୍ଗରିତୁଲ ଓ ବଙ୍ଗଡ଼ିସିଂ ଗାଁର ପୋଲ ନିର୍ମାଣ ଆରମ୍ଭ ନହେବା ଏହାର ଉଦାହରଣ ବୋଲି କୁହାଯାଉଛି।

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବି.କଲାକଟ ପଞ୍ଚାୟତ ଜାଙ୍ଗରିତୁଲ ଓ ବଙ୍ଗଡ଼ିସିଂ ଗାଁକୁ ଯାତାୟତ ପାଇଁ ଥିବା ମୁଖ୍ୟ ରାସ୍ତାର ପୋଲ ୨୦୨୨ ଜୁଲାଇ ମାସରେ ପାହାଡ଼ରୁ ଭୂସ୍ଖଳନ ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଘର, ଜମି, ଗୃହପାଳିତ ପଶୁ ଆଦି କ୍ଷୟକ୍ଷତି ହୋଇଥିଲା। ବିପର୍ଯ୍ୟୟ ପରିଚାଳନାକୁ ଦୃଷ୍ଟିରୁ ରାଜ୍ୟ ତଥା ଜିଲ୍ଲା ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ସରକାରୀ ସହାୟତା ପ୍ରଦାନ କରିବା ସହ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଭୂସ୍ଖଳନ ହେବାର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ପୋଲ ନିର୍ମାଣ ହୋଇପାରୁନାହିଁ। ଫଳରେ ବର୍ଷା ଋତୁରେ ପାହାଡ଼ରୁ ମାଟିଅତଡ଼ା ଓ ପାଣି ମୁଖ୍ୟ ରାସ୍ତା ଉପର ଦେଇ ପ୍ରବାହିତ ଯୋଗୁ ଉଭୟ ଗାଁର ଲୋକେ ବିଭିନ୍ନ ସମସ୍ୟା ଦେଇ ଯାତାୟତ କରୁଥିବାବେଳେ ସେଦିନର ବିଭୀଷିକାକୁ ମନେ ପକାଇ ଭୟଭୀତ ହୋଇପଡୁଛନ୍ତି। ଉଭୟ ଦୁଇ ଗାଁରେ ଶହେରୁ ଅଧିକ ପରିବାର ବସବାସ କରୁଥିବା ବେଳେ ବର୍ଷା ଋତୁରେ ଭାଗ୍ୟକୁ ଆଦରି ଯାତାୟାତ କରୁଥିବା ବେଳେ ତୁରନ୍ତ ପୋଲ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି ୱାର୍ଡ ମେମ୍ବର ନିରୟ ଲୁଆରା, ଏସ ଗମାଙ୍ଗ, ସୁନିତା ଗମାଙ୍ଗ, ଜୈନ ମଣ୍ଡଳ, ରେବତୀ କାର୍ଜି, ଶାନ୍ତିଲତା ଗମାଙ୍ଗ, ସରଞ୍ଜି ଲୁଆରା ଓ ସମାଜସେବୀ ମାନତ ଶବର। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ରଖିବାରେ କୁଣ୍ଠାବୋଧ କରିବା ସହ ଯୋଗାଯୋଗ ପରେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।



# ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମାନୁନି ଜିଲ୍ଲା ଶିକ୍ଷା ବିଭାଗ

ପାରଳାଖେମୁଣ୍ଡି,୧୭।୮ (ସମିସ): ଗଜପତି ଜିଲ୍ଲା ରାୟଗଡା ବ୍ଲକ ଅନ୍ତର୍ଗତ ଲାଲୁସାହିରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଖଗେଶ୍ୱର ଗୋପାଳ ଏକ ଗୁରୁତର ଅଭିଯୋଗ ଜିଲ୍ଲା ଶିକ୍ଷା ବିଭାଗ ବିରୋଧରେ ଆଣିଛନ୍ତି। ୭ ନଭେମ୍ବର ୨୦୨୪ରେ ବ୍ରହ୍ମପୁର ସ୍ଥିତ ଉଚ୍ଚ ମାଧ୍ୟମିକ ଆଞ୍ଚଳିକ ନିର୍ଦ୍ଦେଶକ ଅଚାନକ ଲାଲୁସାହି ସ୍କୁଲ ଗସ୍ତରେ ଆସି ବିଭିନ୍ନ ଅବ୍ୟବସ୍ଥା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୮ ନଭେମ୍ବର ୨୦୨୪ରେ ପତ୍ର ନଂ.୫୧୧ରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିରେଖା ଭୂୟାଁ ସରକାରୀ ନିର୍ଦ୍ଦେଶର ଅବମାନନା କରିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପତ୍ରକୁ ଭିତ୍ତି କରି ୩୧ ଡିସେମ୍ବର ୨୦୨୪ରେ ଜିଲ୍ଲା ଶିକ୍ଷାଧିକାରୀ ପତ୍ର ନମ୍ବର ୫୩୫୫ରେ ବ୍ଲକ ଶିକ୍ଷାଧିକାରୀ ରାୟଗଡ଼ଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ବ୍ଲକ ଶିକ୍ଷାଧିକାରୀ ଗ୍ରହଣ ନକରିବାରୁ ପୁଣି ୨ ମେ' ୨୦୨୫ରେ ଜିଲ୍ଲା ଶିକ୍ଷାଧିକାରୀ ଚିଠି ନଂ.୨୬୩୫ରେ ବ୍ଲକ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପୁଣିଥରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଚିଠିରେ ଜିଲ୍ଲାଶିକ୍ଷାଧିକାରୀଙ୍କ ପୂର୍ବ ଚିଠି ଓ ଉଚ୍ଚ ମାଧ୍ୟମିକ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ଦର୍ଶାଇଥିଲେ। ଯାହାକୁ ନେଇ ବ୍ଲକ ଶିକ୍ଷାଧିକାରୀ ରାୟଗଡ ୧୩ ମେ' ୨୦୨୫ରେ ଦୀପ୍ତିରେଖା ଭୂୟାଁଙ୍କୁ ଲାଲୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଲାଣ୍ଡୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଥିଲେ। ତାଙ୍କ ସ୍ଥାନରେ ଲାଣ୍ଡୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଲାଲୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆନନ୍ଦ କୁମାର ଶତପଥୀଙ୍କୁ ଅଦଳବଦଳ କରିଥିଲେ। ତେବେ ଆନନ୍ଦ କୁମାର ଶତପଥୀ ରାୟଗଡ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ମାନି କାର୍ଯ୍ୟରେ ଯୋଗଦେଇଥିବା ବେଳେ ଦୀପ୍ତିରେଖା ମାନିଲେ ନାହିଁ। ବର୍ତ୍ତମାନ ମଧ୍ୟ ଲାଲୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରିଆସୁଛନ୍ତି। ତେବେ ବିସ୍ମୟର ବିଷୟ ଏହା ୧୩ ମେ' ୨୦୨୫ରେ ରାୟଗଡ ବ୍ଲକ ଶିକ୍ଷାଧିକାରୀ ପତ୍ର ନଂ.୬୮୮ରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ଦୀପ୍ତିରେଖା ଅମାନ୍ୟ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନା ବ୍ଲକ ଶିକ୍ଷାଧିକାରୀ ନା ଜିଲ୍ଲା ଶିକ୍ଷାଧିକାରୀ କେହି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଯାହାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁଙ୍କୁ ଯୋଗାଯୋଗ କରିବାରୁ ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ରାୟଗଡ଼ଙ୍କୁ ରିପୋର୍ଟ ମଗାଯିବ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ

ଜି.ଉଦୟଗିରି,୧୭।୮ (ସମିସ): ଜି.ଉଦୟଗିରିରେ ବିଭିନ୍ନ ମନ୍ଦିର ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଶନିବାର ଦିନ ନନ୍ଦ ଉତ୍ସବ ପାଳିତ ହୋଇଛି। ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପାଇଁ ସ୍ୱତନ୍ତ୍ର ରୀତିନୀତି ପାଳିତ ହୋଇଥିବା ବେଳେ ଆଜି ନନ୍ଦ ଉତ୍ସବ ପାଳିତ ହୋଇଛି। ଠାକୁର ବିମାନରେ ବାହାରି ଶୋଭାଯାତ୍ରାରେ ଚମ୍ପାସାହି ପ୍ରଶାନ୍ତ ଗୌଡ଼ଙ୍କ ଦ୍ୱାରା ନନ୍ଦ ଉତ୍ସବରେ ସ୍ୱତନ୍ତ୍ର ପୂଜା କରାଯାଇ ଉତ୍ସବ ପାଳନ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ତରଫରୁ ନନ୍ଦ ଉତ୍ସବ ପାଇଁ କୁନି କୁନି ପିଲାମାନେ ରାଧା-କୃଷ୍ଣ ବେଶରେ ସଜେଇ ହୋଇ ସହର ପରିକ୍ରମା କରିଥିଲେ।



## ■ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର



ପାରଳାଖେମୁଣ୍ଡି,୧୭।୮ (ସମିସ): ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା। ୭୦ରୁ ଅଧିକ କୁନିକୁନି ପିଲା ରାଧା ଓ କୃଷ୍ଣ ବେଶରେ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ହୋଇଥିବା ସମାରୋହରେ ମୁଖ୍ୟବକ୍ତା ଭାବେ ଶ୍ୱେତା ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଦେବୀ ମଠର ମହନ୍ତ ରାମାନନ୍ଦ ଦାଶ ମହାରାଜ, ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ଯୁଗ୍ମସମ୍ପାଦକ ବିଭୂତି ଭୂଷଣ ରଥ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ, ସଦସ୍ୟା ସରିତା ପାଣିଗ୍ରାହୀ ଓ ସୁଜାତା ଗମାଙ୍ଗ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ କୃଷ୍ଣ ଆଧାରିତ ନୃତ୍ୟବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ନିଖିଳ ଉତ୍କଳ ବାରିକ ସମିତି ବୈଠକ



ଫୁଲବାଣୀ,୧୭।୮ (ସମିସ): ନିଖିଳ ଉତ୍କଳ ବାରିକ ସମିତି କନ୍ଧମାଳ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଫୁଲବାଣୀ ମା' ନାରାୟଣୀ ଯାତ୍ରା କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ବାରିକ ସମିତି ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ବାରିକ ସମିତି ସଦସ୍ୟ ଯୋଗ ଦେଇଥିଲେ। ସେମାନଙ୍କୁ ସଂଘର ବିଭିନ୍ନ ଦାବି ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଆଗକୁ ବାରିକ ଭାଇଙ୍କୁ ସଂଗଠିତ ହୋଇ ନିଜ ନିଜର ସୁବିଧା ଅସୁବିଧା ବାବଦରେ ଆଲୋଚନା କରି କାର୍ଯ୍ୟପନ୍ଥା ଅବଲମ୍ବନ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ଶେଷରେ ସାଧାରଣ ସମ୍ପାଦକ ଅରିତ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# 'ଆସ ଆମେ ସ୍କୁଲ ଯିବା' ଅଭିଯାନ

ଚକାପାଦ,୧୭।୮ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡ଼ା ପିଏମ ଶ୍ରୀ ଅନ୍ତର୍ଗତ ସରକାରୀ ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ "ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ପ୍ଲା କାର୍ଡ ଧରି ଆସ ଆମେ ସ୍କୁଲ ଯିବା ନାରା ଦେଇ ନଗର ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସାହାଣୀ, ସହକାରୀ ଶିକ୍ଷକ ଲକ୍ଷ୍ମୀ ନାରାୟଣ ପୁରୋହିତ,ଶିକ୍ଷୟିତ୍ରୀ ମାନିନୀ ବେହେରା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିଲାମାନେ କିପରି ବିଦ୍ୟାଳୟ ମୁହାଁ ହେବେ ସେହି ବିଷୟରେ ଅଭିଭାବକନଙ୍କ ସହିତ ଆଲୋଚନା କରାଯାଇଥିଲା।



ଗୁଣି ସନ୍ଦେହରେ ହତ୍ୟାକରି ଜଙ୍ଗଲରେ ଶବ ପୋତିଦେବା ଘଟଣା

# ହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ପୂଜକ ଗିରଫ

ମୋହନା,୧୭।୮ (ସମିସ): ମୋହନା ଥାନା କୁସୁମପୁର ଗ୍ରାମରେ ଗୁଣି ସନ୍ଦେହରେ ସଂଗଠିତ ହତ୍ୟା ଘଟଣାରେ ହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୁକ୍ତ ଅଣ୍ଡରାଗଡ଼ ଗ୍ରାମର ପୂଜକ ମାର୍କଣ୍ଡ ପାଇକକୁ ଗିରଫ କରିଛି ପୁଲିସ।

ସୂଚନା ଯୋଗ୍ୟ ଯେ ଗୁଣି ସନ୍ଦେହରେ କମଳାପୁର ଗ୍ରାମର କରୁଣାକର ଦଳାଇଙ୍କୁ ଗତ ଜୁଲାଇ ୨୮ ରେ ହତ୍ୟା କରି ମୃତଦେହକୁ ଜଙ୍ଗଲରେ ପୋତି ଦେଇଥିଲେ ଗ୍ରାମବାସୀ। ଘଟଣାର ୧୦ ଦିନ ପରେ ଅଗଷ୍ଟ ୭ ତାରିଖରେ ଗ୍ରାମ ମଶାଣି ନିକଟସ୍ଥ ଜଙ୍ଗଲରୁ ପୋତା ଯାଇଥିବା ଅବସ୍ଥାରେ କରୁଣାକରଙ୍କ ମୃତଦେହକୁ ଉଦ୍ଧାର କରିଥିଲା ମୋହନା ପୁଲିସ। ଗ୍ରାମର ନିରଞ୍ଜନ ମଳିକଙ୍କ ୧୧ ବର୍ଷର ନାବାଳକ ପୁତ୍ରଙ୍କ ମୃତ୍ୟୁ ପରେ କରୁଣାକର ନାବାଳକ ଜଣକୁ କିଛି ଚେର ମୂଳିକା ଔଷଧ ଖାଇବା ପାଇଁ ଦେଇଥିଲେ। ପରବର୍ତ୍ତି ସମୟରେ ନାବାଳକର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ନିରଞ୍ଜନର ପରିବାର ଲୋକେ ଅଣ୍ଡରାଗଡ଼ର ପୂଜକ ମାର୍କଣ୍ଡ ପାଇକଙ୍କ ପାଖକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ କରୁଣାକର ହିଁ ତାଙ୍କ ପୁଅକୁ ଗୁଣି କରି ମାରିଥିବା ମାର୍କଣ୍ଡ କହିବା ସହ ତାଙ୍କୁ ହତ୍ୟା ପାଇଁ ପ୍ରବର୍ତ୍ତାଇ ଥିଲା। ଏହାପରେ ଏହି ସଂଗଠିତ ହତ୍ୟା ହୋଇଥିଲା। ଏହି ଘଟଣାରେ ପୂର୍ବରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଭିଯୁକ୍ତର ଡାକ୍ତରୀ ପରୀକ୍ଷା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ଫୁଲବାଣୀ,୧୭।୮ (ସମିସ): ରାଇକିଆ ବ୍ଲକରେ ଆତ୍ମା ସହଯୋଗରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ପରିଚାଳନା କରାଯାଉଥିବା ଶ୍ରୀଅନ୍ନ ଅଭିଯାନ ଓ ସ୍ୱତନ୍ତ୍ର ମିଶ୍ରିତ କୃଷି କାର୍ଯ୍ୟକ୍ରମର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚିତରଞ୍ଜନ ଶତପଥୀ କ୍ଷେତ୍ର ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମାଣ୍ଡିଆ ଚାଷ କିପରି ଅଧିକ ଉତ୍ପାଦନ ଓ ଚାଷୀଙ୍କୁ ଭଲ ରୋଜଗାର ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମାଣ୍ଡିଆ ଉତ୍ପାଦନ କରୁଥିବା ଅଗ୍ରଣୀ ଚାଷୀଙ୍କୁ ଚାଷର ସରଳ ପ୍ରଣାଳୀ ସମ୍ପର୍କରେ କହିଥିଲେ। ଏହା ସହିତ ସ୍ୱତନ୍ତ୍ର ମିଶ୍ରିତ କୃଷି ଯୋଜନାରେ ସୁଗଡବାଡି ପଞ୍ଚାୟତରେ ଦେଶୀ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ ଓ ଟ୍ରେଲିସ ଉପାୟରେ କିପରି ଚାଷୀ ଲଟାଜାତିୟ ପରିବା ଚାଷ ଜହ୍ନି, କଲରା, ବିନ୍ସ ଆଦି ଫସଲ ସହିତ ଅନ୍ତ ଚାଷ କରି ନିଜର ରୋଜଗାର ବଢାଇଛନ୍ତି ଏବଂ ତା ମାଧ୍ୟମରେ ପିଲାଙ୍କୁ ଉତ୍ତମ ଶିକ୍ଷା ଓ ଘରର ଆର୍ଥିକ ସ୍ଥିତି ବୃଦ୍ଧି କରିପାରିଛନ୍ତି ତାହା ହିତାଧିକାରୀଙ୍କ ପାଖରୁ ଶୁଣି ଖୁସିବ୍ୟକ୍ତ କରିଥିଲେ। ଏହା ପରେ ସ୍ୱାତୀ, ପ୍ରଦାନ ଓ ଏନ୍‌ସିଏନ୍‌ଫ ମିଳିତ ଉଦ୍ୟମରେ ଦେଶୀ ବା ପାରମ୍ପରିକ ଉପଚାର ମାଧ୍ୟମରେ ପଶୁ ସମ୍ପଦ (ଛେଳି ଓ କୁକୁଡା) ଯତ୍ନ କର୍ମଶାଳାରେ ଯୋଗଦେଇ, ଦେଶୀୟ ଚିକିତ୍ସାର ଉପକାରିତା ବିଷୟରେ ଉପସ୍ଥିତ ଥିବା ଅଗ୍ରଣୀ ଛେଳି ଓ କୁକୁଡା ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

### ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପ ଧ୍ୱମେଇବା ପ୍ରତିବାଦ

# ଜନଜାଗରଣ ଅଭିଯାନ କରିବ ସଂଗ୍ରାମ ସମିତି

ଯାଜପୁର, ୧୭।୮ (ସମିସ)

ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ ପାଇଁ ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଜାରି ରହିଛି। ଏହି ପ୍ରକଳ୍ପ ଏକ ଲାଭ ପ୍ରକଳ୍ପ ଏବଂ ୩ଟି ଜିଲ୍ଲା ପାଇଁ ଉପାଦେୟ ହୋଇଥିଲେ ମଧ୍ୟ ଏହି ପ୍ରକଳ୍ପ କରିବା ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଆଗ୍ରହ ସୃଷ୍ଟି କରୁନଥିବାରୁ ଏହି ପ୍ରକଳ୍ପ ଧିରେ ଧିରେ ଧ୍ୱମେଇବାରେ ଲାଗିଛି। ସମସ୍ତ ପ୍ରକାର ସର୍ଭେରେ ଏହା ଲାଭଜନିତ ପ୍ରକଳ୍ପ ବୋଲି ଉଲ୍ଲେଖ ଥିଲେ ମଧ୍ୟ କାହିଁକି ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି; ତାହା ଏବେ ବଡ଼ ପ୍ରଶ୍ନ ଭାବେ ଛିଡ଼ା ହୋଇଛି। ତେଣୁ ଯାଜପୁରରୋଡ-ଧାମରା ରେଳପଥ ପ୍ରକଳ୍ପ ସଂଗ୍ରାମ ସମିତି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୧ରେ ହେବାକୁ ଥିବା ରେଲରୋକ ଆନ୍ଦୋଳନକୁ ସ୍ଥଗିତ ରଖି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ ଜନଜାଗରଣ ଅଭିଯାନ ସଂଗଠିତ କରିବାକୁ ସଂଗ୍ରାମ ସମିତି ବୈଠକରେ




ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ରାଜ୍ୟପାଳ ସଂଗ୍ରାମ ସମିତି ସହ ଆଲୋଚନା କରି ଏହି ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ପାଇଁ ରେଳମନ୍ତ୍ରୀଙ୍କୁ ପତ୍ର ଲେଖିବାକୁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି। ରେଳପଥ ମଞ୍ଜୁରୀ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରିଥିବା ନେଟ୍‌ୱର୍କ ପ୍ଲାନିଂ ଗ୍ରୁପର ଆଭିମୁଖ୍ୟକୁ ପ୍ରତ୍ୟାଖ୍ୟାନ କରି ପ୍ରକଳ୍ପ ମଞ୍ଜୁରୀରେ ହସ୍ତକ୍ଷେପ କରିବାକୁ ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କୁ ଅନୁରୋଧ କରାଯିବା ସହ ସେମାନଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ସ୍ଥିର କରାଯାଇଛି। ଏହା ବ୍ୟତିତ ରାଜ୍ୟ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପରିବହନ ସଚିବଙ୍କ ସମେତ ବିଧାନସଭା ଗୃହ କମିଟିର ଦୃଷ୍ଟି ଆକର୍ଷଣ ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମିତିର ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ବୈଠକରେ ଉପରୋକ୍ତ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି। ଏହି ବୈଠକରେ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଦେବେନ୍ଦ୍ର ପଣ୍ଡା, ମଳୟ ପଣ୍ଡା, ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ନାୟକ, ଦିଲ୍ଲୀପ ଦଳେଇ, ସୁରେନ୍ଦ୍ର ରାୟ, ହରିଶ୍ଚନ୍ଦ୍ର ପଣ୍ଡା, ବିଜୟ ନାୟକ, ନିର୍ମଳ ରଥ, ଗଣେଶ ସାହୁ, ବିଜୟ ପରିଡ଼ା, ପ୍ରଫୁଲ୍ଲ ପାଢ଼ୀ, ରାଧା ଦାସ ଓ ସୁରେଶ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଉପରେ ପ୍ରବଳ ଚାପ ପ୍ରୟୋଗ କରାଯିବାକୁ ମତ ଦେଇଥିଲେ।

### ■ ବସ୍‌ଷ୍ଟାଣ୍ଡ ନାମ ଫଳକ ବିବାଦ

## କଂଗ୍ରେସ ନେତାଙ୍କ ନାମରେ ଅଭିଯୋଗ

ଦଶରଥପୁର, ୧୭।୮ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ମାତ୍ର ବସ୍‌ଷ୍ଟାଣ୍ଡ ନାମ କାରଣରେ ତ୍ରୁଟି ରହିଥିଲା। ୩ ଦିନ ହେବ ମଙ୍ଗଳପୁର ସ୍ଥାନୀୟ ବାସିନ୍ଦା ନାମ ପରିବର୍ତ୍ତନ କରି ମଙ୍ଗଳପୁର ଲେଖିବାକୁ ଦାବି କରିଥିଲେ। କିନ୍ତୁ ଠିକାସଂସ୍ଥା ଏଥିପ୍ରତି କୌଣସି କର୍ଣ୍ଣପାତ କରିନଥିଲେ। ଏଣୁ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ଦଶରଥପୁର ନାମକୁ ହଟାଇ ଦେଇ ମଙ୍ଗଳପୁର ବସ୍‌ଷ୍ଟାଣ୍ଡ- ଦଶରଥପୁର ବ୍ଲକ ଲେଖିବାକୁ ଦାବି କରୁଥିଲେ। ଏଣୁ ଏହି ଘଟଣାରେ ବିଜେପି ପକ୍ଷରୁ ଯୁବ ନେତା ଇନ୍ଦ୍ରଜିତ ଦାସ, ଜୋନ ସଭାପତି ପତିତପାବନ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ଅନୁସାରେ ଦଶରଥପୁର ଲେଖାକୁ ଭାଙ୍ଗିଥିବାରୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ଯୁବନେତା ଚନ୍ଦ୍ରଶେଖର ସାହୁ, ଶେଖର ସମ୍ବିତ ଧଳ, ପୂର୍ବତନ ସମିତି ସଭ୍ୟ ବିମଳ ମଳିକ, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅନନ୍ତ ଜେନା, ମଦନ ମଳିକ, ଉମେଶ ଜେନାଙ୍କ ନାମରେ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ନିଷ୍ପତି ନିଆଯିବ ବୋଲି ମଙ୍ଗଳପୁର ପୁଲିସ କହିଛି।

## ନିରୁପମା ସ୍ମୃତି ପୁରସ୍କାର ପାଇଲେ ୮ ଛାତ୍ରଛାତ୍ରୀ



ଧର୍ମଶାଳା, ୧୭।୮ (ସମିସ): ଧର୍ମଶାଳା ବ୍ଲକ କୋତପୁରସ୍ଥିତ ନିରୁପମା ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଜାଗୁଳାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିରୁପମା ସ୍ମୃତି ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ୮ ଜଣ ଛାତ୍ରଛାତ୍ରୀଙ୍କୁ ନିରୁପମା ସ୍ମୃତି ପୁରସ୍କାର ୨୦୨୪-୨୫ ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ମୃତି କମିଟିର ଅଧ୍ୟକ୍ଷ ଇଂ.ନରେନ କୁମାର ଜେନା ମୁଖ୍ୟଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ରୀତିକା ମହଲ, ଶୁଭଶ୍ରୀ ପଣ୍ଡା, ସ୍ନେହାଞ୍ଜଳି ସାହୁ ଏବଂ ଛାତ୍ର ସ୍ମୃତିରଞ୍ଜନ ସାହୁ, ଆଦର୍ଶ ପରିଡ଼ା, ସାଇ ଶୁଭମ ବେହେରା, ବିଶ୍ୱଭୂଷଣ କର ପ୍ରମୁଖଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ କୁମାର ନାୟକ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଗ୍ଲୋରିଆ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯୋଗ ଦେଇଥିଲେ।

## ଗୋଟିଏ ଘରୁ ୬ ନାଗସାପ ଉଦ୍ଧାର

ସୁକିନ୍ଦା, ୧୭।୮ (ସମିସ): ସୁକିନ୍ଦା ବନବିଭାଗ ଅନ୍ତର୍ଗତ ହରିଡାବାହାଲି ଗ୍ରାମର ଚନ୍ଦ୍ରକାନ୍ତ ମହାନ୍ତଙ୍କ ଘରୁ ୬ଟି ନାଗସାପ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଚନ୍ଦ୍ରକାନ୍ତଙ୍କ ଘରେ ଏକକାଳୀନ ୬ଟି ନାଗସାପ ଦେଖି ପରିବାର ଲୋକେ ଭୟବିତ ହୋଇପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ପ୍ରଶିକ୍ଷିତ ସାପ ଧରାଳି ମିହିର ଚନ୍ଦ୍ର ପାତ୍ରଙ୍କ ସହିତ ଯୋଗାଯୋଗ କରିଥିଲେ। ମିହିର ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରି ୬ଗୋଟି ନାଗସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ରଙ୍କିଆ ଗ୍ରାମ ପାଖ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ିଦେଇଥିବା ଦେଖିବାକୁ ମିଳିଛି।

## ସୁକିନ୍ଦା ଛକରୁ ବାଇକ୍ ଲୁଟ୍

ସୁକିନ୍ଦା, ୧୭।୮ (ସମିସ): ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଔଷଧ ଦୋକାନ ସମ୍ମୁଖରୁ ଦୋକାନ ମାଲିକ ସୁଧାଂଶୁ ଶେଖର ଦାସଙ୍କ ବାଇକ୍ ଲୁଟ୍ ହୋଇଛି। ଲୁଟେରା ଦିନ ଦ୍ୱିପହରେ ଲୁଟ୍ କରି ନିଜର ପାରିବା ପଣିଆ ଦେଖାଇଥିବା ବେଳେ ସୁକିନ୍ଦା ପୁଲିସକୁ ଖୋଲା ଚ୍ୟାଲେଞ୍ଜ କରିଥିବା ଚର୍ଚ୍ଚା ଜୋର ଧରିଛି। ଦିନକୁ ଦିନ ସୁକିନ୍ଦାରେ ଚୋରି, ଲୁଟ୍ ବଢ଼ିଚାଲିଥିବା ବେଳେ ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଗୋଟିଏ ଲୁଟ୍ ଘଟଣା ଲୋକଙ୍କ ମନରୁ ଯାଇନଥିବା ବେଳେ ପୁଣି ଏକ ଲୁଟ୍ ଘଟଣା ସାଧାରଣ ଜନତାଙ୍କ ଚିନ୍ତାର କାରଣ ପାଲଟିଛି। ଗତ କିଛି ମାସ ମଧ୍ୟରେ ସୁକିନ୍ଦା ଥାନାରେ ୨୦ରୁ ଊର୍ଦ୍ଧ୍ୱ ଚୋରି, ଲୁଟ୍, ଅପହରଣ ଭଳି ମାମଲା ରୁଜୁ ହୋଇଥିବା ବେଳେ କୌଣସି ଘଟଣାରେ ପୁଲିସକୁ ସଫଳତା ନ ମିଳିବା ପୁଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଗତ ୨୬ତାରିଖ ରାତିରେ ସୁକିନ୍ଦା ଛକରେ ଥିବା ଏକ ଟାୟାର ଦୋକାନରୁ ୫ଲକ୍ଷ ଟଙ୍କାର ଟାୟାର ଲୁଟ୍ ଘଟଣାରେ ପୁଲିସ କାହାକୁ ଗିରଫ କରିପାରିନଥିବା ଏବେବି ବ୍ୟବସାୟୀ ମାନଙ୍କ ଚିନ୍ତାର କାରଣ ହୋଇଛି।

## ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ପିଟି ହୋଇ ଜଣେ ଗୁରୁତର

ସୁକିନ୍ଦା, ୧୭।୮ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ଅଧୀନସ୍ଥ କଲରାଗାଡ଼ିଆ ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକ୍ ଦୁର୍ଘଟଣା ଘଟି ସୁଦାମ ମୁଣ୍ଡା(୧୯) ନାମକ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ କଲରାଗାଡ଼ିଆ ଗ୍ରାମର କୋଲାଇ ମୁଣ୍ଡାଙ୍କ ପୁଅ ସୁଦାମ ରବିବାର ବାଇକ୍ ନେଇ ଯାଉଥିବା ସମୟରେ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଦୁର୍ଘଟଣା ଘଟି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସୁଦାମକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁଦାମ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ପୂର୍ବତନ କୂଳପତିଙ୍କ ବିୟୋଗରେ ଶୋକ

ପ୍ରୀତିପୁର, ୧୭।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କ ମହଲରେ ଶୋକ ପ୍ରକାଶ ପାଇଛି। ଏଥିପାଇଁ ଅଖିଳଚକ୍ର ଓଡ଼ିଶା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଅନୁଷ୍ଠାନର ସଭାପତି ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ, ଅମିତାଭ ଜେନା, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରି ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ସମାଜସେବୀଙ୍କ ସ୍ମୃତିରେ ଖାତାକଲମ ବଣ୍ଟନ

ବରୀ, ୧୭।୮ (ସମିସ): ବରୀ ବ୍ଲକ ରତଲାଙ୍ଗ ଗ୍ରାମର ସମାଜସେବୀ ସୁବାସ ଚନ୍ଦ୍ର ସାମଲଙ୍କ ଏକାଦଶତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସୁବାସ ଚନ୍ଦ୍ର ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ସାମଲ, ପ୍ରଧାନଶିକ୍ଷକ ଇନ୍ଦ୍ରମଣି ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କୁ ଖାତା, କଲମ, ଯନ୍ତ୍ରବାକ୍ସ ଆଦି ବଣ୍ଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସ୍ମୃତି ଚାରଣ ସଭାରେ ସାମ୍ବାଦିକ ପ୍ରତାପ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡାବିତ୍ ଦ୍ୟୁତି ଚାନ୍ଦ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ବିଞ୍ଝାରପୁର ବିଡିଓ ସୀତାଂଶୁ ସାମଲ, ସରପଞ୍ଚ ବନ୍ଦନା ବିଶ୍ୱାଳ, ବିଜେପି ନେତା ପବିତ୍ର ମୋହନ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନିଜର କୃତିତ୍ୱ ପାଇଁ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ସେନା କର୍ମଚାରୀ ଶ୍ୟାମସୁନ୍ଦର ରାଉତ, କୃଷକ ମିହିର ମଲ୍ଲିକ, କଣ୍ଠଶିଳ୍ପୀ ବିବେକାନନ୍ଦ ଦ୍ୱିବେଦୀ, ପରିବେଶବିତ୍ ବିବେକାନନ୍ଦ ନାଥ ଶର୍ମା ପ୍ରମୁଖଙ୍କୁ ଅତିଥିମାନେ ସ୍ମାରକ ଫଳକ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନୋଜ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଷ୍ଟେଟ୍ ବ୍ରିଗେଡ୍ ସ୍କୁଲରେ ପତାକା ଉତ୍ତୋଳନ

ଧର୍ମଶାଳା, ୧୭।୮ (ସମିସ): ଧର୍ମଶାଳା ବଜାର ନିକଟସ୍ଥ ସିଙ୍ଗାରସାହିଠାରେ ଥିବା ଓଡ଼ିଶା ଷ୍ଟେଟ୍ ବ୍ରିଗେଡ଼ ସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚୌପଟ୍ଟନାୟକ ଏଠାରେ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ ଯୋଗଦେଇ ସ୍ୱାଧୀନତା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ନାୟକଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା



ପ୍ରତିଯୋଗିତା ହୋଇଥିଲା। ପରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଦଳାଇ, ମମତା ବେହେରା, ଶୁଭଶ୍ରୀ ରାଉତ, ଅର୍ପିତା ଦଳାଇ, ଦୀପାଳି ଦାସ, ସୁଭଦ୍ରା ପଣ୍ଡା, ବିଜୟଲକ୍ଷ୍ମୀ ପାଢ଼ୀ, ନଫିସା ଫିର୍ଦୋଷ, ଆନନ୍ଦ ଦଳାଇ, ସୋମନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାଦମ୍ବିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ କଳାକାର ଏକାଡେମୀର କର୍ମକର୍ତ୍ତା ଚୟନ

ଯାଜପୁର, ୧୭।୮ (ସମିସ): ଯାଜପୁର ଟାଉନ ମିଶନଶକ୍ତି ଭବନ ପରିସରରେ ରାଜ୍ୟର ଅଗ୍ରଣୀ କଳାକାର ସଂଗଠନ ଉତ୍କଳ କଳାକାର ଏକାଡେମୀର ଏକ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅଧ୍ୟକ୍ଷ ଶଶଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସଭାପତି ନୃସିଂହନାଥ ନନ୍ଦ, ପ୍ରତିଷ୍ଠାତା କୈଳାଶ ନାୟକ, କାର୍ଯ୍ୟକାରୀ ସଭାପତି ହରିହର ସ୍ୱାଇଁ, ଉପ ସଭାପତି ଅଭିନବ ସିଂ, ମୋନାଲିସା ଦେବତା, ଉପାଧ୍ୟକ୍ଷା ଡ. ରୋଜାଲିନ ସେନାପତି, ଓଡ଼ିଶା ସୁନ୍ଦରୀ ରଚିତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ଶାଖାର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲ୍ଲା ସଭାପତି ଭାବେ ଡ. କୈଳାଶ ଚନ୍ଦ୍ର ବେହେରା, ସମ୍ପାଦକ ଅଭିମନ୍ୟୁ ମିଶ୍ର, କାର୍ଯ୍ୟକାରୀ ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ସୁଧାଂଶୁ ମଲ୍ଲିକ, ଡ. ମିତା ଦାସ, କୋଷାଧ୍ୟକ୍ଷ ରମାକାନ୍ତ ସାହୁ, ଯୁଗ୍ମ ସମ୍ପାଦକ ଜାହାଙ୍ଗୀର ଖାନ, ସଂଗଠନ ସମ୍ପାଦିକା ଶକୁନ୍ତଳା ବେହେରା, ସହସମ୍ପାଦିକା ମାମିନା ରାୟ, ସାଂସ୍କୃତିକ ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ, ଆଇନ ପରାମର୍ଶଦାତା ଅବିନାଶ ପଣ୍ଡା, ସ୍ୱାସ୍ଥ୍ୟ ସମ୍ପାଦକ ଡ.ବିରଞ୍ଚି ନାରାୟଣ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ନଟବର ଜେନା, ସନାତନ ଦାସ, ଆବାହକ ନିରୁପମା ପଣ୍ଡା, ଆକାଶ ସେଠୀ ପ୍ରମୁଖ ଜିଲ୍ଲା କମିଟି ପାଇଁ ମନୋନୀତ ହୋଇଛନ୍ତି।

## ଉତ୍କଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ବ୍ୟାସନଗର, ୧୭।୮ (ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ନିଷ୍ପତି କ୍ରମେ ବ୍ୟାସନଗର ସ୍ଥିତ ହୋଟେଲ ବ୍ରାହ୍ମଣୀ ପରିସରରେ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସର୍ବପୁରାତନ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ଶାଖାର ସାଧାରଣ ସମ୍ପାଦକ ଭାବେ ପବିତ୍ର ରଞ୍ଜନ ମହାନ୍ତି ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ଉପଦେଷ୍ଟା ପ୍ରିୟରଞ୍ଜନ କର, ଜାତୀୟ ପରିଷଦ ସଦସ୍ୟ ପ୍ରଦୀପ ଚାନ୍ଦ, ଯାଜପୁର ବ୍ଲକ ସଂଯୋଜକ ବିଦ୍ୟାଧର ବେହେରା, ଅସିତ ମହାନ୍ତ, ସେକ୍ ଜହୁର, ଯଜ୍ଞଦତ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ବାଲିଚନ୍ଦ୍ରପୁର, ୧୭।୮ (ସମିସ): ଦୀର୍ଘ ୩୦ ବର୍ଷ ଧରି ବାଲିଚନ୍ଦ୍ରପୁର ଗ୍ରାମରେ ପାଇକାରୀ ବିକ୍ରେତା (ଡିଲର) ଭାବେ କାର୍ଯ୍ୟ କରି ଆସୁଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ଅଞ୍ଜଳ ବିହାରୀ ପୃଷ୍ଟି (୬୮)ଙ୍କର ଆଜି ଦିନ ୧୨ଟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ଆଜି ସେ ନିଜ ବାସଭବନରେ ଥିବା ବେଳେ ହୃଦ୍‌ଘାତର ଶିକାର ହୋଇ ତଳେ ପଡ଼ି ଯାଇଥିଲେ। ସେହି ଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ବିୟୋଗ ଖବର ପାଇ କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସରୋଜକାନ୍ତ ପରିଜା, ମନୋଜ କୁମାର ପରିଡ଼ା, କେଶବ ମହାରଣା, ନିହାର ପରିଡ଼ା, ଅନିଲ ସାହୁ, ମନୋଜ ମହାରଣା, ଅରକ୍ଷିତ ମଲ୍ଲିକ ଓ କ୍ଷେତ୍ରବାସୀ ମହାରଣା ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ବିନୋଦ ମୁଖାଗ୍ନି ଦେଇଥିଲେ।



## ରକ୍ତ ସଙ୍କଟ ଦୂର କରିବ 'ରକ୍ତବନ୍ଧୁ'

କବାଟବନ୍ଧ, ୧୭।୮ (ସମିସ): ଯାଜପୁର ଜିଲ୍ଲାରେ ନୂତନ ଭାବେ 'ରକ୍ତବନ୍ଧୁ' ଯାଜପୁର ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ ହୋଇଛି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ କବାଟବନ୍ଧ ଅଞ୍ଚଳରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନେକ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଳଜଙ୍ଗ ପଞ୍ଚାୟତ ଅଧୀନ ଐତିହାସିକ ପୀଠ ବଳରାମପୁର ଉପରଗଡ଼ ଠାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରକ୍ତବନ୍ଧୁ ଯାଜପୁରର ଆବାହକ ବସନ୍ତ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କୌଣସି ପରିସ୍ଥିତିରେ ରକ୍ତ ଆବଶ୍ୟକତା କରୁଥିବା ଗୁରୁତର ରୋଗୀଙ୍କୁ ଖୁବଶୀଘ୍ର ରକ୍ତ ଯୋଗାଇ ଦେବାକୁ ରକ୍ତବନ୍ଧୁ ପରିବାର ସଦାସର୍ବଦା ପ୍ରସ୍ତୁତ ଥିବା ଏହି ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟ ପକ୍ଷରେ ଜିଲ୍ଲାରେ ରହିଥିବା ଥାଲାସେମିଆ ଶିଶୁ ରୋଗୀ ବିଶେଷ କରି ଯାଜପୁର ରୋଡ୍ ରକ୍ତଭଣ୍ଡାର ଉପରେ ନିର୍ଭର କରୁଥିବା ଥାଲାସେମିଆ ଶିଶୁମାନଙ୍କ ଉପରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଥାଲାସେମିଆ ରୋଗୀମାନଙ୍କୁ ପ୍ରତ୍ୟେକ ମାସରେ ରକ୍ତର ଆବଶ୍ୟକତା ରହିଛି। ରକ୍ତ ବନ୍ଧୁ ପରିବାର ଏଥିରେ ବିଶେଷ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି। ଏହି ବୈଠକରେ ସମାଜସେବୀ ଶରତ ବଳ, ସନାତନ ମଲ୍ଲିକ, ସମ୍ବାଦିକ ଅସିତ କୁମାର ନାୟକ, ଓମପ୍ରକାଶ ମଲିକ, ଓମପ୍ରକାଶ ସ୍ୱାଇଁ, ମାନସ ଦାସ, ସନ୍ତୋଷ ସାହୁ, ଭିକି ମଲ୍ଲିକ, ସ୍ମୃତିରଞ୍ଜନ ଧୀର, ରାଜକିଶୋର ମଲ୍ଲିକ, ମନୋଜ କୁମାର ସାହୁ, ଜଗବନ୍ଧୁ ମଲ୍ଲିକ, ଆଲୋକ ମଲିକ, ପିଙ୍କୁ ମଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ରକ୍ତବନ୍ଧୁ ଯୋଗ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଯାଜପୁର, ୧୭।୮ (ସମିସ): ସିଭିଲ କୋର୍ଟ ଯାଜପୁର ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଜଜ୍ ଉଦଘାଟନ କରିଥିଲେ। ଏହି ଶିବିର ଯାଜପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ବିଭିନ୍ନ ବିଭାଗର ଚିକିତ୍ସକ ଏବଂ ଓଡ଼ିଶା ରକ୍ତ ସଂଗ୍ରହକେନ୍ଦ୍ର, ଯାଜପୁର ଚିକିତ୍ସାଳୟ ଶାଖାର ଚିକିତ୍ସକ ଏବଂ କର୍ମକର୍ତ୍ତାମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯାଜପୁରର ବିଭିନ୍ନ କୋର୍ଟର ବିଚାରପତି, କର୍ମଚାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର, କର୍ମଚାରୀ, ବିଭିନ୍ନ ବାର୍ ଆସୋସିଏସନର ସଦସ୍ୟ, ଜିଲ୍ଲା




କାରାଗାରର କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ସଚେତନ ନାଗରିକମାନେ ରକ୍ତଦାନ କରିଥିଲେ। ଏଥିରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୩୫ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଡିଷ୍ଟ୍ରିକ୍ ଲୟର ଆସୋସିଏସନସର ସଭାପତି ପ୍ରତାପ କୁମାର ରାୟ, ସଦସ୍ୟ ରାଜୀବ କୁମାର ମହାନ୍ତିଙ୍କ ସହଯୋଗ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଲିପା ମହାନ୍ତି ଏବଂ ସିଭିଲକୋର୍ଟର ରେଜିଷ୍ଟ୍ରାର ମାନସରଞ୍ଜନ ସାମନ୍ତରାୟ ପରିଚାଳନା କରିବା ସହିତ ରକ୍ତଦାନ କରିଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁବନ ହାଟରେ ରକ୍ତଦାନ ଶିବିର

କୁଆଖିଆ, ୧୭।୮ (ସମିସ)

ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ମା'ଜାଗୁଳାଇ ଯୁବକ ସଂଘ ଆୟୋଜନରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମଧୁବନହାଟ ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜେଡିର ଯୁବନେତା ନିହାର ରଞ୍ଜନ କଣ୍ଠ (ଲୋଟସ୍) ଉଦଘାଟନ କରିଥିଲେ। ଦିନସାରା ପ୍ରବଳ ବର୍ଷା ସତ୍ତ୍ୱେ ଶିବିରରୁ ମୋଟ ୬୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ସାମ୍ବାଦିକ ଆଲୋକ କୁମାର ପହି, ତୁଷାର ରଞ୍ଜନ କଣ୍ଠ, ପ୍ରମୋଦ ସ୍ୱାଇଁ, ପପନ ପଟ୍ଟନାୟକ, ଦୀପକ ପହି, ଅନନ୍ତ ତରାଇ, ନିହାର ଆଚାର୍ଯ୍ୟ, ପ୍ରମୋଦ କୁମାର ରାଉତ, ବିଭୁତି ଭୂଷଣ ତରାଇ, ନିକୁଞ୍ଜ ରଥ, ପପୁ ମଲିକ, ଆଦିତ୍ୟ ତରାଇ, ତପନ ଦ୍ୱିବେଦୀ, ରଶ୍ମୀରଞ୍ଜନ ତରାଇ, ମୁକେଶ ତରାଇ, ଜିତେନ୍ଦ୍ର ତରାଇ, ସୌମ୍ୟରଞ୍ଜନ ରଥ, ସ୍ମୃତିରଞ୍ଜନ ତରାଇ, ବିଚିତ୍ର ସ୍ୱାଇଁ, ସାମ୍ବାଦିକ କୈଳାସ ଚନ୍ଦ୍ର ମଲିକ, ଶୁଭେନ୍ଦୁ ସାମଲ ଓ ବିଶ୍ୱପ୍ରକାଶ ଖୁଣ୍ଟିଆ, ଅମରେଶ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଜିତେନ୍ଦ୍ର କୁମାର କର, ସମ୍ପାଦକ



କୀର୍ତ୍ତନ ବିହାରୀ ସାହୁ, ରାମଚନ୍ଦ୍ର ରାଉତ, ଦଶରଥ ସାହୁ, ବିମ୍ବାଧର ଓଝା, ସୁଦାମ ଚରଣ ଦାସ, ରଘୁନାଥ ପତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମଧୁବନ ସିଏଚ୍‌ସିର ଡାକ୍ତର ବସନ୍ତ କୁମାର ପଣ୍ଡା ଓ ଡାକ୍ତର ଚିତ୍ତରଞ୍ଜନ ନାୟକ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ରର ଏଲ୍‌ଟି ପାର୍ଥସାରଥି ପୁହାଣ, ବିଶ୍ୱରଞ୍ଜନ ଓଝା, ତରୁଣ କୁମାର ନାୟକ, ହୃଷୀକେଶ ଜେନା ଓ ଶିବସାହୁ ରକ୍ତ ସଂଗ୍ରହ କରିଥିଲେ। ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ବରାଳ ଶିବିର ପରିଚାଳନା କରିଥିଲେ।

# ଆଜିଠୁ କାର୍ଯ୍ୟ ବନ୍ଦ କରିବେ ଜିଲ୍ଲାର ରାଜସ୍ୱ କ୍ଷେତ୍ରାଧିକାରୀ

ଭଦ୍ରକ, ୧୭ ।୮ (ସମିସ)



ଅସହ୍ୟ କାର୍ଯ୍ୟଭାର, ଅଣରାଜସ୍ୱ ଦାୟିତ୍ୱ ଏବଂ ଗୁରୁତର ଅଭିଯୋଗର ନିରନ୍ତର ଉପେକ୍ଷାକୁ ବିରୋଧ କରି ୧୮ ଅଗଷ୍ଟରୁ ରାଜ୍ୟବ୍ୟାପୀ ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ କାର୍ଯ୍ୟବନ୍ଦ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀ ସଂଘର ନିର୍ଦ୍ଦେଶନାମା ଅନୁଯାୟୀ ଏହି ଘୋଷଣା କରାଯାଇଛି । କର୍ମଚାରୀମାନେ ଏହାକୁ ସରକାରଙ୍କ ଅମାନବୀୟ ଚାପର ପ୍ରତିବାଦ ଭାବେ ବର୍ଣ୍ଣନା କରିଛନ୍ତି । ଏହି ଆନ୍ଦୋଳନ ଭଦ୍ରକ ଜିଲ୍ଲା ସମେତ ରାଜ୍ୟର ସବୁ ଜିଲ୍ଲାରେ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି । ଏହି ମର୍ମରେ ଭଦ୍ରକ ସମେତ ବାସୁଦେବପୁର, ବନ୍ତ, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡି ତହସିଲଦାରଙ୍କୁ ରାଜସ୍ୱ କ୍ଷେତ୍ର ଅଧିକାରୀ କର୍ମଚାରୀମାନେ ସରକାରଙ୍କୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେମାନେ ମାନସିକ ଓ ଶାରୀରିକ ଭାବେ କ୍ଲାନ୍ତ ହୋଇପଡ଼ିଛନ୍ତି । ପ୍ରାଥମିକ ଅଭିଯୋଗ ଗୁଡ଼ିକର ସମାଧାନ ନହେବାରୁ ଏହି ପଦେକ୍ଷପ ଗ୍ରହଣ କରାଯାଇଛି ।

ସ୍ମାରକପତ୍ରରେ କୁହାଯାଇଛି ଯେ କର୍ମଚାରୀମାନେ ପ୍ରାୟତଃ ଏକାକୀ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟରେ କାମ କରନ୍ତି ଏବଂ ଓଡ଼ିଶା ଜନସେବା ଅଧିକାର ଆଇନ୍ ଅଧୀନରେ ସେବା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି । ସିଦ୍ଧସି କାର୍ଯ୍ୟକ୍ରମରେ ପ୍ରତିଦିନ ୧୫ଟି ଏନଟ୍ରିର ଅବାସ୍ତବ ଲକ୍ଷ୍ୟ ଚାପ ଦିଆଯାଉଛି । ଲକ୍ଷ୍ୟ ପୂରଣ ନେହେଲ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ଦରମା ବନ୍ଦ ର ଧମକ ମିଳୁଛି । ଏହା ସହିତ ମହିଳା ଉତରାଧିକାରୀଙ୍କ ନାମ ଅନ୍ତର୍ଭୁକ୍ତିରେ ସାମାଜିକ ପ୍ରତିରୋଧ ରହିଛି, ଯାହା ବିବାଦ ଓ ମାରପିଟ୍ ପର୍ଯ୍ୟନ୍ତ ପହଞ୍ଚୁଛି । ଏହି କାର୍ଯ୍ୟରେ ମୃତ ରେକର୍ଡ ଟେନାଣ୍ଟଙ୍କ ବଂଶାବଳୀ ସଂଗ୍ରହ ଅତ୍ୟନ୍ତ କଷ୍ଟସାଧ୍ୟ, କାରଣ ଲୋକମାନେ ପ୍ରକୃତ ତଥ୍ୟ ଲୁଚାଇ ରଖନ୍ତି । ବିଶେଷକରି କୃଷକମାନଙ୍କୁ ବଂଶାବଳୀ ପ୍ରମାଣପତ୍ର ଜାରି କରିବୋର ଅନେକ ସମସ୍ୟା ରହିଛି । ଏହି ପ୍ରମାଣପତ୍ର କୌଣସି ଆଇନଗତ ବ୍ୟବସ୍ଥା ବିନା ଏବଂ କ୍ଷେତ୍ର ଅନୁସନ୍ଧାନ ବିନା ଜାରି କରାଯାଉଛି, ଯାହା କର୍ମଚାରୀଙ୍କୁ ଆଇନଗତ ଅସୁବିଧାରେ ପକାଉଛି । ଏହା ସହିତ କୃଷକ କାର୍ଡ ଡାଟା ଯାଞ୍ଚ (ମଣ୍ଡି କାର୍ଡ ଭେରିଫିକେସନ୍) ଏକ ବିରାଟ କାର୍ଯ୍ୟ ହୋଇପଡ଼ିଛି, ଯାହା ମାନବୀୟ ଦୃଷ୍ଟିରୁ ଅସମ୍ଭବ ଏବଂ ହରକ୍ୟୁଲିଆନ୍ ପରି ପ୍ରତୀୟମାନ ହେଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି ।

ଏହି କାର୍ଯ୍ୟଗୁଡ଼ିକ ଅନୁସନ୍ଧାନ, ଡାଟା ଏଣ୍ଟ୍ରି ଏବଂ ଯାଞ୍ଚର ଅନେକ ସମୟ ନେଉଛି, କିନ୍ତୁ ସରକାର ଏହାକୁ ମେସିନ୍ ପରି ଆଶା କରୁଛନ୍ତି । ସେହିଭଳି ରାଜସ୍ୱ କ୍ଷେତ୍ର କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ ବସୁନ୍ଧରା ଯୋଜନାରେ ମାସକୁ ୨୦ଟି ହିତାଧିକାରୀ ଚିହ୍ନଟ କରିବା ଏବଂ ପଟ୍ଟା ପ୍ରଦାନ କରିବା ପାଇଁ ସମ୍ପୂର୍ଣ୍ଣ ତଦନ୍ତ କାର୍ଯ୍ୟ ଚାପ ଦିଆଯାଉଛି । ଅଣରାଜସ୍ୱ କାର୍ଯ୍ୟ ମଧ୍ୟରେ କେଏମଏସ୍-୨୦୨୫ ପାଇଁ ବଂଶାବଳୀ ପ୍ରମାଣପତ୍ର ପ୍ରଦାନ, ଆଗ୍ରିଷ୍ଟାକ୍ ଆପ୍‌ରେ କୃଷକ ପଞ୍ଜୀକରଣ ଅନୁମୋଦନ, ଡିଜିଟାଲ୍ ଶସ୍ୟ ସର୍ଭେ, ଧାନ ମଣ୍ଡିର ନୋଡାଲ୍ ଅଫିସର ଭାବେ କାର୍ଯ୍ୟ ଏବଂ ସୁଭଦ୍ରା ଯୋଜନୋର ହିତାଧିକାରୀ ଚୟନ ଅନ୍ତର୍ଭୁକ୍ତ । ସରକାରୀ ପତ୍ରାଙ୍କ ଅନୁଯାୟୀ ଅଣରାଜସ୍ୱ କାର୍ଯ୍ୟ ନିଷେଧ ଥିଲେ ମଧ୍ୟ ଏହାର ଉଲ୍ଲଂଘନ ହେଉଛି । ଅନ୍ୟ ବିଭାଗର ଅଧିକାରୀମାନେ ଆଦେଶ ଜାରି କରି ରାଜସ୍ୱ ବିଭାଗର ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି । ସେହିପରି ସ୍ମାରକପତ୍ରରେ ଭିତିଭୂମିର ଅଭାବ (ଲାପଟପ୍, ପ୍ରିଣ୍ଟର, ହାଇସ୍ପିଡ୍ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସଯୋଗ) ଉପରେ ଆଲୋକପାତ କରାଯାଇଛି । ଡିଜିଟାଲ୍ କାର୍ଯ୍ୟରେ ତ୍ରୁଟି ଓ ବିଳମ୍ବ ହେତୁ କାର୍ଯ୍ୟ ପ୍ରଭାବିତ ହେଉଛି । କର୍ମଚାରୀମାନେ ସମ୍ବିଧାନର ଅନୁଚ୍ଛେଦ୨୧ ଓ ୨୩ର ଉଲ୍ଲଂଘନ ହେଉଥିବା ଅଭିଯୋଗକରିଛନ୍ତି । ଏହା ସହିତ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ଯେ ଅଭିଯୋଗଗୁଡ଼ିକର ସମାଧାନ ନେହେଲ ଆଇନଗତ ପଦେକ୍ଷପ ନିଆଯିବ । ଜିଲ୍ଲାର ୭ଟି ତହସିଲର ତହସିଲଦାରମାନଙ୍କୁ ତହସିଲସ୍ତରୀୟ ସଂଘ ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ



ବାରିକପୁର,୧୭।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସରସଦା ଶାଖା ପକ୍ଷରୁ ଗ୍ରାହକ ସେବାକେନ୍ଦ୍ର ଉଦଘାଟିତ ହୋଇଯାଇଛି । ସରପଞ୍ଚ ପରମାନନ୍ଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ଗ୍ରାହକ ସେବା କେନ୍ଦ୍ରଟିକୁ ଲୋକାର୍ପିତ କରି ଏହା ଷୋଳମପୁରବାସୀଙ୍କ ପାଇଁ ବେଶ ଉପଯୋଗୀ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମବାୟ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ଯୁବନେତା ସୁରଥ ଦାସ, ବିଦ୍ୟାଧର ଜେନା, ସନ୍ତୋଷ ନାୟକ, ସୁଶାନ୍ତ ବେହେରା, ବାଇଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହାଛଡା ପଞ୍ଚାୟତ ଅଞ୍ଚଳର ବୋହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିଲେ ।

## ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧନା

ବାରିକପୁର, ୧୭ ।୮ (ସମିସ): ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଂଯୋଜିତ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଭଦ୍ରକ ଲାୟନ୍ସ କ୍ଲବ ସଭପତି ସୁରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସଭାପତି ଅଶୋକ ମହାନ୍ତି, ଯୁବନେତା ସୁରେଶ ସାମଲ, ଦୀପକ ପାଣିଗ୍ରାହୀ, ବିକାଶ ସାମଲ, ବିଜୟ ଖିଲାର, ଭିକାରି ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରେ କ୍ଲବ ପକ୍ଷରୁ ସରପଞ୍ଚ ଶ୍ରୀ ନାୟକଙ୍କୁ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ଉତ୍ସର୍ଗୀକୃତ ସେବା ପାଇଁ ପଞ୍ଚାୟତର ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଖିଲାର, ସ୍ୱଚ୍ଛ ଭାରତ ସଂଯୋଜିକା ସୁଭଦ୍ରା ପାତ୍ର, ଶକୁନ୍ତଳା ସାମଲ, ସୁଜାତା ଦାସ ଓ ସଫେଇ କର୍ମଚାରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଞ୍ଚାୟତ ପରିସରରେ ବୃକ୍ଷ ରୋପଣ ସହିତ ଚିଙ୍ଗିଡ଼ିପୁର ହାଇସ୍କୁଲଠାରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାରିକପୁର, ୧୭ ।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଜୋରାଗଡିଆ ସରକାରୀ ଉପ୍ରା ବିଦ୍ୟାଳୟଠାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷୟିତ୍ରୀ ମମତାମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ଉଦ୍ୟୋଗୀ ତଥା ରୋଟାରିୟାନ ଅଜିତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସୁରେନ୍ଦ୍ର ଶଙ୍ଖୁଆ, ବରିଷ୍ଠ ନାଗରିକ ଅନନ୍ତ ପ୍ରସାଦ ବେହେରା, ବିଦ୍ୟାଧର ଖିଲାର ପ୍ରମୁଖ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ, ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପୀନାଥ ପଳତା, ଚକ୍ରଧର ଜେନା, ଗିରିଧାରୀ ଦତ, ବିମଳ ଦାସ, ଶ୍ୟାମସୁନ୍ଦର ପାଲ୍ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ୱଚ୍ଛ ଭାରତ ଯାନ ଉଦ୍‌ଘାଟିତ



ବାରିକପୁର, ୧୭ ।୮ (ସମିସ): ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରଥମଥର ପାଇଁ ବ୍ୟାଟେରୀ ଚାଳିତ ସ୍ୱଚ୍ଛ ଭାରତ ଯାନ ଉଦଘାଟିତ ହୋଇଯାଇଛି । ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଦେବଦତ ଦାଶ, ଆଦର୍ଶ ଯୁବନେତା ବଦ୍ରିନାରାୟଣ ଧଳ, ପ୍ରାକ୍ତନ ସରପଞ୍ଚ ଶଶିକାନ୍ତ ମିଶ୍ର, ସମାଜସେବୀ ଅଲେଖଚନ୍ଦ୍ର ଘଡେଇ, ନାରାୟଣଚନ୍ଦ୍ର ଘଡ଼େଇ, ରାମଚନ୍ଦ୍ର ସାହୁ, ବସନ୍ତ ତ୍ରିପାଠୀ, ଜିତେନ୍ଦ୍ର ମହାପାତ୍ର, ଯୁବନେତା ଶ୍ରୀଧର ସ୍ୱାଇଁ, ଗଗନବିହାରୀ ସେଠୀ, ମହେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ନିଶିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବୋହୁ ଜନସାଧାରଣ ଯୋଗ ଦେଇଥିଲେ ।

## ଲୋକାର୍ପିତହେଲା ଶହୀଦ ସ୍ମୃତି ପାଠାଗାର

ବାସୁଦେବପୁର, ୧୭।୮ (ସମିସ): ବାସୁଦେବପୁର ପୌରପାଳିକା ଅଧୀନରେ ନିର୍ମାଣ ହୋଇଥିବା ପାଠାଗାର ଉଦଘାଟନ ଦୀର୍ଘଦିନ ପରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଅବସରରେ ଲୋକାର୍ପିତ ହୋଇଛି । ପୂର୍ବତନ ରାଜସ୍ୱ ମନ୍ତ୍ରୀ ଦିବଙ୍ଗତ ନେତା ବିଜୟଶ୍ରୀ ରାଉତରାୟଙ୍କ ପ୍ରଚେଷ୍ଟାରେ ତହସିଲ ଆଗରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ପୋଖରୀକୁ କିସମ ପରିବର୍ତ୍ତନ କରି ପୋତି ଆବଶ୍ୟକ ଅର୍ଥ ବରାଦ କରିଥିଲେ । ବିଜୟଶ୍ରୀଙ୍କ ପୁତ୍ର ବିଷ୍ଣୁବ୍ରତ ରାଉତରାୟ ବିଧାୟକ ହେବା ପରେ ଅଧୁରା କାମକୁ ପୂର୍ଣ୍ଣାଙ୍ଗ କରିଥିଲେ । ବାସୁଦେବପୁରବାସୀଙ୍କ ସ୍ୱପ୍ନ ଅତ୍ୟାଧୁନିକ ବସଷ୍ଟାଣ୍ଡ, ଇଣ୍ଡୋର ଷ୍ଟାଡିୟମ, ପାଠାଗାର, ପୌରପାଳିକାର ୯ କିଲୋମିଟର ଆଲୋକିକରଣ, ଅତ୍ୟାଧୁନିକ କସିଆ ଜେଟି, ରକ୍ତତୀର୍ଥ ଇରମର ଉନ୍ନତିକରଣ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ସ୍କୁଲକଲେଜ ଉନ୍ନତିକରଣ, ଗାଁ ଗାଁରେ ମଠ ଓ ମନ୍ଦିର ବିକାଶ ସହ ବାଲିଆପାଳ ଓ ଚାରବାଟିଆ ମନ୍ତେଇ ନଦୀର ପୋଲ ନିର୍ମାଣ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ନିର୍ବାଚନ ପରେ ପାଠାଗାରର ନାମକୁ ନେଇ ବିବାଦ ଦେଖାଦେବାରୁ ଉଦଘାଟନ ନହୋଇ ପଡି ରହିଥିଲା । ପୌରପାଳିକା ପକ୍ଷରୁ ପୁସ୍ତକ ଯୋଗାଇ ଦେବା ପରେ ସ୍ୱାଧୀନତା ଦିବସରେ ଶହୀଦ ପାଠାଗାର ନାମରେ ନାମିତ କରି ବିଧାୟକ ଅଶୋକ ଦାସ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗ ଦେଇଥିଲେ ।



## ଭଦ୍ରକ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ କର୍ମୀ ସମାବେଶ

ଭଦ୍ରକ, ୧୭ ।୮ (ସମିସ): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମୀ ସମବେଶ ଓ ସମ୍ବର୍ଦ୍ଧନା ସଭା ଭଦ୍ରକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରାଧାକାନ୍ତ ସାମଲ, ସମ୍ମାନିତ ଅତିଥି ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ଅନୁସୂଚିତ ଜାତି ବିଭାଗର ରାଜ୍ୟ ଉପସଭାପତି ଜାନକୀ ମଲ୍ଲିକ, ଜିଲ୍ଲା ସଭାପତି ବିଦ୍ୟାଧର ଜେନା, ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ମଲ୍ଲିକ, ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ରାଜ୍ୟ ସମ୍ପାଦକ ଶଶିକାନ୍ତ ଜେନା, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, କେନ୍ଦ୍ରାପଡାର ବିଶିଷ୍ଟ ଆମ୍ବେଦକରବାଦୀ ନେତା ଶ୍ରୀବତ୍ସ ମଲ୍ଲିକ, ରାଜ୍ୟ କଂଗ୍ରେସ ସେବା ଦଳର ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ରାଜ୍ୟରେ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ହରିହର ମଲ୍ଲିକ, ନିମାଇଁ ଜେନା, ନାରୀନେତ୍ରୀ ଧରିତ୍ରୀ ଜେନା, ଅରୁଣ ମଲ୍ଲିକ, ରାଜୁ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ଡ. ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପରେ ମୁଖ୍ୟଅତିଥି, ମୁଖ୍ୟବକ୍ତା, ପିସିସି ଅନୁସୂଚିତ ଜାତି ବିଭାଗର ଭଦ୍ରକ ଜିଲ୍ଲାରୁ ସ୍ଥାନ ପାଇଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ଜିଲ୍ଲାରୁ ଚାରି ଶହରୁ ଅଧିକ ଅନୁସୂଚିତ ଜାତି ବର୍ଗର ଦଳୀୟ କର୍ମୀ ଯୋଗ ଦେଇଥିଲେ । ଧାମନଗର ନେତା ଦୀନବନ୍ଧୁ ଦାସ, ଖଗେଶ୍ୱର ଜେନା, ମନୋଜ ମଲ୍ଲିକ, ସନ୍ତୋଷ ଜେନା, ଜ୍ୟୋତ୍ସ୍ନାରାଣୀ ଜେନା, ପଦ୍ମଲୋଚନ ବେହେରା, ଜଳଧର ମଲ୍ଲିକ, ରବି ଜେନା ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ଭଣ୍ଡାରିପୋଖରୀ ଥାନା ପୋଡ଼ି ସ୍ମୃତି ସମାରୋହ

ଭଣ୍ଡାରିପୋଖରୀ/ବାରିକପୁର,୧୭ ।୮ (ସମିସ): ଭାରତ ସ୍ୱାଧୀନତା ସଂଗ୍ରାମର ଉଲ୍ଲେଖନୀୟ ଐତିହ୍ୟ ଭଣ୍ଡାରିପୋଖରୀ ଥାନା ପୋଡିର ୮୪ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କହରାପୋଖରୀ କ୍ରାନ୍ତି ମଇଦାନଠାରେ ସଂଗ୍ରାମୀ ଦାୟାଦ ଲକ୍ଷ୍ମୀକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ମାରକୀ ସ୍ତମ୍ଭ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଥାନା ପରିସରରେ ଆୟୋଜିତ ହୋଇଥିବା ସ୍ମୃତି ସମାରୋହ ସଭାରେ ଅଧ୍ୟାପକ ଭରତଚନ୍ଦ୍ର କରଣ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ସମାଜସେବୀ ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ସୁଧାଂଶୁ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ୱରୂପ ଅଭିଷେକ ବେହେରା, ପୋଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ ପ୍ରମୁଖ ଯୋଗଦେଇ ଭଣ୍ଡାରିପୋଖରୀ ମାଟିରେ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ଥାନୀୟ ସରପଞ୍ଚ ବର୍ଷାରାଣୀ ଜେନା ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରୀନାରାୟଣ ରାଉତ, ସମାଜସେବୀ ରଜନୀକାନ୍ତ ଚନ୍ଦ, ଗିରିଶ ସାମଲ, ତରଣୀସେନ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡା, ବିଷ୍ଣୁଚରଣ ଦାସ ପ୍ରମୁଖ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କଳସ ଶୋଭାଯାତ୍ରାରେ ଆସିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଥାନାଧିକାରୀ କମଳାକାନ୍ତ ଦାସ ସ୍ୱାଗତ ଭାଷଣ, ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶ୍ୟାମସୁନ୍ଦର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଅନନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଥାନା କର୍ମଚାରୀଙ୍କ ସମେତ ଆୟୋଜକ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ ।



## ଶ୍ରାବଣୀ ଉପାକ୍ରମ ଉଦ୍‌ଯାପିତ



ଦୋବଲ, ୧୭ ।୮ (ସମିସ): ବୈଦିକ ଯଜ୍ଞ ସତସଙ୍ଗ ସମିତି ଆନୁକୂଲ୍ୟରେ ବେଦସପ୍ତାହ ତଥା ଶ୍ରାବଣୀ ଉପାକ୍ରମ ରାକ୍ଷୀପୂର୍ଣ୍ଣିମାଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ୮ ଦିନ ଧରି ଅନୁଷ୍ଠିତ ହୋଇଛି । ବିଭିନ୍ନ ଦିବସରେ ବିଭିନ୍ନ ଗ୍ରାମରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇ ଶେଷ ଦିନରେ ଯଜ୍ଞ ମଣ୍ଡପରେ ସାମୂହିକ ଯଜ୍ଞ ତଥା ଉଦଯାପିତ ହୋଇଛି । ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ ଓ ନୃସିଂହ ବ୍ରହ୍ମଚାରୀ ଯଜ୍ଞ ପୌରହିତ୍ୟ କରିଥିଲେ । ଯଜମାନ ଭାବେ ବୁଦ୍ଧିରାମ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ଥିଲେ । ବୈଦିକ ଯଜ୍ଞ ସହିତ ପ୍ରବଚନ ହୋଇଥିଲା । ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ପ୍ରଭାତ ସାମଲ, ହୃଦାନନ୍ଦ କର, ରାହସବିହାରୀ ମହାନ୍ତି, ପ୍ରତାପ ସାମଲ, ପ୍ରିୟରଞ୍ଜନ ସାମଲ, ବିଷ୍ଣୁଚରଣ ଦାସ, ଘନଶ୍ୟାମ ଥାଟେଇ, ପ୍ରଦୀପ ମହାପାତ୍ର, ପ୍ରଶାନ୍ତ ସାହୁ, କମଳାକାନ୍ତ ଦାସ, ପଞ୍ଚାନନ ନାୟକ, ଦଶରଥ ଗାହଣ, ଜ୍ଞାନରଞ୍ଜନ କର, ରଣଜିତ ମହାନ୍ତି, ସିଦ୍ଧେଶ୍ୱର ସାମଲ, ରାଜକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ରକ୍ତଦାନ ଶିବିର: ୫୦ ୟୁନିଟ୍ ସଂଗ୍ରହ



ବାରିକପୁର, ୧୭ ।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗିଡିପୁର ଉଚ୍ଚବିଦ୍ୟାଳୟଠାରେ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ହୋଇଥିବା ଉକ୍ତ ଶିବିରକୁ ମୁଖ୍ୟଅତିଥି ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଖିଲାର, ଅକ୍ଷୟ ସାହୁ, ରବିନାରାୟଣ ପଣ୍ଡା, ଶ୍ରମିକନେତା ଶାନ୍ତନୁ ମହାପାତ୍ର, ବିଜୟ ମିଶ୍ର, ଅରୁଣ ଖିଲାର, ସୁରେଶ ସାମଲ, ରାମଚନ୍ଦ୍ର ରାଉତ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପ୍ରାୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଆଖପାଖ ଅଞ୍ଚଳର ବୋହୁ ସ୍ୱେଚ୍ଛାସେବୀ ଯୁବ ବନ୍ଧୁ ଯୋଗ ଦେଇଥିବା ବେଳେ କାର୍ଯକ୍ରମକୁ ସ୍ମୃତି ସଂସଦ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ଯୁବ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

# ଲଉଡ଼ି ଖେଳ, ନାଟକ କଂସ ବଧ, ନୃତ୍ୟ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ

ଭଦ୍ରକ, ୧୭ ।୮ (ସମିସ)



ଭଦ୍ରକ ଟାଉନ ହଲଠାରେ ଶନିବାର ସନ୍ଧ୍ୟା ସମୟରେ ଜିଲ୍ଲା ଯୁବ ଯାଦବ ମହାସଭା ପାକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉଦଘାଟକ ଭାବେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ, ଜଗା ଚାକର ସଂଘ ପୁରୀର ସମ୍ପାଦକ ସନ୍ତୋଷ ମିଶ୍ର, ଧାମନଗର ବ୍ଲକ ସଭାପତି ସୁବାସଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଯୁବ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା ଅତିଥି ପରିଚୟ ପ୍ରଦାନ ସହ ସଂଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରଥମ ଅଧିବେଶନରେ ରାଜ୍ୟ ଉତ୍କଳ ଯାଦବ ସଭାର ମହିଳା ସମ୍ପାଦିକା ସଂଯୁକ୍ତା ଯାଦବଙ୍କ ସଂଯୋଜନାରେ ଶିକ୍ଷାବିତ ଡ଼. ରମାକାନ୍ତ ନାୟକ, ଅଧ୍ୟାପକ ଜୟନ୍ତ ପରିଡା, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ, ଶିକ୍ଷକ ଅଶୋକ ଖିଲାର, ରୋ. ପବିତ୍ର ମୋହନ ଖିଲାର, ତିହିଡି ବ୍ଲକ ସଭାପତି ହରିଶ୍ଚନ୍ଦ୍ର ବାରିକ, ବନ୍ତର ପଦ୍ମନାଭ ଦାସ, ମାଧବ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉପସଭାପତି ସଂଜୀବ ନାୟକ, ନିରୁ ବାରିକ, ସାଧୁଚରଣ ବାରିକ, ପ୍ରଶାନ୍ତ ବେହେରା, ଜଗନ୍ନାଥ ବେହେରା, ସତ୍ୟବ୍ରତ ଦାସ, ମନୋରଞ୍ଜନ ବାରିକ, ମନୋଜ ବାରିକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାସୁଦେବପୁରରୁ ଆସିଥିବା ଲଉଡ଼ି ଖେଳ, ଚୁନିଦା ଉତ୍କଳ ଗ୍ରୁପ ପକ୍ଷରୁ ନାଟକ କଂସ ବଧ ଓ ଜିଲ୍ଲାର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ବ୍ଲକ ଯାଦବ ସଭାପତି, ଯାଦବ ମୁରବି ନୃସିଂହ ଚରଣ ଖିଲାର, ଦିବାକର ବାରିକ, ସାମ୍ବାଦିକ ପ୍ରତାପଚନ୍ଦ୍ର ବେହେରା, ଓୟୁଜେ ଜିଲ୍ଲା ସଭାପତି ପ୍ରିୟଦର୍ଶନ ବୋଇତି, ଜଗା ଚାକର ସଂଘ, ପୁରୀ, ପ୍ରାଣୀ ଚିକିତ୍ସକ ନିରାକାର ଜେନା, ସ୍ୱାସ୍ଥ୍ୟ ସେବିକା ନିରୁପମା ଦାଶ, ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, ନୃତ୍ୟ ନିର୍ଦ୍ଦେଶିକା ଜାଗୃତି ଦାସ ମଲ୍ଲିକ, ମହିଳା ସଂଗଠନର ଅଞ୍ଜନା ମିଶ୍ର, ମନୋରମା ରାୟ, ଦମୟନ୍ତୀ ରାଉତ, ଶଶିକଳା ମିଶ୍ର, ଗଜାନନ ପୂଜା କମିଟି, ରାଜ୍ୟ ମହିଳା ଯାଦବ ସଂଘର ସମ୍ପାଦିକା ସଂଯୁକ୍ତା ଯାଦବ, ଜିଲ୍ଲା ନେତ୍ରୀ ଶାନ୍ତିଲତା ବାରିକଙ୍କ ସମେତ ସମସ୍ତ ନୃତ୍ୟ ନିର୍ଦ୍ଦେଶିକା ରିଚିସ୍ମିତା ମହାନ୍ତି, ଶ୍ୱେତପଦ୍ମା ଦାସ ବେହେରା, ପୁଷ୍ପମିତ୍ରା ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ

**ବାରିପଦା, ୧୭।୮ (ସମିସ)**

ଦ୍ୱିତୀୟଶ୍ରୀକ୍ଷେତ୍ର ତଥା ସ୍ଥାନୀୟଶ୍ରୀ ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପୂଜା ପାରମ୍ପରିକ ନୀତିନିୟମରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ହରିବଳଦେବଜୀଉ ଏବଂ ନନ୍ଦ ଯଶୋଦାଙ୍କୁ ଆବାହନ କରି ପ୍ରଥମେ ପୂଜା କରାଯାଇଥିଲା। ମହାପ୍ରଭୁଙ୍କର ରାତିର ସମସ୍ତ ନୀତିକାନ୍ତି ହୋଇଥିଲା। ପ୍ରଥମେ ପୁରୋହିତ ଅରୁଣ କୁମାର ମିଶ୍ରଙ୍କ ଦ୍ୱାରା ପଞ୍ଚ ଉପଚାର ପୂଜା ପରେ ଶ୍ରୀଦୁର୍ଗା ଓ ସୁଭଦ୍ରା ଦେବୀଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଦୁର୍ଗାଙ୍କ ଜନ୍ମ ପରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ଆରମ୍ଭ କରାଯାଇଥିଲା। ମଧ୍ୟରାତ୍ରରେ କୋଠଘରୁ ଜନ୍ମ ଠାକୁର ଶ୍ରୀକୃଷ୍ଣଙ୍କୁ ଅଣାଯାଇ ପୂଜାମଣ୍ଡପରେ ରଖାଯାଇଥିଲା। ପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଜନ୍ମାଷ୍ଟମୀ ବ୍ରତ ପାଠ ଏବଂ ପୁରାଣ ପାଠରେ ଠାକୁରଙ୍କ ଜନ୍ମ କଥା ସମୟରେ ଭିତର ମଣ୍ଡପରେ ଠାକୁର ଜନ୍ମ ହୋଇଥିଲେ। ଜନ୍ମପୂର୍ବରୁ କୃଷ୍ଣଙ୍କର ସଖା ଜନ୍ମ ଠାକୁରଙ୍କ ସହିତ ଆଣ୍ଠୁଆ ଗୋପାଳ ଓ ମଦନମୋହନ ମହାପ୍ରଭୁ ଜନ୍ମୋତ୍ସବରେ ସାମିଲ ହୋଇଥିଲେ। ମହାଭୋଇ ସେବକଙ୍କ ଦ୍ୱାରା ସର, ଲବଣୀ ଓ ଛେନା ଲାଗି ହୋଇଥିଲା। ଠାକୁରଙ୍କୁ ପୂଜକମାନେ ପହଣ୍ଡି କରାଇଥିଲେ। ପରେ ତିନି ଠାକୁର କୋଠଘର ଭିତରକୁ ଫେରିଥିଲେ। ଏହା ବିଳମ୍ବିତ ରାତ୍ରିରେ ସମାପନ ହୋଇଥିଲା। ସେହିପରି ନନ୍ଦୋତ୍ସବରେ ମନ୍ଦିର ନାଟମଣ୍ଡପରେ ତିନିଠାକୁର ଝୁଲାରେ ବିରାଜମାନ କରିଥିଲେ। ପ୍ରସାଦ ଦିଆଯାଇ ଆରତୀ ପରେ ଦହିହାଣ୍ଡି ବେଢ଼ା କରାଯାଇ ଭଞ୍ଜନ କରାଯାଇଥିଲା। ଦୁଇଦିନ ବହୁ ଶ୍ରଦ୍ଧାଳୁ ଦିଅଁ ଦର୍ଶନ ସହିତ ପୂଜା ପାଇଁ ଭିଡ଼ ଜମାଇଥିଲେ। ସେହିପରି ୪୦୦ବର୍ଷରୁ ଅଧିକ ସ୍ଥାନୀୟ ରାଧାମୋହନ ମନ୍ଦିରର (ମାଉସୀ ମା' ମନ୍ଦିର) ରତ୍ନମଣ୍ଡପରେ ରାଧାମୋହନଙ୍କୁ ସୁନ୍ଦର ବେଶରେ ସଜା ଯିବା ସହିତ ପାରମ୍ପରିକ ରୀତିନୀତି ସରିବା ପରେ ଦିନ ତମାମ ସାଧାରଣ ପୂଜା ଓ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହିତ ଧାଡିରେ ଯାଇ ଦର୍ଶନ ସହିତ ନିଜ ନିଜ ମନ ପସନ୍ଦର ତଥା ମାନସିକ ଭୋଗ ଅର୍ପଣ କରି ଆଶିଷ ଭିକ୍ଷା କରିଥିଲେ। ମନ୍ଦିର ବାହାରେ ପଦ୍ମଫୁଲ, ମୟୂରପଙ୍ଖ ଓ ଖସାଲଡୁର ଚାହିଦା ଅଧିକ ରହିଥିଲା। ଅନେକ ଭକ୍ତ ସେମାନଙ୍କ ଶିଶୁମାନଙ୍କୁ କୃଷ୍ଣ ବେଶରେ ସଜାଇ ମନ୍ଦିର ଆସିଥିବା ଦେଖାଯାଇଥିଲା। ସେହିପରି ସହରର ଲାଲବଜାର ଛକ ରାଧାମୋହନ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ମଧ ଭିଡ଼ ଲାଗିଥିଲା।

**ଭଜନ କୀର୍ତ୍ତନରେ ଭକ୍ତିମୟ ହେଲା ପରିବେଶ**



## କରଞ୍ଜିଆରେ ଜନ୍ମାଷ୍ଟମୀ ଉତ୍ସବ



**କରଞ୍ଜିଆ:** କରଞ୍ଜିଆର ବିଭିନ୍ନ ମନ୍ଦିର ପରିସରରେ ଲୀଳାମୟ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ସରଧା ଗ୍ରାମସ୍ଥିତ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ଅନନ୍ତ ନାରାୟଣ ମନ୍ଦିରରେ ଧୁମ୍‌ଧାମରେ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିରଗୁଡ଼ିକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ରାଧାକୃଷ୍ଣ ମନ୍ଦିରରେ ପ୍ରହ୍ଲାଦ ସାହାଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଳୁ ଭକ୍ତମାନେ ଏକତ୍ରିତ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପୂଜାପାଠ ସହିତ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ପାଳିଥିଲେ। କର୍ତ୍ତା ଅଞ୍ଜଳି ସାହା ଥିବା ବେଳେ ପୂଜକ ଅବିନାଶ ଶତପଥୀ କାର୍ଯ୍ୟ ତୁଲାଇଥିଲେ। ସେହିପରି ଅନନ୍ତ ନାରାୟଣ ମନ୍ଦିରରେ ସଜିଦା ନନ୍ଦ ସାହାଙ୍କ ନେତୃତ୍ୱରେ ଲୀଳାମଇ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ପାଳିତ ହୋଇଥିଲା। ଉଭୟ ମନ୍ଦିରରେ ପୂଜାପାଠ ସହିତ ଭଜନ କୀର୍ତ୍ତନରେ ଅଞ୍ଚଳର ପରିବେଶ ଅତ୍ୟନ୍ତ ଭକ୍ତିମୟ ହୋଇଉଠିଥିଲା।

## ଜନ୍ମାଷ୍ଟମୀରେ ଲାଗିହେଲା ୧୦୮ ବ୍ରହ୍ମକମଳ



**ଖୁଣ୍ଟା:** ଖୁଣ୍ଟା ବ୍ଲକ ଅଧୀନ ଚମ୍ପାଗଡ଼ି ସ୍ଥିତ ଶ୍ରୀଚୈତନ୍ୟଭାରତୀ ଆଶ୍ରମ ଶ୍ରୀରାଧା ରାଧାକାନ୍ତ ଗୌରାଙ୍ଗ ମହାପ୍ରଭୁଙ୍କୁ ପବିତ୍ର ଜନ୍ମାଷ୍ଟମୀରେ ୧୦୮ ବ୍ରହ୍ମକମଳ ଲାଗି ହୋଇଛି। ଆଶ୍ରମ ବଗିଚାରେ ୩୦ଟି ଫୁଟିଥିଲା ବେଳେ ପଡ଼ୋଶୀ ଡମ୍ବରୁଧର ମହଲଙ୍କ ବଗିଚାରୁ ୪୯ଟି ଓ କୁଆମରା କ୍ଷୀରିପଦାର ପୂଜ୍ୟା ମଞ୍ଜୁ ମାଆଙ୍କ ବଗିଚାରୁ ଆଉ ୨୯ଟି ବ୍ରହ୍ମକମଳ ଆସିଥିଲା। ଦିବସବ୍ୟାପୀ ଶ୍ରୀକୃଷ୍ଣଙ୍କ ଅଭିଷେକ, ଶୃଙ୍ଗାର ପରେ ସନ୍ଧ୍ୟାରେ କୀର୍ତ୍ତନ ଓ ନିଶାର୍ଦ୍ଧରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ମହାସ୍ନାନ ମଧୁପ୍ରାଶନ ଓ ସହସ୍ରାର୍ଚ୍ଚନ ସମ୍ପାଦିତ ହୋଇଥିଲା।

## ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ପାଲା ପରିବେଷଣ

**ରାଇରଙ୍ଗପୁର:** ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବକୁ ମହାଆଡମ୍ବର ପାଳନ କରାଯାଇଛି। ମାଉସୀ ମା' ମନ୍ଦିର ପୂଜକ ପ୍ରଣବ କୁମାର ହୋତାଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ଉତ୍ସବର ସମସ୍ତ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥିଲା। ସନ୍ଧ୍ୟା ସମୟ ପ୍ରାୟ ସାତଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ପବିତ୍ର ଜନ୍ମାଷ୍ଟମୀ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରାଯାଇଥିଲା। ପାଲା ଓ ସଙ୍ଗୀତ କଳା ଗୋବେଷଣା କେନ୍ଦ୍ର ରାଇରଙ୍ଗପୁରର କଳାକାରଙ୍କ ଦ୍ୱାରା ଆୟୋଜିତ ପାଲା ପରିବେଷଣରେ ପାଲାଗାୟକ ଯୁବ ଭାସ୍କର ଗୋପାଳ ଦାସପାତ୍ର ଓ ସାଥିମାନଙ୍କ ପ୍ରୟାସରେ ପରିବେଷଣ ହୋଇଥିଲା। ସଭାପତି ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ଇଶ୍ୱର ବେହେରା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଡଗରା ଓ ଜଗନ୍ନାଥ ବଳ, ମେଘନାଦ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିବା ବେଳେ ମଞ୍ଚରେ ପାଲା କଳାକାରମାନଙ୍କୁ ପରିଷଦ ତରଫରୁ ଉତ୍ତରୀୟ ଦେଇ ସଭାମଣ୍ଡିତ କରିଥିଲେ।



## ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି ନୂଆ ଏନ୍‌ଏସି

**ବାରିପଦା, ୧୭।୮ (ସମିସ):** ରାଜ୍ୟରେ ୧୨ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପାଇଁ ଡ୍ରାଫ୍ଟ ନୋଟିସ୍ ପ୍ରକାଶ ପାଇଛି। ଏନେଇ ଶନିବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, ବେତନଟୀ ଓ ଚିତ୍ରଡ଼ା ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ସ୍ଥାନ ପାଇଛି। ପୂର୍ବ ସରକାର ସମୟରେ ବେତନଟୀ ଏନଏସସି ଭାବେ ଘୋଷଣା ହୋଇଥିଲା ଓ କରଞ୍ଜିଆ ଏନଏସିକୁ ମ୍ୟୁନିସିପାଲଟି ଭାବେ ଘୋଷଣା ହୋଇଥିଲା। ମାତ୍ର କାର୍ଯ୍ୟକାରୀ ପୂର୍ବରୁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିଲା। ଆଜି ପ୍ରକାଶିତ ୩ଟି ନୂଆ ଏନଏସି ସମେତ କରଞ୍ଜିଆ ଓ ଉଦଳାକୁ ମିଶାଇଲେ ଏନଏସି ସଂଖ୍ୟା ୫ରେ ପହଞ୍ଚିଥିଲା। ଏହା ବ୍ୟତୀତ ବାରିପଦା ଓ ରାଇରଙ୍ଗପୁର ମ୍ୟୁନିସିପାଲଟି ଭାବେ କାର୍ଯ୍ୟ କରୁଛି। ତେବେ ଜିଲ୍ଲାର ଯଶିପୁର ଓ ବହଳଦାକୁ ଏନଏସସି ଘୋଷଣା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିବା ବେଳେ ତାହା ହୋଇପାରୁନାହିଁ। ୩ ନୂଆ ଏନଏସି ଘୋଷଣା ପରେ ସମ୍ପୃକ୍ତ ସହରରେ ଖୁସି ଖେଳିଯାଇଛି।

## ବଦଳିଲେ ୬ ଅବକାରୀ ଥାନାଧିକାରୀ

**ବାରିପଦା, ୧୭।୮ (ସମିସ):** ପାର୍ବଣ ପୂର୍ବରୁ ଜିଲ୍ଲାରେ ଚୋରା ମଦ ଓ ମାଦକ ଦ୍ରବ୍ୟ କାରବାରରେ ଅଙ୍କୁଶ ଆଣିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର ୬ଜଣ ଅବକାରୀ ଥାନାଧିକାରୀଙ୍କ ଜିଲ୍ଲା ମଧ୍ୟରେ ଅଦଳବଦଳ କରିଛନ୍ତି। ବିଭାଗର ବେତନଟୀ ଥାନାଧିକାରୀଙ୍କର ଦେଉଳି ଅବକାରୀ ଥାନାଧିକାରୀଙ୍କ ସହିତ ଅଦଳବଦଳ ହୋଇଥିବା ବେଳେ ଯଶିପୁର ଓ ଉଦଳା ଏବଂ ବାରିପଦା ଓ ରାଇରଙ୍ଗପୁର ଅବକାରୀ ଥାନାଧିକାରୀଙ୍କ ମଧ୍ୟରେ ଅଦଳବଦଳ ନିର୍ଦ୍ଦେଶ ପ୍ରକାଶ ପାଇଛି। ବଦଳି ଆଦେଶ ପାଇବା ମାତ୍ରେ ତୁରନ୍ତ ନୂତନ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

## ଚାଷୀଙ୍କୁ ବିନା ମୂଲ୍ୟରେ ସ୍ପ୍ରେ ମେସିନ ବଣ୍ଟନ

**କପ୍ତିପଦା, ୧୭।୮ (ସମିସ):** କପ୍ତିପଦା ବ୍ଲକ ଅଧୀନ ଝିଙ୍କପଦା କୃଷକ ଉତ୍ପାଦକ ସଙ୍ଘ ତରଫରୁ ବ୍ଲକର ବିଭିନ୍ନ ପଞ୍ଚାୟତ ଅଧୀନ ୩୫ଜଣ ଚାଷୀଙ୍କୁ ବିନା ମୂଲ୍ୟରେ ସ୍ପ୍ରେ ମେସିନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରିବ ଚାଷୀଙ୍କୁ ସରକାର ବିନା ମୂଲ୍ୟରେ ଏହି ମେସିନ ଯୋଗାଇ କିପରି ଚାଷୀମାନଙ୍କ ହିତ ସାଧନ କରାଉଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କପ୍ତିପଦା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବାବେଳେ ସହକାରୀ କୃଷି ଅଧିକାରୀ ଅଙ୍କିତା ରୋପ, ସାଲାଦି ମୁର୍ମୁ ଓ ସହକର୍ମୀ ପଦ୍ମାବତୀ ମୁର୍ମୁ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଝିଙ୍କପଦା କୃଷକ ଉତ୍ପାଦକ ସଙ୍ଘର ଏମଡି ରଞ୍ଜିତ ସେଠି ଉପସ୍ଥିତ ରହି ଜାତୀୟ ବୀଜ ନିଗମ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂଆଗାଁ ଗୋପୀନାଥ ସିଡସ ଅଂଶ ଗ୍ରହଣ କରି ଜାତୀୟ ବୀଜ ନିଗମ ମାଧ୍ୟମରେ କିପରି ବିଭିନ୍ନ ପ୍ରକାର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରାଯାଇ ଚାଷୀଙ୍କୁ ଯୋଗାଇ ଦିଆଯାଉଛି।

## ସ୍ୱାଧୀନତା ଦିବସରେ ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



**ବୈଶିଙ୍ଗା, ୧୭।୮ (ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ନାଖରା ଗ୍ରାମରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଫୋର୍ଡ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କ ତରଫରୁ ଏକ ନିଆରା ଢଙ୍ଗରେ ନାଖରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାଳିକ, ଅବନୀ କୁମାର ମହାନ୍ତି, ସଞ୍ଜୀବ କୁମାର ଓଝା, ଜ୍ୟୋସ୍ନାରାଣୀ ବିଶ୍ୱାଳ ଓ ରଶ୍ମିତା ମଲ୍ଲିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ରାଧାଶ୍ୟାମ ଖଣ୍ଡା, ଚନ ଦାସ, ବେଣୁଧର ଦାସ, ଦେବଲକ୍ଷ୍ମୀ ବେହେରା ଓ ଜୀବନ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ବାରିପଦା, ୧୭।୮ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ସିକ୍ୟୁରିଟି ଅଧିକାରୀମାନଙ୍କ ମିଳିତ ପରେଡ



କରାଯାଇ ବିଶ୍ୱବିଦ୍ୟାଳୟରେ ଅବସ୍ଥାପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଫେସର ବାରିକ ନିଜ ବକ୍ତବ୍ୟରେ କହିଥିଲେ ଯେ, ସ୍ୱାଧୀନତା ଏକ ଶବ୍ଦ ମାତ୍ର ନୁହେଁ, ଏହା ପ୍ରତିଟି ଭାରତୀୟଙ୍କ ଆତ୍ମ ସ୍ୱାଭିମାନ, ସମ୍ମାନ ଓ ଅସ୍ମିତାର ପରିଚୟ। ସମସ୍ତେ ଏହି ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ଜାତୀୟତାର ବିକାଶ ପାଇଁ ସମର୍ପିତ ହେବା ହିଁ ଦେଶ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି। କାର୍ଯ୍ୟକ୍ରମରେ କୁଳସଚିବ ସୁଶ୍ରୀ ସୁମିତା ସିଂ, ବିତ୍ତ ନିୟନ୍ତ୍ରଣ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ ରଣା, ଗବେଷଣା ଓ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଗବେଷକ ଗବେଷିକା, ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇଥିଲେ। ପରେ 'ଘର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁସାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟରୁ ବାହାରି ତକତପୁର ପରିକ୍ରମା କରିଥିଲା। ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଘର୍ ଘର୍ ତିରଙ୍ଗା ମାଧ୍ୟମରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରବୀଣ ପ୍ରଧାନ, ସଞ୍ଜିବନୀ ନାଥ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଅଳକା ପ୍ରିୟଦର୍ଶିନୀ ସାମଲ ଏବଂ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତାରେ ପ୍ରବୀଣ ପ୍ରଧାନ, ଜ୍ୟୋତିପ୍ରକାଶ ଶତପଥୀ ଏବଂ ବିଶ୍ୱରଞ୍ଜନ ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ବିଷ୍ଣୁପ୍ରିୟା ହାଁସ୍‌ଦା ଏବଂ ଡ. ଶିଶିର ବେହେରା ସହଯୋଗ କରିଥିଲେ।



**ବହଳଦା:** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ସଂଘ କାର୍ଯ୍ୟାଳୟ, ଦଳୀୟ କାର୍ଯ୍ୟାଳୟ, ଛକ ବଜାର ମାନଙ୍କରେ ସ୍ୱାଧିନତା ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳୀ ସିଂହ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଶିବପ୍ରସାଦ ମୁର୍ମୁ, ବହଳଦା ଥାନା ପରିସରରେ ଥାନାଧିକାରୀ ଭାସ୍କର ପ୍ରଧାନ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂହ, ଧୀରଜଲାଲ କଲେଜରେ ଅଧ୍ୟକ୍ଷ ମୋତିଲାଲ ମହାନ୍ତ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ରୀତା ଟୁଡୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବର୍ଷା ବାଧକ ସତ୍ତ୍ୱେ ଆନନ୍ଦ ଉଲ୍ଲାସରେ ପ୍ରଭାତଫେରୀ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗିଦିଘାଟୀ ଛକ ସ୍ଥିତ ହୀରା କମ୍ପ୍ଲେକ୍ସରେ ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ ଜାତିୟ ପତକା ଉତ୍ତୋଳନ କରିଥିବାବେଳେ ବାବାତିଲକା ଲାଇବ୍ରେରୀ ସଭାପତି ରାମଚନ୍ଦ୍ର ହେମ୍ବ୍ରମ ସ୍ୱାଧିନତା ଦିବସ ପାଳନ କରାଯିବା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଭିତରାମଦା ପଞ୍ଚାୟତ ଅଧୀନ ଡଲସରା ଗ୍ରାମରେ ନବଜ୍ୟୋତି ଯୁବକ ସଂଘ କ୍ଲବ ପକ୍ଷରୁ କ୍ଲବର ପରିସରରେ ବିଜେଡି ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ତାଙ୍କ ସହିତ ଭିତରାମଦା ସରପଞ୍ଚ ଖାଡ୍ରୀ କିସ୍କୁ, ଏନଓ୍ୱାଇଏସ କ୍ଲବର ସଭାପତି ଡମାନ ମୁର୍ମୁ, ସମ୍ପାଦକ ଲଖନ କିସ୍କୁ ଓ କ୍ଲବର ସଦସ୍ୟ ଓ ଗ୍ରାମବାସୀଙ୍କ ସହିତ ପ୍ରାଥମିକ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଐତିହାସିକ ପୀଠ ଖିଚିଂ

**ଶୁକ୍ଳି:** ମୟୂରଭଞ୍ଜ ଜିଲ୍ଲା ଐତିହାସିକ ପୀଠ ଖିଚିଂ ମନ୍ଦିର ନିକଟରେ ୭୯ତମ ସ୍ୱାଧୀନ ଦିବସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ, ବୁଦ୍ଧିଜୀବୀ, ଲାୟନସ କ୍ଲବ୍‌ର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ କୀର୍ତ୍ତନ ଚନ୍ଦ୍ର ନାଏକ ଓ ସ୍ୱାଧୀନତା ଦିବସ କମିଟି ସଭାପତି ଦିଲୀପ କୁମାର ପାଣିଗ୍ରାହୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଇଞ୍ଜିନିୟର ସୁଶାନ୍ତ କୁମାର ନାଏକ, ପରେଶ୍ ନାଏକ, କମଳଶ୍ୱର ପାତ୍ର ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସ ବାବଦରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ସର୍ବୋଚ୍ଚ ମାର୍କରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ



**ବାରିପଦା:** ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ନେତୃତ୍ୱରେ ମୁକ୍ତି ସଂଗ୍ରାମୀ ସୁରେନ୍ଦ୍ର ମୋହନ ସାଥୁଆଙ୍କ ଗ୍ରାମ କୋଷ୍ଠାଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ତାଙ୍କ ନାତି ସୁରତ କୁମାର ସାଥୁଆ ଓ ଦାୟାଦମାନଙ୍କୁ ଭେଟି ସୁରେନ୍ଦ୍ର ମୋହନଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମରଣ କରାଇଥିଲେ। ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ଛାତ୍ରଛାତ୍ରୀଙ୍କୁ ସୁରେନ୍ଦ୍ର ମୋହନ ସାଥୁଆଙ୍କ ସଂଗ୍ରାମୀ ଜୀବନୀ, କାରାବରଣ ଓ ମନ୍ତ୍ରୀ ପଦକୁ ଉପେକ୍ଷା କରି ଜନସେବାକୁ ଶ୍ରେୟ ମଣିବା ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ। ସଦସ୍ୟ ଡ଼ ତରୁଣ କୁମାର ଓଝା, ପୂର୍ବତନ ବ୍ଲକ ଚେୟାରମାନ୍ କାଳିଚରଣ ସାଥୁଆ, ଗ୍ରାମବାସୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବବ୍ରତ ଦେ ଓ ଅଧ୍ୟାପକ ଅଧ୍ୟାପିକାଗଣ ସୁରେନ୍ଦ୍ର ମୋହନଙ୍କ ସ୍ମୃତିରେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।

### ମହର୍ଷି ଇଣ୍ଟରନେସନାଲ ପବ୍ଲିକ୍ ସ୍କୁଲ



**ବାରିପଦା:** ସ୍ଥାନୀୟ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜନ୍ମାଷ୍ଟମୀ ଓ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜନ୍ମାଷ୍ଟମୀ ଉପଲକ୍ଷେ କୁନି କୁନି ପିଲାଙ୍କ ଦ୍ୱାରା କୃଷ୍ଣ ଜନ୍ମ ଉପାଖ୍ୟାନ ଉପରେ ଏକ ଛୋଟ ଏକାଙ୍କିକା ପ୍ରଦର୍ଶନ କରାଯାଇଥିଲା। ଶେଷରେ ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।



### ଇଣ୍ଡିଆ ମେଣ୍ଟ ବାରିପଦା

**ବାରିପଦା:** ମୟୂରଭଞ୍ଜ ମିଳିତ ଭାବେ ଇଣ୍ଡିଆ ମେଣ୍ଟ ବାରିପଦା ପକ୍ଷରୁ ମୁଖ୍ୟ ବଜାରର ସେବା ସଂଘ ହଲ୍ ସମ୍ମୁଖରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ସାଥୀ ଜଗବନ୍ଧୁ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସାଥୀ ରବି ଗୋସ୍ୱାମୀ ଶାନ୍ତନୁ କୁମାର ପାଲ, ଶ୍ରୀକାନ୍ତ ସାମଲ, ରାକେଶ ଜେନା, ଅକ୍ଷୟ କୁମାର ଖୁଣ୍ଟିଆ, ମଦନ ମୋହନ ଦାସ, ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।






ଜାତୀୟ ରାଜପଥ ଠିକସଂସ୍ଥାର ମନମାନି

# କଷ୍ଟ ପୂରିଲା, ଶାଳପଡ଼ା ରାସ୍ତା ନିର୍ମାଣ ସରିଲାନି

ଆନନ୍ଦପୁର, ୧୭।୮ (ସମିସ)

କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧପନ୍ତରିଆ କାମ ଏବେ ଜିଲ୍ଲାବାସୀଙ୍କ ଦୁଃଖ ପାଲଟିଛି। ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିଲେ। ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁଲାଇ ମାସ ଶେଷ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ଅଗଷ୍ଟ ମାସ ଶେଷ ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୭ ବର୍ଷ ହେଲା ୨୦ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବାବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ ମିଟର



ରାସ୍ତା ନିର୍ମାଣ ସରୁନାହିଁ। ତିନୋଟି ଠିକାସଂସ୍ଥା ଯିବାପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନି। ୫ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍?ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରି ଗାଡି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକରେ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଏନ୍ଏଚ୍ଏଆଇ ପିଡିଙ୍କୁ ତୁରନ୍ତ ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ନିର୍ମାଣ ଶେଷ କରିବାକୁ ମହଲତ ଦିଆଯାଇଛି ବୋଲି ଉପଜିଲ୍ଲାପାଳ କହିଛନ୍ତି।

ଫ୍ଲାଏଓଭର୍‌ରେ ଜଳ ନିଷ୍କାସନ ସମସ୍ୟା

# ଯନ୍ତ୍ରଣା ଭୋଗୁଛନ୍ତି ଜନତା

ଯୋଡ଼ା, ୧୭।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ର ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ସ୍ଥାନୀୟ ଲୋକ। ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଜଳପ୍ରପାତରେ ପରିଣତ ହେଇଯାଇଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୨୫୮ କୋଟି ୭୮ଲକ୍ଷ ବ୍ୟୟ ବରାଦରେ ଓବିସିସି ମାଧ୍ୟମରେ ଠିକା ସଂସ୍ଥା ଟେବ୍‌ରୋକ୍ସ ନିର୍ମାଣ କରିଥିବା ଏହି ଫ୍ଲାଏଓଭରକୁ ଗତ ନଭେମ୍ବର ୨୦୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। କେଇଟା ଦିନ ପରେ ହିଁ ଫ୍ଲାଏଓଭରରେ ସମସ୍ୟା ଦେଖାଯାଉଛି। କେତେବେଳେ ପିଲର ଫାଟି ପଡୁଛି ତ କେତେବେଳେ ରାସ୍ତାରୁ ଛଡ ବାହାରି ପଡୁଛି। ଏମିତିକି ଫ୍ଲାଏଓଭରରେ ଲାଇଟ ନ ଜଳିବାରୁ ବିଗତ ଦିନରେ ଦୁର୍ଘଟଣା ବି ଅନେକ ଘଟିଛି। ଏହି ସବୁ ସମସ୍ୟା ମଧ୍ୟରେ ଫ୍ଲାଇଓଭରରେ ଠିକ ଭାବେ ଡ୍ରେନେଜ ସିଷ୍ଟମ ନ ଥିବାରୁ ଫ୍ଲାଇଓଭର ଉପରୁ ଲୋକଙ୍କ ଉପରେ ଜଳପ୍ରପାତ ଭଳି ପାଣି ପଡିବା ଏବେ ସ୍ଥାୟୀ ସମସ୍ୟା। ବାରମ୍ବାର ଏହି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ଠିକାସଂସ୍ଥା ନା ରାସ୍ତାର ମରାମତି ଠିକ ଭାବରେ କରୁଛି ନା ଡ୍ରେନେଜ ବ୍ୟବସ୍ଥା କରିପାରୁଛି। ବର୍ଷା ପାଣି ଲୋକଙ୍କ ଉପରେ ଏପରି ଭାବେ ପଡୁଛି ଯେ ପୋଲ ତଳେ ଲୋକେ ଯିବା କଷ୍ଟକର ହୋଇପଡୁଛି। ଏ ସମ୍ପର୍କରେ ଓବିସିସି ଯନ୍ତ୍ରୀ ଚିନ୍ମୟ ଜେନା କହିଛନ୍ତି ଯେ ଫ୍ଲାଏଓଭର ଉପରେ ଆଇରନ ବୋଝେଇ ଟ୍ରକ ଚାଲିବାରୁ ରାସ୍ତାରେ ଆଇରନ ଗୁଣ୍ଡ ଜମିଯାଉଛି। ଯାହାଫଳରେ ଆଇରନ ଅଂଶ ପାଇପକୁ ଜାମ କରୁଛି। ତାଙ୍କ କହିବାନୁଯାୟୀ, ଫ୍ଲାଏଓଭରକୁ ପ୍ରତ୍ୟେକ ୧୫ ଦିନରେ ଥରେ ସଫା କଲେ ସୁଦ୍ଧା ଆଇରନ ଗୁଣ୍ଡ ଜମିରହୁଛି। ବିକଳ୍ପ ହେଲା ଅତ୍ୟାଧୁନିକ ମେସିନରେ ରାସ୍ତାର ସଫେଇ। ତେବେ ରାସ୍ତା ସଫେଇ ପାଇଁ ଯୋଡ଼ା ପୌରପାଳିକାରେ ଏକ ମେସିନ ରହିଛି ପୌରପାଳିକା ସହଯୋଗ ଦ୍ୱାରା ଏହା ବ୍ୟବହାର କରାଯାଇ ଅସୁବିଧାର ସମାଧାନ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

# ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



ଆନନ୍ଦପୁର, ୧୭।୮ (ସମିସ): ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆନନ୍ଦପୁର ଷ୍ଟାଡିଅମରେ ଉପଜିଲ୍ଲାପାଳ ନୀଳମାଧବ ସୁନା ପତାକା ଉତ୍ତୋଳନ କରିଥିଲେ। ୪୧ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ୟାରେଡରେ ସାମିଲ ହୋଇଥିବା ବେଳେ ଏଥିରେ ଟ୍ରୁପ ସମେତ କୃତୀ ଶିକ୍ଷକ, ସାମ୍ବାଦିକ ପ୍ରତିନିଧିଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂଗୀତ ପ୍ରତିଯୋଗିତାରେ ସାଇ ସମ୍ପର୍ଣାମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣ୍ଡ କାରାଗାର ଓ ମେଡିକାଲରେ ପ୍ରଶାସନ ତରଫରୁ ଫଳ ବଣ୍ଟନ କରାଯାଇଥିଲା। ଆନନ୍ଦପୁର ବିଡ଼ିଓ ମନୋଜ ମହାନ୍ତ ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ ଏସଡିପିଓ ପ୍ରଶାନ୍ତ ବେହେରା ସହକାରୀ ଜିଲ୍ଲପାଳ ତପନ ପ୍ରଧାନ ଶିକ୍ଷାଧିକାରୀ ରାମଚନ୍ଦ୍ର ଦଳେଇ ଆନନ୍ଦପୁର ମେଡିକାଲ ସୁପାରିନଟେଣ୍ଡାଣ୍ଟ ଡା କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ସଦର ମହକୁମାସ୍ଥିତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ସାମିଲ ହୋଇଥିଲେ। ସେହିପରି ତେଲକୋଇ ପ୍ରେସ କ୍ଲବରେ ମଧ୍ୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଯୋଗ ଦେଇଥିଲେ। କ୍ଲବ୍ ସଭାପତି ଚିନ୍ମୟ ସାହୁ, ସମ୍ପାଦକ ବିରଞ୍ଚି ବେହେରା, କୋଷାଧ୍ୟକ୍ଷ ଅମରେଶ ପ୍ରଧାନ, ପୂର୍ବତନ ସମ୍ପାଦକ ଅନୁକୂଳ ବିଶ୍ୱାଳ, ସାମ୍ବାଦିକ ତଥା ଉପଦେଷ୍ଟା ଅକ୍ଷୟ ପ୍ରଧାନ, ସହସମ୍ପାଦକ ଡିଲେଶ୍ୱର ସାହୁ, ଆଇନଜୀବୀ ଜମ୍ବେଶ୍ୱର ପ୍ରଧାନ, ଅବସରପ୍ରାପ୍ତ କୃଷି କର୍ମଚାରୀ ଗୋଲକ ବିହାରୀ ସାହୁଙ୍କ ସମେତ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ।



**ବାଲିବନ୍ଧ:** ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହ ପାଳିତ ହୋଇଯାଇଛି। ଝୁମ୍ପୁରା ତହସିଲଦାର ରୋହିତ ବାଗ ପତାକା ଉତ୍ତୋଳନ କରିଥିଲା ବେଳେ ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବିଡିଓ ହୃଦାନନ୍ଦ ଅଡା, ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ସ୍ଥାନୀୟ ସରପଞ୍ଚ ରେବତୀ ବିରୁଆ, ଝୁମ୍ପୁରା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଆଶିଷ ସାହୁ, ଝୁମ୍ପୁରା ଥାନା ସବଇନ୍ସପେକ୍ଟର ବୁଦ୍ଧଦେବ ଓରାମ, ଏଏସଆଇ ଶ୍ରୀବନ୍ତ ନାଏକ, ଏଏସଆଇ ନରେଶ ଓରାମ, ସାଂସଦ ପ୍ରତିବିଧି ପଞ୍ଚାନନ ସାହୁ, ନାଏବ ସରପଞ୍ଚ ଶିବାନୀ ବେହେରା ପ୍ରମୁଖ ଅତିଥି ଯୋଗ ଦେଇଥିଲେ ଦୁଇଟି ବର୍ଗରେ ପ୍ୟାରେଡ ପ୍ରତିଯୋଗିତା ଏବଂ ଗୋଟିଏ ବର୍ଗରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଗ୍ରୁପ-ଏ ଏବଂ ଗ୍ରୁପ-ବିରେ ମୋଟ ୧୮ଟି ଟିମ ପ୍ୟାରେଡ ଏବଂ ୭ଟି ଟିମ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଏବଂ ବ୍ଲକ ଟପର କ୍ରିଷ୍ଟା ଲୋହାର ଏବଂ ଆଦିତୀ ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଡମ୍ବରୁଧର ଦାସ ସଂଯୋଜନା କରିଥିଲେ।

**କେନ୍ଦୁଝର:** ଖଲଣା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ରାଇମଣି ବୋଇ ତାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହାପର୍ବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ବିପିନ ବିହାରୀ ଚକ୍ର ଯୋଗ ଦେଇଥିଲେ। ଅଧ୍ୟକ୍ଷ ଈଶ୍ୱରଚନ୍ଦ୍ର ସାହୁ, ସ୍କୁଲ ସଭାପତି ବିପିନ ବିହାରୀ ମାଝୀ, ସମ୍ପାଦକ ସରୋଜ ନାୟକ, ସହକାରୀ ପରିଚାଳକ ବିଶ୍ୱରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କର୍ମଚାରୀ ତରୁଲତା ପତି, ଅଚ୍ୟୁତାନନ୍ଦ ଜେନା, ଦିଲ୍ଲୀପ ପାତ୍ର, ଉର୍ବଶୀ ବିଶ୍ୱାଳ, ସବିତା ନାୟକ, ରମାକାନ୍ତ ସାହୁ, ରସ୍ମିତା ସା, ବାସୁଦେବ ଜେନା, ଜୋତ୍ସ୍ନା ଜେନା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।






# ବିଶ୍ୱକର୍ମା ପୂଜା ପାଇଁ ମାଟି ଅନୁକୂଳ



ବେଲବାହାଳି, ୧୭।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମର ବିଶ୍ୱକର୍ମା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଆଜି ବିଶ୍ୱକର୍ମା ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଗ୍ରାମଦେବତୀ ମା' କୁଣ୍ଡୁଳାଇ ପୀଠରୁ ରୀତିନୀତି ଅନୁସାରେ ପୂଜା କରି ମାଟି ଅନୁକୂଳ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୧୭ ରେ ବିଶ୍ୱକର୍ମା ପୂଜା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟିର ସଭାପତି ପଦ୍ମଲୋଚନ ସାହୁ ମୁଖ୍ୟକର୍ତ୍ତା ଭାବେ ସଂକଳ୍ପ କାର୍ଯ୍ୟ ତୁଲାଇବା ପରେ ମାଟି ଅନୁକୂଳ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଗୋବର୍ଦ୍ଧନ ସାହୁ, ନାରାୟଣ ସାହୁ, ବଦ୍ରିନାଥ ଓଝା, କାଳନ୍ଦୀ ସାହୁ, ସନ୍ତୋଷ ସାହୁ, ପ୍ରମୋଦ ସାହୁ, କବିନ୍ଦ୍ର ସାହୁ, ଗୌରାଙ୍ଗ ସାହୁ, ବିଚିତ୍ର ସାହୁ, ନୀଳମଣି ସାହୁ, ସିପୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ ଯୁଗରେ ତାଳପତ୍ର ଝୁମୁକା ଅଲୋଡ଼ା

ରାମଚନ୍ଦ୍ରପୁର,୧୭।୮ (ସମିସ): ତାଳପତ୍ର ଝୁମୁକା ଏକ ପୁରାତନ ହସ୍ତକଳା। ଏହି ପ୍ରାଚୀନ କଳା ଏବେ ବିଲୁପ୍ତ ପ୍ରାୟ। ତେବେ, ଏହାକୁ ବର୍ଷ ବର୍ଷ ଧରି ନିଜର ପେସା କରିଛନ୍ତି ବାରଙ୍ଗ ପଦ୍ମକେଶରୀପୁରର ବାସନ୍ତୀ ଗୋଉଡ ପରିବାର। ଏବେ ପଥପ୍ରାନ୍ତ, ହାଟ ବଜାର ଏବଂ ବସଷ୍ଟାଣ୍ଡରେ ବୁଲି ତାଳପତ୍ରରେ ନିର୍ମିତ ହାତତିଆରି ଝୁମୁକା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଆଧୁନିକ ଯୁଗରେ ପ୍ଲାଷ୍ଟିକ ଖେଳନାର ବହୁଳ ବ୍ୟବହାର ଯୋଗୁଁ ତାଳପତ୍ର ନିର୍ମିତ ହସ୍ତକଳାର ଆଦର ଢେର କମିଛି। ପୂର୍ବଜମାନେ ତାଳପତ୍ର ନିର୍ମିତ ଝୁମୁକା ବିଭିନ୍ନ ମେଳା ମଉଚ୍ଛବରେ ବିକ୍ରିବଟା କରି ଭଲ ଦିପଇସା ରୋଜଗାର କରିପାରୁଥିଲେ, ହେଲେ ବିଜ୍ଞାନର ଅଗ୍ରଗତୀ



ଘଟିବା ସହ ଇଲୋକ୍ଟ୍ରୋନିକ ଖେଳଣାର ବହୁଳ ବ୍ୟବହାର ଯୋଗୁଁ ଏହି ହସ୍ତ କଳାକୃତି ଉପରୁ ଲୋକଙ୍କ ନଜର ହଟିବା ସାଙ୍ଗକୁ ଏହାକୁ ପେସାକରି ପରିବାର ପୋଷଣ କରିବା କଷ୍ଟସାଧ୍ୟ ହୋଇ ପଡିଛି। ବାସନ୍ତିଙ୍କ କହିବା କଥା, ତାଳପତ୍ର ଝୁମୁକା ବା କଣ୍ଢେଇ ଏକ ପୁରାତନ ହସ୍ତକଳା। ଖାଲି ଝୁମୁକା କାହିଁକି ତାଳପତ୍ର ଦ୍ୱାରା ଅନେକ ସୌଖିନ ଏବଂ ଘରକରଣା ଜିନିଷ ତିଆରି କରିହେବ। ସରକାରୀ ସ୍ତରରେ ମହିଳା ଙ୍କୁ ଏଥିନେଇ ଉପଯୁକ୍ତ ତାଲିମ୍ ପ୍ରଦାନ କରାଗଲେ ଏହି ପୁରାତନ ହସ୍ତକଳା ବଞ୍ଚିବା ସହ ଅନେକ ମହିଳା ମଧ୍ୟ ଏହାକୁ ଆୟୁଧ କରି ରୋଜଗାରକ୍ଷମ ହୋଇପାରିବେ ବୋଲି ବାସନ୍ତୀଙ୍କ ମତ।

# କାରାଗାର ଅନ୍ତେବାସୀଙ୍କୁ ଖେଳ ସାମଗ୍ରୀ ପ୍ରଦାନ



କେନ୍ଦୁଝର, ୧୭।୮ (ସମିସ): ରୋଟାରୀ କ୍ଲବ ପକ୍ଷରୁ ରବିବାର ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ଅବସର ବିନୋଦନ ପାଇଁ ୩ଟି କ୍ୟାରୋମ ବୋର୍ଡ, ୪ଟି ଲୁଡୁ, ୧ଟି ଚେସ୍ ବୋର୍ଡ ପ୍ରଦାନ କରାଯାଇଛି। କ୍ଲବ କେନ୍ଦୁଝର ସଭାପତି ରୋଟାରିଆନ ହରିହର ମହାନ୍ତ, ସମ୍ପାଦକ ରୋଟାରିଆନ ବିଜୟ ବେହେରା, ସର୍ଭିସ୍ ପ୍ରୋଜେକ୍ଟ ଡାଇରେକ୍ଟର ରୋଟାରିଆନ ଡ଼ା ସଞ୍ଜୀବ ଓତା, ରୋଟାରିଆନ ସଞ୍ଜୟ ମହାପାତ୍ର, ମହେଶ ଚାଓଡା, ପ୍ରଶାନ୍ତ ସ୍ୱାଇଁ, ବସନ୍ତ ଦାନୀ, ବିଭୂତିଭୂଷଣ ସାହୁ, ଡ. ମାନସରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଜିଲ୍ଲା କାରାଗାର ଅଧୀକ୍ଷକ ଉପେନ୍ଦ୍ର ଜେନା, ଜେଲର ଅବନ୍ତୀ ସିଂ, ସହକାରୀ ଜେଲର ଦୀପକ ସାମନ୍ତରାୟଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ଭବିଷ୍ୟତରେ ଆହୁରି କିଛି ଖେଳ ସାମଗ୍ରୀ, ଉପାଦେୟ ପୁସ୍ତକ ପ୍ରଦାନ କରାଯିବ ବୋଲି ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

# ସଂସ୍କୃତ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

ବେଲବାହାଳି,୧୭।୮ (ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଆୟୋଜିତ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ଘଟିପୁରା ବ୍ଲକ ଅନ୍ତର୍ଗତ କାନପୁର ନନ୍ଦିନୀଦେବୀ ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁକନ୍ୟା ଲୋପାମୁଦ୍ରା ପହିଙ୍କୁ ଯୋଗ୍ୟତା ପ୍ରମାଣପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଲୋପାମୁଦ୍ରା କେନ୍ଦୁଝରରେ ଜଣେ ଆଦର୍ଶ ଶିକ୍ଷୟତ୍ରୀ ଭାବେ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ସମାଜର ବହୁମୂଲ୍ୟ ସେବା କରିଥିବାରୁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂହଦେଓ, ଜିଲ୍ଲାପାଳ ବିଶାଳ ସିଂ ସମ୍ବର୍ଦ୍ଧିତ କରିଥିଲେ। ଲୋପାମୁଦ୍ରାଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ରାଉତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ




ଜିଲ୍ଲା ଯାଦବ ମହାସଭା

କେନ୍ଦୁଝର, ୧୭।୮ (ସମିସ): ଯାଦବ ସମାଜର ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତରଫରୁ ଜିଲ୍ଲା ସଭାପତି ପ୍ରଦୀପ ବାରିକଙ୍କ ବାସଭବନରେ ଜନ୍ମାଷ୍ଟମୀ ତଥା ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନ, କ୍ଷେତ୍ରବାସୀ ମହାକୁଡ ଓ ସଦର ବ୍ଲକ ଯାଦବ ସମିତି କୋଷାଧ୍ୟକ୍ଷ ପ୍ରସନ୍ନ ଦାସଙ୍କ ତତ୍ତ୍ୱାବଧାନ ଏବଂ ହରିଚନ୍ଦନପୁର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ମାର୍କଣ୍ଡ ବେହେରାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଂକୀର୍ତ୍ତନମଣ୍ଡଳୀର ସହଯୋଗରେ ଯଦୁପତି ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣ ମହୋତ୍ସବ ଯଥାବିଧି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ଭାଗବତ ଦଶମ ସ୍କନ୍ଧ ଚତୁର୍ଥ ଅଧ୍ୟାୟ କୃଷ୍ଣଜନ୍ମ ପ୍ରସଙ୍ଗ ପାଠ କରିଥିଲେ। ବରିଷ୍ଠ ଯାଦବ ପ୍ରଶାନ୍ତ ମହାପାତ୍ର ଓ ତାଙ୍କ ସହଧର୍ମିଣୀ ମୀରା ମହାପାତ୍ର ବସୁଦେବ ତଥା ଦେବକୀ ଅଭିନୟ କରିଥିଲେ। ବାଳଗୋପାଳଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା ବିଶେଷ ଆକର୍ଷଣୀୟ ହୋଇଥିଲା। ସଭାପତି ପ୍ରଦୀପ ବାରିକ ଓ ତାଙ୍କ ସହଧର୍ମିଣୀ ପୂରବି ବାରିକ୍ ନନ୍ଦ ରାଜା ଓ ମହାରାଣୀ ଯଶୋଦା ଅଭିନୟ କରିଥିଲେ। ଯାଦବ ସମାଜର ବରିଷ୍ଠ ସଦସ୍ୟଙ୍କୁ ଗୋପପୁର ଯାଦବ ଦରବାରରେ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ପୁରୁଷୋତ୍ତମ ଦାସ ,କାର୍ଯ୍ୟକାରୀ ସଭାପତି ସଂଜୀବ ପଲେଇ, ଜିଲ୍ଲା ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ତଥା ଯୋଡା ସଭାପତି ଦଶରଥ ବାରିକ, ଜିଲ୍ଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରୀ ସଭାନେତ୍ରୀ ମମତା ସିଂ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ବିଶ୍ୱନାଥ ବାରିକ୍, ତ୍ରିଲୋଚନ ପଲେଇ, ହରେକୃଷ୍ଣ ପଲେଇ, ବିର ସିଂ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସହକାରୀ ସମ୍ପାଦକ ତଥା ସଦର ବ୍ଲକ ସଭାପତି ଅକ୍ଷୟ ଦାସ, କାର୍ଯ୍ୟାଳୟ ସମ୍ପାଦକ କାର୍ତ୍ତିକ ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାକୁଡ, ସଂଗଠନ ସମ୍ପାଦକ ଜିତେନ୍ଦ୍ର ବେହେରା, ରମାକାନ୍ତ ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ, ଶଶିଭୂଷଣ ଦାସ, ମନ୍ମଥ ଘଣା, ସଂସ୍କୃତି ବିଭାଗ ଉପସଭାପତି ମାର୍କଣ୍ଡ ଗିରି, ସମ୍ପାଦକ ରଞ୍ଜନ ବାରିକ ଓ ପ୍ରମୋଦ ବେହେରା, ବ୍ଲକ ସଭାପତି ଶୁକଦେବ ମହାକୁଡ, ଡକ୍ଟର ସୁମନ୍ତ ଗିରି ଭୋଳାନାଥ ବାରିକ୍, କେଦାରନାଥ ଆରୁକ, ଆନନ୍ଦପୁର ବ୍ଲକ କାର୍ଯ୍ୟକାରୀ ସଭାପତି ରମେଶଚନ୍ଦ୍ର ନାହାକ, ଘଟଗାଁ ସଂଗଠନ ସମ୍ପାଦକ ମକରଧ୍ୱଜ ବେହେରା, ପୌରାଞ୍ଚଳ ସଭାପତି ସୁଶାନ୍ତ ବାରିକ ଓ ଅଜୟ ଦାସ , ସମ୍ପାଦକ ସଞ୍ଜୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ଆନନ୍ଦପୁର/ରାମଚନ୍ଦ୍ରପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ପାଳନ ହେଉଥିବା ନିଆରା ନନ୍ଦଉତ୍ସବ ପାଇଁ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗ୍ରାମର ଶ୍ରୀକାନ୍ତ ସାହୁ ନନ୍ଦ ଭୂମିକାରେ ଠାକୁରଙ୍କୁ ମୁଣ୍ଡାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ। ଗ୍ରାମ ମଝିରେ ନନ୍ଦ ଗୋପାଳଙ୍କୁ ପୂଜା କରାଯାଇ ନିଜଘରକୁ ଆଣିଥିଲେ। ସମସ୍ତ ଶ୍ରଦ୍ଧାଳୁ ଭୋଜିଭାତରେ ମସଗୁଲ ହୋଇଥିଲେ। ଏହି ଉତ୍ସବକୁ ଦେଖିବାକୁ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ଆନନ୍ଦ ଉଲ୍ଲାସର ସହ ଏହି ଉତ୍ସବ ପାଳନ ହୋଇଥିବା ବେଳେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ଅଳତି ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ରାଉତଙ୍କ ସଂଯୋଜନାରେ ଶିଶୁମାନେ ନଗର ଭ୍ରମଣରେ ବାହାରି ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଆଚାର୍ଯ୍ୟ ସମସ୍ତଙ୍କୁ ଆଶୀର୍ବଚନ କରିଥିଲେ। ବୈଦିକ ମଣ୍ଡପରେ ଶିଶୁଙ୍କୁ ନେଇ ଗୀତାଶ୍ଳୋକ ଓ କୃଷ୍ଣଙ୍କ ଜନ୍ମ ମହାତ୍ମ୍ୟ ବିଷୟରେ ବକ୍ତୃତା ସହିତ ଶ୍ରେଷ୍ଠ ରାଧାକୃଷ୍ଣ ଯୋଡି ଚୟନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁଜୀ-ଗୁରୁମା ସହଯୋଗ କରିଥିଲେ।



# ତିନି ଗିରଫ; ୨୬ ଲକ୍ଷ ଜବତ

ବଡ଼ବିଲ, ୧୭।୮ (ସମିସ): ବଡ଼ବିଲ ଥାନା ଝୁମ୍ପୁଡି ହୋଟେଲ ନିକଟରେ ଥିବା ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ଏକ ପରିବହନ କାର୍ଯ୍ୟାଳୟରୁ ୩୩ ଲକ୍ଷ ୭୦ ହଜାର ଟଙ୍କା ଚୋରି ଘଟଣାରେ ପୁଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କଠାରୁ ୨୬ ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଶିଲ ଥାନା ଭୋଲା ଗ୍ୟାରେଜ ଅଞ୍ଚଳର ଦେବ କର୍ମକର ଓ ପିଏଚଡି ଅଞ୍ଚଳର ଅଭିମନ୍ୟୁ ପ୍ରଧାନ ଓ ଆଲୋକ ରାମ। ଦୁର୍ବୃତ୍ତମାନେ ଭିତରେ ପଶି ସେଠାରେ ଥିବା ନଗଦ ଟଙ୍କାକୁ ଚୋରି କରିବା ସହ ସେଠାରେ ଥିବା କିଛି କାଗଜପତ୍ର ଓ ଡିଭିଆରକୁ ପୋଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

# କେବେହେବ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ?

ହାଟଡ଼ିହୀ,୧୭।୮ (ସମିସ): ହାଟଡ଼ିହୀ ବ୍ଲକ୍‌କୁ ଜିଲ୍ଲାର ସର୍ବବୃହତ ବ୍ଲକ୍ ଭାବେ ବିବେଚନା କରାଯାଉଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହା ସବୁଦୃଷ୍ଟିରୁ ପଛୁଆ ହୋଇପଡ଼ିଛି ବୋଲି ଅଭିଯୋଗ ହେଉଛି। ହାଟଡ଼ିହୀରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିବା ପାଇଁ କେହି ଆନ୍ତରିକତା ଦେଖାଉ ନାହାଁନ୍ତି ବୋଲି ଅଭିଯୋଗ ବି ହେଉଛି। ଦୀର୍ଘ ୧୧ବର୍ଷ ପୂର୍ବରୁ ୨୦୧୪ ମସିହାରେ ସରକାର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କାର ଅନୁଦାନ ଯୋଗାଇଦେଇଥିଲେ। ରାଜସ୍ୱ ବିଭାଗ ଜମି ଦେଉ ନ ଥିବାରୁ ନିର୍ମାଣ ହୋଇପାରୁନି ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ବୋଲି ସାଧାରଣରେ ଅଭିଯୋଗ ହେଉଛି। ବ୍ଲକ୍‌ରେ ସହକାରୀ ଉଦ୍ୟାନ ବିଭାଗର ଅଫିସ୍ କାର୍ଯ୍ୟକାରୀ ହେଉଥିଲେ ବି ତାହା କେବଳ କାଗଜକଲମରେ ଚାଲୁଛି। ଯେଉଁ ଅଧିକାରୀ ଏଠାରେ ନିଯୁକ୍ତି ପାଇଛନ୍ତି ସେ କେବଳ ମିଟିଂ ଦିନ ବ୍ଲକକୁ ଆସନ୍ତି। ଅନ୍ୟଦିନରେ ସେ ଆନନ୍ଦପୁର ଉଦ୍ୟାନ ବିଭାଗ ପରିସରରେ ଥିବା କାର୍ଯ୍ୟାଳୟରେ ବସି ଅଫିସ କରନ୍ତି ବୋଲି ଲୋକେ କୁହନ୍ତି। ବର୍ତ୍ତମାନ ଉଦ୍ୟାନ ବିଭାଗ ଅଧୀନରେ ସରକାର ଉଦ୍ୟାନ ଚାଷ ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। କିନ୍ତୁ ଏଠାରେ କାର୍ଯ୍ୟାଳୟ ନଥିବାରୁ ଲୋକେ ଯୋଜନା ସମ୍ପର୍କରେ କିଛି ବି ଜାଣିପାରୁ ନାହାଁନ୍ତି। ଏନେଇ ଅନେକଥର ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହୋଇଛି। ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗକୁ କୁହାଯାଇଥିଲେ ବି ଜଣେ ପରେ ଜଣେ ତହସିଲଦାର ବଦଳି ଯାଉଥବାରୁ ଏହାର ଅଗ୍ରଗତି ହୋଇପାରୁନି। ବ୍ଲକ୍‌ର ଏକ ପ୍ରକୋଷ୍ଠରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିବାକୁ ପଞ୍ଚାୟତ ସମିତି ବୈଠକରେ ହୋଇଥିବା ନିଷ୍ପତ୍ତି ଘୋଷଣରେ ଅଟକି ଯାଇଛି। ଏ ଦିଗରେ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ୧୧ ବର୍ଷ ପୂର୍ବରୁ ଅନୁଦାନ ମିଳିଛି
- ଉଦ୍ୟାନ ବିଭାଗ ପକ୍ଷରୁ ଜମି ପ୍ରଦାନ ପାଇଁ ଦାବି